# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜାନୁୟାରୀ ୧୭/୨୦୨୩ (୧୬ ପୃଷ୍ଠା) Bhubaneswar, Tuesday, January 17/2023 Page 16 ₹ 7.00

୪୯ଶ ଭାଗ ୫୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 55 ମୂଲ୍ୟ ₹୭/-






KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦ!
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
MADHUBAN
Safal
PAN MASALA
NO TOBACCO, NO NICOTINE ADDED
ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
ସଫଲ ପାନ ମସଲା ଦ୍ୱାରା ଜନହିତରେ ଜାରି ।
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

# ଧରିତ୍ରୀ
DHARITRI

ମଙ୍ଗଳବାର, ଜାନୁୟାରୀ ୧୭/୨୦୨୩ (୧୬ ପୃଷ୍ଠା) | Tuesday, January 17/2023 | Page 16 | ପୃଷ୍ଠା-୧




## ବିଶ୍ୱର ୪ର୍ଥ ଧନୀ ଅଭିନେତା ଶାହରୁଖ

ୱାର୍ଲ୍ଡ ଅଫ୍ ଷ୍ଟାଟିଷ୍ଟିକ୍ ପକ୍ଷରୁ ପ୍ରକାଶ ପାଇଥିବା ଧନୀ ସେଲିବ୍ରିଟିଙ୍କ ସୂଚୀରେ ବଲିଉଡ୍ ଷ୍ଟାର୍ ଶାହରୁଖ ଖାନ୍ ୪ର୍ଥ ସ୍ଥାନରେ ରହିଛନ୍ତି।

୦୯

୧୩

## ଶେଫାଳି ପ୍ଲେୟର ଅଫ୍ ଦି ମ୍ୟାଚ୍

ୟୁଏଇ ବିପକ୍ଷ ୧୯ ବର୍ଷରୁ କମ୍ ମହିଳା ଟି୨୦ ବିଶ୍ୱକପ୍‌ରେ ପ୍ରଭାବୀ ପ୍ରଦର୍ଶନ ପାଇଁ ପ୍ଲେୟର ଅଫ୍ ଦି ମ୍ୟାଚ୍ ହୋଇଛନ୍ତି ଭାରତର ଶେଫାଳି ବର୍ମା।





ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ସୋମବାର ଅଷ୍ଟ୍ରେଲିଆ ଓ ଆର୍ଜେଣ୍ଟିନା ମଧ୍ୟରେ ଅନୁଷ୍ଠିତ ହକି ବିଶ୍ୱକପ୍ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ପଏଣ୍ଟ ଭାଗକଲେ ଅଷ୍ଟ୍ରେଲିଆ-ଆର୍ଜେଣ୍ଟିନା

**ହକି ବିଶ୍ୱକପ୍**

ଭୁବନେଶ୍ୱର, ୧୬।୧ (କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପ୍‌ର ସୋମବାର ଅନୁଷ୍ଠିତ ଅଷ୍ଟ୍ରେଲିଆ-ଆର୍ଜେଣ୍ଟିନା ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ୩-୩ ଗୋଲରେ ଡ୍ର ରହିଛି। ଫଳରେ ଉଭୟ ଦଳ ଗୋଟିଏ ଲେଖାଏ ପଏଣ୍ଟ ଭାଗ କରିଛନ୍ତି। ବିଶ୍ୱର ନମ୍ବର ୱାନ୍ ଦଳ ଆରମ୍ଭରୁ ଗୋଲ ସ୍କୋର କରି ଆଗୁଆ ରହିଥିଲେ ହେଁ ଆର୍ଜେଣ୍ଟିନା କଡ଼ା ଟକ୍କର ଦେଇ ଏକଦା ବିଜୟୀ ହେବା ସ୍ଥିତି ସୃଷ୍ଟି କରିଥିଲା। ମାତ୍ର ଶେଷ ମୁହୂର୍ତ୍ତ ଗୋଲ ବଳରେ ଅଷ୍ଟ୍ରେଲିଆ ମ୍ୟାଚ୍‌କୁ ଡ୍ର ରଖିବାରେ ସକ୍ଷମ ହୋଇଥିଲା। ପୂରା ମ୍ୟାଚ୍‌ରେ ଆକର୍ଷଣୀୟ ପ୍ରଦର୍ଶନ କରିଥିବା ଆର୍ଜେଣ୍ଟିନାର ମାର୍ଟିନ ଫେରେରୋ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ପୁଲ୍ ଏ'ରୁ କେଉଁ ଦଳ ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବ ଏବଂ କେଉଁ ୨ ଦଳ କ୍ରସ୍ ଓଭର ଖେଳିବେ ତାହା ୨୦ ତାରିଖରେ ହେବାକୁଥିବା ଲିଗ୍ ମ୍ୟାଚ୍ ପରେ ସ୍ପଷ୍ଟ ହେବ। ଅଷ୍ଟ୍ରେଲିଆ ଓ ଆର୍ଜେଣ୍ଟିନା ୨ଟି ଲେଖାଏ ମ୍ୟାଚ୍‌ରୁ ୪ ପଏଣ୍ଟ ଲେଖାଏ ପାଇଛନ୍ତି। ତେବେ ଗୋଲ ବ୍ୟବଧାନରେ ଅଷ୍ଟ୍ରେଲିଆ ଶୀର୍ଷରେ ରହିଛି। ଫ୍ରାନ୍ସ ୩ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଛି।



ବିଶ୍ୱର ନମ୍ବର ୱାନ୍ ଦଳ ଅଷ୍ଟ୍ରେଲିଆ ପାରମ୍ପରିକ ଷ୍ଟାଇଲରେ ଆରମ୍ଭରୁ ଆକ୍ରମଣ କରି ଖେଳିଥିଲା। ମାତ୍ର ୭ ନମ୍ବର ଦଳ ଆର୍ଜେଣ୍ଟିନା କଡ଼ା ଟକ୍କର ଦେଇଥିଲା। ଫଳରେ ୫ମ ମିନିଟରେ ଆର୍ଜେଣ୍ଟିନାକୁ ପ୍ରଥମେ ପେନାଲ୍ଟି କର୍ନର ମିଳିଥିଲା। ମାତ୍ର ଅଷ୍ଟ୍ରେଲିଆ ଡିଫେଣ୍ଡରମାନେ ଏହାର ସଫଳ ପ୍ରତିହତ କରିଥିଲେ। କାଉଣ୍ଟର ଆକ୍ରମଣ କରି ଫାଇଦାରେ ରହିଥିଲା ଟୁର୍ନାମେଣ୍ଟରେ ସର୍ବାଧିକ ପଦକ ହାସଲକାରୀ ଦଳ। ୧୦ମ ମିନିଟ୍‌ରେ ଦଳକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଜେରେମି ହେୱାର୍ଡ ଅଷ୍ଟ୍ରେଲିଆକୁ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟ କ୍ୱାର୍ଟର ଆରମ୍ଭରୁ ଆର୍ଜେଣ୍ଟିନା ଗୋଲ ପରିଶୋଧ ପାଇଁ ଉଦ୍ୟମକୁ ଜୋର୍‌ଦାର କରିଥିଲା। ୧୯ତମ ମିନିଟ୍‌ରେ ଦଳ ଏକ ପେନାଲ୍ଟି କର୍ନର ହାସଲ କରିଥିଲା, ଯାହାର ସଦୁପଯୋଗ କରିଥିଲେ ଡୋମେନେ ଟୋମାସ। ସେ ଗୋଲଟି ପରିଶୋଧ କରିଦେବାରୁ ମ୍ୟାଚ୍ ୧-୧ ସ୍ଥିତିକୁ ଚାଲିଆସିଥିଲା। ମାତ୍ର ଏହାପରେ ଅଷ୍ଟ୍ରେଲିଆ ଘନ ଘନ ଆକ୍ରମଣ କରିଥିଲା। ପ୍ରଥମାର୍ଦ୍ଧ ଶେଷପର୍ଯ୍ୟନ୍ତ ବଲ୍ ପ୍ରାୟତଃ ଆର୍ଜେଣ୍ଟିନା ହାଫ୍‌ରେ ରହିଥିଲା। ୩୦ତମ ମିନିଟରେ ଆର୍ଜେଣ୍ଟିନା ଡି' ଏରିଆ ମଧ୍ୟରେ ବଲ୍ ପାଇଁ ସଂଘର୍ଷ ଚାଲିଥିବାବେଳେ ୨୩ ନମ୍ବର ଖେଳାଳି ଡାନିଏଲ ବାଏଲ ଏକ ଫିଲ୍ଡ ଗୋଲ ଦେଇ ☞ପୃଷ୍ଠା-୨

### ସୋମବାର ମ୍ୟାଚ୍ ଫଳାଫଳ

- ମାଲେସିଆ-୩: ଚିଲି-୨
- ନେଦରଲାଣ୍ଡସ୍-୪: ନ୍ୟୁଜିଲାଣ୍ଡ-୦
- ଫ୍ରାନ୍ସ-୨: ଦକ୍ଷିଣ ଆଫ୍ରିକା ୧
- ଅଷ୍ଟ୍ରେଲିଆ-୩: ଆର୍ଜେଣ୍ଟିନା-୩

## ୯୫୧ କୋଟିରେ ଭାଏକମ୍ ୧୮କୁ ମିଡିଆ ରାଇଟ୍ସ

**ମହିଳା ଆଇପିଏଲ୍**

ନୂଆଦିଲ୍ଲୀ,୧୬।୧(ପି.ଟି.): ଚଳିତ ବର୍ଷରୁ ଆରମ୍ଭ ହେବାକୁ ଯାଉଥିବା ମହିଳା ଆଇପିଏଲ ପାଇଁ ମିଡିଆ ରାଇଟ୍ସ ବିକ୍ରି ହୋଇଛି। ୯୫୧ କୋଟି ଟଙ୍କାରେ ଆସନ୍ତା ୫ ବର୍ଷ ପାଇଁ ଏହି ପ୍ରସାରଣ ଅଧିକାର ହାସଲ କରିଛି ଭାଏକମ୍ ୧୮। ଭାଏକମ୍ ୧୮ ଏହି ଦୌଡ଼ରେ ଡିଜ୍‌ନୀ ଷ୍ଟାର ଓ ସୋନି ପରି ଚ୍ୟାନେଲକୁ ପଛରେ ପକାଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ପକ୍ଷରୁ ଏହି ନିଲାମି ସୋମବାର ଅନୁଷ୍ଠିତ ହୋଇଥିଲା। ତିନୋଟି ବର୍ଗରେ ଏହି ଅଧିକାର ପ୍ରଦାନ କରାଯାଇଥାଏ। ଲିନିଅର(ଟିଭି), ଡିଜିଟାଲ ଓ କମ୍ବାଇନ୍‌ଡ(ଟିଭି ଓ ଡିଜିଟାଲ) ରାଇଟ୍ସ ବାବଦରେ ପୁରୁଷ ଆଇପିଏଲରେ ଭିନ୍ନ ଭିନ୍ନ ପ୍ରାନ୍ତ ପାଇଁ ଅଲଗା ମୂଲ୍ୟ ରହିଥାଏ। ମାତ୍ର ପ୍ରଥମକରି ଆୟୋଜିତ ହେଉଥିବା ମହିଳା ଆଇପିଏଲ ପାଇଁ ଭାଏକମ୍ ୧୮କୁ ଏହି ଗ୍ଲୋବାଲ ରାଇଟ୍ସ ପ୍ରଦାନ କରାଯାଇଛି। ଆସନ୍ତା ୫ ବର୍ଷ ଲାଗି ପ୍ରସାରଣ ଅଧିକାର ପ୍ରଦାନ କରାଯାଇଥିବା ବେଳେ ପ୍ରତି ମ୍ୟାଚ୍ ପିଛା ବିସିସିଆଇ ୭.୦୯ କୋଟି ଟଙ୍କା ଆୟ କରିବ ବୋଲି ସମ୍ପାଦକ ଜୟ ଶାହା ପ୍ରକାଶ କରିଛନ୍ତି। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

୧ ପ୍ରତିଶତ ପାଖେ ୪୦

# କୋଭିଡ୍ ଟିକାରେ ପାର୍ଶ୍ୱପ୍ରତିକ୍ରିୟା

**କେନ୍ଦ୍ର ମାନିଲା**

**ପ୍ରାୟ ୩ବର୍ଷ ହେଲା କୋଭିଡ୍ ମହାମାରୀ ନରସଂହାର କରିଚାଲିଛି। ବିଶ୍ୱରେ ଏବେ ବି କେଉଁଠି ନା କେଉଁଠି ଆତଙ୍କର ପରିବେଶ ରହିଛି। ଏହି ମାରାତ୍ମକ ଭୂତାଣୁ ଯୋଗୁ ଭାରତରେ ମଧ୍ୟ ଜୀବନ ଜୀବିକାର ବ୍ୟାପକ ହାନି ଘଟିଛି। ଭୟଙ୍କର ସ୍ୱାସ୍ଥ୍ୟ ଓ ଆର୍ଥିକ ସଙ୍କଟରୁ ମୁକ୍ତି ପାଇଁ ଟିକା ଉଦ୍ଭାବନ ନୂଆ ଆଶା ସଞ୍ଚାର କରିଥିଲା। ଇତିମଧ୍ୟରେ ଭାରତରେ ୧୦୦ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କୁ କୋଭିଡ୍ ଟିକା ଦିଆଯାଇଛି। ସଂକ୍ରମଣ ସ୍ଥିତିରେ ସୁଧାର ଆସିଥିଲେ ମଧ୍ୟ କୋଭିଡ୍ ପରବର୍ତ୍ତୀ ଅନେକ ସ୍ୱାସ୍ଥ୍ୟଗତ ଜଟିଳତା ପ୍ରାୟ ସବୁଠି ଦେଖିବାକୁ ମିଳୁଛି। ଏହାର କାରଣ ଖୋଜା ଚାଲିଥିବାବେଳେ ଲୋକେ ନେଇଥିବା ଟିକାଗୁଡ଼ିକର ନାନା ପାର୍ଶ୍ୱପ୍ରତିକ୍ରିୟା ରହିଥିବା ବିଷୟ କେନ୍ଦ୍ର ସରକାରଙ୍କ ୨ ସଂସ୍ଥା ସ୍ୱୀକାର କରିଛନ୍ତି।**






ମୁମ୍ବାଇ,୧୬।୧ (ଆଇଏଏନ୍‌ଏସ୍)

ଚାଇନା ଓ ଭାରତ ଭଳି ଅନେକ ଦେଶ କୋଭିଡ୍‌ଜନିତ ପ୍ରକୃତ ମୃତ୍ୟୁସଂଖ୍ୟାକୁ ଲୁଚାଉଥିବା ନେଇ ଅଭିଯୋଗ ହୋଇଆସୁଛି। ଏଭଳିସ୍ଥଳେ ସଂକ୍ରମିତଙ୍କ କୋଭିଡ୍ ରିପୋର୍ଟ ନେଗେଟିଭ ହେବା ଏବଂ ଟିକା ନେବା ପରେ ଦେଖାଦେଉଥିବା ସ୍ୱାସ୍ଥ୍ୟଗତ ଜଟିଳତାରୁ ଅନେକଙ୍କ ମୃତ୍ୟୁ ଘଟୁଥିଲେ ମଧ୍ୟ ତାହାକୁ ହିସାବକୁ ନିଆଯାଉନାହିଁ। କୋଭିଡ୍ ସମ୍ପର୍କିତ ମୃତ୍ୟୁର ବାସ୍ତବ ହିସାବ କରା ନ ☞ପୃଷ୍ଠା-୨

## ୧୯ରୁ ରାଜ୍ୟରେ ପୁଣି ଟିକାକରଣ

### ଆସିଲା ୧ ଲକ୍ଷ ଡୋଜ୍ କୋଭିଶିଲ୍ଡ

ଭୁବନେଶ୍ୱର, ୧୬।୧(ବ୍ୟୁରୋ)

ରାଜ୍ୟରେ ପୁଣିଥରେ ଆରମ୍ଭ ହେବ କରୋନା ଟିକାକରଣ। ଆସନ୍ତା ୧୯ ତାରିଖରୁ ଏହି ଅଭିଯାନ ଚାଲିବ। ନିର୍ଦ୍ଦିଷ୍ଟ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଟିକାକରଣ କେନ୍ଦ୍ରରେ କୋଭିଶିଲ୍ଡ ଟିକା ଉପଲବ୍ଧ ହେବ। ତେବେ ଏହି ଟିକା କେବଳ ଦ୍ୱିତୀୟ ଓ ପ୍ରିକସନ ବା ବୁଷ୍ଟର ଡୋଜ୍ ନେଇ ନ ଥିବା ହିତାଧିକାରୀ ନେଇପାରିବେ। ଏ ନେଇ ସୋମବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ଉକ୍ତ ଟୁଇଟ୍‌ରେ ଉଲ୍ଲେଖ କରାଯାଇଛି, ରାଜ୍ୟର ସମସ୍ତ ଜିଲା, ସହରାଞ୍ଚଳ, ଗୋଷ୍ଠୀ ଓ ପ୍ରାଥମିକ ଡାକ୍ତରଖାନାରେ ଟିକା ଦିଆଯିବ। ଯେଉଁମାନେ ଦ୍ୱିତୀୟ ଓ ପ୍ରିକଶନ୍ ଡୋଜ୍ ନେଇ ନାହାନ୍ତି, ସେମାନେ ଏହି ଟିକା ନେଇପାରିବେ। ଲୋକେ ଟିକାକରଣର ସୁଯୋଗ ଉଠାଇବା ସହ କରୋନାରୁ ସୁରକ୍ଷିତ ରହିବା ନିମନ୍ତେ ଅଭିଯାନରେ ସାମିଲ ହେବାକୁ ସ୍ୱାସ୍ଥ୍ୟ ବିଭାଗ ଆହ୍ୱାନ ଦେଇଛି। ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ଅନୁରୋଧକ୍ରମେ କେନ୍ଦ୍ରରୁ ୧ଲକ୍ଷ ଡୋଜ୍ କୋଭିଶିଲ୍ଡ ଟିକା ଆସିଛି। ମଙ୍ଗଳବାରଠାରୁ ଟିକା ଯୋଗାଣ ଆରମ୍ଭ ହେବ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି।

ସୂଚନାଯୋଗ୍ୟ, ବିଶ୍ୱର ବିଭିନ୍ନ ଦେଶରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଉଛି। ବର୍ତ୍ତମାନ ଓଡ଼ିଶାରେ ହକି ବିଶ୍ୱକପ୍ ଚାଲିଥିବାରୁ ରାଜ୍ୟ ତଥା ଦେଶ ବାହାରୁ ଅତିଥି, ଖେଳାଳି, ଖେଳପ୍ରେମୀ ଓ ପର୍ଯ୍ୟଟକ ଓଡ଼ିଶାକୁ ଆସିଛନ୍ତି। ତେଣୁ ରାଜ୍ୟ ସରକାର ସତର୍କତାମୂଳକ ପଦକ୍ଷେପ ସ୍ୱରୂପ କୋଭିଡ୍ ଟିକାକରଣ ଆରମ୍ଭ କରିବାକୁ ଯାଉଛନ୍ତି। ଏଥିପାଇଁ ବହୁ ପୂର୍ବରୁ ଯୋଜନା ରହିଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ସଚିବ ଶାଳିନୀ ପଣ୍ଡିତ ଗତ ଡିସେମ୍ବର ୨୩ରେ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବଙ୍କୁ ଏବଂ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ ଗତ ୨୯ ତାରିଖରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମନ୍‌ସୁଖ ମାଣ୍ଡଭ୍ୟଙ୍କୁ ଚିଠି ଲେଖି ଓଡ଼ିଶାକୁ ଆବଶ୍ୟକ କରୋନା ଟିକା ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ଏପର୍ଯ୍ୟନ୍ତ ରାଜ୍ୟରେ ୮.୧୪ କୋଟି କୋଭିଡ୍ ଟିକା ଦିଆଯାଇସାରିଛି। ୧୨ବର୍ଷ ବୟସରୁ ଊର୍ଦ୍ଧ୍ୱ ୩.୫୨ କୋଟି(୯୭%) ଲୋକ ପ୍ରଥମ ଡୋଜ୍ ନେଇଥିବାବେଳେ ୩.୩୦କୋଟି ଲୋକ(୯୧%) ଦ୍ୱିତୀୟ ଡୋଜ୍ ନେଇସାରିଛନ୍ତି। ସେହିପରି ୧୮ବର୍ଷ ବୟସରୁ ☞ପୃଷ୍ଠା-୨

## ଫେବୃୟାରୀ ୧୯ରୁ ଓସିଏସ୍ ମେନ୍

**ସୂଚୀରେ ପରିବର୍ତ୍ତନ କଲା ଓପିଏସ୍‌ସି**

କଟକ ଅଫିସ, ୧୬।୧

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ (ଓସିଏସ୍)-୨୦୨୧ ମୁଖ୍ୟ (ମେନ୍) ପରୀକ୍ଷା ସୂଚୀରେ ପରିବର୍ତ୍ତନ କରାଯାଇଛି। ଆସନ୍ତା ଫେବୃୟାରୀ ୧୯ରୁ ମାର୍ଚ୍ଚ ୧୨ ତାରିଖ ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହେବ। ତେବେ ଫେବୃୟାରୀ ୨୦, ୨୨, ମାର୍ଚ୍ଚ ୭ ଏବଂ ୮ ତାରିଖରେ ପରୀକ୍ଷା ହେବ ନାହିଁ। ପୂର୍ବରୁ ଏହି ପରୀକ୍ଷା ଫେବୃୟାରୀ ୨୧ରୁ ମାର୍ଚ୍ଚ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଓପିଏସ୍‌ସି ପକ୍ଷରୁ ସୂଚୀ ପ୍ରକାଶ ପାଇଥିଲା। କିନ୍ତୁ ଓପିଏସ୍‌ସି ଦ୍ୱାରା ଉକ୍ତ ନିର୍ଦ୍ଧାରିତ ତାରିଖରେ ୟୁନିୟନ ପବ୍ଲିକ ସର୍ଭିସ କମିଶନ (ୟୁପିଏସ୍‌ସି)ର ସିଭିଲ ସର୍ଭିସ ସାକ୍ଷାତ୍‌କାର ପରୀକ୍ଷା ଥିବାରୁ ଓପିଏସ୍‌ସି ପକ୍ଷରୁ ପରୀକ୍ଷା ସୂଚୀରେ ପରିବର୍ତ୍ତନ କରାଯାଇଛି। ପ୍ରତିଦିନ ଦୁଇଟି ସିଟିଂରେ ପରୀକ୍ଷା ହେବ। ପୂର୍ବାହ୍ନ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପ୍ରଥମ ସିଟିଂ ଏବଂ ଅପରାହ୍ନ ୨ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଦ୍ୱିତୀୟ ସିଟିଂ ପରୀକ୍ଷା ହେବ। ପରୀକ୍ଷା ୩ ଘଣ୍ଟା ହେବାକୁ ଥିବାବେଳେ କେବଳ ଦିବ୍ୟାଙ୍ଗ ☞ପୃଷ୍ଠା-୨

# ଭାରତରେ ବଢୁଛି ଆର୍ଥିକ ଅସମାନତା

- ୧% ଧନୀଙ୍କ ପାଖରେ ଦେଶର ୪୦% ସମ୍ପତ୍ତି
- ତଳ ସ୍ତରର ୫୦ ପ୍ରତିଶତଙ୍କ ପାଖରେ ରହିଛି ୩%

ଡାଭୋସ୍,୧୬।୧

ଭାରତୀୟ ଅର୍ଥନୀତି ଦ୍ରୁତ ଅଭିବୃଦ୍ଧି ଦିଗରେ ଅଗ୍ରସର ହେଉଛି ବୋଲି କେନ୍ଦ୍ର ସରକାର ଦାବି କରୁଥିବାବେଳେ ଦେଶରେ ଆର୍ଥିକ ଅସମାନତା ଅତ୍ୟଧିକ ବୃଦ୍ଧି ପାଇଛି। ଗତ ୩ ଦଶନ୍ଧି ମଧ୍ୟରେ ଅସମାନତା ବ୍ୟବଧାନ ସର୍ବାଧିକ ବଢ଼ିଛି। ଏବେ ଭାରତର ୧ ପ୍ରତିଶତ ଅତି ଧନୀ ବ୍ୟକ୍ତିଙ୍କ ପାଖରେ ଦେଶର ମୋଟ ସମ୍ପତ୍ତିର ୪୦ ପ୍ରତିଶତରୁ ଅଧିକ ରହିଥିବାବେଳେ ତଳ ସ୍ତରରେ ଥିବା ଜନସଂଖ୍ୟାର ୫୦ ପ୍ରତିଶତଙ୍କ ପାଖରେ ମାତ୍ର ୩% ସମ୍ପତ୍ତି ରହିଛି ବୋଲି ଏକ ନୂଆ ଅଧ୍ୟୟନରୁ ଜଣାପଡ଼ିଛି। ସୁଇଜରଲାଣ୍ଡର ଡାଭୋସ୍ ସହରରେ ସୋମବାର ୱାର୍ଲ୍ଡ ଇକୋନୋମିକ୍ ଫୋରମ୍ (ଡବ୍ଲୁଇଏଫ୍)ର ୫୩ତମ ବାର୍ଷିକ ବୈଠକ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଡବ୍ଲୁଇଏଫ୍‌ର ବାର୍ଷିକ ଅସମାନତା ରିପୋର୍ଟରେ 'ଭାରତ ସପ୍ଲିମେଣ୍ଟ' ପ୍ରକାଶ ପାଇଛି। ଯଦି ଭାରତର ୧୦ ଜଣ ଅତି ଧନୀଙ୍କ ଉପରେ ୫ ପ୍ରତିଶତ ଟିକସ ଲଗାଯାଏ, ତେବେ ସେହି ଅର୍ଥରେ ଦେଶର ସବୁ ପିଲାଙ୍କ ସ୍କୁଲ୍ ପଢ଼ାଖର୍ଚ୍ଚ ଉଠାଯାଇପାରିବ ବୋଲି ଅକ୍ସଫାମ୍ ଇଣ୍ଟରନ୍ୟାଶନାଲ କହିଛି। ଭାରତର ସବୁଠୁ ଧନୀ ଗୌତମ ଆଦାନୀଙ୍କର ୨୦୧୭ରୁ ୨୦୨୧ ମଧ୍ୟରେ ବଢ଼ିଥିବା ସମ୍ପତ୍ତି ଉପରେ ଯଦି ଏକକାଳୀନ ଟିକସ ଲଗାଯାଏ, ତେବେ ୧.୭୯ ଲକ୍ଷ କୋଟିଟଙ୍କା ଉଠାଯାଇପାରିବ, ଯାହା ଦେଶର ୫୦ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରାଥମିକ ସ୍କୁଲ ଶିକ୍ଷକଙ୍କୁ ବର୍ଷେ ପର୍ଯ୍ୟନ୍ତ ନିଯୁକ୍ତି ଦେବାକୁ ଯଥେଷ୍ଟ ବୋଲି ଅକ୍ସଫାମ୍ ଇଣ୍ଟରନ୍ୟାଶନାଲ ପକ୍ଷରୁ କୁହାଯାଇଛି। 'ସର୍ଭାଇଭାଲ୍ ଅଫ୍ ଦି ରିଚେଷ୍ଟ' ନାମକ ଏହି ରିପୋର୍ଟରେ ଆହୁରି କୁହାଯାଇଛି, ଯଦି ଭାରତର ବିଲିଅନେୟାରମାନଙ୍କ ସମ୍ପୂର୍ଣ୍ଣ ସମ୍ପତ୍ତି ଉପରେ ଗୋଟିଏ ☞ପୃଷ୍ଠା-୨

> କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର କେତେଜଣ ହାତଗଣତି ଲୋକଙ୍କ ପାଇଁ କାର୍ଯ୍ୟ କରୁଛନ୍ତି। ୨୧ ଜଣ ସବୁଠୁ ଧନୀ ଭାରତୀୟଙ୍କ ପାଖରେ ୭୦ କୋଟି ଜନତାଙ୍କ ସମ୍ପତ୍ତିଠାରୁ ଅଧିକ ଧନ ରହିଛି। ଅକ୍ସଫାମ୍ ପକ୍ଷରୁ ଅତି ଧନୀଙ୍କ ଉପରେ ଟିକସ ବସାଇବା ପାଇଁ ଦିଆଯାଇଥିବା ପ୍ରସ୍ତାବକୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କେବେ ଗ୍ରହଣ କରିବେ ନାହିଁ।
>
> **- ଜୟରାମ ରମେଶ, ବରିଷ୍ଠ କଂଗ୍ରେସ ନେତା**



**ଅକ୍ସଫାମ୍ ରିପୋର୍ଟ**

**ଭାରତର ୧୦ ଜଣ ଅତି ଧନୀଙ୍କ ଉପରେ ୫% ଟିକସ ଲଗାଗଲେ ସେହି ଅର୍ଥରେ ଦେଶର ସବୁ ପିଲାଙ୍କ ସ୍କୁଲ ପଢ଼ା ଖର୍ଚ୍ଚ ଉଠାଯାଇପାରିବ।**

**୨୦୨୧-୨୨ରେ ଜିଏସ୍‌ଟିରୁ ସଂଗୃହୀତ ମୋଟ ୧୪.୮୩ ଲକ୍ଷ କୋଟି ଟଙ୍କାର ୬୪% ଦେଶର ତଳ ସ୍ତରରେ ଥିବା ୫୦ ପ୍ରତିଶତ ଲୋକଙ୍କଠାରୁ ଆସିଛି।**

# ସାବତ ପୁଅକୁ ମାରି ମହିଳାଙ୍କ ଆତ୍ମହତ୍ୟା

**ପାରିବାରିକ କଳହର କରୁଣ ପରିଣତି**

କଟକ ଅଫିସ,୧୬।୧

ପାରିବାରିକ କଳହକୁ କେନ୍ଦ୍ର କରି ୨ ବର୍ଷର ଶିଶୁପୁତ୍ରକୁ ସାବତ ମା' ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି କଟକ ମଧୁପାଟଣା ଥାନା ଅନ୍ତର୍ଗତ ଶ୍ରୀରାମ ନଗର ଅଞ୍ଚଳରେ। ଭଡ଼ାଘରେ ଶିଶୁପୁତ୍ର ସହ ରହୁଥିବା ସାବତ ମା' ଜଣକ କାହିଁକି ଏପରି ଚରମ ନିଷ୍ପତ୍ତି ନେଲେ ତାକୁ ନେଇ ପୋଲିସ ତନାଘନା ଚଳାଇଛି। ମୃତା ମହିଳା ହେଲେ ଶିଲ୍ପୀ ଖୁଣ୍ଟିଆ (୩୧)। ପୋଲିସ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ଜବତ କରି ଏସ୍‌ସିବି ମେଡିକାଲରେ ବ୍ୟବଚ୍ଛେଦ କରାଇଛି। ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ତଦନ୍ତ କରି ବ୍ଲେଡ୍, ରକ୍ତଭିଜା ଲୁଗା ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ମୃତା ମହିଳା ଜଣକ ଶିଶୁପୁତ୍ରର ବେକକୁ ବ୍ଲେଡ୍‌ରେ କାଟି ହତ୍ୟା କରିବା ପରେ ନିଜେ ଫ୍ୟାନ୍‌ରେ ଝୁଲି ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ମଧୁପାଟଣା ଥାନାରେ ମୃତାଙ୍କ ବାପଘର ଓ ଶାଶୁଘର ଲୋକଙ୍କ ଅଭିଯୋଗକ୍ରମେ ୨ଟି ପୃଥକ୍ ମାମଲା ରୁଜୁ ହୋଇଥିବାବେଳେ ସ୍ୱାମୀ ସନ୍ତୋଷ ଖୁଣ୍ଟିଆଙ୍କୁ ଥାନାରେ ଅଟକ ରଖି ପଚରାଉଚରା ☞ପୃଷ୍ଠା-୨



ସାବତ ପୁଅ ସହ ଶିଳ୍ପୀ ଖୁଣ୍ଟିଆ

## ୨ ବର୍ଷର ଝିଅକୁ କଚାଡ଼ି ମାରିଲେ ବାପା




ଦେବଗଡ଼, ୧୬।୧(ଡି.ଏନ୍.ଏ.)

ଦେବଗଡ଼ ଜିଲା ତିଳେଇବଣି ବ୍ଲକ ଲଇମୁରା ଥାନା ଲମ୍ବଡୁରା ଗ୍ରାମରେ ସୋମବାର ସକାଳେ ଅତି ଦୁଃଖଦ ଘଟଣା ଘଟିଛି। ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ାରୁ ଉତ୍ତ୍ୟକ୍ତ ବାପା ନିଜ ୨ବର୍ଷର ଶିଶୁ କନ୍ୟା ନନ୍ଦିନୀକୁ ☞ପୃଷ୍ଠା-୨

**ଆଜିର ମନ୍ତବ୍ୟ**

"ପଞ୍ଜାବ ସରକାର ଦିଲ୍ଲୀରୁ ପରିଚାଳିତ ହେବା ଅନୁଚିତ। ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ଏଏପି ଆବାହକ ଅରବିନ୍ଦ କେଜ୍‌ରିୱାଲଙ୍କ ଚାପରେ ନ ଆସି ସ୍ୱାଧୀନ ଭାବେ କାର୍ଯ୍ୟ କରନ୍ତୁ।

– ରାହୁଲ ଗାନ୍ଧୀ, କଂଗ୍ରେସ ନେତା



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆସିବୁ ଯିବୁରେ କଳାମାଣିକ**
**ଦିଶୁ ନାହିଁ ମୋତେ ବାଟ**
**ତୋହରି ଲାଗି ମୋ ନିତି ଗଞ୍ଜଣା**
**ପିଠିରେ ତେନ୍ତୁଳି ଛାଟ।**

ପ୍ରେମୀଯୁଗଳ ପାଇଁ ଏ ସମାଜ ସେତେଟା ସହଜ ହୋଇ ନ ଥାଏ। ଉଚ୍ଚ, ନୀଚ, ଜାତିପ୍ରଥା ଭଳି ଅନେକ ପ୍ରତିବନ୍ଧକ ତା' ଆଗରେ ପ୍ରାଚୀର ପରି ଦଣ୍ଡାୟମାନ ହୋଇ ରହିଥାଏ, ଯାହାକୁ ମୁକାବିଲା କରିବା କଷ୍ଟକର ହୋଇଯାଇଥାଏ। ମନର ମଣିଷକୁ ଆପଣାର କରିବାକୁ ଯାଇ ଚାରିଆଡ଼େ ଚର୍ଚ୍ଚା ଓ ବଦନାମ। ଫଳସ୍ୱରୂପ ଘରର ଗୁରୁଜନମାନଙ୍କଠାରୁ ମାଡ଼ଗାଳି, ଭର୍ତ୍ସନା ଆଦି ଶୁଣି ଦୁଃଖରେ ମ୍ରିୟମାଣ ହୋଇପଡ଼ିଥିବା ପ୍ରେମୀର ବ୍ୟଥିତ ମନୋଭାବ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଗ କଥା ଗଲା ପଛକୁ**
**ଟୋକା ଚିଲାଣି ଗବ ଗଛକୁ।**

ଆଜିକାଲିକା ପିଲାଙ୍କୁ ବଳ ନାହିଁ। ନିଜ ହାତରେ ନିଜେ ଚଉଦ ପା'। ଭବିଷ୍ୟତରେ ସେମାନେ କ'ଣ କରିବେ ବାପା, ମା' ଓ ମୁରବିମାନେ ଭାବି ପାରୁନାହାନ୍ତି। ତାଙ୍କ ଭବିଷ୍ୟତ ସେ ସ୍ଥିର କଲେଣି। ତାଙ୍କର କୌଣସି କାମରେ ଗୁରୁଜନମାନଙ୍କ ହସ୍ତକ୍ଷେପ ଚାହୁଁନାହାନ୍ତି। ସମାଜ ଉପରେ ଏହାର କି ପ୍ରଭାବ ପଡ଼ିବ ତାହା ସମୟ ହିଁ ସ୍ଥିର କରିବ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ




# ଗୁଣି ସନ୍ଦେହରେ ହତ୍ୟା

**ନୀଳଗିରି,୧୬।୧(ସ୍ୱ.ପ୍ର.):** ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ସିଆଡ଼ିମାଳ ପଞ୍ଚାୟତ ବାଙ୍କିଶୋଳ ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା କରାଯାଇଛି। ମୃତକ ହେଲେ ଶ୍ୟାମସୁନ୍ଦର ସିଂ। ଏନେଇ ତାଙ୍କ ସ୍ତ୍ରୀ ମୀନତି ସିଂ ଥାନାରେ ଅଭିଯୋଗ କରିଛନ୍ତି। ଶ୍ୟାମସୁନ୍ଦରଙ୍କ ପରିବାର ଓ ତାଙ୍କ ଜାତିଭାଇଙ୍କ ମଧ୍ୟରେ ଦୀର୍ଘଦିନରୁ ମନୋମାଳିନ୍ୟ ରହିଆସିଥିଲା। ଏହି ବିବାଦ ସୋମବାର ଉଗ୍ରରୂପ ଧାରଣ କରିଥିଲା। ଶ୍ୟାମସୁନ୍ଦରଙ୍କୁ ତାଙ୍କ ଜାତିଭାଇ ଲୋକେ ସଂଘବଦ୍ଧ ଭାବେ ଗୋଡ଼େଇ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ ଶ୍ୟାମସୁନ୍ଦରଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ନୀଳଗିରି ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି।

# ଏନ୍‌ୟୁଏଚ୍‌ଏମ୍‌ରେ ସାମିଲ ହେଲା ଆନନ୍ଦପୁର ପୌର ପରିଷଦ

**ଭୁବନେଶ୍ୱର, ୧୬।୧(ବ୍ୟୁରୋ):** କେନ୍ଦୁଝର ଜିଲାର ଆନନ୍ଦପୁର ପୌର ପରିଷଦକୁ ରାଜ୍ୟ ସରକାର ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ(ଏନ୍‌ୟୁଏଚ୍‌ଏମ୍)ରେ ସାମିଲ କରିଛନ୍ତି। ପୌର ପରିଷଦ ଅଞ୍ଚଳର ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଅବସ୍ଥାର ଦ୍ରୁତ ବିକାଶ ନିମନ୍ତେ ରାଜ୍ୟ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ଏ ନେଇ ସୋମବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପୌର ପରିଷଦକୁ ମିଶାଇ ବର୍ତ୍ତମାନ ପର୍ଯ୍ୟନ୍ତ ଓଡ଼ିଶାର ୫୦ଟି ପୌରାଞ୍ଚଳ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନରେ ସାମିଲ ହେବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି। ସୂଚନାଯୋଗ୍ୟ, ମୁଖ୍ୟତଃ ୫୦ ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ଥିବା ସହରାଞ୍ଚଳକୁ ଏହି ମିଶନରେ ସାମିଲ ନିମନ୍ତେ ବିଚାର କରାଯାଇଥାଏ।

## ପଏଣ୍ଟ ଭାଗକଲେ...

ପ୍ରଥମ ପୃଷ୍ଠାରୁ...

ଅଷ୍ଟ୍ରେଲିଆକୁ ପୁଣି ଅଗ୍ରଣୀ କରାଇଥିଲେ। ପ୍ରଥମାର୍ଦ୍ଧ ଶେଷବେଳକୁ ଅଷ୍ଟ୍ରେଲିଆ ୨-୧ ଗୋଲରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧରୁ ଆରମ୍ଭ ହୋଇଥିଲା ଅସଲ ଖେଳ। ସହଜରେ ହାର୍ ମାନିବାକୁ ପ୍ରସ୍ତୁତ ନ ଥିଲା ଆର୍ଜେଣ୍ଟିନା। ୩୩ତମ ମିନିଟରେ ଏକ ଫିଲ୍ଡ ଗୋଲ ମାଧ୍ୟମରେ ଆର୍ଜେଣ୍ଟିନାର ମାଇକୋ କାସେଲା ମ୍ୟାଚ୍‌କୁ ସମାନ ୨-୨ ସ୍ଥିତିକୁ ନେଇ ଆସିଥିଲେ। ୩୪ତମ ମିନିଟରେ ଅଷ୍ଟ୍ରେଲିଆ ଗୋଲ ଦେଇଥିବା ରେଫରି ସଙ୍କେତ ପ୍ରଦାନ କରିଥିଲେ ମଧ୍ୟ ରେଫରାଲରେ ତାହା ନାକଚ ହୋଇଯାଇଥିଲା। ୩୫ତମ ମିନିଟ୍‌ରେ ଦଳକୁ ମିଳିଥିବା ପେନାଲ୍ଟି କର୍ନରର ପୁଶ୍ ଶଟ୍‌କୁ ଷ୍ଟପର ରୋକିପାରି ନ ଥିଲେ। ବଲ୍‌ଟି ଷ୍ଟିକ୍‌ରୁ ବାଉନ୍ସ କରିଯାଇଥିଲା। ଫଳରେ ଦଳ ସୁଯୋଗ ହରାଇଥିଲା। ଅବଶିଷ୍ଟ ସମୟରେ ଉଭୟ ଦଳ ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ ହେଁ ଗୋଲ ହୋଇ ନ ଥିଲା। ଫାଉଲ ଯୋଗୁ ଆର୍ଜେଣ୍ଟିନାର ଫେରେରୋ ମାର୍ଟିନ ୨୭ ଓ ହବିଫ ଥୋମାସ ୪୦ତମ ମିନିଟ୍‌ରେ ଏବଂ ଅଷ୍ଟ୍ରେଲିଆର ଡାନିଏଲ ବାଏଲ ୪୩ତମ ମିନିଟରେ ଗ୍ରୀନ୍ କାର୍ଡ ପାଇଥିଲେ। ୪୭ତମ ମିନିଟ୍‌ରେ ଅଷ୍ଟ୍ରେଲିଆ କ୍ରମାଗତ ୨ଟି ପେନାଲ୍ଟି କର୍ନର ମିସ୍ କରିଥିବାବେଳେ ୪୯ତମ ମିନିଟରେ ବଲ୍ ପୋଜେଶନ ଅବସରରେ ନିଜକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରଖି ଆର୍ଜେଣ୍ଟିନା ପକ୍ଷରୁ ବହୁ ମୂଲ୍ୟବାନ୍ ଗୋଲଟି ସ୍କୋର କରିଥିଲେ ମାର୍ଟିନ ଫେରେରୋ। ଫଳରେ ମ୍ୟାଚ୍‌ରେ ପ୍ରଥମଥର ପାଇଁ ଅଗ୍ରଣୀ ହାସଲ କରିଥିଲା ପୂର୍ବତନ ଅଲିମ୍ପିକ୍ ଚାମ୍ପିୟନ ଆର୍ଜେଣ୍ଟିନା। ୫୫ତମ ମିନିଟ୍‌ରେ ଅଷ୍ଟ୍ରେଲିଆ ଅଧିନାୟକ ଆରନ ଜେଲସ୍କି ଡି' ଶକ୍ତିଶାଳୀ ଶଟ୍ ମାଧ୍ୟମରେ ଗୋଲ ପରିଶୋଧ ପାଇଁ ପ୍ରୟାସ କରିଥିଲେ ହେଁ ଆର୍ଜେଣ୍ଟିନା ଗୋଲ୍‌କିପର ଟୋମାସ ସାଣ୍ଟିଆଗୋ ଚମତ୍କାର ଭାବେ ସେଭ୍ କରି ଦେଇଥିଲେ। ଖେଳ ଏତିକିରେ ସରି ନ ଥିଲା। ମ୍ୟାଚ୍ ଶେଷ ପର୍ଯ୍ୟାୟରେ ପହଞ୍ଚି ଯାଇଥିବାବେଳେ ଆର୍ଜେଣ୍ଟିନା ଖେଳାଳି ସାମାନ୍ୟ ହାଲ୍‌କା ହୋଇଯାଇଥିଲେ। ଏହାର ପୂରା ଫାଇଦା ଅଷ୍ଟ୍ରେଲିଆକୁ ମିଳିଥିଲା। ୫୮ତମ ମିନିଟରେ ଉଭୟ ଦଳର ଅଧିକାଂଶ ଖେଳାଳି ମଝି ପଡ଼ିଆରେ ଥିବାବେଳେ ଆର୍ଜେଣ୍ଟିନା ଡିଫେଣ୍ଡର ମାରିଥିବା ଶଟ୍‌କୁ ପାଖରେ ଥିବା ଅଷ୍ଟ୍ରେଲିଆର ବ୍ଲେକ୍ ଗୋଭର୍ସ ଅଟକାଇ ଦେଇଥିଲେ। ଆର୍ଜେଣ୍ଟିନା ଗୋଲପୋଷ୍ଟରେ ବଡ଼ ଗ୍ୟାପ୍‌ର ସୁଯୋଗ ନେଇ ସେ ବଲ୍‌କୁ ପୋଷ୍ଟ ମଧ୍ୟକୁ ପଠାଇବାରେ ସକ୍ଷମ ହୋଇଥିଲେ। ଫଳରେ ମ୍ୟାଚ୍ ପୁଣି ସମାନ ସ୍ତରକୁ ଅର୍ଥାତ୍ ୩-୩କୁ ଚାଲିଆସିଥିଲା। ଅଷ୍ଟ୍ରେଲିଆ ଏହାର ଅନ୍ତିମ ଗ୍ରୁପ୍ ମ୍ୟାଚ୍ ୨୦ ତାରିଖରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିବ। ସେହିଦିନ ଗ୍ରୁପ୍ ଏ'ର ଅନ୍ତିମ ଲିଗ୍ ମ୍ୟାଚ୍ ଆର୍ଜେଣ୍ଟିନା ଓ ଫ୍ରାନ୍ସ ମଧ୍ୟରେ ଅନୁଷ୍ଠିତ ହେବ। ଦୁଇଟିଯାକ ମ୍ୟାଚ୍ ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ହେବ।

## ଫେବୃୟାରୀ ୧୯ରୁ...

ପରୀକ୍ଷାର୍ଥୀଙ୍କୁ ଅଧିକ ଏକ ଘଣ୍ଟା ସମୟ ମିଳିବ। ଆଡ୍‌ମିଟ୍ କାର୍ଡ ଖୁବ୍‌ଶୀଘ୍ର ଓପିଏସ୍‌ସି ୱେବ୍‌ସାଇଟରେ ଉପଲବ୍ଧ ହେବ। ପରୀକ୍ଷାର୍ଥୀମାନେ ପ୍ରକାଶିତ ବିଜ୍ଞପ୍ତିରେ ସବିଶେଷ ତଥ୍ୟ ପାଇପାରିବେ ବୋଲି ସୂଚନା ମିଳିଛି। ସୂଚନା ଥାଉକି, ଗତ ଅକ୍ଟୋବର ୧୬ରେ ଓସିଏସ୍-୨୦୨୧ ପ୍ରିଲିମିନାରୀ ପରୀକ୍ଷା ଅନୁଷ୍ଠିତ ହୋଇଥିଲା।

## ୯୫୧ କୋଟିରେ...

ଜୟ ଶାହା ଟୁଇଟ୍ କରି ଏହି ସୂଚନା ପ୍ରଦାନ କରିବା ସହିତ ଭାଏକମ୍ ୧୮କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ମହିଳା କ୍ରିକେଟରେ ଏହା ଏକ ବୃହତ୍ତର ପଦକ୍ଷେପ। ମହିଳା କ୍ରିକେଟ ପାଇଁ ଏହା ଏକ ନୂତନ ସକାଳର ଆରମ୍ଭ ବୋଲି ସେ ଟୁଇଟ୍ କରିଛନ୍ତି। ମାର୍ଚ୍ଚ ପ୍ରଥମ ସପ୍ତାହରେ ମହିଳା ଆଇପିଏଲ୍‌ର ପ୍ରଥମ ସଂସ୍କରଣ ଆରମ୍ଭ ହେବ। ପ୍ରଥମ ସଂସ୍କରଣରେ ୫ ଦଳ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଥିବା ବେଳେ ସମସ୍ତ ମ୍ୟାଚ୍ ମୁମ୍ବାଇରେ ଅନୁଷ୍ଠିତ ହେବ। ଏହା ପୂର୍ବରୁ ଜୁନ୍ ୨୦୨୨ରେ ପୁରୁଷ ଆଇପିଏଲ୍ ପାଇଁ ଅନୁଷ୍ଠିତ ୩ ଦିନିଆ ନିଲାମିରେ ଭାଏକମ୍ ୧୮କୁ ଆଇପିଏଲର ଡିଜିଟାଲ ରାଇଟ୍ସ ମିଳିଥିଲା। ଡିଜ୍‌ନୀ ଷ୍ଟାର ଟିଭି ଆଉ ଥରେ ରାଇଟ୍ସ ହାସଲ କରିବାରେ ସମର୍ଥ ହୋଇଥିଲା।

## ଭାରତରେ ବଢୁଛି...

ଥର ୨ ପ୍ରତିଶତ ଟିକସ ଲଗାଯାଏ, ତେବେ ଦେଶରେ ଅପପୁଷ୍ଟିର ଶିକାର ଲୋକଙ୍କୁ ଆଗାମୀ ୩ ବର୍ଷ ପର୍ଯ୍ୟନ୍ତ ପୁଷ୍ଟିସାର ଯୋଗାଇବା ଲାଗି ଆବଶ୍ୟକ ୪୦,୪୨୩ କୋଟି ଟଙ୍କା ସଂଗୃହୀତ ହୋଇପାରିବ। ସେହିପରି ଦେଶର ୧୦ ଜଣ ଅତି ଧନୀଙ୍କ ଉପରେ ଗୋଟିଏ ଥର ୫ ପ୍ରତିଶତ ଟ୍ୟାକ୍ସ ଲଗାଗଲେ ୧.୩୭ ଲକ୍ଷ କୋଟି ଟଙ୍କା ସଂଗୃହୀତ ହେବ। ଏହା ଦେଶର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଏବଂ ଆୟୁଷ ମନ୍ତ୍ରଣାଳୟର ୨୦୨୨-୨୩ ବର୍ଷ ଲାଗି ଆକଳିତ ପାଣ୍ଠିର ଦେଢ଼ଗୁଣରୁ ଅଧିକ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଗତ ଆର୍ଥିକ ବର୍ଷର ବଜେଟ ୮୬,୨୦୦ କୋଟି ଟଙ୍କା ହୋଇଥିବାବେଳେ ଆୟୁଷ ମନ୍ତ୍ରଣାଳୟର ୩,୦୫୦ କୋଟି ଟଙ୍କା।

ଭାରତରେ କେବଳ ସମ୍ପତ୍ତି ଅସମାନତାରେ ଦ୍ରୁତ ବୃଦ୍ଧି ହୋଇଛି ତାହା ନୁହେଁ, ଲିଙ୍ଗଗତ ଅସମାନତା ମଧ୍ୟ ବଢ଼ିଛି। ସମାନ କାମ ପାଇଁ ଜଣେ ପୁରୁଷ କର୍ମଚାରୀଙ୍କୁ ଯେତିକି ପାରିଶ୍ରମିକ ମିଳୁଛି, ମହିଳା କର୍ମଚାରୀ ତା'ର ୬୩ ପ୍ରତିଶତ ପାଉଛନ୍ତି ବୋଲି ରିପୋର୍ଟରେ କୁହାଯାଇଛି। ଅନୁସୂଚିତ ଜାତି ଏବଂ ଗ୍ରାମାଞ୍ଚଳ ଶ୍ରମିକମାନଙ୍କ କ୍ଷେତ୍ରରେ ଏହି ତାରତମ୍ୟ ଆହୁରି ବେଶି। ସେଠାରେ ପୁରୁଷଙ୍କ ତୁଳନାରେ ମହିଳା ଶ୍ରମିକ ୫୫ ପ୍ରତିଶତ ଆୟ କରୁଛନ୍ତି। ଅକ୍ସଫାମ୍ ରିପୋର୍ଟ ଅନୁଯାୟୀ କୋଭିଡ୍ ମହାମାରୀ ଆରମ୍ଭ ହେବାଠାରୁ ଗତବର୍ଷ ନଭେମ୍ବର ମଧ୍ୟରେ ଭାରତୀୟ ବିଲିଅନେୟାରମାନଙ୍କ ସମ୍ପତ୍ତି ୧୨୧ ପ୍ରତିଶତ ବୃଦ୍ଧି ପାଇଛି, ଅର୍ଥାତ୍ ଦିନକୁ ବଢ଼ିଛି ୩,୬୦୮ କୋଟି ଟଙ୍କା। ଅନ୍ୟପକ୍ଷରେ ଦେଖିବାକୁ ଗଲେ ୨୦୨୧-୨୨ ବର୍ଷରେ ସାମଗ୍ରୀ ଓ ସେବା କର (ଜିଏସ୍‌ଟି)ରୁ ଆସିଥିବା ମୋଟ ୧୪.୮୩ ଲକ୍ଷ କୋଟି ଟଙ୍କାର ୬୪ ପ୍ରତିଶତ ଦେଶର ତଳ ସ୍ତରରେ ଥିବା ୫୦ ପ୍ରତିଶତଙ୍କଠାରୁ ଆସିଛି। ୧୦ ପ୍ରତିଶତ ଶୀର୍ଷ ଧନୀଙ୍କଠାରୁ ଜିଏସ୍‌ଟି ବାବଦରେ ସଂଗୃହୀତ ଅର୍ଥ ମୋଟ ଜିଏସ୍‌ଟିର ମାତ୍ର ୩ ପ୍ରତିଶତ। ୨୦୨୦ରେ ଭାରତରେ ବିଲିଅନେୟାରଙ୍କ ସଂଖ୍ୟା ୧୦୨ ଥିବାବେଳେ ୨୦୨୨ରେ ୧୧୬କୁ ବୃଦ୍ଧି ପାଇଥିବା ଅକ୍ସଫାମ୍ କହିଛି।

## କୋଭିଡ୍ ଟିକାରେ...

ଯିବା ପଛରେ ଅନେକ କାରଣ ଥାଇପାରେ। କିନ୍ତୁ ଏହି ମହାମାରୀରୁ ସମ୍ପୂର୍ଣ୍ଣ ଭାବେ ମୁକ୍ତି ପାଇବା ପାଇଁ ଶତପ୍ରତିଶତ ଚିକିତ୍ସା କିମ୍ବା ଟିକା ବିକଶିତ ହୋଇ ନ ଥିବା ବର୍ତ୍ତମାନ ବିଶ୍ୱର ସ୍ଥିତିରୁ ସ୍ପଷ୍ଟ ହେଉଛି। ଏହାକୁ ଅଧିକ ଦୃଢ଼ୀଭୂତ କରିଛି କେନ୍ଦ୍ର ସରକାରଙ୍କ ୨ ସଂସ୍ଥାର ସ୍ୱୀକାରୋକ୍ତି।

ଭାରତ ସରକାର ଗତ ପ୍ରାୟ ୨ ବର୍ଷ ମଧ୍ୟରେ କେତେକ କୋଭିଡ୍ ଟିକାକୁ ଅନୁମତି ଦେଇଛନ୍ତି। ସେଗୁଡ଼ିକ ହେଲା ଆଷ୍ଟ୍ରାଜେନକା ଓ ପୁଣେର ସିରମ୍ ଇନ୍‌ଷ୍ଟିଚ୍ୟୁଟ୍‌ଅଫ୍‌ଇଣ୍ଡିଆ (ସିଆଇଆଇ) ଦ୍ୱାରା ପ୍ରସ୍ତୁତ 'କୋଭିଶିଲ୍ଡ', ସିଆଇଆଇର 'କୋଭୋଭାକ୍ସ', ସରକାରଙ୍କ ଦ୍ୱାରା ପରିଚାଳିତ ହାଇଦ୍ରାବାଦସ୍ଥିତ ଭାରତ ବାୟୋଟେକ୍ ଲିଃର 'କୋଭାକ୍ସିନ', ଡ. ରେଡ୍ଡିସ୍ ଲ୍ୟାବ୍ ଦ୍ୱାରା ରୁଷିଆରୁ ଆମଦାନୀ ହୋଇଥିବା 'ସ୍ପୁଟ୍‌ନିକ୍ ଭି', ବାୟୋଲୋଜିକାଲ୍ ଇ. ଲିଃର 'କର୍ବେଭାକ୍ସ' ଏବଂ ଅହମ୍ମଦାବାଦର କାଡିଲା ହେଲ୍‌ଥକେୟାର ଲିଃ ପକ୍ଷରୁ ବିକଶିତ 'ଜାୟକୋଭ୍-ଡି'।

ପୁଣେର ବ୍ୟବସାୟୀ ପ୍ରଫୁଲ୍ଲ ସର୍ଦା ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ବଳରେ ପ୍ରଶ୍ନ କରିଥିଲେ ଯେ, ଭାରତରେ ଲୋକଙ୍କୁ ଦିଆଯାଉଥିବା କୋଭିଡ୍ ଟିକାଗୁଡ଼ିକର ପାର୍ଶ୍ୱପ୍ରତିକ୍ରିୟା ରହିଛି କି? ଏନେଇ ଇଣ୍ଡିଆନ କାଉନସିଲ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର୍) ଏବଂ ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେଶନ (ସିଡିଏସ୍‌ସିଓ) ପକ୍ଷରୁ ଟିକାଗୁଡ଼ିକର ଏକାଧିକ ପାର୍ଶ୍ୱପ୍ରତିକ୍ରିୟା ରହିଥିବା ଉତ୍ତର ଦିଆଯାଇଛି। ଏଥିରୁ କୋଭିଡ୍ ଟିକା ସମ୍ପୂର୍ଣ୍ଣ ସୁରକ୍ଷିତ ନ ଥିବା ସ୍ପଷ୍ଟ ହେଉଛି। ଟିକାଗୁଡ଼ିକ ଦ୍ୱାରା ଉତ୍ପନ୍ନ ହେଉଥିବା ପ୍ରଭାବଗୁଡ଼ିକ ସମ୍ପର୍କରେ ଆଇସିଏମ୍‌ଆର୍ ପିଆଇଓ ଡ. ଲେୟାନ୍ନା ସୁସାନ ଜର୍ଜ ଏବଂ ସିଡିଏସ୍‌ସିଓ ପିଆଇଓ ସୁଶାନ୍ତ ସରକାର ଉତ୍ତରରେ ଉଲ୍ଲେଖ କରିଛନ୍ତି। ତଦନୁଯାୟୀ ଟିକା ନିଆଯାଇଥିବା ସ୍ଥାନ କଠିନ ହେବା/ପୀଡ଼ା ହେବା/କୁଣ୍ଡେଇ ହେବା/ଚର୍ମ ଲାଲ ପଡ଼ିବା ସାଙ୍ଗକୁ ବିନା କାରଣରେ ବାନ୍ତି ହେବା, ପ୍ରବଳ ଓ କ୍ରମାଗତ ପେଟ ବ୍ୟଥା, ମୁଣ୍ଡବିନ୍ଧା, ଶ୍ୱାସ ନେବାରେ ଅସୁବିଧା, ଛାତି ଓ ଅଙ୍ଗପ୍ରତ୍ୟଙ୍ଗରେ ଯନ୍ତ୍ରଣା, ପେଣ୍ଡା ଓ ବାହୁରେ ଫୁଲା, ଦୁର୍ବଳ ଲାଗିବା, ଅଙ୍ଗ ପକ୍ଷାଘାତ, ଆଖିରେ ଯନ୍ତ୍ରଣା, ଦୃଷ୍ଟିଶକ୍ତି ଅସ୍ପଷ୍ଟ ହେବା, ମାନସିକ ସ୍ଥିତିରେ ପରିବର୍ତ୍ତନ, ଅବସାଦ, ଜ୍ୱର, ମାଂସପେଶୀ ଓ ଗଣ୍ଠିରେ ଯନ୍ତ୍ରଣା, ଆସ୍ଥେନିଆ(ଦୁର୍ବଳତା କିମ୍ବା ବଳହୀନ), ପିଠି ଯନ୍ତ୍ରଣା, ମୁଣ୍ଡ ବୁଲାଇବା ଏବଂ ନିଦ୍ରାହିନତା ଭଳି ସାଇଡ୍ ଇଫେକ୍ଟ ରହିଥିବା ଦର୍ଶାଯାଇଛି।

ପ୍ରଫୁଲ୍ଲ କହିଛନ୍ତି ଯେ, ଆଇସିଏମ୍‌ଆର୍ ଏବଂ ସିଡିଏସ୍‌ସିଓର ଉତ୍ତର ଚକିତ କରିଛି। ସରକାର ଟିକାକରଣକୁ ସମ୍ପୂର୍ଣ୍ଣ ସ୍ୱେଚ୍ଛାକୃତ ବୋଲି ଘୋଷଣା କରିଥିଲେ। କିନ୍ତୁ ବସ୍, ଟ୍ରେନ୍, ବିମାନରେ ଯାତାୟାତ କରିବା, ଆନ୍ତଃରାଜ୍ୟ ଚଳପ୍ରଚଳ, ହୋଟେଲ, ରେଷ୍ଟୁରାଣ୍ଟ, ମଲ୍ଟିପ୍ଲେକ୍ସ, ମଲ୍‌ଗୁଡ଼ିକୁ ଯିବା ପାଇଁ ଲୋକଙ୍କୁ ବାରଣ କରାଯାଇ ପରୋକ୍ଷରେ ଟିକା ନେବାକୁ ବାଧ୍ୟ କରାଯାଇଥିଲା। ଏହା ଭୟଭୀତ ଥିବା ଲୋକଙ୍କୁ ଫସାଇ ଦେବାଭଳି, ଯେଉଁମାନେ କି କୌଣସି ପାର୍ଶ୍ୱପ୍ରତିକ୍ରିୟା ନ ଜାଣି କୋଭିଡ୍ ଟିକା ନେଇଥିଲେ ବୋଲି ପ୍ରଫୁଲ୍ଲ କହିଛନ୍ତି। ବର୍ତ୍ତମାନ ଭାରତ ସମେତ ସାରା ବିଶ୍ୱରେ ଟିକାଜନିତ ମୃତ୍ୟୁ ଘଟୁଥିବା ରିପୋର୍ଟ କରାଯାଉଛି। ହେଲେ ଭାରତରେ ଭାକ୍ସିନଗୁଡ଼ିକର ପାର୍ଶ୍ୱପ୍ରତିକ୍ରିୟା ସମ୍ପର୍କରେ ଗଣମାଧ୍ୟମ, ହସ୍ପିଟାଲ, ଟିକାକରଣ କେନ୍ଦ୍ରଗୁଡ଼ିକରେ ଆବଶ୍ୟକ ପ୍ରଚାର ପ୍ରସାର କରାଯାଇଛି କି ନାହିଁ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ଜନସୁରକ୍ଷା ଅଭିଯାନ ଆରମ୍ଭ କରାଯାଇଛି କି ନାହିଁ ତାହା ଜଣାଇବାକୁ ପ୍ରଫୁଲ୍ଲ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ବହୁ ଗରିବ ଦେଶକୁ ଭାରତ ପକ୍ଷରୁ ଅନେକ କୋଟି ଟିକା ଦାନ କରାଯାଇଛି, ଯାହାକୁ ନେଇ ୨୦୨୧ରେ ବିବାଦ ହୋଇଥିଲା। ସେହି ଦେଶଗୁଡ଼ିକର ଲୋକଙ୍କୁ ଟିକାର କୁପ୍ରଭାବ ସମ୍ପର୍କରେ ଅବଗତ କରାଯାଇଛି କି ନାହିଁ ବୋଲି ପ୍ରଫୁଲ୍ଲ ପ୍ରଶ୍ନ କରିଛନ୍ତି।

## ୧୯ରୁ ରାଜ୍ୟରେ...

ଅଧିକ ୧.୩୧ କୋଟି ଲୋକ(୪୧%) ପ୍ରିକଶନ୍ ଡୋଜ୍ ନେଇଛନ୍ତି। ତେବେ ଭାରତ ସରକାରଙ୍କ ଦ୍ୱାରା ଦିଆଯାଇଥିବା କୋଭିଡ୍ ଟିକା ଓଡ଼ିଶାରେ ୨୦୨୨ ନଭେମ୍ବର ୨୮ ସୁଦ୍ଧା ଶେଷ ହୋଇସାରିଛି। ବିଦେଶରେ ସଂକ୍ରମଣ ବ୍ୟାପୁଥିବାରୁ ପ୍ରିକସନ୍ ଡୋଜ୍ ନେବା ପାଇଁ ଲୋକମାନେ ଆଗ୍ରହ ଦେଖାଉଛନ୍ତି। ରାଜ୍ୟରେ ୧୮ବର୍ଷ ବୟସରୁ ଅଧିକ ୩.୨୫କୋଟି ଲୋକ ପ୍ରିକଶନ୍ ଡୋଜ୍ ପାଇଁ ଯୋଗ୍ୟ ହୋଇଥିବାବେଳେ ମାତ୍ର ୧.୩୧ କୋଟି ଲୋକଙ୍କୁ ଏହି ଟିକା ଦେବା ସମ୍ଭବପର ହୋଇଛି। ଏବେ ବି ୧.୯୩ କୋଟି ଲୋକ (୫୯%) ଟିକା ନେଇନାହାନ୍ତି। ତେଣୁ ସରକାରୀ ଟିକା କେନ୍ଦ୍ରରେ ଅବଶିଷ୍ଟ ଲୋକଙ୍କୁ ଟିକାକରଣ ନିମନ୍ତେ ଆବଶ୍ୟକ ଟିକା ଯୋଗାଇ ଦେବାକୁ ରାଜ୍ୟ ସରକାର ଅନୁରୋଧ କରିଛନ୍ତି।

## ସାବତ ପୁଅକୁ ମାରି...

କରାଯାଉଥିବା ଆଇଆଇସି ତୁଷାରକାନ୍ତ ସେଠୀ କହିଛନ୍ତି। ପ୍ରକାଶ ଯେ, ଶ୍ରୀରାମନଗରରେ ଏକ ଭଡ଼ାଘରେ ଶିଳ୍ପୀ ଓ ତାଙ୍କ ୨ବର୍ଷର ସାବତ ପୁଅ ରହୁଥିଲେ। ସୋମବାର ସକାଳେ ଘରର କବାଟ ନ ଖୋଲିବାରୁ କୌଣସି ଅଘଟଣର ଆଶଙ୍କା କରି ପଡ଼ୋଶୀ ମଧୁପାଟଣା ପୋଲିସକୁ ଖବର ଦେଇଥିଲେ। ପୋଲିସ ଏବଂ ଶିଳ୍ପୀଙ୍କ ପରିବାର ଲୋକେ ସେଠାରେ ପହଞ୍ଚିଥିଲେ। ସମସ୍ତଙ୍କ ଉପସ୍ଥିତିରେ ପୋଲିସ ପହଞ୍ଚି କବାଟ ଭାଙ୍ଗି ଭିତରକୁ ପଶିଥିଲା। ଘର ଭିତରେ ଫ୍ୟାନ୍‌ରେ ଶିଳ୍ପୀ ଝୁଲୁଥିବାବେଳେ ନିକଟରେ ଶିଶୁପୁତ୍ରର ରକ୍ତାକ୍ତ ମୃତଦେହ ପଡ଼ିରହିଥିଲା। ଶିଶୁ ପୁତ୍ରର ତଣ୍ଟି କଟାଯାଇଥିବା ଦେଖିବାକୁ ମିଳିଥିଲା। ଡିସିପି ପିନାକ ମିଶ୍ର, ଏସିପି ଅନୀଲ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ସାଇଣ୍ଟିଫିକ୍ ଟିମ୍ ଭଡ଼ା ଘରେ ବିଭିନ୍ନ ସାମଗ୍ରୀକୁ ତର୍ଜମା କରି ପରୀକ୍ଷଣ ନିମନ୍ତେ ଜବତ କରିଥିଲା। ପୋଲିସ ଏବଂ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ଚାଲିଥିବାବେଳେ ବାହାରେ ସ୍ଥାନୀୟ ଲୋକଙ୍କ ସମେତ ମୃତକଙ୍କ ଶାଶୁଘର ଓ ବାପଘର ଲୋକଙ୍କ ମଧ୍ୟରେ ଆରୋପ, ପ୍ରତ୍ୟାରୋପ ସହ ଭିଡ଼ାଭିଡ଼ି ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା।

ସୂଚନାନୁସାରେ, ମୃତା ଶିଳ୍ପୀଙ୍କ ଘର କଟକ ନେତାଜୀନଗରରେ। ସେ କଟକ ଜିଲା ସାଲେପୁର ଥାନା ଅନ୍ତର୍ଗତ ମୁର୍କୁଣ୍ଡି ଗ୍ରାମର ସନ୍ତୋଷ ଖୁଣ୍ଟିଆଙ୍କ ଦ୍ୱିତୀୟ ସ୍ତ୍ରୀ। ସନ୍ତୋଷଙ୍କ ପ୍ରଥମ ସ୍ତ୍ରୀ ପୁତ୍ର ଜନ୍ମ ଦେଇ ମେଡିକାଲ ବେଡ୍‌ରେ ମୃତ୍ୟୁବରଣ କରିଥିଲେ। ମା' ଛେଉଣ୍ଡ ଶିଶୁପୁତ୍ରକୁ ମାମୁ ଘରଲୋକ ନେଇ ଲାଳନପାଳନ କରୁଥିଲେ। ସନ୍ତୋଷଙ୍କ କହିବାନୁସାରେ, ପୁଅର ଲାଳନପାଳନ ପାଇଁ ସେ ଦ୍ୱିତୀୟ ବିବାହ କରିବାକୁ ଇଚ୍ଛା କରିଥିଲେ। ଶିଳ୍ପୀ ମଧ୍ୟ ପୂର୍ବରୁ ବିବାହ କରି ପ୍ରଥମ ସ୍ୱାମୀଙ୍କୁ ଛାଡ଼ପତ୍ର ଦେଇଥିଲେ। ସନ୍ତୋଷଙ୍କ ସୋସିଆଲ ମିଡିଆରେ ଶିଳ୍ପୀଙ୍କ ସହ ପରିଚୟ ହେବା ପରେ ଉଭୟେ ପରସ୍ପର ବାବଦରେ ସବୁ ଜାଣି ବିବାହ କରିବାକୁ ରାଜି ହୋଇଥିଲେ। ୨୦୨୧ ନଭେମ୍ବର ୨୬ରେ ଉଭୟଙ୍କ ବିବାହ ହୋଇଥିଲା। ବିବାହ ପରେ ସେମାନେ ବହୁତ ଖୁସିରେ ଥିଲେ। ସାବତ ମା' ହେଲେ ବି ଶିଳ୍ପୀ ପୁଅକୁ ବହୁତ ଭଲ ପାଉଥିଲେ। ହେଲେ ଶାଶୁଘରକୁ ଯିବା କଥା କହିଲେ ସେ ଅମଙ୍ଗ ହେଉଥିଲେ। ସମୟ କ୍ରମେ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ମନାନ୍ତର ଘଟି ଥାନା ପର୍ଯ୍ୟନ୍ତ ମାମଲା ଯାଇ ଫଏସଲା ବି ହୋଇଛି। ହେଲେ ସେ କୌଣସି ପ୍ରକାରେ ସାଲେପୁର ଯିବାକୁ ଚାହୁଁ ନ ଥିଲେ। ସବୁ କଥାରେ ତାଙ୍କ ବାପଘର ଲୋକେ ଆସି ମୁଣ୍ଡ ପୂରାଉଥିଲେ। ପରସ୍ପର ମଧ୍ୟରେ ମନାନ୍ତର ବଢ଼ିବା ପରେ ପୁଅକୁ ଶିଳ୍ପୀ ମାରିଦେବାକୁ ବିଭିନ୍ନ ସମୟରେ ଧମକ୍ ଦେଉଥିଲେ ବୋଲି ସନ୍ତୋଷ ଅଭିଯୋଗ ଉଠାଇଛନ୍ତି। ଅପରପକ୍ଷରେ ମୃତା ଶିଳ୍ପୀଙ୍କ ମା' କବିତା ଦାସ ଓ ବାପା ଜ୍ଞାନେନ୍ଦ୍ର ଦାସ ଅଭିଯୋଗ ଆଣିଛନ୍ତି ଯେ, ତାଙ୍କ ଝିଅକୁ ଶାଶୁଘର ଲୋକେ ବିଭିନ୍ନ ସମୟରେ ମାନସିକ ନିର୍ଯାତନା ଦେଉଥିଲେ। ଖରାପ ଭାଷାରେ ଗାଳି ଗୁଲଜ କରୁଥିଲେ, ଯାହାକୁ ସେ ସହିପାରୁ ନ ଥିଲା। ଶିଶୁପୁତ୍ରଟିକୁ ଶାଶୁଘର ଲୋକ ତା'ଠାରୁ ନେଇଯିବାକୁ ଚାହୁଁଥିବାରୁ ସେ ସେଥିରେ ରାଜିନଥିଲା। ସେ ସବୁବେଳେ କହୁଥିଲା ମୁଁ ଯୋଉଠି ରହିବି, ମୋ ପୁଅ ସେଇଠି ରହିବ। ଶେଷରେ ସେ ଏଭଳି ନିଷ୍ପତ୍ତି ନେଲା ବୋଲି କବିତା କହିଛନ୍ତି। ଡିସିପି ପିନାକ ମିଶ୍ର କହିଛନ୍ତି, ଉଭୟ ପରିବାର ମଧ୍ୟରେ ତିକ୍ତତା ଥିଲା। ଘଟଣାକୁ ଭଲ ଭାବେ ଅନୁଧ୍ୟାନ କରାଯାଉଛି। ଏବେ ଶବ ବ୍ୟବଚ୍ଛେଦ କରାଯାଇଛି। ରିପୋର୍ଟ ଆସିବା ପରେ ପୂର୍ଣ୍ଣାଙ୍ଗ ତଦନ୍ତ କାର୍ଯ୍ୟ କରାଯିବ।

### ଭୁବନେଶ୍ୱରରେ ଚାକିରି କରିଥିଲେ

ଶାଶୁଘର ସାଲେପୁର ଯିବେ ନାହିଁ। କଟକରେ ରହିବେ ଆଉ ଚାକିରି କରିବେ, ଏଭଳି ନିଷ୍ପତ୍ତି ନେଇଥିଲେ ଶିଳ୍ପୀ। ଗତ କିଛି ଦିନ ହେବ ସେ ଭୁବନେଶ୍ୱରରେ ଏକ ଘରୋଇ ଚାକିରି କରିଥିଲେ। କଟକରୁ ବାଇକ୍ କିମ୍ବା ବସ୍‌ରେ ସେଠାକୁ ଯା'ଆସ କରୁଥିଲେ ବୋଲି ପରିବାର ଲୋକେ କହିଛନ୍ତି।

### ଫେସ୍‌ବୁକ୍‌ରେ ଶେଷ ପୋଷ୍ଟ 'କୁଇଟ୍'

ଶିଳ୍ପୀଙ୍କ ମୋବାଇଲ୍‌ରେ ସୋସିଆଲ ମିଡିଆ ଆକାଉଣ୍ଟ ଯାଞ୍ଚ ପରେ କେତେକ ତଥ୍ୟ ମିଳିଛି। ସେ ତାଙ୍କର ଫେସ୍‌ବୁକ୍‌ରେ ଶେଷ ପୋଷ୍ଟ କରିଥିଲେ ଯାହାକି ଇଂଲିଶ୍‌ରେ କୁଇଟ(କ୍ୟୁୟୁଆଇଟି) ବୋଲି ଲେଖାଥିଲା। ଯା ମାଧ୍ୟମରେ ସେ ସମସ୍ତଙ୍କୁ ନିଜ ଜୀବନର ଅନ୍ତିମ ସମୟ ବାବଦରେ ସୂଚନା ଦେବାର ପ୍ରୟାସ କରିଛନ୍ତି।

### ସନ୍ଦେହରେ ପୋଲିସ ଏଏସ୍‌ଆଇ

ଶ୍ରୀରାମନଗର ମଧୁପାଟଣା ଥାନା ଅଧୀନରେ ଯାଉଥିବାବେଳେ ଘଟଣା ପରେ କ୍ୟାଣ୍ଟନମେଣ୍ଟ ଥାନାର ଏଏସ୍‌ଆଇ ଅଜୟ ବେହେରାଙ୍କ ଉପସ୍ଥିତିକୁ ନେଇ ଶିଳ୍ପୀଙ୍କ ବାପଘର ଲୋକେ ବିରୋଧ କରିଥିଲେ। ଏପରି କି ସେଠାରେ କିଛି ସମୟ ପାଇଁ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଅଜୟ ଏଠାକୁ କାହିଁକି ଆସିଛନ୍ତି ବୋଲି ପଚାରିବା ସହ ଝିଅ ମୃତ୍ୟୁ ପାଇଁ ସେ ଦାୟୀ ବୋଲି ପରିବାର ଲୋକେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଉପରେ ତଦନ୍ତ କରାଯିବ ବୋଲି ଡିସିପି ପିନାକ ମିଶ୍ର କହିଛନ୍ତି।

### ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ

ଏସ୍‌ସିବି ମେଡିକାଲରେ ଶବ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଛି। ମୃତା ମହିଳାଙ୍କ ବାପଘର ଲୋକେ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରିଥିବା ପରିବାର ପକ୍ଷରୁ ଜଣାଯାଇଛି।

## ୨ ବର୍ଷର ଝିଅକୁ...

କଚାଡ଼ି ମାରି ଦେଇଛନ୍ତି। ପୋଲିସ ଅଭିଯୁକ୍ତ ବିଜୁ କିଷାନଙ୍କୁ ଗିରଫ କରିଛି। ନନ୍ଦିନୀର ମାଆ ଶକୁନ୍ତଳା ଓରଫ ସକଳ କିଷାନ ଘଟଣା ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଲମ୍ବଡୁରା ଗ୍ରାମର ବିଜୁ ୩ବର୍ଷ ପୂର୍ବେ ସୁନ୍ଦରଗଡ଼ ଜିଲା କୁଲକୁତା ଗ୍ରାମର ଶକୁନ୍ତଳାଙ୍କୁ ବିବାହ କରିଥିଲେ। ମାତ୍ର ବିଭିନ୍ନ ସମୟରେ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଝଗଡ଼ା ହୋଇଆସୁଥିଲା। ଏଥିରେ ଅତିଷ୍ଠ ହୋଇ ଶକୁନ୍ତଳା ତାଙ୍କ ଝିଅ ନନ୍ଦିନୀକୁ ନେଇ ବାପ ଘରେ ରହି ଆସୁଥିଲେ। ଝିଅର ଆଧାରକାର୍ଡ ପାଇଁ ସୋମବାର ସକାଳେ ସେ ଲମ୍ବଡୁରାକୁ ଆସିଥିଲେ। ସକାଳ ପ୍ରାୟ ୯ଟା ସମୟରେ ସ୍ୱାମୀସ୍ତ୍ରୀ ମଧ୍ୟରେ କୌଣସି ଘଟଣାକୁ ନେଇ ବଚସା ହୋଇଥିଲା। ବିଜୁ ରାଗିଯାଇ ମା' କୋଳରୁ ଶିଶୁକନ୍ୟାକୁ ଛଡାଇ ଆଣି ତଳେ କଚାଡ଼ିଦେଇଥିଲେ। ଝିଅର କାନ୍ଦ ଶୁଣି ପଡୋଶୀ ଦୌଡିଆସି ଶିଶୁକନ୍ୟାକୁ ଉଦ୍ଧାର କରିଥିଲେ। ପରେ ଲଇମୁରା ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଇଥିବାବେଳେ ସେଠାରେ ଡାକ୍ତର କୁନି ଝିଅକୁ ମୃତ ଘୋଷଣା କରିଥିଲେ। ବିଜୁଙ୍କୁ ଗ୍ରାମବାସୀ ଅଟକ ରଖି ପୋଲିସକୁ ହସ୍ତାନ୍ତର କରିଛନ୍ତି। ଅନ୍ୟପଟେ ଶକୁନ୍ତଳାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ. ୩/୨୦୨୩) ରୁଜୁକରି ମୃତଦେହ ଜବତ କରିଛି। ଏସ୍‌ଡିପିଓ ଅନିଲ ବେଉରିଆ, ଥାନା ଅଧିକାରୀ ସନ୍ତୋଷ ଶତପଥୀ ପ୍ରମୁଖ ଘଟଣାସ୍ଥଳକୁ ଯାଇ ତଦନ୍ତ କରୁଛନ୍ତି। ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – କୌଣସି ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ଅଟକି ରହିଥିବା କାମରେ ଅଗ୍ରଗତି ଘଟିବ। ଆର୍ଥିକ ସଙ୍କଟ ଥିଲେ ମଧ୍ୟ ନୂତନ ଯୋଜନା ସକାଶେ ମନ ବଳାଇବେ। ସ୍ଥିର ମନ ନେଇ କାମକଲେ ସମସ୍ୟା ସମାଧାନ ସମ୍ଭାବନା ରହିଛି। ପାରିବାରିକ ଅଶାନ୍ତି ଲାଗି ରହିଥିଲେ ମଧ୍ୟ କୃତ୍ତିକା ନକ୍ଷତ୍ର ମନକୁ ବୁଝାଇ ରହିବାକୁ ବାଧ୍ୟ ହେବେ।

**ବୃଷ** – ପାରିବାରିକ କ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବେ। ରୋହିଣୀ ନକ୍ଷତ୍ର କଳା,ସାହିତ୍ୟରେ ଉନ୍ନତି କରି ପ୍ରଶଂସିତ ହେବେ। ଆନୁଷ୍ଠାନିକ କାମରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

**ମିଥୁନ** – ସାବଧାନତା ସହକାରେ କାମ ନ କଲେ ପରିସ୍ଥିତି ବଦଳିଯାଇପାରେ। ବନ୍ଧୁଙ୍କ ମନକୁ ପରଖି ଆଗକୁ ବଢ଼ନ୍ତୁ ,ଅନ୍ୟଥା କଳହର କାରଣ ହୋଇପାରେ। ମୃଗଶିରା ପିଲାଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ବିଚାର କରି କାମ କରିବା ଭଲ ହେବ। ପଡ଼ୋଶୀମାନେ ବାକ୍ ଚାତୁରୀ କଥା କହି କାର୍ଯ୍ୟ ହାସଲର ଅପଚେଷ୍ଟା କରିପାରନ୍ତି।

**କର୍କଟ** – କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଅନ୍ୟମାନଙ୍କୁ ସାହାଯ୍ୟ କରିବା ପରିପ୍ରେକ୍ଷୀରେ ନିଜେ ହଇରାଣରେ ପଡ଼ିପାରନ୍ତି। ଅସଫଳତାର କାରଣ ଖୋଜିବାକୁ ଯାଇ ନିଜ ଲୋକଙ୍କୁ ଭୁଲ୍ ବୁଝିବେ। ମଘା ନକ୍ଷତ୍ର ପରୋକ୍ଷ ଶତ୍ରୁତାରୁ ମନ ଠିକ୍ ରହିବ ନାହିଁ।

**ସିଂହ** – କର୍ମକ୍ଷେତ୍ର ଭଲ ରହିଲେ ମଧ୍ୟ ପାରିବାରିକ ବିବାଦ କାରଣରୁ ମନ ଅସ୍ଥିର ରହିବ। ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବାପାଇଁ ବାଧ୍ୟ ହେବେ। ଅଶାନ୍ତ ମନ ବନ୍ଧୁଙ୍କ ସହ ଆଳାପ ଆଲୋଚନା ପରେ ଶାନ୍ତ ହେବ ଓ ମାନସିକ ସ୍ଥିତି ଠିକ୍ ରହିବ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କିମ୍ବା ସନ୍ତାନଙ୍କ ବିଶୃଙ୍ଖଳିତ କାମ ସକାଶେ ଅପମାନିତ ହୋଇପାରନ୍ତି।

**କନ୍ୟା** – ଆଜି ଦିନଟିରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ମନୋଭାବ ବଦଳିଯିବା କାରଣରୁ ପ୍ରିୟ ବନ୍ଧୁଟି ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେଇ ମଧ୍ୟ ପାଖ ମାଡ଼ିବେ ନାହିଁ। ବ୍ୟବସାୟରେ କ୍ରମଶଃ ଲାଭ ଅପେକ୍ଷା କ୍ଷତି ଅଧିକ ହେବା ଆଶଙ୍କା ରହିଛି। କୌଣସି ଗୁରୁତ୍ୱପୂର୍ଣ୍ଣ କାରଣ ନ ଥାଇ ମଧ୍ୟ ଯାତ୍ରା ସମୟରେ ଝଗଡ଼ା ଲାଗିପାରେ।

**ତୁଳା** – କର୍ମକ୍ଷେତ୍ରରେ ଦୀର୍ଘଦିନରୁ ଲାଗି ରହିଥିବା ସମସ୍ୟା ସମାଧାନ ହେବ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ଆଶଙ୍କା ରହିଛି। ପଡ଼ୋଶୀମାନେ ସ୍ୱାର୍ଥସାଧନ ମାନସିକତାରେ ନିଜ କାମକୁ ଅଗ୍ରାଧିକାର ଦେବେ। ସ୍ୱାତୀ ନକ୍ଷତ୍ର ପୁରୁଣା ରୋଗ, ଘର ଲୋକଙ୍କ ଚୁପ୍‌ଚାପ୍ କଥା ମନକୁ ବିଚଳିତ କରିବ।

**ବିଛା** – ଆଜି ସାଙ୍ଗସାଥୀଙ୍କ ସହ କିଛି ନୂଆ ସ୍ଥାନକୁ ପରିଦର୍ଶନରେ ଯାଇପାରନ୍ତି। ଅନ୍ୟମନସ୍କ କାରଣରୁ କିମ୍ବା ଅସାବଧାନତା ହେତୁ ଟଙ୍କା ପଇସା ହଜି ଯାଇପାରେ। କିନ୍ତୁ ଅନୁରାଧା ନକ୍ଷତ୍ର କର୍ମକ୍ଷେତ୍ରରେ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହେବେ। ସାହିତ୍ୟ, ରଚନାତ୍ମକ କାର୍ଯ୍ୟ ଓ ସଂଗୀତରେ ସୁନାମ ଅର୍ଜନ କରିବେ।

**ଧନୁ** – ଆଜିର ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ, କିନ୍ତୁ ଏଥିପାଇଁ ବହୁ ଟଣାଓଟରା ଲାଗିବ। ମୂଳା ନକ୍ଷତ୍ର ଯଥା ସମ୍ଭବ ଶତ୍ରୁଠାରୁ ଦୂରେଇ ରହି କାମ କରିବା ଭଲ ହେବ। ପରିବାରରେ ପ୍ରିୟ କଥା କହି ସମସ୍ୟା ସୁଧାରିନେବେ।

**ମକର** – ସାମାନ୍ୟ ଅଣ୍ଡାଜନିତ କାରଣରୁ ଦେହଟା ଭଲ ଲାଗି ନ ପାରେ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଶ୍ରବଣା ନକ୍ଷତ୍ର ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**କୁମ୍ଭ** – ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟକଲେ ଉପକୃତ ହେବେ। ପାରିବାରିକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ। କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହୋଇପାରନ୍ତି। ଶତଭିଷା ନକ୍ଷତ୍ରର ଅର୍ଥଲାଭ ଓ ବନ୍ଧୁ ସମ୍ପର୍କ ସ୍ଥାପିତ ହୋଇପାରେ।

**ମୀନ** – ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବେ। ବିଶେଷ ଅସୁବିଧା ନ ହେଲେ ମଧ୍ୟ କେତେକ କ୍ଷେତ୍ରରେ ବୃଥା ଆଶଙ୍କା କରି ମନ ଅସ୍ଥିର ରହିବ। ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶକରି କଟୁ କଥା କହିବାକୁ ପଛାଇବେ ନାହିଁ। ଉତ୍ତରଭାଦ୍ରପଦ ନକ୍ଷତ୍ରର ପରୋକ୍ଷ ଶତ୍ରୁତା ଲାଗି ରହିବ।

ଆଜି ମାଘ କୃଷ୍ଣ ଦଶମୀ ମଙ୍ଗଳବାର, ଜାନୁୟାରୀ ୧୭ ତାରିଖ। ରାଶି ନକ୍ଷତ୍ର-ବିଶାଖ/ତୁଳା। ଦିବା ଘ.୧୨।୫୮ ଗତେ ବିଛାଚନ୍ଦ୍ର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୯।୧୨ ଗତେ ଘ.୧୦।୫୦ ମଧ୍ୟେ, ଘ.୦୧।୦୨ ଗତେ ଘ.୦୧।୧୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୨।୩୦ ଗତେ ଘ.୦୪।୦୩ ମଧ୍ୟେ ରାହୁକାଳ।

# ୫ ଗ୍ରୀଡ୍ ସବ୍‌ଷ୍ଟେଶନ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୬।୧(ବ୍ୟୁରୋ)

ରାଜ୍ୟର ୪ ଜିଲାରେ ୫ଟି ଉଚ୍ଚ କ୍ଷମତାସମ୍ପନ୍ନ ଗ୍ରୀଡ୍ ସବ୍‌ଷ୍ଟେଶନକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଭିଡିଓ କନ୍‌ଫରେନ୍ସ ଜରିଆରେ ଉଦ୍‌ଘାଟନ କରିଛନ୍ତି। ଏଥିପାଇଁ ୨୫୪ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଏହି ସ୍ଥାନଗୁଡ଼ିକ ହେଲା ଗଞ୍ଜାମ ଜିଲାର ହିଞ୍ଜିଳିକାଟୁ, ମାଲକାନଗିରିର କାଲିମେଲା, ସୁବର୍ଣ୍ଣପୁରର ବୀରମହାରାଜପୁର ଓ କଟକ ଜିଲାର ଗୋଡ଼ିସାହି ଓ ବହୁଗ୍ରାମ। ଏହା ଦ୍ୱାରା ଉକ୍ତ ୪ ଜିଲାର ୨ ଲକ୍ଷ ଲୋକ ଉପକୃତ ହେବେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜନସାଧାରଣଙ୍କ ଜୀବନଧାରଣ ମାନରେ ଉନ୍ନତି ପାଇଁ ଉତ୍ତମ ବିଦ୍ୟୁତ୍ ଶକ୍ତିର ଆବଶ୍ୟକତା ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ରାଜ୍ୟରେ ବିଦ୍ୟୁତ୍ ସମ୍ପ୍ରସାରଣ ଓ ଆବଣ୍ଟନ ଭିତ୍ତିଭୂମିର ବିକାଶ ଉପରେ ସ୍ୱତନ୍ତ୍ର ଧ୍ୟାନ ଦେଉଛନ୍ତି। କୃଷି, ଶିଳ୍ପ ଓ ସାଧାରଣ ଜୀବନଯାପନ ସବୁ କ୍ଷେତ୍ରରେ ଉତ୍ତମ ଓ ନୀରବଚ୍ଛିନ୍ନ ବିଦ୍ୟୁତ୍‌ର ଆବଶ୍ୟକତା ରହିଛି। ବିଜୁଳି ଶକ୍ତି ଆମ ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ତେଣୁ ଏହାକୁ ଅଯଥାରେ ନଷ୍ଟ ନ କରିବାକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟରେ ବିଦ୍ୟୁତ୍ ସମ୍ପ୍ରସାରଣ କ୍ଷେତ୍ରରେ ଏକ ଦୃଢ଼ ଭିତ୍ତିଭୂମିର ବିକାଶ କରାଯାଇଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୧୮୫ଟି ଏକ୍ସଟ୍ରା ଭୋଲ୍‌ଟେଜ୍ ଗ୍ରୀଡ୍ ସବ୍‌ଷ୍ଟେଶନ ଥିବାବେଳେ ୧୬,୦୦୦ ସର୍କିଟ୍ କିଲୋମିଟର ନେଟ୍‌ୱର୍କ ରହିଛି।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୪ ଜିଲାରେ ୫ ଗ୍ରୀଡ୍ ସବ୍‌ଷ୍ଟେଶନକୁ ଲୋକାର୍ପଣ କରୁଛନ୍ତି। ନିକଟରେ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ।

**୨୫୪ କୋଟି ଖର୍ଚ୍ଚ**
- ୪ ଜିଲାର ୨ ଲକ୍ଷ ଲୋକ ଉପକୃତ ହେବେ
- ବିଦ୍ୟୁତ୍ ଅପଚୟ ନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିବେଦନ
- ଓସିପିଏଲ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨୦ କୋଟି ପ୍ରଦାନ

କାର୍ଯ୍ୟକ୍ରମରେ ଯୋଗଦେଇ ଶକ୍ତି ମନ୍ତ୍ରୀ ପ୍ରତାପ ଦେବ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଯୋଗୁ ଆଜି ଓଡ଼ିଶା ବିଦ୍ୟୁତ୍ ଶକ୍ତିରେ ଏକ ବଳକା ରାଜ୍ୟ ହୋଇପାରିଛି। ଓଡ଼ିଶାର ଶକ୍ତି ବିତରଣ ବ୍ୟବସ୍ଥାକୁ ସୁଦୃଢ଼ କରି ରାଜ୍ୟରେ ଶିଳ୍ପାୟନ ଓ ନିଯୁକ୍ତିର ପ୍ରସାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମ ସଫଳ ହେଉଛି ବୋଲି ସେ କହିଛନ୍ତି। ଏହି ଅବସରରେ ଓଡ଼ିଶା କୋଲ୍ ଆଣ୍ଡ ପାୱାର ଲିମିଟେଡ୍(ଓସିପିଏଲ)ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ବିଭାଗୀୟ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଓ ମୁଖ୍ୟ ଶାସନ ସଚିବ




ଏହି ଚେକ୍ ଗ୍ରହଣ କରିଥିଲେ। ଅତି ଅଳ୍ପ ସମୟ ମଧ୍ୟରେ ରାଜ୍ୟ ସରକାରଙ୍କ ଏହି ସଂସ୍ଥା ଭଲ ଲାଭ କରିପାରିଥିବାରୁ ମୁଖ୍ୟମନ୍ତ୍ରୀ ଏହାର ଉଚ୍ଚ ପ୍ରଶଂସା କରିଛନ୍ତି। ୨୦୨୨-୨୩ର ପ୍ରଥମ ୬ ମାସ ମଧ୍ୟରେ ଓସିପିଏଲ ୬୨୬ କୋଟି ଟଙ୍କା ଲାଭ କରିଛି ଏବଂ କୋଇଲା ଉତ୍ପାଦନରେ ୬୦ ପ୍ରତିଶତ ବୃଦ୍ଧି ହାସଲ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ଓ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ପ୍ରମୁଖ ଭିଡିଓ କନ୍‌ଫରେନ୍ସ ଜରିଆରେ ଯୋଗ ଦେଇ ରାଜ୍ୟରେ ବିଦ୍ୟୁତ୍ ଶକ୍ତିର ବିକାଶ ଓ ଶିଳ୍ପାୟନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମକୁ ଧନ୍ୟବାଦ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ସ୍ୱାଗତ ଭାଷଣ ଏବଂ ଓପିଟିସିଏଲ ଅଧ୍ୟକ୍ଷ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ଶକ୍ତି ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଘରୋଇ ବସ୍ ଧର୍ମଘଟ ସ୍ଥଗିତ

ଭୁବନେଶ୍ୱର,୧୬।୧(ବ୍ୟୁରୋ)

ବିଭିନ୍ନ ଦାବି ନେଇ ମଙ୍ଗଳବାରଠାରୁ ରାଜ୍ୟବ୍ୟାପୀ ହେବାକୁ ଥିବା ପ୍ରସ୍ତାବିତ ବସ୍ ଧର୍ମଘଟକୁ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ସ୍ଥଗିତ ରଖିବାକୁ ଘୋଷଣା କରିଛି। ବସ୍ ଚଳାଚଳ ପୂର୍ବଭଳି ସ୍ୱାଭାବିକ ରହିବ। ଦାବି ପୂରଣ ନେଇ ସରକାରଙ୍କ ସହ ଆଲୋଚନା ପରେ ସଂଘ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି।

ପ୍ରାଥମିକ ପର୍ଯ୍ୟାୟରେ ୩ଟି ଦାବି ପୂରଣ ହୋଇଛି। ସ୍କ୍ରାପିଂ ପଲିସିକୁ ୧୫ରୁ ୨୦ ବର୍ଷକୁ ବଢ଼ାଇବାକୁ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଦିନ ସମୟରେ ସ୍ଲିପର କୋଚ୍ ଚଳାଇବା ଏବଂ ଟ୍ରାନ୍ସଫର ଅଫ୍ ପର୍‌ମିଟ ଭଳି ଦାବି ପୂରଣ ହୋଇଥିବା ସଂଘ ପକ୍ଷରୁ କୁହାଯାଇଛି।

ଅନ୍ୟ ଦାବିଗୁଡ଼ିକ ପାଇଁ ସରକାର ସମୟ ନେଇଛନ୍ତି। ସଂଘ ପକ୍ଷରୁ ୧୦ ଦଫା ଦାବି ନେଇ ଜାନୁୟାରୀ ୧୭ରେ ଧର୍ମଘଟର ଡାକରା ଦିଆଯାଇଥିଲା। ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ଦାବି ପୂରଣ ନ ହେଲେ ପୁଣି ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଘରୋଇ ବସ୍ ମାଲିକ ସଂଘ ମୁଖପାତ୍ର ଦେବାଶିଷ ନାୟକ କହିଛନ୍ତି।

# ଚିହ୍ନଟ ହେଲେ ୯.୫୯ ଲକ୍ଷ ହିତାଧିକାରୀ

ଭୁବନେଶ୍ୱର,୧୬।୧(ବ୍ୟୁରୋ)

**ପ୍ରଧାନମନ୍ତ୍ରୀ ଆବାସ ଯୋଜନା**
**ତାଲିକା ଅନୁମୋଦନ କରିବ ଗ୍ରାମସଭା**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୯.୫୯ ଲକ୍ଷ ହିତାଧିକାରୀ ପକ୍କାଘର ପାଇବା ନେଇ ଚିହ୍ନଟ ହୋଇଛନ୍ତି। ସେଥିରୁ ୩୦ ଜିଲାରୁ ୮ଲକ୍ଷ ୧୭ ହଜାର ହିତାଧିକାରୀ ରହିଛନ୍ତି। ବାକି ୧ ଲକ୍ଷ ୪୨ ହଜାର ଫନି କ୍ଷତିଗ୍ରସ୍ତ ୧୪ ଜିଲାର ହିତାଧିକାରୀଙ୍କୁ ପ୍ରଦାନ କରାଯିବ। ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସ୍ୱତନ୍ତ୍ର ଭାବେ ସାମିଲ କରାଯାଇଛି।

ରାଜ୍ୟ ସରକାର ଚଳିତ ବର୍ଷ ୧୨ ଲକ୍ଷ ୨୫ ହଜାର ହିତାଧିକାରୀଙ୍କୁ ଆବାସ ଘର ଯୋଗାଇବାକୁ ଟାର୍ଗେଟ ରଖିଛନ୍ତି। ହିତାଧିକାରୀଙ୍କ ତାଲିକା ପଞ୍ଚାୟତ ଅଫିସ, ଗାଁ ସ୍କୁଲ, ଅଙ୍ଗନୱାଡି କେନ୍ଦ୍ର ସମେତ ଅନ୍ୟ ପ୍ରମୁଖ ସ୍ଥାନରେ ପ୍ରଦର୍ଶିତ କରାଯାଇଛି। ଏହାକୁ ନେଇ ଆପତ୍ତି ଉଠାଇବାର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏଥିରେ ଯଦି କେହି ଅଯୋଗ୍ୟ ହିତାଧିକାରୀ ଥିବା ନେଇ କାହାର ଅଭିଯୋଗ ଥିବ ତେବେ ଜାନୁୟାରୀ ୨୪ ସୁଦ୍ଧା ବିଧିବଦ୍ଧ ଭାବେ ଅଭିଯୋଗ କରିପାରିବେ ବୋଲି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ କୁହାଯାଇଛି। ପିଇଓ କିମ୍ବା ଜିଆରଏସ୍ ସମେତ ବ୍ଲକର ୨ ଜଣ କର୍ମଚାରୀଙ୍କ ଦ୍ୱାରା ତଦନ୍ତ କରାଯାଇ ସମ୍ଭାବ୍ୟ ତାଲିକାରୁ ଅଯୋଗ୍ୟ ପରିବାରଙ୍କ ନାଁ କାଟି ସମସ୍ତ ଯୋଗ୍ୟ ପରିବାରଙ୍କ ତାଲିକା ଗ୍ରାମସଭାର ଅନୁମୋଦନ ପାଇଁ ପଠାଯିବ।

# ଛୁଆହାତୀ ମୃତ୍ୟୁ ଘଟଣାରେ ୨ ଗିରଫ

**ବାର୍‌ହା ଶିକାର ପାଇଁ ବିଛାଇଥିଲେ ବିଦ୍ୟୁତ୍ ତାର**

ରାଇକିଆ,୧୬।୧(ଡି.ଏନ.ଏ.)

କନ୍ଧମାଳ ଜିଲା ରାଇକିଆ ବ୍ଲକର ବାରବା ରେଞ୍ଜରେ ଗତ ବୁଧବାର ଏକ ଛୁଆହାତୀର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ବନ ବିଭାଗ ରବିବାର ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସୋରଡ଼ା ଅଞ୍ଚଳର ଗଙ୍ଗାଧର ବିଷୋୟୀ ଏବଂ ଡେଙ୍ଗାଖମଣ ଗ୍ରାମର ବୁଲୁ ମଲ୍ଲିକ। ଉଭୟେ ବାର୍‌ହା ଶିକାର ପାଇଁ ଡେଙ୍ଗାଖମଣ ଗ୍ରାମ ନିକଟରେ ବିଦ୍ୟୁତ୍ ତାର ବିଛାଇଥିଲେ। ଛୁଆହାତୀଟି ଉକ୍ତ ରାସ୍ତା ଦେଇ ଯିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯିବାରୁ ମୃତ୍ୟୁ ଘଟିଥିଲା ବୋଲି ପ୍ରାଥମିକ ତଦନ୍ତ ପରେ ରେଞ୍ଜର ବିରଞ୍ଚି ନାରାୟଣ ପଣ୍ଡା ଦର୍ଶାଇଛନ୍ତି। ଗିରଫ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।



ଗିରଫ ୨ ଅଭିଯୁକ୍ତ।

# ଦନ୍ତା ଆକ୍ରମଣ: ପୁଅ ସହ ଦମ୍ପତି ଗୁରୁତର

- ମକରମେଳା ଦେଖି ଫେରୁଥିଲେ
- ଜଣେ କଟକ ସ୍ଥାନାନ୍ତର

କେନ୍ଦୁଝର/ତେଲକୋଇ,୧୬।୧(ସ୍ୱ.ପ୍ର./ଡି.ଏନ୍.ଏ)

କେନ୍ଦୁଝର ଜିଲା ତେଲକୋଇ ବନାଞ୍ଚଳ ବିମଳା ସେକ୍ସନ ନମକାନି ଗ୍ରାମ ନିକଟରେ ଦନ୍ତାହାତୀ ଆକ୍ରମଣରେ ଶିଶୁପତ୍ର ସହ ଦମ୍ପତି ଗୁରୁତର ହୋଇଛନ୍ତି। ସେମାନେ ହେଲେ ଢେଙ୍କାନାଳ ରୋଡ଼ଙ୍ଗା ଗ୍ରାମର ସତିଆ ଦେହୁରୀ (୫୦), ରଶ୍ମିତା ଦେହୁରୀ (୪୫) ଏବଂ ତାଙ୍କର ୪ ବର୍ଷର ପୁଅ ଦୀନବନ୍ଧୁ। ରଶ୍ମିତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ମୁତାବକ, ସତିଆ ନିଜ ପରିବାର ସହ ମକରମେଳା ଦେଖି ରବିବାର ରାତିରେ ବିମଳା ଗ୍ରାମରୁ ନମକାନିକୁ ଫେରୁଥିଲେ। ରାସ୍ତାରେ ସେମାନେ ଏକ ଗୋଠଛଡ଼ା ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ଆକ୍ରମଣରେ ଶିଶୁପତ୍ର ସହ ରଶ୍ମିତା ଓ ସତିଆ ଗୁରୁତର ହୋଇଥିଲେ। ବନ ବିଭାଗ ସମସ୍ତଙ୍କୁ ଉଦ୍ଧାରକରି ପ୍ରଥମେ ତେଲକୋଇ ଓ ପରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ପରେ ରଶ୍ମିତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଶିଶୁପତ୍ରଙ୍କ ଅବସ୍ଥା ଭଲ ଥିବା ଡାକ୍ତର କହିଛନ୍ତି। ହାତୀପଲଙ୍କ ଗତିପଥ ଉପରେ ନଜର ରଖାଯାଉଛି। ରାତିରେ ଯାତାୟାତ ନ କରିବାକୁ ଲୋକଙ୍କୁ ସୂଚନା ଦିଆଯାଉଥିବା ରେଞ୍ଜ ଅଧିକାରୀ ଶିବାଜୀ ମୋହନ ରାଓ କହିଛନ୍ତି।


ଜିଲା ମୁଖ୍ୟ ଚିକିତ୍ସାଳୟରେ ସତିଆଙ୍କ ପ୍ରାଥମିକ ଚିକିତ୍ସା କରାଯାଉଛି।

# ଆୟୁର୍ବେଦିକ ମେଡିକାଲ କଲେଜର ୨୯ ଅଧ୍ୟାପକ ପଦବୀ ପୂରଣ ହେବ

ଭୁବନେଶ୍ୱର, ୧୬।୧(ବ୍ୟୁରୋ)

ରାଜ୍ୟରେ ଥିବା ବିଭିନ୍ନ ସରକାରୀ ଆୟୁର୍ବେଦିକ ମେଡିକାଲ କଲେଜରେ ୨୯ଟି ଅଧ୍ୟାପକ ପଦବୀ ପୂରଣ ହେବ। ଏଥିନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ରାଜ୍ୟ ସରକାର ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି)କୁ କହିଛନ୍ତି। ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବ ଶାଳିନୀ ପଣ୍ଡିତ ସୋମବାର ଓପିଏସ୍‌ସି ସ୍ୱତନ୍ତ୍ର ସଚିବଙ୍କୁ ଚିଠି ଲେଖିଛନ୍ତି। ଗ୍ରୁପ୍-ବି ର୍ୟାଙ୍କର ଏହି ୨୯ଟି ପଦବୀ ମଧ୍ୟରେ ୪ଟି ଅନୁସୂଚିତ ଜାତି ବର୍ଗର, ୧୦ଟି ଅନୁସୂଚିତ ଜନଜାତି ଏବଂ ୧୫ଟି ଅଣସଂରକ୍ଷିତ(ୟୁଆର୍) ବର୍ଗର ରହିଛି। ଏହି ପଦବୀ ପୂରଣ ପାଇଁ ଆବଶ୍ୟକ ନିଯୁକ୍ତି ପରୀକ୍ଷା କରିବାକୁ ଚିଠିରେ ଉଲ୍ଲେଖ କରାଯାଇଛି।

# କୋର୍ଟରେ ୮ ଅଭିଯୁକ୍ତ ହାଜର

ଭଦ୍ରକ ଅଫିସ,୧୬।୧

**କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ମାମଲା**

ବହୁଚର୍ଚ୍ଚିତ କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ମାମଲାରେ ସମସ୍ତ ୮ ଅଭିଯୁକ୍ତ ଚାର୍ଜଫ୍ରେମ୍ ପାଇଁ ସୋମବାର ଭଦ୍ରକ ଜିଲା ଜଜ୍ କୋର୍ଟରେ ହାଜର ହୋଇଥିଲେ। ଏହି ମାମଲାରେ ଅଭିଯୁକ୍ତ ପରମେଶ୍ୱର ରାଉତ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ପୂର୍ବତନ ବୈଷୟିକ ନିର୍ଦ୍ଦେଶକ ନିରଞ୍ଜନ ସେଠୀ ଜାମିନରେ ପୂର୍ବରୁ ବାହାରିଥିବା ବେଳେ ଅନ୍ୟ ୬ ଅଭିଯୁକ୍ତଙ୍କୁ ଭଦ୍ରକ ଜେଲରୁ କଡ଼ା ସୁରକ୍ଷା ମଧ୍ୟରେ କୋର୍ଟକୁ ନିଆଯାଇଥିଲା। ଅଭିଯୁକ୍ତଙ୍କ ପକ୍ଷରୁ ସମୟ ମାଗିବାରୁ ଆସନ୍ତା ୨୫ ତାରିଖକୁ ଚାର୍ଜଫ୍ରେମ୍ ପାଇଁ ଦିନ ଧାର୍ଯ୍ୟ କରାଯାଇଥିବା ଜିଲା ଜଜ୍ ପ୍ରଦ୍ୟୁମ୍ନ ନାୟକ ଶୁଣାଣି କରିଛନ୍ତି।

ପ୍ରକାଶଥାଉ କି, ଗତବର୍ଷ ଫେବୃୟାରୀ ୭ରେ ଚାନ୍ଦବାଲି ବ୍ଲକ ଅଧୀନ ପଳାସପୁର ଗ୍ରାମରେ ଏକ ବାହାଘର ଶୁଟିଂ ସାରି ମାନସ ନାଲଗୁଣ୍ଡା ଛକରେ ଅପେକ୍ଷା କରିଥିବା ବେଳେ 'ସମ୍ପୂର୍ଣ୍ଣା' ୱେବ ଚ୍ୟାନେଲ ମାଲିକାଣୀ ଶର୍ମିଷ୍ଠା ରାଉତ ଓ ତାଙ୍କ ସହଯୋଗୀ ଅପହରଣ କରି ନେଇ ହତ୍ୟା କରିଥିଲେ।









ସାଧାରଣ ଜୀବନଟି ହେଉଛି–ବହୁବିଧ ଆକାଂକ୍ଷା ଓ ପ୍ରଲୋଭନର ଗୋଟିଏ ଗତାନୁଗତିକ ପରିକ୍ରମା। ଯେତେଦିନ ପର୍ଯ୍ୟନ୍ତ ବ୍ୟକ୍ତି ଉର୍ଦ୍ଧ୍ୱରେ ବ୍ୟସ୍ତ ରହିଥାଏ, ସେତେଦିନ ପର୍ଯ୍ୟନ୍ତ ତା'ର କୌଣସି ସ୍ଥାୟୀ ଅଗ୍ରଗତି ହୁଏ ନାହିଁ। –ଶ୍ରୀମା

# ୧ ପ୍ରତିଶତ ପାଖେ ୪୦

ଭାରତରେ ଥିବା ୧ ପ୍ରତିଶତ ଧନୀ ବ୍ୟକ୍ତିଙ୍କ ପାଖରେ ଦେଶ ସମ୍ପତ୍ତିର ୪୦ ଭାଗ ରହିଛି। ଅନ୍ୟପକ୍ଷରେ ୫୦ ପ୍ରତିଶତ ଲୋକଙ୍କ ନିକଟରେ ମାତ୍ର ୩ ପ୍ରତିଶତ ସମ୍ପତ୍ତି ଅଛି। ସୁଇଜରଲାଣ୍ଡର ଡାଭୋସ୍‌ଠାରେ ବିଶ୍ୱ ଅର୍ଥନୈତିକ ଫୋରମ୍ (ଡବ୍ଲ୍ୟୁଇଏଫ୍)ର ବାର୍ଷିକ ବୈଠକରେ ଅକ୍ସଫାମ୍ ଇଣ୍ଟରନ୍ୟାଶନାଲ ପକ୍ଷରୁ ଭାରତ ସମ୍ପର୍କରେ ପ୍ରକାଶ କରାଯାଇଥିବା ରିପୋର୍ଟରୁ ଏହା ଜଣାପଡ଼ିଛି। ମହାମାରୀଠାରୁ ନଭେମ୍ବର ୨୦୨୨ ମଧ୍ୟରେ ଭାରତର ଅତି ଧନୀ ବ୍ୟକ୍ତିଙ୍କ ସମ୍ପତ୍ତି ୧୨୧ ପ୍ରତିଶତ ବା ଦୈନିକ ୩, ୬୦୮ କୋଟି ଟଙ୍କା ବୃଦ୍ଧି ପାଇଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ଭାରତର ସର୍ବାଧିକ ଧନୀ ବ୍ୟକ୍ତିଙ୍କ ସମ୍ପତ୍ତି ୨୦୨୨ରେ ୪୬ ପ୍ରତିଶତ ବଢ଼ିଯାଇଥିବା ବିଷୟ ଶୁଣିଲେ ଯେ କେହି ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ। ଏହି ପରିପ୍ରେକ୍ଷୀରେ ଅକ୍ସଫାମ୍ ଇଣ୍ଡିଆ ପକ୍ଷରୁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କୁ ନିବେଦନ କରାଯାଇଛି ଯେ, ସରକାର ଏଭଳି ଅସ୍ୱାଭାବିକ ଅସମାନତାକୁ ଶେଷ କରନ୍ତୁ ଏବଂ ଆସନ୍ତା ବଜେଟରେ ସମ୍ପତ୍ତି କର (ୱେଲ୍‌ଥ ଟାକ୍ସ) ଏବଂ ଇନିହେରିଟାନ୍ସ ଟାକ୍ସ (ଦାୟଦ ଭାବେ ଉପହାର ସୂତ୍ରରେ ପାଇଥିବା ସମ୍ପତ୍ତି ଉପରେ ଟିକସ) ଭଳି ପ୍ରଗତିଶୀଳ ଟିକସ ବ୍ୟବସ୍ଥା ଲାଗୁ କରିବାକୁ ପ୍ରସ୍ତାବ ଦିଆଯାଇଛି। ଗରିବ ଲୋକମାନେ ଅତ୍ୟାବଶ୍ୟକ ସାମଗ୍ରୀ ଓ ସେବା ସକାଶେ ଅଧିକ ଖର୍ଚ୍ଚ କରୁଥିବାରୁ ଆନୁପାତିକ ଦୃଷ୍ଟିରୁ ସେମାନେ ଅଧିକ ଟିକସ ଦେଉଛନ୍ତି। ତେଣୁ ଧନୀ ଲୋକମାନେ ସେମାନଙ୍କ ସମ୍ପତ୍ତି ଅନୁଯାୟୀ ଟିକସ ଦେଇପାରିଲେ ଦେଶରେ ଅସମାନତା ଦୂର କରିବା ଦିଗରେ ଏହା ସହାୟକ ହୋଇପାରିବ ବୋଲି ଅକ୍ସଫାମ୍ ପକ୍ଷରୁ ଯାହା କୁହାଯାଇଛି, ତାହାକୁ ତର୍ଜମା କରାଯିବା ଆବଶ୍ୟକ।

ତେବେ ଭାରତ ଭଳି ଦେଶରେ ସମ୍ପତ୍ତି ଟିକସ ପରି କର ବ୍ୟବସ୍ଥା ଲାଗୁ କରାଯିବା ପୂର୍ବରୁ କେତେକ ଦିଗକୁ ଦୃଷ୍ଟି ଦେବା ଦରକାର। ଉଦ୍ୟୋଗୀମାନେ ନା ଯେ କେବଳ ଅନ୍ୟମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରନ୍ତି, ଏଥିସହିତ ରାଷ୍ଟ୍ରର ଅର୍ଥନୀତିକୁ ସେମାନଙ୍କ ଯୋଗଦାନ ରହିଆସିଛି। ମଧ୍ୟମ ଓ ଅଭିବୃଦ୍ଧିଶୀଳ ଶିଳ୍ପ ଏବଂ ଉଦ୍ୟୋଗୀଙ୍କୁ ଏଭଳି ସମ୍ପତ୍ତି ଟିକସ ଅଧୀନରେ ଅଣାଗଲେ ଔଦ୍ୟୋଗିକ ସ୍ପୃହାକୁ କ୍ଷତି ପହଞ୍ଚିବ। ମନେପଡ଼େ କୋଭିଡ୍–୧୯ଜନିତ ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍ ଯୋଗୁ ଅନେକ ଶିଳ୍ପସଂସ୍ଥାରେ ତାଲା ପଡ଼ିଯିବା ଘଟଣା। ଲୌକିକ ସ୍ତରରେ ବଡ଼ ଦେଖାଯାଉଥିବା କର୍ପୋରେଟ୍ ସଂସ୍ଥା ମଧ୍ୟ ସେତେବେଳେ ଆର୍ଥିକ ସ୍ଥିତିକୁ ସମ୍ଭାଳି ରଖିବା ପାଇଁ ବହୁ କର୍ମଚାରୀଙ୍କୁ ଏକକାଳୀନ ଛଟେଇ କରିଥିଲେ। ଆହୁରି ଅନେକ ସଂସ୍ଥା ଦରମା ହ୍ରାସ, ଓଭରଟାଇମ୍ କାଟିବା ଓ ସାମୟିକ କାମ ଦେବା ଭଳି ଖର୍ଚ୍ଚକାଟ ନୀତି ଆପଣାଇଥିଲେ। ଏହାର ପ୍ରଭାବ କର୍ମଚାରୀ ଓ ସେମାନଙ୍କ ପରିବାର ଉପରେ ପଡ଼ିଥିଲା। ସାଧାରଣରେ ସମ୍ପତ୍ତି ଟିକସ ବସାଗଲେ ଏହା ନକାରାତ୍ମକ ଫଳ ଦେବ। ଦେଶର ଯେଉଁ ୧ ପ୍ରତିଶତ ବ୍ୟକ୍ତି ୪୦ ପ୍ରତିଶତ ଧନକୁ ମାଡ଼ି ବସିଛନ୍ତି, ବିଶେଷକରି ସେମାନଙ୍କୁ ସମ୍ପତ୍ତି ଟିକସ ଅଧୀନରେ ଅଣାଯିବା ପାଇଁ ତାହାର ଅର୍ଥନୈତିକ ବ୍ରାକେଟ୍‌ର ସଂଜ୍ଞା ନିରୂପଣ କରାଯିବା ଦରକାର। ଏଥିରେ ଅନ୍ୟ ଦିଗ ଯଥା– ସରକାରୀ ସୁବିଧା ନେଇ ଗଢ଼ି ଉଠିଥିବା ଶିଳ୍ପ, ପ୍ରାକୃତିକ ସମ୍ବଳ ଉପରେ ନିର୍ଭରଶୀଳ ଏବଂ ପରିବେଶକୁ ଘୋର ପ୍ରଭାବିତ କରୁଥିବା ଶିଳ୍ପ ଉପରେ ଅଧିକ ଜୋର ଦିଆଯିବା ଆବଶ୍ୟକ।

କୌଣସି ଏକ ରାଷ୍ଟ୍ରର ବିକାଶ ଲାଗି ଧନୀ ବ୍ୟକ୍ତିଙ୍କ ଆବଶ୍ୟକତା ରହିଛି। କାରଣ ସେମାନେ ସମ୍ପତ୍ତି ସୃଷ୍ଟିକାରୀ ହୋଇପାରୁଥିବାରୁ ଅସଂଖ୍ୟ ଲୋକ ଉପକୃତ ହୋଇଥାଆନ୍ତି। ଶିଳ୍ପର ବିକାଶ ଘଟିଲେ ଅନେକ ଲୋକ ନିଯୁକ୍ତି ସୁଯୋଗ ପାଇପାରିଥାଆନ୍ତି। ହେଲେ ଆଜିର ସମୟରେ ଅଳ୍ପ କିଛି ବ୍ୟକ୍ତିଙ୍କ ପାଖରେ ପ୍ରବଳ ଧନ ଏକତ୍ରିତ ହୋଇଯାଉଥିବାରୁ ତାହାର ସୁଫଳ ଅନ୍ୟାନ୍ୟ ବିଶେଷକରି ଗରିବ ଶ୍ରେଣୀର ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ। ଏଥିପାଇଁ ସରକାରୀ ନୀତି ଓ ପ୍ରଶାସନିକ ସ୍ତରରେ ରହିଥିବା ଉଚ୍ଚପଦାଧିକାରୀ ଦାୟୀ। ଆଜିର ଭାରତରେ ଧନଶାଳୀ ବ୍ୟକ୍ତିଙ୍କ କାର୍ଯ୍ୟ ସୁରୁଖୁରୁରେ କରିବା ଲାଗି ବ୍ୟବସ୍ଥା ଓ ସେଥିରେ ଥିବା ବ୍ୟକ୍ତିମାନେ ଆଗ୍ରହ ପ୍ରକାଶ କରିଥାଆନ୍ତି। ଉଦ୍ୟୋଗୀ ହେବାକୁ ଚାହୁଁଥିବା ପ୍ରତିଭାସମ୍ପନ୍ନ ଯୁବତୀ ବା ଯୁବକଙ୍କୁ ସମାନ ସୁଯୋଗ ମିଳିପାରୁ ନାହିଁ। ଏହା ବାରମ୍ବାର ବୃହତ୍ ପରିମାଣର ଅନାଦାୟ ଋଣ (ଏନ୍‌ପିଏ)ଜନିତ ସ୍କାମ୍‌ରୁ ଦେଖିବାକୁ ମିଳିଛି। ଅସମାନତା କଥା ଦେଖିଲେ ଶିକ୍ଷା, ସ୍ୱାସ୍ଥ୍ୟ ଭଳି ମୌଳିକ ଭିତ୍ତିଭୂମିରେ ମଧ୍ୟ ଘୋର ତାରତମ୍ୟ ରହିଛି। ଜନସାଧାରଣଙ୍କୁ ଠିକ୍ ଭାବେ ସରକାରୀ ସ୍ୱାସ୍ଥ୍ୟସେବା ମିଳିପାରୁ ନ ଥିବାରୁ ଅନେକଙ୍କ ଜୀବନ ଯାଉଛି। କର୍ପୋରେଟ୍ ହସ୍‌ପିଟାଲରେ ସାଧାରଣ ରୋଗୀ ଚିକିତ୍ସା ପାଇଁ ଭର୍ତ୍ତି ହେବା ସ୍ୱପ୍ନ। ଅନୁରୂପ ଭାବେ ଦେଖିଲେ ଶିକ୍ଷା ବ୍ୟବସ୍ଥା ମଧ୍ୟ ଧନୀମାନଙ୍କ ଦ୍ୱାରା ପରିଚାଳିତ ହେଉଛି। କୋଭିଡ୍–୧୯ ବେଳେ ଅନ୍‌ଲାଇନ୍ ଶିକ୍ଷା ପ୍ରଦାନ ସମୟରେ ଧନୀ–ଦରିଦ୍ର ଓ ସହରାଞ୍ଚଳ–ଗ୍ରାମାଞ୍ଚଳ ପିଲାଙ୍କ ମଧ୍ୟରେ ବ୍ୟବଧାନ ଫୁଟି ବାହାରିଥିଲା। ସମାଜର ପ୍ରତି କ୍ଷେତ୍ରରେ ଅସମାନତା ବୃଦ୍ଧି ପାଉଥିବାରୁ ତାହାର ଚାପ ତଳ ସ୍ତରର ଲୋକଙ୍କ ଉପରେ ପଡୁଛି। କୁହାଯାଇପାରେ ଯେ, ସରକାରଙ୍କ ଦ୍ୱାରା ବିନାମୂଲ୍ୟରେ ଖାଦ୍ୟଶସ୍ୟ ଓ ଅନ୍ୟାନ୍ୟ ବ୍ୟବହାରଯୋଗ୍ୟ ସାମଗ୍ରୀ ବଣ୍ଟାଯାଉଛି। ଦେଖିବାକୁ ଗଲେ ଏକ ଜନକଲ୍ୟାଣକାରୀ ରାଷ୍ଟ୍ରରେ ତାହା ସରକାରୀ କର୍ତ୍ତବ୍ୟ ଭାବେ ଧରାଯାଇଥାଏ। ତେଣୁ ଅସମାନତା ଦୂର କରିବାକୁ ହେଲେ ଭାରତ ଭଳି କୃଷିପ୍ରଧାନ ଦେଶରେ ନିର୍ଦ୍ଦିଷ୍ଟ କୃଷିଭିତ୍ତିକ ନୀତି ପ୍ରଣୟନ କରାଯିବା ଉଚିତ। ଛୋଟ ଛୋଟ ଉଦ୍ୟୋଗୀଙ୍କୁ ଠିକ୍ ଭାବେ ପ୍ରୋତ୍ସାହନ ଦିଆଗଲେ ଭାରତରେ ସାମଗ୍ରୀ ଉତ୍ପାଦନ ବଢ଼ିପାରନ୍ତା। ଏକ ଖାଉଟି ଦେଶ ଭାବେ ପରିଚୟ ଲାଭ କରି ଆସିଥିବା ଭାରତ ଉତ୍ପାଦଶୀଳ ରାଷ୍ଟ୍ର ହୋଇପାରିଲେ ଦେଶବାସୀ ଆତ୍ମନିର୍ଭର ହେବା ସହିତ ଉତ୍ପାଦିତ ଦ୍ରବ୍ୟ ରପ୍ତାନି କରି ଲାଭାନ୍ୱିତ ହୋଇପାରିବେ। ଏସବୁ ଲାଗି ଦୃଢ଼ ଆର୍ଥିକ ନୀତି ପ୍ରଣୟନ କରିବା ଆବଶ୍ୟକ। ବିମୁଦ୍ରୀକରଣ ଭଳି ଅର୍ଥନୈତିକ ଅସ୍ତ୍ର ବ୍ୟବହାର କରାଯିବା ପୂର୍ବରୁ ଯେଭଳି ବିଚାରବିମର୍ଶର ଆବଶ୍ୟକତା ରହିଥିଲା, ସେହିପରି ଆର୍ଥିକ ନିଷ୍ପତ୍ତି ନିଆଯିବା ଆଗରୁ ଉପଯୁକ୍ତ ଆଲୋଚନା ଓ ସମୀକ୍ଷା ହେବା ଦରକାର। ବିମୁଦ୍ରୀକରଣ ଭଳି ପଦକ୍ଷେପ ଅସମାନତାକୁ ଦୂର କରିବା ପରିବର୍ତ୍ତେ ଧନୀ–ଗରିବ ବ୍ୟବଧାନକୁ ଅଧିକ ବଢ଼ାଇ ଦେଇଥିଲା। କ୍ଷୁଦ୍ର ଓ ଅଣସଂଗଠିତ କ୍ଷେତ୍ର ନଗଦ ରାଶି ଉପରେ ବହୁ ପରିମାଣରେ ନିର୍ଭରଶୀଳ ଥିବାରୁ ସେମାନଙ୍କଠାରେ ଏହାର ନକାରାତ୍ମକ ପ୍ରଭାବ ଅଧିକ ପଡ଼ିଲା। ଅତଏବ ଫ୍ରିବିଜ୍ ବା ବିନାମୂଲ୍ୟରେ ସାମଗ୍ରୀ ଯୋଗାଣ କେବେହେଲେ ଆର୍ଥିକ ଅସମାନତାକୁ ଦୂର କରିପାରିବ ନାହିଁ। ସମାଜର ତଳସ୍ତରରେ ଥିବା ଲୋକଙ୍କୁ ସ୍ୱାବଲମ୍ବୀ କରିବାକୁ ହେଲେ ଆର୍ଥିକ ନୀତି ଓ ଯୋଜନା ସେମାନଙ୍କ ଉପରେ କେନ୍ଦ୍ରିତ ହେବା ଦରକାର।



# ସ୍ୱର୍ଗ କେଉଁଠି, ନର୍କ କେଉଁଠି

ରଞ୍ଜନ କୁମାର ଦାସ

ପାରସ୍ୟ ଦେଶର ଗୋଟେ କାହାଣୀ। ଆହାବ ନାମକ ଜଣେ ଧର୍ମଗୁରୁ ଥିଲେ। ସେ ତାଙ୍କ ଶିଷ୍ୟମାନଙ୍କୁ ସବୁବେଳେ କୁହନ୍ତି, ଭଲକାମ କଲେ ସ୍ୱର୍ଗକୁ ଯିବ, ଖରାପ କାମ କଲେ ନର୍କକୁ ଯିବ। ତାଙ୍କୁ ତାଙ୍କର ଶିଷ୍ୟମାନେ ଥରେ ପଚାରିଲେ, ସ୍ୱର୍ଗ ଆଉ ନର୍କ କେଉଁଠି ? ତା'ର ସ୍ୱରୂପ କ'ଣ ? ଆହାବ ଗୋଟେ କାହାଣୀ କହିଲେ। ଥରେ ଜଣେ ଗୋପାଳକ ତା'ର ଗୋରୁପଲ ଓ ଜଗୁଆଳି କୁକୁର ସହ ଜଙ୍ଗଲକୁ ଯାଇଥିଲା। ଜଙ୍ଗଲରେ ଖୁବ୍ ବଜ୍ରପାତ ହେଲା ଏବଂ ଗୋପାଳକଙ୍କ ସମେତ ତାଙ୍କର ସବୁ ଗୋରୁ ଓ କୁକୁର ମରିଗଲେ। ସେମାନଙ୍କର ମୃତ୍ୟୁ ପରେ ମୃତ୍ୟୁଦୂତମାନେ ଆସି ତାଙ୍କୁ ପରଲୋକକୁ ନେଇଗଲେ। ପାରଲୌକିକ ଜଗତରେ ପହଞ୍ଚିଲା ପରେ ମୃତ୍ୟୁଦୂତ କହିଲେ, ଆଗରେ ସ୍ୱର୍ଗକୁ ରାସ୍ତା। ତମେ ଏଥର ଆଗକୁ ଯାଇପାର। କିଛି ବାଟ ଆଗକୁ ଗଲାପରେ ସେମାନେ ଏକ ସୁସଜ୍ଜିତ ଦ୍ୱାର ଏବଂ ଉଦ୍ୟାନ ଦେଖିଲେ। ଗୋପାଳକର ଆତ୍ମା ଦ୍ୱାରପାଳକୁ ଯାଇ ପଚାରିଲା, ଏଇଟା କୋଉ ଜାଗା ? ଦ୍ୱାରପାଳ କହିଲା ସ୍ୱର୍ଗ। ଗୋପାଳକ କହିଲା, ମୁଁ ଭିତରକୁ ଯାଇପାରିବି ? ଦ୍ୱାରପାଳ କହିଲା, ତମେ ଏକୁଟିଆ ଯାଇପାରିବ, ମାତ୍ର ଏ ପଶୁମାନଙ୍କୁ ନେଇ ନୁହେଁ। ଗୋପାଳକ କହିଲା, ଏମାନେ ବି ତ ଈଶ୍ୱରଙ୍କ ସୃଷ୍ଟି! ମୁଁ ତ କେବେକେବେ କିଛି ପାପ କରିଥିବି, ମାତ୍ର ଏ ନିରୀହ ପଶୁମାନେ ତ କେବେ ପାପ କରି ନ ଥିବେ, ତେବେ ସେମାନେ କାହିଁକି ଭିତରକୁ ଯାଇପାରିବେନି ? ଦ୍ୱାରପାଳ କହିଲା, ମନୁଷ୍ୟମାନେ ଈଶ୍ୱରଙ୍କ ସୃଷ୍ଟି। କିନ୍ତୁ ପଶୁମାନେ ଈଶ୍ୱରଙ୍କ ସୃଷ୍ଟି କି ନାହିଁ ମୁଁ ଜାଣେନି। ସେମାନଙ୍କୁ ମୁଁ ଛାଡ଼ି ପାରିବିନି। ଗୋପାଳକ ତା'ର ପାଳିତ ପଶୁମାନଙ୍କୁ ଏକାକୀ ଛାଡ଼ିବାକୁ ଚାହିଁଲା ନାହିଁ ଏବଂ ଆଗକୁ ବଢ଼ିଚାଲିଲା। କିଛିବାଟ ଗଲା ପରେ ପୁଣି ଏକ ଦ୍ୱାର ଓ ଉଦ୍ୟାନ ପଡ଼ିଲା। ଗୋପାଳକ ସେଠାର ଦ୍ୱାରପାଳକୁ ପଚାରିଲା, ଏ ଜାଗାଟିର ନାମ କ'ଣ ? ଦ୍ୱାରପାଳ କହିଲା ସ୍ୱର୍ଗ। ଗୋପାଳକ ଆଶ୍ଚର୍ଯ୍ୟ ହୋଇ ପଚାରିଲା, ପୂର୍ବ ଦ୍ୱାରର ଦ୍ୱାରପାଳ ମଧ୍ୟ କହୁଥିଲା, ସେଇଟା ସ୍ୱର୍ଗ ବୋଲି ? ଦ୍ୱିତୀୟ ଦ୍ୱାରପାଳ କହିଲା ଏଇଟା ହିଁ ଅସଲ ସ୍ୱର୍ଗ। ସେଇଟା ପ୍ରକୃତରେ ନର୍କ। କାଳେ କିଏ ତା' ଭିତରକୁ ନ ଯିବ ବୋଲି, ତା'ର ପ୍ରବେଶପଥକୁ ଆକର୍ଷଣୀୟ କରାଯାଇଛି। ଗୋପାଳକ ଦ୍ୱାରପାଳକୁ ପଚାରିଲା– ମୁଁ ଯଦି ଏ ଭିତରକୁ ଯାଏ, ମୋ ପାଳିତ ପଶୁମାନେ ଯାଇପାରିବେ ନା ନାହିଁ ? ଦ୍ୱାରପାଳ କହିଲା, ହଁ, ସମସ୍ତଙ୍କ ପାଇଁ ସ୍ୱର୍ଗର ଦ୍ୱାର ଖୋଲା। ସମସ୍ତେ ଈଶ୍ୱରଙ୍କ ସୃଷ୍ଟି। ଏ ୨ପ୍ରକାର କଥା ଶୁଣି ଗୋପାଳକ ଦ୍ୱନ୍ଦ୍ୱରେ ପଡ଼ିଲା। ପ୍ରକୃତ ସ୍ୱର୍ଗଟି କେଉଁଠି ସେ ଜାଣିପାରିଲା ନାହିଁ। ତଥାପି ସେ ଭିତରକୁ ଗଲା। ଭିତରେ ରତ୍ନଖଚିତ ସ୍ତମ୍ଭ ନ ଥିଲା ସତ, ତା'ଭିତରେ ଥିଲା ଅପୂର୍ବ ଶାନ୍ତି। ଚାରିପଟେ ବିଭିନ୍ନ ଜୀବଜନ୍ତୁ ନିର୍ଭୟରେ ବିଚରଣ କରୁଥିଲେ। କେହି କାହା ସହ କଳିତକରାଳ, ଈର୍ଷା ଦ୍ୱେଷରେ ମଗ୍ନ ନ ଥିଲେ।



ଶିଷ୍ୟମାନେ ଆହାବଙ୍କୁ ପଚାରିଲେ, ଏଭଳି ସ୍ଥିତିରେ ଜଣେ ସାଧାରଣ ମଣିଷ କିଭଳି ଜାଣିବ ପ୍ରକୃତ ସ୍ୱର୍ଗ କୋଉଟା ? ଆହାବ କହିଲେ, ସେଇଠି ହିଁ ମଣିଷପଣିଆର ପରୀକ୍ଷା ହେବ, ଯେମିତି ହେଲା ସେ ଗୋପାଳକର। ନିଜ ସ୍ୱର୍ଗ ନିଜେ ଚିହ୍ନିବାକୁ ହିଁ ହେବ। ବାସ୍ତବରେ ଆଜିର ସ୍ଥିତି ଆହାବଙ୍କ ସମୟର ସ୍ଥିତିଠାରୁ ଭିନ୍ନ ନୁହେଁ। ଏ ପୃଥିବୀପୃଷ୍ଠରେ ଅନେକ ଧର୍ମ, ଅନେକ ବିଶ୍ୱାସ, ଅନେକ ଧର୍ମଗୁରୁ। ସମସ୍ତେ କହୁଛନ୍ତି, ଆମେ ହିଁ ଈଶ୍ୱରଙ୍କ ଦୂତ। ଈଶ୍ୱର ଆମକୁ ବାଛିଛନ୍ତି ତମକୁ ସ୍ୱର୍ଗର ବାଟ ଦେଖେଇବାକୁ। ତମେ ଆସ ଏବଂ ଆମର ଶରଣ ନିଅ। ଆମ ମାର୍ଗ ହିଁ ପ୍ରକୃତ ମାର୍ଗ। ଆମେ ହିଁ କେବଳ ତମକୁ ଦେବୁ ଅମରତ୍ୱ ଓ ସ୍ୱର୍ଗଲୋକର ସ୍ୱାଦ। ସାଧାରଣ ଜନତା ପାଖରେ ସବୁ ଧର୍ମଗୁରୁ ତହୁଁତହୁଁ ବଳି କଥା ମାନ କହି ସେମାନଙ୍କ ମନ ମୋହି ନିଅନ୍ତି। ସେମାନଙ୍କ ଭିତରେ ଗୋଟେ ଅଘୋଷିତ ପ୍ରତିଯୋଗିତା ଲାଗିଛି ନିଜ ଅନୁଗାମୀମାନଙ୍କ ସଂଖ୍ୟା ବଢ଼େଇବା ପାଇଁ। ଏ ପ୍ରତିଯୋଗିତାର ଦୌଡ଼ରେ ସାଧାରଣ ନିରୀହ ମୁକ୍ତିକାମୀ ମଣିଷଟିଏ ଦ୍ୱନ୍ଦ୍ୱରେ ପଡ଼ିଯାଏ। ସେ ସ୍ଥିର କରିପାରେନା ତାକୁ ଅସଲ ମୁକ୍ତି କିଏ ଦେଇପାରିବ। କିଏ ତାକୁ ସ୍ୱର୍ଗରେ ପହଞ୍ଚେଇପାରିବ ?

ସ୍ୱର୍ଗର ସନ୍ଧାନରେ ମଣିଷ ଯୁଗ ପରେ ଯୁଗ, ପୁରୁଷ ପରେ ପୁରୁଷ ହରେଇ ସାରିଛି ତା' ଜୀବନ ଧାରଣର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଅଦେଖା ସ୍ୱର୍ଗକୁ ଖୋଜିଖୋଜି ମଣିଷ ତା' ଜୀବନକୁ ମଧ୍ୟ କରିସାରିଛି ନର୍କ। ଧର୍ମ ଧର୍ମ ମଧ୍ୟରେ ଚାଲିଛି ଲଢ଼େଇ। ଧର୍ମଯୁଦ୍ଧରେ ଜୀବନ ହାରୁଥିବା ଲୋକେ କୋଉ ଲୋକରେ ସ୍ଥାନ ପାଉଥିବେ ତାହା କିଏ ବା କହିବ ? ଈଶ୍ୱର ମଣିଷକୁ ସୃଷ୍ଟି କରିଥିଲେ ଏ ମର୍ତ୍ତ୍ୟଲୋକକୁ ସ୍ୱର୍ଗ କରିବା ପାଇଁ। ମାତ୍ର ମଣିଷ ଏ ମର୍ତ୍ତ୍ୟକୁ ନର୍କଲୋକରେ ପରିଣତ କରି ଖୋଜୁଛି ଏକ ନୂତନ ସ୍ୱର୍ଗ। ବୁଲୁଛି ତୀର୍ଥ ପରେ ତୀର୍ଥ। ଗଢୁଛି ଓ ପୂଜୁଛି ଈଶ୍ୱର ପରେ ଈଶ୍ୱର। ଏ ପ୍ରକ୍ରିୟାରେ ପ୍ରତିଦିନ କେତେ ନା କେତେ ଈଶ୍ୱର ସୃଷ୍ଟି ହେଉଛନ୍ତି ରାସ୍ତାକଡ଼ରେ, ଗଛମୂଳରେ, ଗୁମ୍ଫା ଭିତରେ, ପଥର ସନ୍ଧିରେ। ଈଶ୍ୱର ତ ପରମାତ୍ମା। ସେ ସ୍ୱର୍ଗରେ ରହିବା କଥା। ସେ ଏ ରାସ୍ତାକଡ଼ରେ, ଗଛମୂଳରେ, ଗୁମ୍ଫା ଭିତରେ, ପଥର ସନ୍ଧିରେ କରୁଛନ୍ତି କ'ଣ ? ଆମେ ତାଙ୍କ ପାଖକୁ ଯିବାର ପ୍ରୟାସ ନ କରି, ତାଙ୍କୁ ଏଠିକି ନେଇଆସିଲେ ଏ ପୂତି ଗନ୍ଧମୟ ନର୍କତୁଲ୍ୟ ମର୍ତ୍ତ୍ୟକୁ! କେବେ ତାଙ୍କୁ ଶିଡ଼ିରେ, ପାହାଚରେ, ବରଣ୍ଡାରେ ପାନଛେପର ପରିସର ଭିତରେ ବସେଇଦେଉଚେ, ପ୍ରହରୀ କରି କେବେ ତାଙ୍କୁ ମୋ କାମଟି କରିଦିଅ ବୋଲି କହି ଲାଞ୍ଚ ମିଛରେ ପୋତି ପକାଉଛେ ?

ପ୍ରକୃତ କଥା ହେଲା ସ୍ୱର୍ଗ ବା ନର୍କ କୋଉଠି, କେମିତି ଅଛି କିଏ ସେ କଥା ଦେଖିଛି ? ସେସବୁ କେବଳ କଳ୍ପନାର କଥା। ସ୍ୱର୍ଗର ଲୋଭ ଦେଖେଇ ମଣିଷକୁ ଭଲରାସ୍ତାରେ ନେବା ଓ ନର୍କର ଭୟ ଦେଖେଇ ମଣିଷକୁ ଅସତ୍ୟ ମାର୍ଗରୁ ନିବୃତ୍ତ କରିବା ସବୁ ଧର୍ମର ଲକ୍ଷ୍ୟ। ଆମ କର୍ମ ହିଁ ଆମକୁ ସ୍ୱର୍ଗ ବା ନର୍କର ସମୀପବର୍ତ୍ତୀ କରାଏ। ଭଲ କାମର ଫଳ ବା ଖରାପ କାମର ଫଳ ଆମେ ଏଇ ଜନ୍ମରେ ହିଁ ପାଇଯାଉ। ସେଥିପାଇଁ ମୃତ୍ୟୁ ପରବର୍ତ୍ତୀ ସମୟକୁ ଅପେକ୍ଷା କରିବାର ଆବଶ୍ୟକତା ନାହିଁ। ଆମେ ଚାହିଁଲେ ଆମ ଚାରିପଟେ ସ୍ୱର୍ଗ ସୃଷ୍ଟି ହୋଇପାରେ, ଚାହିଁଲେ ଜୀବନ ହୋଇପାରେ ନର୍କ। ସ୍ୱର୍ଗର ବାଟ ଭାୟା କୋଉ ମନ୍ଦିର ଦେଇ ଯାଇନାହିଁ ଯେ ସେଠି ଥରେ ପହଞ୍ଚିଗଲେ ସେଠୁ ସହଜରେ ସ୍ୱର୍ଗକୁ ଚାଲିଯାଇହେବ। ଯେଉଁମାନେ ଆମକୁ ସ୍ୱର୍ଗକୁ ନେଇଯିବେ ବୋଲି ମିଛ ଆସ୍ଫାଳନ କରୁଛନ୍ତି ସେମାନେ ବି ଆଗରୁ ସ୍ୱର୍ଗକୁ ଯାଇଛନ୍ତି କି ନାହିଁ, ସେଠାର ବାଟ ଦେଖିଛନ୍ତି କି ନାହିଁ ତାହା ପରଖିବାକୁ ପଡ଼ିବ। ନ ହେଲେ ସେମାନେ ବାଟ ଭୁଲାଇ କୋଉ ନର୍କରେ ନେଇ ପହଞ୍ଚାଇ ଯେ ନ ଦେବେ ସେକଥା କିଏ କହିବ ? ନିଜେ ନ ମଲେ, ନିଜେ ସାଧନା ନ କଲେ ସ୍ୱର୍ଗ ଦେଖିହୁଏନା। ଗୌତମ ବୁଦ୍ଧ ନିଜେ ନିଜର ସାଧନା ବଳରେ ବୁଦ୍ଧତ୍ୱ ପ୍ରାପ୍ତ ହୋଇଗଲେ। ମାତ୍ର ତାଙ୍କୁ ଅନୁସରଣ କରି କରି ଅନ୍ୟମାନେ ଶ୍ରମଣ ହୋଇ ରହିଗଲେ ସିନା, ଆଉ ଜଣେ ବୁଦ୍ଧ କେହି ବାହାରିଲେ କି ? ତେଣୁ ସ୍ୱର୍ଗର ବାଟ ନ ଖୋଜି, ନିଜ ଚାରିପଟେ ସ୍ୱର୍ଗଟିଏ ଗଢ଼ିବାର ପ୍ରୟାସ କରନ୍ତୁ ନା! ପଥଶ୍ରମ ଦୂରହେବ, କ୍ଳାନ୍ତି ଦୂରହେବ, ଦିଗ ହଜେଇବାର ଭୟ ରହିବ ନାହିଁ।

**ନିର୍ଦ୍ଦେଶକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**
**ମୋ: ୯୪୩୭୨୮୬୫୧୨**



# ପ୍ରଭାବିତ ହେବ ନଦୀ ଓ ଖାଦ୍ୟ ସୁରକ୍ଷା

ଈପ୍ସିତା ମହାନ୍ତି

ନିକଟରେ ବ୍ରିଟେନ୍‌ର ଲିଡସ ବିଶ୍ୱବିଦ୍ୟାଳୟ ଦ୍ୱାରା ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ବିଶ୍ୱର ଅନ୍ୟ ହିମନଦୀ ତୁଳନାରେ ହିମାଳୟ ଅଞ୍ଚଳର ହିମନଦୀଗୁଡ଼ିକ ଦ୍ରୁତଗତିରେ ଅସ୍ତିତ୍ୱ ହରାଇ ଚାଲିଛନ୍ତି। ମଧ୍ୟ ୟୁରୋପର ଆଲପସ, କକେସସ ଏବଂ ସ୍କେଣ୍ଡିନାଭିୟା ପରି ଏସବୁ ହିମନଦୀରେ ବରଫର ମାତ୍ରା ଲଗାତର ହ୍ରାସ ପାଉଛି। ବୈଜ୍ଞାନିକଙ୍କ ମତରେ ତ୍ରୟୋଦଶ ଶତାବ୍ଦୀରୁ ଊନବିଂଶ ଶତାବ୍ଦୀ ମଧ୍ୟରେ ହିମାଳୟସ୍ଥ ବରଫାବୃତ ଅଞ୍ଚଳର ପ୍ରାୟ ୪୦ ପ୍ରତିଶତ କ୍ଷେତ୍ର ସଂକୁଚିତ ହୋଇଛି। ଏହି ଅବଧିରେ ଏହାର କ୍ଷେତ୍ରଫଳ ୨୮ହଜାର ବର୍ଗ କିଲୋମିଟରରୁ ହ୍ରାସ ପାଇ ୧୯୬୦୦ବର୍ଗ କିଲୋମିଟରରେ ପହଞ୍ଚିଛି। ଗତ କିଛି ଦଶନ୍ଧି ମଧ୍ୟରେ ବରଫ ତରଳିବାର ହାର କ୍ରମଶଃ ବୃଦ୍ଧି ପାଇଛି, ଯାହାର ସମ୍ବନ୍ଧ ସିଧାସଳଖ ଜଳବାୟୁ ପରିବର୍ତ୍ତନ ସହ ଜଡ଼ିତ। ବୈଜ୍ଞାନିକମାନେ ଗତ ଦୁଇ ଦଶନ୍ଧି ଧରି ହିମାଳୟସ୍ଥ ହିମନଦୀ ଉପରେ କେବଳ ଗବେଷଣା କରୁନାହାନ୍ତି ବରଂ ସେଠାରେ ବରଫ ତରଳିବାର କାରଣ ଓ ତାହାର ଗତି ସମ୍ବନ୍ଧରେ ଅଧ୍ୟୟନ ଜାରି ରଖିଛନ୍ତି। ଏଥିରୁ ହିମାଳୟ ଅଞ୍ଚଳରେ ୩୯୦ରୁ ୫୮୬ ଘନ କିଲୋମିଟର ପର୍ଯ୍ୟନ୍ତ ବରଫ ତରଳିଥିବା ଜଣାଯାଇଛି; ଯେଉଁଥିପାଇଁ ବିଶ୍ୱ ବ୍ୟାପୀ ସାମୁଦ୍ରିକ ଜଳ ସ୍ତର ୦.୯୨ରୁ ୧.୩୮ମିଲିମିଟର ବୃଦ୍ଧି ଘଟିଛି।

ତରଳୁଥିବା ବରଫର ଆକଳନ ପାଇଁ ଅନୁସନ୍ଧାନକାରୀମାନେ ନାସାର ମାଧ୍ୟାକର୍ଷଣ ପୁନରୁଦ୍ଧାର ଏବଂ ଜଳବାୟୁ ପରୀକ୍ଷଣ ଉପଗ୍ରହକୁ ପ୍ରୟୋଗ କରିଛନ୍ତି। ଏହା ମାଧ୍ୟମରେ ହିମନଦୀରେ ବରଫ ତରଳିବାର କାରଣ ସହ ଦୁନିଆରେ ମାଧ୍ୟାକର୍ଷଣ ଶକ୍ତିର ତାରତମ୍ୟକୁ ମାପ କରାଯାଉଛି। ଏହା ସାହାଯ୍ୟରେ କେବଳ ସମୁଦ୍ରରେ ବଢୁଥିବା ଜଳସ୍ତରକୁ ମାପ କରାଯାଉ ନାହିଁ ବରଂ ପୃଥିବୀର କେଉଁ ଅଞ୍ଚଳରେ ଜଳ ଏବଂ ବରଫର ସ୍ତର ବୃଦ୍ଧି ପାଉଛି ତାହାର ସୂଚନା ମିଳୁଛି। ଗ୍ରୀନଲ୍ୟାଣ୍ଡ, ଆଲାସ୍କା ଏବଂ ହିମାଳୟ ଆଦି ଅଞ୍ଚଳରେ ହିମଖଣ୍ଡ ବଢୁଛି ନା କମୁଛି ତାହା ଜଣାପଡୁଛି। ସମୁଦ୍ର ପତ୍ତନ ସମଭାବରେ ବୃଦ୍ଧି ପାଉଛି ନା ସମୁଦ୍ରର ବିଭିନ୍ନ ଭାଗରେ ଜଳସ୍ତର ଭିନ୍ନ ଭିନ୍ନ ଭାବରେ ବୃଦ୍ଧି ପାଉଛି– ଏହା ଦ୍ୱାରା ଏସବୁ ତଥ୍ୟ ସମୁଦ୍ର ବିଜ୍ଞାନୀମାନେ ସହଜରେ ଆକଳନ କରିପାରୁଛନ୍ତି।

ବ୍ରହ୍ମପୁତ୍ର, ଗଙ୍ଗା, ସିନ୍ଧୁ ଆଦି ଭାରତୀୟ ନଦୀଗୁଡ଼ିକୁ ହିମାଳୟସ୍ଥ ହିମଖଣ୍ଡ ଜଳ ଯୋଗାଇଥାଏ। ହିମାଳୟ ଅଞ୍ଚଳର ବରଫ ତରଳୁଥିବା ହେତୁ ଉକ୍ତ ନଦୀଗୁଡ଼ିକରେ କିଛି ସମୟ ପାଇଁ ଯଦିଓ ଜଳ ପ୍ରବାହ ସ୍ଥିର ରହିବ କିନ୍ତୁ ଆଗାମୀ ଦିନରେ ଏହି ନଦୀର ଜଳ ସ୍ତର ହ୍ରାସ ପାଇବ ବୋଲି ବୈଜ୍ଞାନିକମାନେ ସତର୍କ କରାଇଛନ୍ତି। ଏକ ଅଧ୍ୟୟନରୁ ଜଣାପଡିଛି ଯେ, ପୂର୍ବ ନେପାଳ ଏବଂ ଭୁଟାନର ପୂର୍ବାଞ୍ଚଳରେ ବରଫ ଦ୍ରୁତ ଗତିରେ ତରଳୁଛି। ଭାରତରେ ପ୍ରାୟ ୨୦ଲକ୍ଷ ବର୍ଗ କିଲୋମିଟରରୁ ଊର୍ଦ୍ଧ୍ୱ ଅଞ୍ଚଳ ବିବିଧ କୃଷି–ଜଳବାୟୁ କ୍ଷେତ୍ର ରହିଛି। ଏଥିମଧ୍ୟରେ ଉତ୍ତର–ପଶ୍ଚିମସ୍ଥ ଥର୍ ମରୁଭୂମିଠାରୁ ଲଦାଖର ଶୀତଳ ମରୁଭୂମି ପର୍ଯ୍ୟନ୍ତ ଶୁଷ୍କ ଅଞ୍ଚଳ ସହ ଉତ୍ତର–ପୂର୍ବ ଏବଂ ପଶ୍ଚିମ ଘାଟର କେତେକ ଅଧିକ ବୃଷ୍ଟିପାତ ଅଞ୍ଚଳ ଅନ୍ତର୍ଭୁକ୍ତ।



ବୈଜ୍ଞାନିକମାନେ ବିଶ୍ୱାସ କରନ୍ତି ଯେ ସମ୍ପ୍ରତି ଜଳବାୟୁ ଢାଞ୍ଚାରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆସିଛି। ପ୍ରଥମତଃ ଉତ୍ତର ଭାରତର ଅଧିକାଂଶ ଅଞ୍ଚଳରେ ଶୀତଋତୁ ଯଥେଷ୍ଟ ପୂର୍ବରୁ ସମାପ୍ତ ହେଉଛି, ଗ୍ରୀଷ୍ମ ଋତୁ ମଧ୍ୟ ଶୀଘ୍ର ଚାଲି ଯାଉଛି। ଯେଉଁଥିପାଇଁ ବିହନ ଏବଂ ଫସଲ ଢାଞ୍ଚାରେ ପରିବର୍ତ୍ତନ ଦେଖାଗଲାଣି। ବିଶେଷଜ୍ଞଙ୍କ ମତରେ ପୂର୍ବାପେକ୍ଷା ସମୁଦ୍ର ପତ୍ତନ ଦ୍ରୁତ ଗତିରେ ବୃଦ୍ଧି ପାଇଚାଲିଛି। ବୈଜ୍ଞାନିକଙ୍କ ଆକଳନ ଅନୁଯାୟୀ ୨୦୨୩ ଶେଷ ସୁଦ୍ଧା ସମୁଦ୍ର ପତ୍ତନ ୧ ମିଟର ବୃଦ୍ଧି ପାଇବ। ଏହି କାରଣରୁ କୋଲକାତା, ମୁମ୍ବାଇ, ସୁରଟ ଏବଂ ଚେନ୍ନାଇ ଭଳି ଉପକୂଳବର୍ତ୍ତୀ ସହର ଅଧିକ ମାତ୍ରାରେ ପ୍ରଭାବିତ ହେବ। ଭାରତର ସମୁଦ୍ର ପତ୍ତନ ୫୦ସେମି ବୃଦ୍ଧି ପାଇଲେ ଏସବୁ ସହରରେ ଭୟଙ୍କର ବନ୍ୟା ପରିସ୍ଥିତି ସୃଷ୍ଟି ହେବ। ଚଳିତ ଶତାବ୍ଦୀର ମଧ୍ୟଭାଗ ସୁଦ୍ଧା ପୃଥିବୀର ଏକାଧିକ ଅଞ୍ଚଳରେ ସମୁଦ୍ର ପତ୍ତନର ବୃଦ୍ଧି ଘଟଣା ଦୃଶ୍ୟମାନ ହେବ; ଯାହା ଅନେକ ନିମ୍ନ ଉପକୂଳବର୍ତ୍ତୀ ସହର ଏବଂ ଛୋଟବଡ ଦ୍ୱୀପପୁଞ୍ଜ ପ୍ରତି ବିପଦ ସୃଷ୍ଟି କରିବ। ଭାରତରେ ୭୫୦୦ବର୍ଗ କିଲୋମିଟରର ବିସ୍ତୀର୍ଣ୍ଣ ଉପକୂଳବର୍ତ୍ତୀ ଅଞ୍ଚଳ ପାଇଁ ଜଳବାୟୁ ପରିବର୍ତ୍ତନର ପ୍ରଭାବ ବି ବଡ଼ ବିପଦ ସୃଷ୍ଟି କରିବ।

ଆଭ୍ୟନ୍ତରୀଣ ବିସ୍ଥାପନ ମନିଟରିଂ ସେଣ୍ଟରର ତଥ୍ୟ ଅନୁଯାୟୀ ୨୦୦୮ ରୁ ୨୦୧୮ମଧ୍ୟରେ ବିଶେଷତଃ ମୌସୁମୀ ବର୍ଷାଜନିତ ବନ୍ୟାରେ ପ୍ରାୟ ୩୬ଲକ୍ଷ ଭାରତୀୟଙ୍କ ବିସ୍ଥାପନ ହୋଇଥିଲା। ଏଥିଯୋଗୁ ସମସ୍ତ ଘରୋଇ ଉତ୍ପାଦ ଦୃଷ୍ଟିରୁ ସହସ୍ର କୋଟି ଟଙ୍କା ଅଯଥା ପାଣିରେ ପଡ଼ିଲା। ବାରମ୍ବାର ବନ୍ୟା, ବାତ୍ୟା, ଘୂର୍ଣ୍ଣିବଳୟ ଭଳି ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବାରୁ ପଶ୍ଚିମବଙ୍ଗ, ଓଡ଼ିଶା ଏବଂ ମହାରାଷ୍ଟ୍ର ଭଳି ରାଜ୍ୟ ପ୍ରତିବର୍ଷ ଏକାଧିକ ସାମାଜିକ ଓ ଅର୍ଥନୈତିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନେକ ଦଶନ୍ଧିଧରି ସମୁଦ୍ର ପତ୍ତନର ବୃଦ୍ଧି ଜାରିରହିଛି। ଅଧ୍ୟୟନ ଅନୁଯାୟୀ ଏହି କାରଣରୁ ଅନେକ ଦ୍ୱୀପପୁଞ୍ଜ ଜଳମଗ୍ନ ହୋଇଛି। ସୁନ୍ଦରବନରେ ୩ଟି ଦ୍ୱୀପପୁଞ୍ଜ ଜଳମଗ୍ନ ହେବା ସହ ଅନ୍ୟ ଦ୍ୱୀପପୁଞ୍ଜ ମଧ୍ୟ ଆଜି ବୁଡ଼ିବା ଦ୍ୱାରଦେଶରେ। ଆଗାମୀ ଦିନରେ ଏଭଳି ଅନେକ ଦ୍ୱୀପ ସମୁଦ୍ର ମଧ୍ୟରେ ଲୀନ ହୋଇଯିବାର ଆଶଙ୍କା ପ୍ରକାଶ ପାଇଛି। ଓଡ଼ିଶା ବି ଏଭଳି ସଂକଟରେ ପେଷି ହେଉଛି। ଗଞ୍ଜାମ ଜିଲା ପୋଡମପେଟ୍ଟାର କିଛି ଘର ସମୁଦ୍ର ଗର୍ଭରେ ଲୀନ ହୋଇ ସାରିଲାଣି। ସେହିପରି କେନ୍ଦ୍ରାପଡା ଜିଲା ସାତଭାୟାର ୭ଖଣ୍ଡ ଗାଁକୁ ସମୁଦ୍ର ଗିଳି ସାରିଲାଣି।

ଜଳବାୟୁ ପରିବର୍ତ୍ତନର ବଢୁଥିବା ପ୍ରଭାବ ଯୋଗୁ ନଦୀଗୁଡ଼ିକରେ ଜଳସ୍ତର ହ୍ରାସ ପାଇବ। କୃଷିକ୍ଷେତ୍ର ହ୍ରାସ ପାଇବ। ଖାଦ୍ୟ ସମସ୍ୟା ଦେଖାଦେବ। ଏହି ପରିପ୍ରେକ୍ଷୀରେ ଜଳବାୟୁ ଏବଂ ବିକାଶ ସମ୍ବନ୍ଧରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଅନେକ ପରିବାରକୁ ବିସ୍ଥାପିତ ହେବାକୁ ପଡ଼ିବ। ଜଳବାୟୁ ପରିବର୍ତ୍ତନ ଏବଂ ସମୁଦ୍ରର ଜଳସ୍ତର ବୃଦ୍ଧି ଲକ୍ଷଲକ୍ଷ ଲୋକଙ୍କୁ କେବଳ ସ୍ଥାନାନ୍ତର ହେବାକୁ ବାଧ୍ୟ କରିବ ନାହିଁ, ଭୟଙ୍କର ଖାଦ୍ୟ ସମସ୍ୟା ସହ ବାସସ୍ଥାନର ଅଭାବ ସୃଷ୍ଟି କରିବ। ତେଣୁ ଏ ଦିଗରେ ତୁରନ୍ତ ସକାରାତ୍ମକ ପଦକ୍ଷେପ ଜରୁରୀ।

**ବୈପାରୀଗୁଡ଼ା, କୋରାପୁଟ**
**ମୋ– ୬୩୭୦୬୭୯୪୦୫**

## ଏଇ ଭାରତରେ

ବାୟୁ ପ୍ରଦୂଷଣ ରୋକିବା ସହ ବିଶ୍ୱତାପନ ନିୟନ୍ତ୍ରଣକରି ଏକ ସହନୀୟ ବିଶ୍ୱ ପ୍ରତିଷ୍ଠା କରିବା ପାଇଁ ବୈଦ୍ୟୁତିକ ଯାନ ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ବହୁ କମ୍ପାନୀ ସେମାନଙ୍କ ଜ୍ଞାନକୌଶଳ ଉପଯୋଗ କରୁଥିବା ସମୟରେ ବେଙ୍ଗାଲୁରୁର ଷ୍ଟାର୍ଟଅପ୍ ଅଲ୍‌ଟିଗ୍ରୀନ୍ ୧୫ ମିନିଟ୍‌ରେ ଚାର୍ଜ ହେଉଥିବା ତିନିଚକିଆ ଯାନ ଭେଟିଦେଇଛି। ଅଲ୍‌ଟିଗ୍ରୀନ୍‌ର ପ୍ରତିଷ୍ଠାତା ଡ. ଅମିତାଭ ସରନ ଓ ସହ ପ୍ରତିଷ୍ଠାତା ହେଉଛନ୍ତି ଅରୁଣ ବିନାୟକ। ଏହା ବିଶ୍ୱରେ ସବୁଠୁ ଶୀଘ୍ର ଚାର୍ଜ ହେଉଥିବା ଯାନ। ଥରେ ଚାର୍ଜ ହେଲେ ଏହା ଘଣ୍ଟାକୁ ୮୦–୮୫ କି.ମି. ଯାଇପାରୁଛି। ବ୍ୟାଟେରିର ୱାରେଣ୍ଟି ୫ ବର୍ଷ କିମ୍ବା ୧.୫୬ ଲକ୍ଷ କି.ମି. ରଖାଯାଇଛି। ଉକ୍ତ ତିନିଚକିଆ ଯାନର ମୂଲ୍ୟ ୩ ଲକ୍ଷ ୫୫ ହଜାର ଟଙ୍କା। ଏବେ ସୁଦ୍ଧା ବେଙ୍ଗାଲୁରୁରେ ଏହି ଯାନ ପାଇଁ ୨୦ଟି ଚାର୍ଜିଂ ଷ୍ଟେଶନ କରାଯାଇଛି। ଚଳିତ ମାସ ସୁଦ୍ଧା ୧୦ଟି ଓ ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୧୦୦ଟିର ଯୋଜନା କରାଯାଇଛି ବୋଲି କହନ୍ତି ବିନାୟକ।

## ୨୫ ବର୍ଷ ତଳର ଧରିତ୍ରୀ

୧୭ ଜାନୁୟାରୀ ୧୯୯୮

- ୯୫୦ କୋଟି ଟଙ୍କାର ବିହାର ଗୋଖାଦ୍ୟ ଦୁର୍ନୀତି ମାମଲାର ଦୁଇ ପ୍ରମୁଖ ଅଭିଯୁକ୍ତଙ୍କ ବ୍ୟାଙ୍କ ଆକାଉଣ୍ଟ ଓ ୭ଟି ଲକର ଅଚଳ।
- କେନ୍ଦ୍ର ବୟନ ଶିଳ୍ପ ମନ୍ତ୍ରୀ ଆର୍.ଏଲ୍. ଜଲାପ୍ପାଙ୍କ ଜନତା ଦଳ ଛାଡ଼ି କଂଗ୍ରେସରେ ଯୋଗଦାନ।
- ମହାତ୍ମା ଗାନ୍ଧୀଙ୍କ ଅଣନାତି ତୁଷାର ଗାନ୍ଧୀଙ୍କ ସମାଜବାଦୀ ପାର୍ଟିରେ ଯୋଗଦାନ।
- ହାଇକୋର୍ଟର ସ୍ଥାୟୀ ବିଚାରପତି ଭାବେ ସି.ଆର୍. ପାଲଙ୍କ ଦାୟିତ୍ୱ ଗ୍ରହଣ।

## ଚିରନ୍ତନୀ

ଯାଏ ଯେହୁ ବିସ୍ମୃତି ତଳେ
ଫେରିଆସେ ପୁଣି ହୋଇ ନୂଆ
ତୋଟାତଳ କୁଡ଼ିଆରୁ ଏଇ
କି ଶବଦ କାନେ ଆସେ ଡେଇଁ
କିଏ ଡାକେ କୁଆଁ କୁଆଁ କୁଆଁ
ପୁରାତନ ଫେରେ ହୋଇ ନୂଆ।
–(ପୌଷ–ମଳୟ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | | | | 6 | | 2 | |
| 9 | 8 | | | | | | | |
| | | 2 | 3 | | | | | 7 |
| 3 | 2 | 1 | 6 | 8 | | | | |
| | 9 | | 1 | | | | | |
| | 6 | | | | 2 | 4 | 8 | |
| 4 | | | | | | 5 | | 8 |
| | | | | | 5 | | 7 | |
| | | 3 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 2 | 7 | 1 | 5 | 8 | 4 | 3 | 6 |
| 1 | 5 | 3 | 6 | 4 | 7 | 8 | 9 | 2 |
| 8 | 4 | 6 | 2 | 9 | 3 | 5 | 1 | 7 |
| 3 | 7 | 8 | 9 | 6 | 4 | 1 | 2 | 5 |
| 4 | 1 | 2 | 7 | 8 | 5 | 3 | 6 | 9 |
| 6 | 9 | 5 | 3 | 1 | 2 | 7 | 4 | 8 |
| 2 | 3 | 4 | 8 | 7 | 9 | 6 | 5 | 1 |
| 5 | 8 | 1 | 4 | 2 | 6 | 9 | 7 | 3 |
| 7 | 6 | 9 | 5 | 3 | 1 | 2 | 8 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଭ୍ରମଣକାରୀଙ୍କୁ ସୁରକ୍ଷା ମିଳୁ

ମହାଶୟ,

ଆଜିକାଲି ଅଧିକ ଗାଡ଼ି ମୋଟର ଚଳାଚଳ ହେଉଥିବାରୁ ପଥଚାରୀ ଓ ପ୍ରାତଃ– ସନ୍ଧ୍ୟା ଭ୍ରମଣକାରୀମାନେ ବିପଦସଙ୍କୁଳ ଜୀବନ ବିତାଉଛନ୍ତି। ପ୍ରତିଦିନ ଚଲାବୁଲା କରିବା ସ୍ୱାସ୍ଥ୍ୟପକ୍ଷେ ହିତକର। ତେଣୁ ରାତି ପାହିଲେ ଅଧିକାଂଶ ପିଲାଠାରୁ ବରିଷ୍ଠ ନାଗରିକ ପର୍ଯ୍ୟନ୍ତ ପ୍ରାତଃ ଭ୍ରମଣକୁ ଆଦରି ନେଉଛନ୍ତି। ସାମାନ୍ୟ ଅସାବଧାନ ହେଲେ ଦ୍ରୁତଗତିରେ ଯାଉଥିବା ଯାନବାହନ ମାଡ଼ିଯାଉଛି ଏବଂ ବିଶେଷକରି ଅନେକ ବୟସ୍କ ବ୍ୟକ୍ତି ମୃତ୍ୟୁର ଶିକାର ହେଉଛନ୍ତି। ଜନଗହଳିପୂର୍ଣ୍ଣ ରାସ୍ତା ଅତିକ୍ରମ କରିବାକୁ ବହୁ ସମୟ ଅପେକ୍ଷା କରିବାକୁ ପଡୁଛି। ବରିଷ୍ଠ ନାଗରିକମାନେ 'ମୋ ବସ୍'ରେ ଯିବା ସମୟରେ ପକେଟମାର୍‌ଙ୍କ ଶିକାର ହେଉଛନ୍ତି। ପଥଚାରୀମାନେ ରାସ୍ତା ପାର୍ଶ୍ୱରେ ଚାଲିବା ଓ ସାଇକେଲରେ ଯିବା ପାଇଁ ଟ୍ରାକ୍ କରାଯାଇଛି। କିନ୍ତୁ କେତେକ ଜବରଦଖଲକାରୀ ରାସ୍ତା ପାର୍ଶ୍ୱ ଜାଗାକୁ ଅନ୍ୟ କାମରେ ଲଗାଉଛନ୍ତି। ରାସ୍ତା ଅବରୋଧ ହୋଇଥିଲେ ମଧ୍ୟ କହିବାକୁ କେହି ନାହିଁ। ଘରୁ ଚାଲିଚାଲି ସକାଳେ ଓ ସନ୍ଧ୍ୟାରେ ପାର୍କ ଯିବା ସମୟରେ ବୁଲାକୁକୁର ଓ ଗୋରୁ ପ୍ରତିବନ୍ଧକ ସୃଷ୍ଟି କରୁଥିବାର ଦେଖାଯାଉଛି। ବିଏମ୍‌ସି କର୍ତ୍ତୃପକ୍ଷ ମୁଖ୍ୟ ରାସ୍ତାରୁ ବୁଲା ଗାଈ ଓ ଷଣ୍ଢ ହଟାଇଥିଲେ ମଧ୍ୟ ଅନେକ ରାସ୍ତାର ଅନାୟାସରେ ବିଚରଣ କରୁଛନ୍ତି। ଲୋକେ ରାସ୍ତା ପାର୍ଶ୍ୱରେ ଚାଲିବା ପରିବର୍ତ୍ତେ ପାର୍କରେ ଭ୍ରମଣ କରିବାକୁ ନିରାପଦ ମଣୁଛନ୍ତି। ପ୍ରତ୍ୟେକ ପାର୍କ ଆଲୋକୀକରଣ କରିବା ସଙ୍ଗେ ସଙ୍ଗେ ସଙ୍ଗୀତ ଧ୍ୱନି ସହ ବ୍ୟାପକ ମନୋରଞ୍ଜନର ବ୍ୟବସ୍ଥା କଲେ ଲୋକେ ରାସ୍ତାରେ ନ ବୁଲି ପାର୍କ ପ୍ରତି ଆକୃଷ୍ଟ ହୁଅନ୍ତେ।

**–ନିର୍ମଳ ଚନ୍ଦ୍ର ସାମଲ, ପୋଖରୀପୁଟ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଜିଲାପାଳଙ୍କୁ ଘେରିଲେ ଏସ୍‌ଏଚ୍‌ଜି ମହିଳା

ଧର୍ମଶାଳା,୧୬।୧(ଡି.ଏନ.ଏ.)


ଅଭିଯୋଗ ଶିବିରରେ ଜିଲାପାଳଙ୍କୁ ମହିଳାମାନେ ଘେରାଉ କରୁଛନ୍ତି ।

ଧର୍ମଶାଳା ବ୍ଲକରେ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣୀ ସୋମବାର ଚାଲିଥିବା ବେଳେ ଏଣ୍ଡଳବା ପଞ୍ଚାୟତର ଏସ୍‌ଏଚ୍‌ଜି ମହିଳାମାନେ ନିଜର ଅଭିଯୋଗକୁ ନେଇ ଜିଲାପାଳଙ୍କୁ ଘେରିଥିଲେ । ଏହାକୁ ନେଇ କିଛି ସମୟ ପାଇଁ ସେଠାରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା ।

ସୂଚନା ଅନୁଯାୟୀ, ଧର୍ମଶାଳା ବ୍ଲକ କାର୍ଯ୍ୟାଳୟରେ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣୀ ଥିଲା । ଏଥିରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଯୋଗଦେଇ ଲୋକମାନଙ୍କ ବିଭିନ୍ନ ସମସ୍ୟା ବୁଝିଥିଲେ । ପରେ ସେ ଅଭିଯୋଗ ଶୁଣାଣୀ ସାରି ଫେରୁଥିବା ସମୟରେ ଏଣ୍ଡଳବା ପଞ୍ଚାୟତର ମହାଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଜିଲାପାଳଙ୍କୁ ଘେରିଯାଇଥିଲେ । ଏହି ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ ସେଠାରେ ନିୟୋଜିତ ପୋଲିସ କର୍ମଚାରୀମାନେ ମହିଳାମାନଙ୍କୁ ଅଟକାଇଥିଲେ । ଅଭିଯୋଗ ମୁତାବକ ସଂପୃକ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ସେଠାକାର ଜଣେ ବ୍ୟାଙ୍କ ମିତ୍ରଙ୍କ ସହଯୋଗରେ ୨୦୨୧ ଫେବୃୟାରୀରେ ୪ଲକ୍ଷ ଟଙ୍କା ଋଣ ଆଣିଥିଲେ । ପରେ ବ୍ୟାଙ୍କ ମିତ୍ରଙ୍କ ଜରିଆରେ ୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ପରିଶୋଧ କରିଥିଲେ । ସଂପୃକ୍ତ ବ୍ୟାଙ୍କ ମିତ୍ର କେତେଜଣ ମହିଳାଙ୍କୁ ଟଙ୍କା ପଇଠ ହେବାର ରସିଦ ଦେଇଥିବା ବେଳେ ଆଉ କେତେଜଣଙ୍କୁ ହାତ ଲେଖା ରସିଦ୍ ଦେଇଥିବା ମହିଳାମାନେ ଅଭିଯୋଗରେ ଦର୍ଶାଇଛନ୍ତି । ହେଲେ ପରବର୍ତ୍ତୀ ସମୟରେ ଗୋଷ୍ଠୀର ମହିଳାମାନେ ବ୍ୟାଙ୍କରେ ଟଙ୍କା ଡିପୋଜିଟ ହୋଇ ନ ଥିବା ଜାଣିପାରି ଥାନାର ଦ୍ୱାରସ୍ଥ ହୋଇଥିଲେ । ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ସଂପୃକ୍ତ ମହିଳା ବ୍ୟାଙ୍କ ମିତ୍ରଙ୍କୁ ଥାନା ପକ୍ଷରୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା । କେବଳ ଗୋଟିଏ ଏସ୍‌ଏଚ୍‌ଜିର ନୁହଁ ଏଭଳି ଏକାଧିକ ଏସ୍‌ଏଚଜିରୁ ଋଣ ଟଙ୍କା ହଡପ ହୋଇଥିବା ଅଭିଯୋଗ ହୋଇଛି । ଏବେ ଋଣ କରିଥିବା ମହିଳାମାନଙ୍କୁ ବ୍ୟାଙ୍କ ପକ୍ଷରୁ ବାରମ୍ବାର ନୋଟିସ କରାଯାଉଛି । ଋଣ ଟଙ୍କାକୁ କିପରି ସୁଝିବେ ସେ ନେଇ ସେମାନେ ଏକାଧିକ ଥର ଜିଲାପାଳ ଓ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇ ବିଫଳ ହୋଇଛନ୍ତି । ସୋମବାର ବ୍ଲକରେ ଜିଲାପାଳଙ୍କ ଜନଶୁଣାଣୀ ଚାଲିଥିବା ଖବର ପାଇ ଏଣ୍ଡଳବା ପଞ୍ଚାୟତର ଠକେଇର ଶିକାର ହୋଇଥିବା ସ୍ୱୟଂ ସହାୟିକା ଗୋଷ୍ଠିର ମହିଳାମାନେ ଆସି ଅଭିଯୋଗ କରିଥିଲେ । ଏହି ଘଟଣାରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ବେଳେ ଘଟଣାର ତଦନ୍ତ ଚାଲିଛି । ଯେଉଁ ମାନଙ୍କ ପାଖରେ ଟଙ୍କା ପଇଠ ହେବାର ରସିଦ ଅଛି ସେମାନଙ୍କୁ ଟଙ୍କା ଫେରାଇ ଦିଆଯିବ ବୋଲି ଜିଲାପାଳ ରାଠୋର ସୂଚନା ଦେଇଛନ୍ତି ।

ଅନ୍ୟପକ୍ଷେ ଆଜିର ଏହି ଜନଶୁଣାଣିରେ ୪୧୩ଟି ଅଭିଯୋଗ ହୋଇଥିଲା । ସେଥିମଧ୍ୟରୁ ୫ଟି ସମୁହ, ରେଡକ୍ରସ ସମ୍ବନ୍ଧିୟ ୯ଟି, ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଇଁ ୧୧ଟି ଅଭିଯୋଗ ଆସିଥିଲା । ତେବେ ଅଭିଯୋଗଗୁଡ଼ିକ ମଧ୍ୟରୁ ୨୫ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଉକ୍ତ ଶିବିରରେ ଆରକ୍ଷୀ ଅଧୀକ୍ଷକ ଭିନିତ ଅଗ୍ରୱାଲ,ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକ,ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେହୁରିଆ, ଜିଲା ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ୩ୟ ଦିନରେ ବରୁଣେଶ୍ୱର ମେଳା


ମେଳାପଡ଼ିଆରେ ଖୋଲିଥିବା ଟାଟୁ ଷ୍ଟଲ୍‌ରେ ଭିଡ଼ ।

ପ୍ରୀତିପୁର,୧୬।୧(ଡି.ଏନ୍.ଏ.)

ସୋମବାର ବରୁଣେଶ୍ୱର ମେଳା ୩ୟ ଦିନରେ ପହଞ୍ଚିଛି । ଏହି ମେଳାର ମଜା ଉଠାଇବା ପାଇଁ ଲୋକଙ୍କ ଭିଡ଼ ଜମୁଛି । ଚଳିତ ବର୍ଷ ସ୍ନେକ୍ ବିସ୍କୁଟ,ରାମ ଦୋଳି ଓ ରାଜସ୍ଥାନୀ ଚୁଡ଼ି ଷ୍ଟଲ ପାଖରେ ଲୋକଙ୍କ ଗହଳି ଲାଗି ରହିଛି । ପିଲାମାନେ ଦୋଳି ଓ ଆଇସକ୍ରିମ୍ ଷ୍ଟଲ ପାଖରେ ଭିଡ଼ ଜମାଉଛନ୍ତି । ମନ୍ଦିର ନିକଟରେ ଥିବା ସେଲ୍‌ଫି ପଏଣ୍ଟ ଦର୍ଶକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ବିଶେଷ କରି ଯୁବତୀଯୁବକମାନେ ସେଠାରେ ସେଲ୍‌ଫି ନେବାକୁ ରୁଣ୍ଡ ହେଉଛନ୍ତି ।

ସତ୍ୟସାଇ ସେବା ସଙ୍ଗଠନ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ ଓ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି । ମଙ୍ଗଳବାରଠାରୁ ମେଳା ପଡ଼ିଆ ନିକଟସ୍ଥ ପେଣ୍ଡାଲରେ ରାଜ୍ୟର ୫ରୁ ଉର୍ଦ୍ଧ୍ୱ ଅପେରା ଦଳ ନାଟକ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି । ଦିନ ତମାମ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ,ବିଡିଓ ମିନତୀ ଜଗଦେବ,ଆଇଆଇସି ରଞ୍ଜିତ୍ ମହାନ୍ତିଙ୍କ ସହିତ ବ୍ଲକ ଅଧକ୍ଷା ରଞ୍ଜିତା ଦାସ,ଅରେଇ ସରପଞ୍ଚ ସ୍ମୃତି ସମୀକ୍ଷା ମଲ୍ଲିକ,ପ୍ରାକ୍ତନ ବ୍ଲକ ଅଧକ୍ଷ ନନ୍ଦକିଶୋର ସାମଲ,ପିଇଓ ଅବିନାଶ ପାତ୍ର ପ୍ରମୁଖ ମେଳାପଡ଼ିଆ ନିକଟରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମ ତଦାରଖ କରିଛନ୍ତି ।

**ସେଲ୍‌ଫି ପଏଣ୍ଟରେ ଜମୁଛି ଭିଡ**

# ପୋଖରୀରେ ବୁଡ଼ି ଶିଶୁ ମୃତ

ଚଣ୍ଡିଖୋଲ,୧୬।୧(ଡି.ଏନ.ଏ.)

ବଡ଼ଚଣା ଥାନା ଅନ୍ତର୍ଗତ କୁନ୍ଦଳ ପଞ୍ଚାୟତ ଅଧୀନ ହରିପୁର ଗ୍ରାମରେ ସୋମବାର ଏକ ଅଘଟଣ ଘଟିଛି । ହରିପୁର ଗ୍ରାମର ଭାଗ୍ୟଧର ମଲ୍ଲିକଙ୍କ ୫ବର୍ଷର ପୁଅ ଆଦିତ୍ୟ ଗ୍ରାମ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି । ସୋମବାର ସନ୍ଧ୍ୟାରେ ଏହି ଦୁଃଖଦ ଘଟଣା ଘଟିଛି । ସେ ଅପରାହ୍ନରେ ଖେଳୁଥିଲେ । କୌଣସି କାରଣରୁ ସେ ପୋଖରୀରେ ପଡି ଯାଇଥିଲେ । ପରିବାର ଲୋକେ ଆଦିତ୍ୟକୁ ନ ପାଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ । ହେଲେ ତାଙ୍କର କୌଣସି ପତ୍ତା ମିଳି ନ ଥିଲେ । ସନ୍ଧ୍ୟାରେ ଘର ନିକଟ ପୋଖରୀରେ ଆଦିତ୍ୟ ଭାସୁଥିବା ଦେଖି ତାଙ୍କୁ ଉଦ୍ଧାର କରାଯାଇ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । କୁନ୍ଦଳ ସରପଞ୍ଚ ପ୍ରମିତା ରାଉତଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ଏପରି ଘଟଣାରେ ଭାଙ୍ଗି ପଡିଛନ୍ତି । ବ୍ୟବଚ୍ଛେଦ ପରେ ମୃତଦେହକୁ ଆଣି ଶେଷକୃତ୍ୟ ସମ୍ପନ୍ନ କରାଯାଇଛି ।

# ସୌରିକ ଯୁବ ମହୋତ୍ସବ ଭାଇଚାରାର ପ୍ରତୀକ

## ସୌରିକ ଯୁବ ମହୋତ୍ସବ ଉଦ୍‌ଯାପିତ



ଉଦ୍‌ଯାପନୀ ଉତ୍ସବରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

କାଳିଆପାଣି,୧୬।୧(ଡି.ଏନ.ଏ.)

ଯାଜପୁର ଜିଲା କାଳିଆପାଣି ଖଣି ନିଗମ କଲୋନୀ ମିନି ଷ୍ଟାଡିୟମରେ ଚାଲିଥିବା ସୌରିକ ଯୁବ ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ଗ୍ରାମ୍ୟ ଉନ୍ନୟନ ଦକ୍ଷତା ଓ ବିକାଶ ମନ୍ତ୍ରୀ ଇଂ ପ୍ରତି ରଞ୍ଜନ ଘଡାଇ ଯୋଗ ଦେଇ ସୌରିକ ମହୋତ୍ସବ ଭାଇଚାରାର ପ୍ରତୀକ ବୋଲି କହିଥିଲେ । ଏହି ମହୋତ୍ସବ ସୌରିକ ଅଞ୍ଚଳକୁ ଏକାତ ସୂତ୍ରରେ ବାନ୍ଧି ରଖିବାର ଏକ ମାଧ୍ୟମ । ଧିରେ ଧିରେ ଏହି ମହୋତ୍ସବ ଏକ ଗଣପର୍ବ ଭାବେ ପରିଣତ ହୋଇଛି ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟତମ ଅତିଥି ଭାବେ ରାଜ୍ୟ ପର୍ଯ୍ୟଟନ ବିକାଶର ଅଧ୍ୟକ୍ଷ ଲେନିନ ମହାନ୍ତି ଯୋଗଦେଇ ସୌରିକ ଯୁବ ମହୋତ୍ସବ ଏକ ନିଆରା ଗଣପର୍ବ ପାଲଟିଛି, ଯାହା ଆଗାମୀ ଦିନରେ ଖାଲି ସୁକିନ୍ଦା ନୁହେଁ ରାଜ୍ୟସ୍ତରରେ ଏକ ଗଣପର୍ବ ପାଲଟିବ ବୋଲି କହିଥିଲେ । ସନ୍ଧ୍ୟାରେ ସମସ୍ତ କର୍ପୋରେଟର ପ୍ରତିନିଧି, ନିର୍ବଚିତ ପ୍ରତିନିଧି ସରପଞ୍ଚ, ସମିତି ଓ ଜିଲା ପରିଷଦ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ ।

ଉଦ୍‌ଘାଟନୀ ଉତ୍ସବକୁ ସ୍ୱାଗତ ପାଇଁ ସାମିଲ ହୋଇଥିବା ୧୦ ପଞ୍ଚାୟତର ପ୍ରଜ୍ଞାପନ ମେଢକୁ ପ୍ରଥମ ,ଦ୍ୱିତୀୟ ଓ ତୃତୀୟ ଭାବେ ଚୟନ କରାଯାଇଥିଲା । ଯଥାକ୍ରମେ କାଳିଆପାଣି, ରାଉସୋଳ, କଅଁସକୁ ଏଥିପାଇଁ ସମ୍ମାନିତ କରାଯାଇଥିଲା । ଉଦ୍‌ଯାପନୀ ସନ୍ଧ୍ୟାରେ ଆସାମର ବିହୁ ନୃତ୍ୟ ପରିବେଷଣ କରାଯାଇଥିଲା । କଣ୍ଠଶିଳ୍ପୀ ଅସୀମା ପଣ୍ଡା ସଙ୍ଗୀତ ପରିବେଷଣ କରିଥିବା ବେଳେ ଅଭିନେତ୍ରୀ ତମନ୍ନା ନୃତ୍ୟ ପ୍ରଦର୍ଶନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ ମାଇନିଂର ପ୍ରଶାସନିକ ଅଧିକାରୀ ତଥା ମହୋତ୍ସବର ସମ୍ପାଦକ ଗୌତମ ଚକ୍ରବର୍ତ୍ତୀ, ସଂଯୋଜକ ନାରାୟଣ ଚନ୍ଦ୍ର ଧିର, ପୂର୍ବତନ ସୁକିନ୍ଦା ବ୍ଲକ ଅଧକ୍ଷତା ଭଗବତୀ ମହାନ୍ତ, ଜିଲା ପରିଷଦ ସଭ୍ୟା ଜେମା ଚାଖି, ବିଦ୍ୟାଧର ପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

### କଲେଜ ଛାତ୍ରୀଛାତ୍ରଙ୍କୁ କ୍ୟାରିୟର କାଉନସେଲିଂ

ସୌରିକ ଅଞ୍ଚଳ ଅନ୍ତର୍ଗତ ସୁକିନ୍ଦା, ହରିପୁର, ଚିଡିରୀ ଆଦି କଲେଜରୁ ୩ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ସୋମବାର ଏହି ଯୁବ ମହୋତ୍ସବରେ ଯୋଗ ଦେଇଥିଲେ । ଯୁବା ଇଣ୍ଡିଆ ଜାତୀୟସ୍ତର ମାର୍ଗଦର୍ଶକ ସଚିନ ଯୋଗ ଦେଇ ଛାତ୍ରୀଛାତ୍ରମାନଙ୍କୁ ପାଠପଢା ଶେଷ ପୂର୍ବରୁ ନିଜ ନିଜ ବୃତ୍ତି ପାଇଁ ଅଧିକ ଚିନ୍ତା ନ କରି ନିଜକୁ ସୁହାଇବା, ଅନ୍ତର୍ନିହିତ ବିବେକକୁ ପଚାରି ବୃତ୍ତିଗତ କାର୍ଯ୍ୟ ନିଷ୍ପତ୍ତି ନେବାକୁ ପରାମର୍ଶ ଦେଇଥିଲେ ।

### ମହିଳାମାନଙ୍କ ଅନ୍ତାକ୍ଷରୀ

ସୌରିକ ଯୁବ ମହୋତ୍ସବରେ ସ୍ଥାନୀୟ ଅଞ୍ଚଳର ମହିଳା କ୍ଲବ, ପିଆରଆଇ ମେମ୍ବରଙ୍କୁ ନେଇ ଅନ୍ତାକ୍ଷରୀ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଓଏମ୍‌ସି ମହିଳା କ୍ଲବ, ଟାଟା ମହିଳା କ୍ଲବ, ଜିନ୍ଦଲ ମହିଳା କ୍ଲବ, ଇମ୍ଫା ମହିଳା କ୍ଲବ, ପିଆରଆଇ ମେମ୍ବରର ୬୦ ଉର୍ଦ୍ଧ୍ୱ ମହିଳା ଅନ୍ତାକ୍ଷରୀ ପ୍ରତିଯୋଗିତାରେ ଭାଗ ନେଇଥିଲେ । ମହିଳାମାନଙ୍କ ଅନ୍ତାକ୍ଷରୀ ପ୍ରତିଯୋଗିତାକୁ ପୁପିନ୍ଦର ସିଂ ଓ ଲୋରିଆ ମହାନ୍ତି ପରିଚାଳନା କରିଥିଲେ । ପ୍ରତିଯୋଗିତାରେ ଓଏମ୍‌ସି ମହିଳା କ୍ଲବ ପ୍ରଥମ, ଇମ୍ଫା ଓ ଟାଟା ଷ୍ଟିଲ ଦ୍ୱିତୀୟ, ପିଆରଆଇ ମେମ୍ବର ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ ।

# ପିଏମ୍ ଆବାସ ହିତାଧିକାରୀଙ୍କ ତାଲିକା ପ୍ରକାଶ

ଧର୍ମଶାଳା,୧୬।୧(ଡି.ଏନ.ଏ.)

ଧର୍ମଶାଳା ବ୍ଲକର ୪୫ ପଞ୍ଚାୟତ ପାଇଁ ପଞ୍ଚାୟିତରାଜ ବିଭାଗ ନିର୍ଦ୍ଦେଶ ଅନୁଯାୟୀ ସୋମବାର ପ୍ରଧାନମନ୍ତ୍ରୀ ଆବାସ ପାଇଁ ଯୋଗ୍ୟ ବିବେଚିତ ହିତାଧିକାରୀଙ୍କ ନାମ ପ୍ରକାଶ ପାଇଛି । ହିତାଧିକାରୀମାନଙ୍କ ତାଲିକାଗୁଡିକ ବ୍ଲକ, ପଞ୍ଚାୟତ କାର୍ଯ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ମରାଯାଇଛି । ଏହି ବ୍ଲକର ୪୫ଟି ପଞ୍ଚାୟତରେ ୩୦୯୯ଜଣ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ପ୍ରକାଶ ପାଇଥିବା ତାଲିକାରୁ ଅଯୋଗ୍ୟ ହିତାଧିକାରୀଙ୍କ ନାମ ବାଦଦେବା ପାଇଁ ୧୬ରୁ ୨୪ ତାରିଖ ମଧ୍ୟରେ ଅଭିଯୋଗ ଗ୍ରହଣ କରାଯିବ । ଏଥିଲାଗି ଏକ ସ୍ୱତନ୍ତ୍ର ଫର୍ମରେ ଅଭିଯୋଗ ଦାଖଲ କରିପାରିବେ । ଟୋଲଫି ନମ୍ବର ୧୮୦୦୩୪୫୬୭୭୦ ବା ୧୫୫୩୩୫ରେ ନିଜର ପରିଚୟ ପ୍ରଦାନ କରି ଅଭିଯୋଗ ଦାଖଲ କରିପାରିବେ ବୋଲି ପଞ୍ଚାୟତରାଜ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଧର୍ମଶାଳା ବ୍ଲକର ଅଭୟପୁର ପଞ୍ଚାୟତରେ–୫୩, ଅଞ୍ଜିରା–୧୩୧, ଅଣ୍ଟିଆ–୧୧୪, ଅରାବଳ–୮୨– ଅରେଇକଣା – ୧୭, ଆରୁହା–୪୨,ବଡକାଏମା–୮୧, ଭାବାନୀପୁର–୯୭, ବୃନ୍ଦା ଦେଇପୁର–୮, ଚହଟା–୧୪,ଚକ୍ରଧରପୁର–୩୨, ଚୋରମୁହାଁ–୫୩,ଦେଓଦା–୪୭, ଏଣ୍ଡଳବା–୮୯, ଗଙ୍ଗାଧରପୁର–୩୪, ହିରିଦାସପୁର–୭୪,ଜାରକା–୩୯, ଜେନାପୁର–୩୮, କବାଟବନ୍ଧ–୪୯, କଦମପାଳ–୩୯, କମାଗଡ–୭୨, କଣ୍ଟିଗଡିଆ–୪୩,କ୍ଷେତ୍ରପାଳ–୬୧ ହିତାଧିକାରୀ ଚିହ୍ନଟ ହୋଇଛନ୍ତି । ସେହିପରି କୋଟପୁର–୯୭, କୁମାରୀ–୨୭, ମଧୁପୁରଗଡ– ସର୍ବାଧିକ –୨୬୦, ଢ଼ୁଦୁସୁଦନପୁର–୧୭, ମହିଶରା–୧୦୪, ମଙ୍ଗଳପୁର–୩୦,ମର୍ଜିତାପୁର–୭୨, ମିର୍ଜାପୁର–୧୨୦,ନେଉଳପୁର–୯୨, ପାଖର–୧୧୭,ପଡାଟପୁର–୧୨୪, ପରୁଣିଆ–୪୮, ପୁରୁଣା ବଉଳମାଳ–୮୬, ରାଇଛନ୍ଦା–୬୯, ରେଖିଦେଇପୁର–୪୯, ସାହାଣୀଜିହା–୯୦, ସମ୍ପାରୁ–୭୫, ସୁନ୍ଦରିଆ–୯୮, ତାଳଜଙ୍ଗ–୨୪, ତରଞ୍ଜିଆ–୫୨, ଥାନୁଆଳ–୪୭, ଉତରପ୍ରତାପ–୯୮ଜଣ ହିତାଧିକାରୀଙ୍କ ନାମ ପ୍ରକାଶ ପାଇଛି ।

# ଯୋଜନା ଅଭିଯାନ–୨୦୨୩କୁ ନେଇ ଗୁରୁତ୍ୱ

## ଦ୍ୱିତୀୟ ସ୍ୱତନ୍ତ୍ର ପଞ୍ଚାୟତ ସମିତି ବୈଠକ

ରସୁଲପୁର,୧୬।୧(ଡି.ଏନ.ଏ.)

ଯାଜପୁର ଜିଲା ରସୁଲପୁର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ସୋମବାର ଦ୍ୱିତୀୟ ସ୍ୱତନ୍ତ୍ର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସମିତି ଅଧକ୍ଷ ଅରୁଣ କୁମାର ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ରସୁଲପୁର ବିଡିଓ ଅବନୀକାନ୍ତ ସାହୁ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଭାରପ୍ରାପ୍ତ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପ୍ରଫୁଲ କୁମାର ଜେନା ପୂର୍ବ ବୈଠକର ବିବରଣୀ ଉପରେ ଆଲୋକପାତ କରିଥିଲେ । ଏବିଡିଓ ଦିବ୍ୟକାନ୍ତି ମିଶ୍ର ଜନସାଧାରଣଙ୍କ ଯୋଜନା ଅଭିଯାନ–୨୦୨୩କୁ ନେଇ ପ୍ରକଳ୍ପ ଚୟନ ବେଳେ ୯ଟି ବିଷୟ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ । ବିଶେଷ କରି ପଞ୍ଚାୟତକୁ ଦାରିଦ୍ର୍ୟ ମୁକ୍ତ ଓ ଜୀବିକା ଯୁକ୍ତ କରିବା, ସୁସ୍ଥ ପଞ୍ଚାୟତ ଗଠନ, ପଞ୍ଚାୟତରେ ବନ୍ଧୁତ୍ୱପୂର୍ଣ୍ଣ ଆଚରଣ ଅର୍ଥାତ୍ ସୁରକ୍ଷିତ ଓ ବିକଶିତ ଶିଶୁ ଯୋଜନାକୁ ଗୁରୁତ୍ୱ, ପାନୀୟ ଜଳର ସୁ–ବନ୍ଦୋବସ୍ତ କରିବା, ପଞ୍ଚାୟତକୁ ସ୍ୱଚ୍ଛ ଓ ସବୁଜ ରଖିବା, ପର୍ଯ୍ୟାପ୍ତ ଭିତ୍ତିଭୂମି ଯୁକ୍ତ ପଞ୍ଚାୟତ ଗଠନ, ସାମାଜିକ ନିରାପତ୍ତା ଓ ସୁ–ଶାସନ ବ୍ୟବସ୍ଥିତ, ସୁରକ୍ଷିତ ଓ ସୁସ୍ଥ ମହିଳା ପଞ୍ଚାୟତ ଗଠନ କରିବା ଉପରେ ଗୁରୁତ୍ୱ ଦେବା ପାଇଁ ଜନପ୍ରତିନିଧିମାନଙ୍କୁ ସେ ପରାମର୍ଶ ଦେଇଥିଲେ । ୯ ଯୋଜନା ମଧ୍ୟରୁ ଗୋଟିଏକୁ ଅଧିକ ଗୁରୁତ୍ୱ ଦେଇ ସେଥିରେ ଶତପ୍ରତିଶତ ସଫଳତା ପାଇବା ଉପରେ ପ୍ରଶାସନିକ ଅଧିକାରୀମାନେ ପରାମର୍ଶ ଦେଇଥିଲେ । ଉପସ୍ଥିତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟାସଭ୍ୟ ନାନା ପ୍ରଶ୍ନ ପଚାରିବାର ସହ ଯୋଜନା ସମ୍ପର୍କରେ ରହି ଆସୁଥିବା ଦ୍ୱନ୍ଦ୍ୱକୁ ଦୂର କରିପାରି ଥିଲେ । ଧର୍ମଶାଳା ବିଧାୟକଙ୍କ ପ୍ରତିନିଧି କ୍ଷୀରୋଦ ସ୍ୱାଇଁ, ଏମ୍‌ପିଙ୍କ ପ୍ରତିନିଧି ରମେଶ ଚନ୍ଦ୍ର ନାୟକ, ଜିଲା ପରିଷଦ ସଭ୍ୟ ଶିଶିର କୁମାର ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ବିଭିନ୍ନ ପ୍ରସ୍ତାବ ଉପସ୍ଥାପନ କରିଥିଲେ । ଏହାଛଡା ବୈଠକରେ ଯୋଗଦେଇଥିବା ଜନପ୍ରତିନିଧିମାନେ ସେମାନଙ୍କ ପଞ୍ଚାୟତର ସମସ୍ୟା ସମ୍ପର୍କରେ କହିଥିଲେ । ବିଶେଷକରି ସାମାଜିକ ନିରାପତ୍ତା ଯୋଜନା ଜରିଆରେ ବାର୍ଦ୍ଧକ୍ୟ, ବିଧବା, ଦିବ୍ୟାଙ୍ଗ ଭତ୍ତା ପ୍ରଦାନରେ ଉପୁଜୁଥିବା ସମସ୍ୟା, ଗ୍ରାମୀଣ ଆବାସରେ ହିତାଧିକାରୀଙ୍କୁ ବାଛିବା ଦ୍ୱନ୍ଦ୍ୱ, ୧୨ବର୍ଷ ଧରି ଜନଗଣନା ହୋଇ ନାହିଁ । ଇତିମଧ୍ୟରେ ପଞ୍ଚାୟତରେ ବହୁ ନୂତନ ପରିବାର ସୃଷ୍ଟି ହୋଇଛନ୍ତି । ଗୋଟିଏ ରାଶନ କାର୍ଡରେ ଏକାଧିକ ପରିବାର ସଦସ୍ୟଙ୍କ ନାମ ରହିଛି । ଉକ୍ତ କାର୍ଡରୁ ନୂତନ ପରିବାକୁ ଅଲଗା କରିବା, ବ୍ୟକ୍ତିଗତ ଘରୋଇ ପାଇଖାନ ନିର୍ମାଣରେ ରହିଥିବା ନାନା ସମସ୍ୟା ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା । ବିଭାଗୀୟ ଅଧିକାରୀମାନେ ପଞ୍ଚାୟତ ସହ ମିଶି ପ୍ରକଳ୍ପ ଚୟନ କରିବା ଓ ସେଗୁଡିକୁ କାର୍ଯ୍ୟକାରି କରିବା ସମ୍ପର୍କରେ ପଞ୍ଚାୟତକୁ ଅବଗତ କରାଇବା, ବିଦ୍ୟୁତ୍ ବିଭାଗ ପକ୍ଷରୁ ସୌଭାଗ୍ୟ ଯୋଜନାରେ ହିତାଧିକାରୀମାନଙ୍କୁ ମାଗଣା ବିଜୁଳି ସଂଯୋଗ ସୁବିଧା ସୃଷ୍ଟି କରିବା ଭଳି ଏକାଧିକ ଯୋଜନା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ପଞ୍ଚାୟତ ସମିତି ଉପାଧକ୍ଷା ଜୟନ୍ତୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।


ସ୍ୱତନ୍ତ୍ର ବୈଠକରେ ଯୋଗଦେଇଥିବା ଜନପ୍ରତିନିଧି ।

# ବ୍ୟାସ ସରୋବର ମେଳା ଦାବିରେ ପ୍ରତିବାଦ ସଭା

ଯାଜପୁର ରୋଡ୍, ୧୬।୧ (ଡି.ଏନ୍.ଏ.)



ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

- ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର
- ବନ୍ଦ କରିବା ପାଇଁ ଚାଲିଛି ଚକ୍ରାନ୍ତ

ବ୍ୟାସନଗରରେ ବ୍ୟାସ ସରୋବର ମେଳା କେଉଁ ଆବହମାନ କାଳରୁ ହୋଇଆସୁଛି । ଏହି ମେଳା ସହରର ସଂସ୍କୃତି ପରମ୍ପରା ଓ ଆଧାତ୍ମିକ ବାତାବରଣକୁ ବହନ କରୁଛି । କିନ୍ତୁ ଏନ୍‌ଜିଟି ଆଳ କରି ଜିଲା ପ୍ରଶାସନ ଓ ପୌର ପ୍ରଶାସନ ମେଳାକୁ ବନ୍ଦ କରିବା ପାଇଁ ଚକ୍ରାନ୍ତ ଚଳାଇଥିବା ଅଭିଯୋଗ ଉଠିଛି । ଏଭଳିସ୍ଥଳେ ବ୍ୟାସ ସରୋବର ମେଳା ଓ ମହୋତ୍ସବ ହେବା ନେଇ ଅନିଶ୍ଚିତତା ଦେଖାଦେଇଛି ।

ପୌର ପରିଷଦ ପକ୍ଷରୁ ପ୍ରତିବର୍ଷ ଏହି ମେଳା ଓ ମହୋତ୍ସବ ଅନୁଷ୍ଠିତ ହୋଇ ଆସୁଥିଲା । ଚଳିତବର୍ଷ ଭୌମୀ ଏକାଦଶୀ ତିଥିରୁ ଆରମ୍ଭ ହେବାକୁ ଥିବା ଏହି ମେଳା ସମ୍ପର୍କରେ କୌଣସି ପ୍ରସ୍ତୁତି କାର୍ଯ୍ୟକ୍ରମ କରାଯାଉ ନ ଥିବାରୁ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ମେଳା କରାଯିବା ଦାବିରେ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସୋମବାର ଗୋପବନ୍ଧୁ ଛକଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । କମିଟିର ଆବାହକ ବିଦ୍ୟାଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ସଭାରେ ବରିଷ୍ଠ ଆଇନଜୀବୀ ବିବେକାନନ୍ଦ ମହାନ୍ତି, ଅଭିମନ୍ୟୁ ମିଶ୍ର, ବରିଷ୍ଠ ସାମ୍ବାଦିକ ଚିନ୍ତାମଣି ପାଢ଼ୀ, ନିତ୍ୟାନନ୍ଦ ମହାଳିକ, ପ୍ରମୋଦ କୁମାର ବୋଇତାଇ, ଦେବେନ୍ଦ୍ର ସାମଲ, ଚନ୍ଦ୍ରମଣି ସାମଲ, ନିରଞ୍ଜନ ଘଡ଼ାଇ, ରାଜେଶ କୁମାର ରାଉତ, ଜ୍ଞାନରଞ୍ଜନ ରାଉତ, ପଦ୍ମନାଭ ନାୟକ, କୁଞ୍ଜବିହାରୀ ମହାନ୍ତି, ହେମନ୍ତ କୁମାର ଧିର, ପ୍ରକାଶ କୁମାର ଜେନା, ପ୍ରଲୁବ୍ଧ କୁମାର ଜେନା, ଆଇନ୍‌ଜୀବୀ ମାନସ ରଞ୍ଜନ ସାମଲ, ହରିହର ଜେନା, ସାମ୍ବାଦିକ ସୁଭାଶିଷ ରାଉତ, ଶ୍ରୀକାନ୍ତ ମହାନ୍ତି, କୃଷ୍ଣଚନ୍ଦ୍ର ରାଉତ, ଟିକାୟତ ପାଲ, ଅଜୟ କୁମାର ରାଉତ, ପବିତ୍ର ମହାନ୍ତି ପ୍ରମୁଖ ପୌର ପରିଷଦକୁ ତୀବ୍ର ସମାଲୋଚନା କରିଥିଲେ । ସହରର ସଂସ୍କୃତି ଓ ଧର୍ମୀୟ ଭାବନା ପ୍ରତି କୁଠାରାଘାତ କରାଯାଉଛି । ଯଦି ବ୍ୟାସ ସରୋବର ମେଳା ଓ ମହୋତ୍ସବ କରା ନ ଯାଏ ତେବେ ସହରବାସୀ ବ୍ୟାସନଗରରେ ଅନୁଷ୍ଠିତ ହେବାକୁ ଥିବା ଜିଲା ହକି ଫେଷ୍ଟିଭାଲ ଦିନ କଳା ଦିବସ ପାଳନ କରିବା ସହିତ ପୌର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ । ଆବଶ୍ୟକ ପଡ଼ିଲେ ବ୍ୟାସନଗର ବନ୍ଦ ଡାକରା ଦିଆଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି । କମିଟି ପକ୍ଷରୁ ଗୋପବନ୍ଧୁ ଛକରୁ ଏକ ଶୋଭାଯାତ୍ରା ବାହାରି ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ଯାଇଥିଲା । ଏହାପରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପ୍ରଦାନ କରାଯାଇଥିଲା । କମିଟିର ଆବାହକ ମହାନ୍ତି ଅତିରିକ୍ତ ଜିଲାପାଳଙ୍କ ସହ ଆଲୋଚନା ମାଧ୍ୟମରେ କହିଥିଲେ ଯେ, ବ୍ୟାସ ସରୋବର ପୀଠ ୨ଟି ୱାର୍ଡ ମଧ୍ୟରେ ସୀମିତ ଥିବାରୁ ସ୍ଥାନୀୟ ଯୋଡ଼ାବର ମୌଜାରେ ଅବସ୍ଥିତ ଆମ୍ବତୋଟା ଓ ଉତ୍ସବ ସ୍ଥଳୀରେ ଏନ୍‌ଜିଟିର କୌଣସି ରୋକ୍ ନାହିଁ । ପୌର ପରିଷଦ ସେଠାରେ ମହୋତ୍ସବ ଆୟୋଜନ କରିବାରେ କୌଣସି ଅସୁବିଧା ନାହିଁ । ମହୋତ୍ସବ ଅନୁଷ୍ଠିତ ହେଲେ ସହରବାସୀଙ୍କ ସ୍ୱାଭିମାନ ଓ ଧର୍ମୀୟ ଭାବନା ବଞ୍ଚି ରହିବ । ଜିଲାପାଳ ଏଥିପ୍ରତି ଯତ୍ନବାନ ହେବାସହ ମେଳାକୁ ସ୍ୱୀକୃତି ଦେବାକୁ ସେ ଦାବି କରିଛନ୍ତି ।

ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ୧୭ ଜାନୁୟାରୀ, ୨୦୨୩



## ସଂକ୍ଷେପରେ

### ଛାତ୍ରୀମାନେ ସହନଶୀଳ, ସାହସୀ ହେବା ଜରୁରୀ

**ଚିତ୍ରୋତ୍ପଳା ମହିଳା ମହାବିଦ୍ୟାଳୟର ବାର୍ଷିକୋତ୍ସବ**

**ପାଟକୁରା,୧୬।୧ (ଡି.ଏନ.ଏ.):** ଗରଦପୁର ବ୍ଲକ କୋରୁଆଠାରେ ଥିବା ଚିତ୍ରୋତ୍ପଳା ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ବସନ୍ତ ବେଦବ୍ରତଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ନବଗଠିତ କୁଦାନଗରୀ ଥାନାର ଭାରପ୍ରାପ୍ତ ଅଧିକାରୀ ଦେବାଶିଷ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କ ଉପରେ ଗୋଟିଏ ରାଷ୍ଟ୍ରର ବିକାଶ ନିର୍ଭର କରେ। ଦିନେ ଛାତ୍ରୀଟି ମା' ହୋଇ ଭଲ ସନ୍ତାନଟି ଗଢ଼ି ତୋଳିଲେ ଏ ଦେଶ ଗୌରବାନ୍ୱିତ ହେବା ସହ ସାରା ବିଶ୍ୱରେ ମଧ ମହିମା ମଣ୍ଡିତ କରିବ। ତେବେ ଛାତ୍ରୀମାନେ ମା'ଙ୍କଠାରୁ ସହନଶୀଳତା ଶିଖିବା ସହ ଜୀବନରେ ଶୃଙ୍ଖଳିତ ଓ ସାହାସୀ ହେବା ଦରକାର। ଏହା ହେଲେ ନିଜକୁ ରକ୍ଷା କରିବା ସହ ଏ ଦେଶକୁ ମଧ ରକ୍ଷା କରିପାରିବେ ବୋଲି ସେ କହିଛନ୍ତି। ଜିଲା ପରିଷଦ ସଭ୍ୟ ସତ୍ୟାନନ୍ଦ ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀମାନେ ନିଜର ଭବିଷ୍ୟତ ଗଢ଼ିବା ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଯୁକ୍ତ ଦୁଇ ବିଭାଗର ଅଧକ୍ଷା ସୁପ୍ରଭା ସାମଲ, ଅଧାପିକା ଉର୍ବସୀ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ସବୁ ପରିସ୍ଥିତିକୁ ଦୃଢ଼ତାର ମୁକାବିଲା ଓ ସମୟ ନଷ୍ଟ ନ କରି ଲକ୍ଷ୍ୟ ପଥରେ ଅଗ୍ରସର ହେବା ପାଇଁ କହିଥିଲେ। ଏହି ଉତ୍ସବରେ ଅଧାପକ ଅନାଦି ଚରଣ ବେହୁରା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧାପକ ବିଭୂତି ଭୂଷଣ ମଲ୍ଲିକ ଅତିଥି ପରିଚୟ ଓ ଅଧାପକ ନିର୍ମଳ ମଲ୍ଲିକ ସମ୍ପାଦକୀୟ ପାଠ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ କ୍ରୀଡ଼ା, ବକ୍ତୃତା, ପତ୍ରଲିଖନ, ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିଥିବା କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ମୁଖ୍ୟଅତିଥି ପ୍ରଦାନ କରିଥିଲେ। ଶେଷରେ ଅଧାପକ ଗୌରାଙ୍ଗ ଚରଣ ସାହୁ ଧନ୍ୟବାଦ ଦେଇଥିବାବେଳେ ଅଧାପକ ଜୟନ୍ତ ସାହୁ, ଅଧାପିକା ତୁଳସୀ ନାୟକ ଓ ସ୍ମୃତିରେଖା ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ରାଜନଗରରେ ଧାନକିଣା ନାଁରେ ଚାଷୀଙ୍କୁ ଶୋଷଣ

**ରାଜନଗର, ୧୬।୧(ଡି.ଏନ.ଏ.)**

## ରିଟେଲର ଅଭିଯୋଗ ଆଣିଲେ

ଚଳିତ ବର୍ଷ ଚାଷୀଙ୍କଠାରୁ ଧାନ କିଣିବାରେ କେହି ଯଦି ଶୋଷଣ କରନ୍ତି, ଏ ନେଇ ଯୋଗାଣ ବିଭାଗ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ରାଜ୍ୟ ସରକାର କହିଥିଲେ। କିନ୍ତୁ କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକରେ ଏହି ଧାନକିଣାକୁ ନେଇ ଶୋଷଣର ଅଭିଯୋଗ ଯୋଗାଣ ବିଭାଗର ଅଧୀନରେ ଥିବା ରିଟେଲର ଆଣିଛନ୍ତି। ଯାହାକୁ ନେଇ ଚାଷୀଙ୍କ ମଧ୍ୟରେ ଧାନ ବିକିବାକୁ ନେଇ ନାନା ଆଶଙ୍କା ସୃଷ୍ଟି ହୋଇଛି। ରିଟେଲର ନିଜେ ସରକାରୀ ନୀତି ନିୟମ ଭିତରେ ଧାନ ଦେବା ପରିବର୍ତ୍ତେ ଯୋଗାଣ ବିଭାଗ ଶୋଷଣ କରୁଛନ୍ତି ବୋଲି ରାଜନଗର ବ୍ଲକ ବନ୍ଧପଡା ପଞ୍ଚାୟତ ସନ୍ଧପଡ଼ା ଗାଁର ବାନାମ୍ବର ନାୟକଙ୍କ ଅଭିଯୋଗ କରିଛନ୍ତି। ରିଟେଲର ହେଲେ ମଧ ସେ ଜଣେ ଚାଷୀ। ତାଙ୍କ ପାଖକୁ ୩ ଜାନୁୟାରୀ ୨୦୨୩ରେ ୪୦ କୁଇଣ୍ଟାଲ ଧାନଦେବାକୁ ମୋବାଇଲକୁ ପ୍ରଥମ ମେସେଜ ଆସିଥିଲା।

ବାନାମ୍ବର ଓଡ୍ରିଆ ସେବା ସମବାୟ ସମିତି ଯିବା ପରେ ୧୧ ଜାନୁୟାରୀ ୨୦୨୩ରେ ୨୦ କୁଇଣ୍ଟାଲ ଧାନ ଦେବାକୁ ଟୋକନ ଦେଇଥିଲେ। ମା'ରାମଚଣ୍ଡୀ ରାଇସ୍ ମିଲ କିମ୍ବା ସେବା ସମବାୟ ସମିତି ମଣ୍ଡିକୁ ଧାନ ଆଣିବାକୁ କହିଥିଲେ। ଏହି ୨୦ କୁଇଣ୍ଟାଲ ଧାନ ଦେବା ପରେ ଆଉ ଥରେ ୨୦ କୁଇଣ୍ଟାଲର ଟୋକନ ଦିଆଯିବ ବୋଲି କୁହାଯାଇଥିଲା। ବାନାମ୍ବର ୧୩ ତାରିଖରେ ମା'ରାମଚଣ୍ଡୀ ରାଇସ ମିଲ୍‌ରେ ୨୦ କୁଇଣ୍ଟାଲ ଧାନ ଦେଇଛନ୍ତି। ପରେ ରାଇସ୍ ମିଲ୍‌ରେ ଧାନ ଦେଇଥିବା ଟୋକନ ନେଇ ସେବା ସମବାୟ ସମିତିର ସମ୍ପାଦକଙ୍କୁ ଦେଖାଇବା ସହ ଆଉ ଅବଶିଷ୍ଟ ଧାନର ଟୋକନ ମାଗିଥିଲେ। ସେ ନ ଦେବାରୁ ବାନାମ୍ବର ଅବଶିଷ୍ଟ ୨୦ କୁଇଣ୍ଟାଲର ଟୋକନ ଜିଦ୍ ଧରି ମାଗିବାରୁ ତମେ ମଣ୍ଡିକୁ ଧାନ ଦେଇ ନାହଁ କହି ଫେରାଇ ଦେବା ସହ ଖରାପ ବ୍ୟବହାର କରିଥିବା ନେଇ ବାନାମ୍ବର ଲିଖିତ ଭାବେ ଅଭିଯୋଗ କରିଛନ୍ତି। ବାନାମ୍ବର ତାଙ୍କ ସହ କରାଯାଇଥିବା ଦୁର୍ବ୍ୟବହାର, ମଣ୍ଡିରେ ଦେଇଥିବା ଧାନର ଅର୍ଥ ପାଇବା ଓ ତାଙ୍କୁ ୨୦ କୁଇଣ୍ଟାଲର ଟୋକନ ଦେବା ସମ୍ପର୍କରେ ଅତିରିକ୍ତ ଜିଲା ଯୋଗାଣ ଅଧିକାରୀଙ୍କୁ ଜଣାଇଛନ୍ତି। ଏ ନେଇ ରାଜନଗର ବ୍ଲକ ଯୋଗାଣ ଅଧିକାରୀ ଦେବୀ ପ୍ରସାଦ ଦାଶଙ୍କୁ ପଚାରିବାରୁ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

# କେନ୍ଦ୍ରାପଡ଼ାରେ ପଲ୍ଲିଶ୍ରୀ ମେଳା ଆରମ୍ଭ



ପଲ୍ଲିଶ୍ରୀ ମେଳାରେ ବିଧାୟକ ଶଶିଭୂଷଣ ବେହେରା ଓ ଅନ୍ୟମାନେ।

**କେନ୍ଦ୍ରାପଡ଼ା ଅଫିସ, ୧୬।୧**

## ମେଳାରେ ୧୩୦ ଷ୍ଟଲ୍ ପଡ଼ିଛି

ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ (ଓରମାସ) ଓ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ମିଳିତ ସହଯୋଗରେ କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ଓ ସାଂସ୍କୃତିକ ଉତ୍ସବ ସୋମବାର ଉଦ୍‌ଘାଟନ ହୋଇଛି। ଏହି ମେଳା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ପଲ୍ଲିଶ୍ରୀ ମେଳାରେ ରାଜ୍ୟର ସମସ୍ତ ଜିଲାର ମୋଟ ୧୩୦ଟି ଷ୍ଟଲ ପାଇଁ ବ୍ୟବସ୍ଥା ହୋଇଛି। ଏଥିରେ ଓଡ଼ଶା ସମେତ ଉତ୍ତରପ୍ରଦେଶ, ରାଜସ୍ଥାନ, ଆନ୍ଧ୍ରପ୍ରଦେଶ ଆଦି ରାଜ୍ୟର ବ୍ୟବସାୟୀ ବେପାର ଆରମ୍ଭ କରିଛନ୍ତି। ରାଜ୍ୟର ୧୩୦ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଏଥିପାଇଁ ନିମନ୍ତ୍ରଣ ହୋଇଛି। ହସ୍ତ ଓ କୁଟୀର ଶିଳ୍ପ, କୃଷି, ଉଦ୍ୟାନ କୃଷି, ପଶୁସମ୍ପଦ, ସାମାଜିକ ବନୀକରଣ ସହ ବିଭିନ୍ନ ଘରୋଇ ଉପକରଣର ଷ୍ଟଲ ଖୋଲାଯାଇଛି। କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା ମୁଖ୍ୟଅତିଥି ଭାବେ ଏହାକୁ ଉଦ୍‌ଘାଟନ କରିଛନ୍ତି। ଅନୁଷ୍ଠିତ ସଭାରେ ଜିଲାପାଳ ଅମୃତ ଋତୁରାଜ ସଭାପତିତ୍ୱ କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳି ସେଠୀ, ଏସ୍‌ପି ମଡକର ସନ୍ଦିପ ସମ୍ପଦ, ଏଡିଏମ୍ ପୀତାମ୍ବର ସାମଲ, ଏଡିଏମ୍ ଦୁର୍ଗାପ୍ରସାଦ ମହାରଣା, ପୌରାଧକ୍ଷା ସରିତା ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ କହିଥିଲେ ଯେ, ମିଶନ ଶକ୍ତିକୁ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ଓରମାସ ମାଧମରେ ବ୍ୟବସାୟକୁ ସମ୍ପ୍ରସାରିତ କରିଛନ୍ତି। ଫଳରେ ଅର୍ଥନୀତିରେ ସର୍ବଦା ଦୁର୍ବଳ ଭାବେ ପରିଚିତ ହେଉଥିବା ଘରୋଇ ମହିଳାଙ୍କୁ ସଶକ୍ତିକରଣ କରାଯାଇପାରୁଛି। ଏବେ ହକି ବିଶ୍ୱକପ ରାଜ୍ୟ ସରକାର ଆୟୋଜନ କରି ସାରା ବିଶ୍ୱର ଓଡ଼ିଶା ପ୍ରତି ଧ୍ୟାନ ଆକର୍ଷିତ କରିଛନ୍ତି। ଏହି ଅବସରରେ ପଲ୍ଲିଶ୍ରୀ ମେଳା ସହ ସାଂସ୍କୃତିକ ଉତ୍ସବ ଆୟୋଜନ ଦ୍ୱାରା ଏହାର ସୁଫଳ ସୁଦୂର ପ୍ରସାରୀ ହେବ। ପ୍ରାରମ୍ଭରେ ଜିଲା ଉନ୍ନୟନ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା ପଲ୍ଲିଶ୍ରୀ ମେଳା ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ଉଦ୍‌ଘାଟନ ଉତ୍ସବ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

## ଧାନ ମଣ୍ଡି : ଆରମ୍ଭରୁ ବିଳମ୍ବ

**ଧାର୍ଯ୍ୟଲକ୍ଷ୍ୟ ପୂରଣ ହେଲାନି**

**କୁଜଙ୍ଗ, ୧୬।୧ (ଡି.ଏନ୍.ଏ.)**

କୁଜଙ୍ଗ ବ୍ଲକରେ ଗତ ୬ ତାରିଖରୁ ଆନୁଷ୍ଠାନିକ ଭାବେ ଧାନ ମଣ୍ଡି ଖୋଲିଲା ବୋଲି ଘୋଷଣା କରାଯାଇଛି। ମାତ୍ର ପର୍ଯ୍ୟାୟକ୍ରମେ ବିଭିନ୍ନ ସେବା ସମବାୟ ସମିତି ତରଫରୁ ଧାନ ମଣ୍ଡି ଖୋଲା ଚାଲିଛି। ଅନୁରୂପେ ଭାବେ ବାଗୋଇ ପ୍ରାଥମିକ ସେବା ସମବାୟ ସମିତି ତରଫରୁ ଧାନ ମଣ୍ଡିର ଶୁଭାରମ୍ଭ ହୋଇଛି। ରାହାମା ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ବିଶ୍ୱନାଥ ମହାନ୍ତି ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଉତ୍ସବରେ ସେବା ସମବାୟ ସମିତି ସଭାପତି ଅଭୟ ମହାପାତ୍ର ଓ ସମ୍ପାଦକ ଶାରଦା ପ୍ରଧାନଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ୬୦୦ କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ତେବେ ମିଲର ଗାଡ଼ି ଯୋଗାଇ ନ ପାରିବାରୁ ୪୫୦ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି। ଏନେଇ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ବିଶ୍ୱନାଥ ମହାନ୍ତି କୁହନ୍ତି, ମିଲର ଗାଡି ଯୋଗାଇବାରେ ବିଳମ୍ବ କରିବାରୁ ଏଭଳି ପରିସ୍ଥିତି ଉପୁଜି ଥିଲା। ଏହି ସମସ୍ୟାର ସମାଧାନ କରିବାକୁ ପଦକ୍ଷେପ ନିଆଯିବ।

# ଚନ୍ଦନନଗର ପଞ୍ଚାୟତରେ ୨୯୦ ଅଭିଯୋଗ



ଲୋକମାନେ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଅଭିଯୋଗ କରୁଛନ୍ତି।

**ପଟ୍ଟାମୁଣ୍ଡାଇ,୧୬।୧(ସ୍ୱ.ପ୍ର.)**

## ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଚନ୍ଦନନଗର ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ବିଡିଓ ଭରତ ଚନ୍ଦ୍ର ପରିଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଚନ୍ଦନନଗର ସରପଞ୍ଚ ବନୋଜ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସମିତିସଭ୍ୟ ମାନସ ମଲିକ୍, ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇ ପଲ୍ଲୀ ପ୍ରଶାସନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଆବାସ, ରାଶନ କାର୍ଡ ଓ ଭତ୍ତାକୁ ମିଶାଇ ସମୁଦାୟ ୨୯୦ ଅଭିଯୋଗ ଉପରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ୧୪ ଜଣ ଭତ୍ତା ପାଇଁ ଆବେଦନ କରିଥିବା ବେଳେ ୧୫ ଅଣସଙ୍ଗଠିତ ଶ୍ରମିକଙ୍କୁ ପଞ୍ଜୀକୃତ କରାଯିବା ସହ ୨୦ଜଣଙ୍କ ଆଧାର ପଞ୍ଜୀକରଣ, ୨୦୦ ଗୋରୁଙ୍କୁ ଟିକା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପଟ୍ଟାମୁଣ୍ଡାଇ ତହସିଲଦାର ଦିଲୀପ ସେଠୀ, ସବ୍‌ଡିଭିଜନ ହସ୍ପିଟାଲ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନିରାକାର ପରିଡ଼ା, ଏବିଡିଓ ସନ୍ତୋଷ କୁମାର ମନ୍ତ୍ରୀ, ବ୍ଲକ ସହ ନିର୍ବାହୀଯନ୍ତ୍ରୀ ରୋଜାଲିନ ଦଳେଇ, ସିଡିପିଓ ମୁକ୍ତରି ବେଗମ୍, ଚନ୍ଦନନଗର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସ୍ମୃତି ରଞ୍ଜନ ଦାସ, ମିଶନ ଶକ୍ତି ସଂଯୋଜକ ପ୍ରଭୁ ଧବଳେଶ୍ୱର ବରାଳ, ଜୀବିକା ମିଶନ ସଂଯୋଜିକା ସୁଶ୍ରୀ ସଙ୍ଗୀତା ଭୂୟାଁ, ଏସ୍‌ଇଓ ଉଦାର ସୁନ୍ଦର ସ୍ୱାଇଁ, ଯୋଗାଣ ନିରୀକ୍ଷକ ମଧୁସ୍ମିତା ଜେଟି, ପଞ୍ଚାୟତ ଜିଆରଏସ୍ ପ୍ରସନ୍ନ କୁମାର ଦାସ, ବ୍ଲକ ଉଦ୍ୟାନ ଅଧିକାରୀ, ବ୍ଲକ ପ୍ରାଣୀ ସମ୍ପଦ ଅଧିକାରୀ ପ୍ରମୁଖ ବ୍ଲକସ୍ତରୀୟ ପ୍ରଶାସନିକ ଅଧିକାରୀମାନେ ଯୋଗ ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ।

# ଓସାର କାର୍ଯ୍ୟକାରିଣୀ ବୈଠକ



ବୈଠକରେ ଯୋଗ ଦେଇଥିବା ଓସାର କର୍ମକର୍ତ୍ତାମାନେ।

**କେନ୍ଦ୍ରାପଡ଼ା ଅଫିସ,୧୬।୧**

ଓଡ଼ିଶା ସୂଚନା ଅଧିକାର ଅଭିଯାନ (ଓସା)ର କେନ୍ଦ୍ରାପଡ଼ା ଜିଲା ଶାଖା ପକ୍ଷରୁ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଜିଲା କାର୍ଯ୍ୟକାରିଣୀ ବୈଠକ ଶନିବାର ଅନୁଷ୍ଠିତ ହୋଇଥିଲା। ଜିଲା ଆବାହକ ପ୍ରତାପ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ ଆବାହକ ସଂଯୁକ୍ତା ପାଣିଗ୍ରାହୀ, ଜିଲା ଉପଦେଷ୍ଟା ଅମର ବିଶ୍ୱାଳ, କେନ୍ଦ୍ରାପଡ଼ା ବ୍ଲକ ଆବହକ ହିମାଂଶୁ ଦାସ ଉପସ୍ଥିତ ଥିଲେ।

ଜିଲାର ୯ଟି ବ୍ଲକରୁ ଶତାଧିକ ସୂଚନା ଅଧିକାର କର୍ମୀ ଯୋଗଦେଇ ସୂଚନା ଅଧିକାର ଆଇନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ସୂଚନା ଅଧିକାର ଆଇନକୁ ଧ୍ୱଂସ କରିବାକୁ କେନ୍ଦ୍ର ସରକାର କରିବାକୁ ଯାଉଥିବା ଡିଜିଟାଲ ଡାଟା ପ୍ରୋଟେକ୍ସନ ବିଲ ଉପରେ ମଧ ଚର୍ଚ୍ଚା ହୋଇଥିଲା। ବିଭିନ୍ନ ବ୍ଲକରେ ଏ ନେଇ ସଚେତନତା ସୃଷ୍ଟି ପାଇଁ ଆଲୋଚନା ହୋଇଥିଲା। ଏଥିରେ ରାଜମୋହନ ସ୍ୱାଇଁ, ଦେବ ପ୍ରସାଦ ନନ୍ଦ, ମୃତ୍ୟୁଞ୍ଜୟ ରାଉତ, ଅପୂର୍ବ ସେଠୀ, ଅମିତାଭ ଚାନ୍ଦ, ମନୋରଞ୍ଜନ ଜେନା, ଭରତ ଚନ୍ଦ୍ର ବୃଳ, ସୁଶାନ୍ତ ନାୟକ, ପବିତ୍ର ପାଣି ପ୍ରମୁଖ ଭାଗ ନେଇଥିଲେ। ପ୍ରକାଶ ଚନ୍ଦ୍ର ଦାସ ଏହାକୁ ପରିଚାଳନା କରିଥିଲେ।

## ଅବସରପ୍ରାପ୍ତ କର୍ମଚାରୀ ସଂଘ ବାର୍ଷିକ ସମ୍ମିଳନୀ

**ବିରିଡି, ୧୬।୧(ଡି.ଏନ.ଏ.)**

ବିରିଡି ବ୍ଲକ ୨୨ ମୌଜା ଅବସରପ୍ରାପ୍ତ କର୍ମଚାରୀ ସଂଘ ପୁରଣର ୨୩ତମ ବାର୍ଷିକ ସମ୍ମିଳନୀ ବାରଡିଆ ସିଦ୍ଧ ଜଗନ୍ନାଥ ମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଶ୍ୟାମସୁନ୍ଦର ପାଇକରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନୂତନ ସଭ୍ୟମାନଙ୍କୁ ସ୍ୱାଗତ କରାଯାଇଥିଲା। ସମ୍ପାଦକ ଅଲେଖ ଚରଣ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ୨୦୨୨ ଶିକ୍ଷା ବର୍ଷରେ ମାଟ୍ରିକ ପରୀକ୍ଷାରେ ୩ ଜଣ ମେଧାବୀ ଛାତ୍ରୀଛାତ୍ର, ବାଗଲପୁର ଜନସ୍ୱାସ୍ଥ୍ୟ ଅଧିକାରିଣୀ ଡା. ଶୁଭ ଦର୍ଶିନୀ ଦାଶ ଓ ମଇଁଦିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ରଞ୍ଜନ ଦାଶଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଯାଇଥିଲା। ଏଥିରେ କୋଷାଧ୍ୟକ୍ଷ ସୁଦର୍ଶନ ଭୋଇ, ଉପଦେଷ୍ଟା କମିଟିର ଶରତ ଚନ୍ଦ୍ର ଦାଶ, ଉପ ସଭାପତି ଧନେଶ୍ୱର ଦାଶ, ସୌଭାଗ୍ୟ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ଫେରିଲେ ୧୩ ନିଖୋଜ ମତ୍ସ୍ୟଜୀବୀ

**ପାରାଦୀପ, ୧୬।୧(ସ୍ୱ.ପ୍ର.)**

## ୨ ବୋଟ୍‌ରେ ସମୁଦ୍ରକୁ ଯାଇଥିଲେ



ସମୁଦ୍ରରୁ ଫେରିଥିବା ବୋଟ୍।

ପାରାଦୀପ ମାଛଧରା ବନ୍ଦର ପରିସରରୁ ୨ ବୋଟ୍‌ରେ ସମୁଦ୍ରକୁ ଯାଇ ନିଖୋଜ ହୋଇଯାଇଥିବା ୧୩ ଜଣ ମତ୍ସ୍ୟଜୀବୀ ସୋମବାର କୂଳକୁ ଫେରିଛନ୍ତି। କୋଷ୍ଟଗାର୍ଡ ପକ୍ଷରୁ ସମୁଦ୍ରରେ ତଲାସ କରାଯାଇ ସେମାନଙ୍କୁ ଠାବ କରାଯାଇ ଫେରିବାକୁ କୁହାଯାଇଥିଲା। ଏହାପରେ ମେରାଇନ୍ ପୋଲିସ ପକ୍ଷରୁ ସମ୍ପୃକ୍ତ ବୋଟ୍‌ର ଡାଇଭରମାନଙ୍କୁ ପଚରାଉଚୁରା କରାଯାଇଛି। ଜାନୁୟାରୀ ୮ରେ ମା'ଦିବ୍ୟଲକ୍ଷ୍ମୀ ଓ କିନାରା ନାମକ ବୋଟ୍‌ରେ ଉକ୍ତ ମତ୍ସ୍ୟଜୀବୀମାନେ ସମୁଦ୍ରକୁ ଯାଇଥିଲେ। ପାରାଦୀପଠାରୁ ଉତ୍ତର ପୂର୍ବ ସାଗରଦ୍ୱୀପ ସୀମା ୧୫୮ କିମି (୮୮ ନଟିକାଲ ମାଇଲ)ଠାରେ ସର୍ଭେ କାମ କରୁଥିବା ଓଏନ୍‌ଜିସିର ଠିକାସଂସ୍ଥା ସି ହାଇକ୍ୱର କିଛି କାମ ପାଇଁ ମତ୍ସ୍ୟଜୀବୀମାନେ ସେଠାକୁ ଯାଇଥିଲେ। ଠିକାସଂସ୍ଥାର ଜଣେ କର୍ମଚାରୀ ଉକ୍ତ ବୋଟ୍ ଦ୍ୱୟକୁ ମାଲିକଙ୍କଠାରୁ ଭଡ଼ା ସୂତ୍ରରେ ନେଇଥିଲେ। ୧୧ ତାରିଖ ପର୍ଯ୍ୟନ୍ତ ବୋଟ୍ ମାଲିକଙ୍କ ସହ ଚାଳକଙ୍କ ଯୋଗାଯୋଗ ଠିକ୍ ଥିଲା। ତାପରଠାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଏନେଇ ବୋଟ୍ ମାଲିକ ରବିବାର ପ୍ରଥମେ ମତ୍ସ୍ୟବିଭାଗକୁ ଜଣାଇଥିଲେ। ତା'ପରେ ମତ୍ସ୍ୟବିଭାଗ ପକ୍ଷରୁ କୋଷ୍ଟଗାର୍ଡ ଓ ମେରାଇନ ପୋଲିସକୁ ଚିଠି ଲେଖି ସହାୟତା ଯୋଗାଇଦେବାକୁ ଅନୁରୋଧ କରାଯାଇଥିଲା। ଏ ସମ୍ପର୍କରେ ବୋଟ୍‌ର କର୍ମଚାରୀ ମାୟାଧର ପାତ୍ର କୁହନ୍ତି, ଆମେ ବାଂଲାଦେଶ ସୀମା ପର୍ଯ୍ୟନ୍ତ ଯାଇଥିଲୁ। ସେଠାରେ ଯେଉଁ ଜାହାଜ ପାଖରେ ଥିଲୁ ସେମାନେ କିଛି କାମ କରିବା ପରେ ଅନ୍ୟ ଏକ ସ୍ଥାନକୁ ଯିବା ପାଇଁ କହିଥିଲେ। ତା'ପରେ ଜାହାଜକୁ ନ ପାଇ ଇତସ୍ତତଃ ହୋଇ ବୁଲୁଥିଲୁ। ଉକ୍ତ ସ୍ଥାନରେ ନେଟୱର୍କ ନ ଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। କୋଷ୍ଟଗାର୍ଡ ଟିମ୍ ପହଞ୍ଚି ଫେରି ଆସିବାକୁ କହିଥିଲା।

# ସମ୍ଭାବ୍ୟ ହିତାଧିକାରୀଙ୍କ ତାଲିକା ପ୍ରକାଶ

**ନାଉଗାଁ,୧୬।୧(ସ୍ୱ.ପ୍ର)**

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନାଉଗାଁ ବ୍ଲକର ସମ୍ଭାବ୍ୟ ହିତାଧିକାରୀ ଚୟନ ତାଲିକା ସୋମବାର ପ୍ରକାଶ ପାଇଛି। ଉକ୍ତ ତାଲିକା ବ୍ଲକର ୧୬ ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରଦର୍ଶିତ କରାଯାଇଛି। ଏହି ତାଲିକା ସମ୍ବନ୍ଧରେ ହିତାଧିକାରୀମାନଙ୍କ କୌଣସି ଆପତି ଅଭିଯୋଗ ଥିଲେ ୨୪ ଜାନୁୟାରୀ ୨୦୨୩ ମଧ୍ୟରେ ପଞ୍ଚାୟତ କାର୍ଯ୍ୟାଳୟରେ ଥିବା ଅଭିଯୋଗ ବାକ୍ସ କିମ୍ବା ଅନଲାଇନ ମାଧମରେ ଅଭିଯୋଗ କରି ପାରିବେ। ସେହିପରି ହିତାଧିକାରୀମାନେ ଟୋଲ ଫ୍ରି ନମ୍ବରରେ ନିଜର ଅଭିଯୋଗ ସିଧାସଳଖ ଦେବାର ମଧ ବ୍ୟବସ୍ଥା କରାଯାଇଛି। ଉକ୍ତ ବ୍ଲକର ସମୁଦାୟ ୪୮୦ ଜଣ ହିତାଧିକାରୀ ସମ୍ଭାବ୍ୟ ତାଲିକାରେ ସ୍ଥାନ ପାଇଛନ୍ତି ବୋଲି ବିଡିଓ ରଶ୍ମିରେଖା ମଲିକ ପ୍ରକାଶ କରିଛନ୍ତି।

# ସମର୍ଥନରେ କଂଗ୍ରେସ, ଭାଜପା, ଧର୍ମରକ୍ଷା ସେନା ବସିଲେ

**ରାଜକନିକା, ୧୬।୧ (ଡି.ଏନ୍.ଏ.)**

## ସ୍ଥାୟୀ ଡାକ୍ତର ପଦବୀ ପୂରଣ ଦାବିରେ ଧାରଣା ୪ର୍ଥ ଦିନରେ ପହଞ୍ଚିଲା

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକର ଓଳାଭରଠାରେ ଡ. ରାଧାନାଥ ରଥ ସରକାରୀ ହସ୍ପିଟାଲରେ ସ୍ଥାୟୀ ଡାକ୍ତର ପାଇଁ ଅହୋରାତ୍ର ଚାଲୁ ରହିଥିବା ଧାରଣା ସୋମବାର ଗଣଧାରଣାରେ ପରିଣତ ହୋଇଛି। ଗତ ୧୩ ତାରିଖରୁ ଆରମ୍ଭ ହୋଇଥିବା ଧାରଣା ୪ର୍ଥ ଦିନରେ ପହଞ୍ଚିଛି। ଏହାକୁ ସ୍ଥାନୀୟ ଅଞ୍ଚଳବାସୀ, ବ୍ୟବସାୟୀ, ଅଟୋ ଚାଳକ ସଂଘ, କଂଗ୍ରେସ, ଭାଜପା ଓ ଧର୍ମରକ୍ଷା ସେନା ସମର୍ଥନ ଜଣାଇ ଗଣଧାରଣାରେ ସାମିଲ ହୋଇଥିଲେ। ଫଳରେ ଏହା ଗଣଧାରଣାକାରୀଙ୍କ ମନୋବଳକୁ ଦ୍ୱିଗୁଣିତ କରିଛି। ତେବେ ରାଜକନିକା ବ୍ଲକରେ ଯୁଗ୍ମ ଜନଶୁଣାଣି ଶିବିରରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଉପସ୍ଥିତ ଥାଇ ମଧ ବ୍ଲକଠାରୁ ୫ କିମି ଦୂରରେ ଚାଲୁ ରହିଥିବା ଗଣଧାରଣା ସ୍ଥଳକୁ ନ ଯିବା ଏବଂ ଡ. ରାଧାନାଥ ରଥ ହସ୍ପିଟାଲରେ ସ୍ଥାୟୀ ଡାକ୍ତର ପ୍ରସଙ୍ଗରେ କୌଣସି କଥା ନ କହି ପ୍ରସଙ୍ଗକୁ ଏଡାଇ ଯିବା ସାଧାରଣରେ ଚର୍ଚ୍ଚା ଯୋର ଧରିଛି।

ସୂଚନାଯୋଗ୍ୟ ରାଜକନିକା ବ୍ଲକର ବ୍ୟବସାୟ ପେଣ୍ଠସ୍ଥଳ ଓଳାଭର। ଓଳାଭର ଅଞ୍ଚଳବାସୀଙ୍କ ଉଦ୍ୟମରେ ୧୯୫୦ରୁ ସ୍ଥାପିତ ଡ. ରାଧାନାଥ ରଥ ହସ୍ପିଟାଲ ୧୯୯୪ରେ ସରକାରୀ ମାନ୍ୟତା ପାଇ ୨୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲରେ ପରିଣତ ହୋଇଥିଲା। ଏହି ହସ୍ପିଟାଲ ଉପରେ ପ୍ରାୟ ୫୦ ହଜାର ଲୋକ ନିର୍ଭର କରୁଛନ୍ତି। ହେଲେ ଦୀର୍ଘଦିନ ହେବ ଏଠାରେ ସ୍ଥାୟୀ ଡାକ୍ତର ନ ଥିବା ଯୋଗୁ ଏହା ଜନ ଅସନ୍ତୋଷର ପରିଣତ ହୋଇ ଧାରଣା ପରେ ଗଣଧାରଣାରେ ପରିଣତ ହୋଇଛି। ଏହା ଆଗାମୀଦିନରେ ଜନଆନ୍ଦୋଳନର ଦାନା ବାନ୍ଧୁଛି। ସୋମବାର ଖବରଦାତା ସୁଶାନ୍ତ ନାୟକଙ୍କୁ ସମର୍ଥନ ଜଣାଇ ତାଙ୍କ ମା', ବଡ଼ ମା' ଓ ନାନି ଧାରଣାସ୍ଥଳରେ ବସିଥିବା ବେଳେ, ଦେଉଳସାହିର ଶତାଧିକ ମହିଳା ଗଣଧାରଣାରେ ସାମିଲ ହୋଇଛନ୍ତି। ସେହିପରି ଓଳାଭର କଲେଜର ଏକାଧିକ ଛାତ୍ରୀଛାତ୍ର ଗଣଧାରଣାକୁ ସମର୍ଥନ ଜଣାଇଛନ୍ତି। ଜିଲା ସୂଚନା ଅଧିକାର ସଭାପତି ପ୍ରତାପ ମହାନ୍ତି ଧାରଣାରେ ସାମିଲ ହୋଇଥିବା ବେଳେ, ଭାଜପା ବରିଷ୍ଠ ନେତା ବ୍ରଜ ସୁନ୍ଦର ଭୂୟାଁଙ୍କ ନେତୃତ୍ୱରେ ପେଗରପଡା ସରପଞ୍ଚଙ୍କ ସମେତ ଶତାଧିକ ନେତା ଓ କର୍ମୀ ଏହି ଗଣଧାରଣାରେ ସାମିଲ ହୋଇ ସରକାରଙ୍କୁ ସମାଲୋଚନା କରିଛନ୍ତି। ସେହିପରି ବ୍ଲକ କଂଗ୍ରେସ କମିଟିର ସଭାପତି ମଙ୍ଗୁଳି ଚରଣ ବେହେରାଙ୍କ ନେତୃତ୍ୱରେ ବଳରାମପୁର ପଞ୍ଚାୟତର ସମିତି ସଭ୍ୟାଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ଓ ନେତା ଗଣଧାରଣାକୁ ନୈତିକ ସମର୍ଥନ ଜଣାଇନ୍ତି। ସେହିପରି ଓଳାଭର ଅଞ୍ଚଳର ମୁସଲିମ୍ ବସ୍ତି, ବଉଳ ପୋଖରୀ, ନର୍ସିଂପୁର, ବଳିଭଣ୍ଡା, ନୂଆପାଟଣା, ଛଦେଶ, ବାଲିସାହି, ପେଗରପଡା ଓ ପାଡୁଳି ଆଦି ଏକାଧିକ ଗ୍ରାମର ପ୍ରାୟ ୩ ହଜାରରୁ ଅଧିକ ଜନସମର୍ଥନ ଗଣଧାରଣା ସ୍ଥଳରେ ପହଞ୍ଚି ଥିବା ଦେଖିବାକୁ ମିଳିଛି। ଅଞ୍ଚଳବାସୀଙ୍କ ସହଯୋଗରେ ଡାକ ବାଜିଯନ୍ତ୍ର ସାହାଯ୍ୟରେ ସମର୍ଥନ ସାଉଁଟିବାକୁ ସାରା ରାଜକନିକାବାସୀଙ୍କୁ ନିବେଦନ କରାଯାଇଛି। ଅପରାହ୍ନ ସମୟରେ ରାଜକନିକା ଧର୍ମରକ୍ଷା ସେନାର ସନ୍ତୋଷ କର ଓ ଦିଲୀପ ପରିଡାଙ୍କ ନେତୃତ୍ୱରେ ଏକାଧିକ ଯୁବକ ସାମିଲ ହୋଇଛନ୍ତି।

# ଡେରାବିଶରେ ପଲ୍ଲୀରେ ପ୍ରଶାସନ ନୈରାଶ୍ୟଜନକ

**ଡେରାବିଶ ୧୬।୧(ସ୍ୱ.ପ୍ର.)**



ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ଅଧିକାରୀଙ୍କ ନିକଟରେ ଲୋକେ ଅଭିଯୋଗ କରୁଛନ୍ତି।

## ଛୋଟି ପଞ୍ଚାୟତରେ ୫୦ ଅଭିଯୋଗ

କେନ୍ଦ୍ରାପଡ଼ା ଜିଲାରେ ଆରମ୍ଭ ହୋଇଥିବା ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମକୁ ପ୍ରଥମ ପର୍ଯ୍ୟାୟରେ ବହୁ ଅଭିଯୋଗ ଆସୁଥିଲା। ଏବେ ଦ୍ୱିତୀୟ ପର୍ଯ୍ୟାୟରେ ଅଭିଯୋଗ ସଂଖ୍ୟା କମିବା ସହ ଏହା ନୈରାଶ୍ୟଜନକ ହୋଇଥିବା ଅଭିଯୋଗ ହେଉଛି। ଜିଲାର ଡେରାବିଶ ବ୍ଲକ ଛୋଟି ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ବିଡିଓ ନମିତା ବାରିକ ଶୁଭାରମ୍ଭ କରିବା ସହ ୫୦ଟି ଅଭିଯୋଗ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ପ୍ରଭାତି ମଲିକ, ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ସରପଞ୍ଚ ରଜନୀ ମଲିକଙ୍କ ସମେତ ଏବିଡିଓ ଭଞ୍ଜ କିଶୋର ନାୟକ ଉପସ୍ଥିତ ଥିଲେ। ଏଥିରେ ବ୍ଲକ ପ୍ରଶାସନ ପକ୍ଷରୁ ବିଭିନ୍ନ ବିଭାଗର ୧୦ରୁ ଊର୍ଦ୍ଧ୍ୱ ଷ୍ଟଲ ଖୋଲାଯାଇଥିବା ବେଳେ ବିଭିନ୍ନ ବିଭାଗର ସମ୍ପ୍ରସାରଣ ଅଧିକାରୀ ଉପସ୍ଥିତ ରହି ନିଜ ନିଜ ବିଭାଗର ଅଭିଯୋଗ ଗ୍ରହଣ କରିଥିଲେ। ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର ଖୋଲାଯାଇ ଉପସ୍ଥିତ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ତେବେ ରାଶନ ସାମଗ୍ରୀ, ଭତ୍ତା, ବାସଗୃହ ଯୋଜନାରୁ ବଞ୍ଚିତ ଥିବା ହିତାଧିକାରୀମାନେ ସେମାନଙ୍କ ଅଭିଯୋଗ ପ୍ରଦାନ କରିବା ସହ ବିଭିନ୍ନ ଗ୍ରାମରେ ଗ୍ରାମ୍ୟ ରାସ୍ତା ନିର୍ମାଣ ଓ ମରାମତି ହେବା ପାଇଁ ଲୋକମାନେ ଅଭିଯୋଗ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ସିଡିପିଓ ସ୍ନେହଲତା ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭଶ୍ରୀ ଦଳେଇ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ନନ୍ଦିନୀ ଶତପଥୀ ସହ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଏହାକୁ ଅନିଲ କୁମାର ସେଠୀ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ହରମୋହନ ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ବ୍ଲକ ଅଧୀନ ୨୬ଟି ପଞ୍ଚାୟତରେ ଅନୁଷ୍ଠିତ ହୋଇଥିବା ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ବିଭିନ୍ନ ସମସ୍ୟା ସମ୍ପର୍କରେ ଅଭିଯୋଗ ଦେବାକୁ ସମ୍ପୃକ୍ତ ପଞ୍ଚାୟତର ଅଧିବାସୀ ଭିଡ଼ ଜମାଇଥିବା ଦେଖିବାକୁ ମିଳିଥିଲା। ମାତ୍ର ଦ୍ୱିତୀୟ ପର୍ଯ୍ୟାୟରେ ଏହି କାର୍ଯ୍ୟକ୍ରମ ଏଯାଏ ୭ଟି ପଞ୍ଚାୟତରେ ଅନୁଷ୍ଠିତ ହୋଇଛି। ଏବେ କେବଳ ପ୍ରଶାସନିକ ଅଧିକାରୀ ଦେଖିବାକୁ ମିଳୁଥିବା ବେଳେ କାଁ ଭାଁ କେତୋଟି ମାତ୍ର ଅଭିଯୋଗ ଆସୁଛି। କେବଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଖୋଲା ଯାଇଥିବା ସ୍ୱାସ୍ଥ୍ୟ ଶିବିରରେ ଲୋକ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ଆସୁଛନ୍ତି। ଅନ୍ୟ ଅଭିଯୋଗ ପାଇଁ ହାତଗଣତି କେତୋଟି ଅଭିଯୋଗ ଆସୁଛି। ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ନୈରାଶ୍ୟ ଜନକ ହେଉଥିବା ପ୍ରଶାସନ ପ୍ରତି ଲୋକଙ୍କ ଆଗ୍ରହ କାହିଁକି କମୁଛି ସମ୍ପର୍କରେ ବିଡିଓ ବାରିକଙ୍କୁ ପଚାରିବାରୁ ପ୍ରଥମ ପର୍ଯ୍ୟାୟରେ ରାଶନ କାର୍ଡ଼ରୁ ବଞ୍ଚିତ ଥିବା ହିତାଧିକାରୀ, ବାସଗୃହ ଯୋଜନାରୁ ବାଦ ପଡ଼ିଥିବା ହିତାଧିକାରୀ ଓ ଶ୍ରମିକ କାର୍ଡ ପାଇବା ପାଇଁ ଲୋକଙ୍କ ଭିଡ଼ ହେଉଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଏହି ଅଭିଯୋଗଗୁଡ଼ିକ ଆସୁ ନ ଥିବା ବେଳେ ବ୍ଲକରେ ଧାର୍ଯ୍ୟ ଦିଆଯାଇଥିବା ଶ୍ରମିକ କାର୍ଡ ହିତାଧିକାରୀଙ୍କ ସଂଖ୍ୟା ପୂରଣ ହୋଇଥିବାରୁ ଏ ସମ୍ପର୍କିତ ଅଭିଯୋଗ ଆଉ ଆସୁନାହିଁ ବୋଲି ସେ କହିଥିଲେ।

## ସଂକ୍ଷେପରେ

### ଦଶପଲ୍ଲା ଫୁଟବଲ କପ୍: କଟକ ବିଜୟୀ

ଦଶପଲ୍ଲା,୧୬ା୧( ଡି.ଏନ.ଏ.)-ଦଶପଲ୍ଲା କପ୍ ଫୁଟବଲ ଟୁର୍ନାମେଣ୍ଟର ସୋମବାର ୬ଷ୍ଠ ଦିବସର ଖେଳ ଦଶପଲ୍ଲା ବନାମ ୱାଇଏଫସିଏ କଟକର ଖେଳ ହୋଇଥିଲା। ପ୍ରଥମାର୍ଦ୍ଧରେ କୌଣସି ଦଳ କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଦ୍ୱିତିୟାର୍ଦ୍ଧ ଆରମ୍ଭର ମାତ୍ର ୩ ମିନିଟ୍ ସମୟ ମଧ୍ୟରେ କଟକ ଦଳ ଦଶପଲ୍ଲାକୁ ଗୋଟିଏ ଗୋଲ ଦେଇ ପ୍ରାଧାନ୍ୟ ବିସ୍ତାର କରୁଥିଲା। ତାର ଠିକ୍ ୨ମିନିଟ୍ ମଧ୍ୟରେ ଦଶପଲ୍ଲା ଦଳ ଗୋଲଟିକୁ ପରିଶୋଧ କରିଦେଇଥିଲା। ପରେ ଉଭୟ ଦଳ ଅତ୍ୟନ୍ତ ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରିଥିଲେ। ଫଳରେ କେହି କାହାକୁ ଗୋଲ ଦେଇ ପାରି ନ ଥିଲେ। ଶେଷରେ ପାଇଁ ଟାଇବ୍ରେକର ପଦ୍ଧତି ବ୍ୟବହାର କରାଯାଇଥିଲା। ସେଥିରେ ଦଶପଲ୍ଲା ଦଳ ୩-୦ ଗୋଲରେ ପରାଜୟ ବରଣ କରିଥିଲା। ଅତିଥି ଭାରତୀୟ ଷ୍ଟେଟ ବ୍ୟାଙ୍କ ସରିଗଣ୍ଡା ଶାଖା ପରିଚାଳକ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମଙ୍ଗଳବାର ଭଞ୍ଜନଗର ଦଳ ସହ ଭୁବନେଶ୍ୱର ଦଳର ଖେଳ ହେବ ବୋଲି ସମ୍ପାଦକ ଭବାନୀ ପ୍ରସାଦ ମିଶ୍ର ଜଣାଇଛନ୍ତି।

### ମୋ ହସ୍ପିଟାଲ ଯୋଜନାରେ ସାମିଲ ହେଲା ଖଣ୍ଡପଡା, ଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ଖଣ୍ଡପଡା,୧୬ା୧(ସ୍ୱ.ପ୍ର)- ରାଜ୍ୟ ସରକାର ୫-ଟି କାର୍ଯ୍ୟକ୍ରମ ଜରିଆରେ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକର ଉନ୍ନତିକରଣ ନିମନ୍ତେ ପ୍ରୟାସ ଆରମ୍ଭ କରିଛନ୍ତି। ଏ ପରିପ୍ରେକ୍ଷୀରେ ଖଣ୍ଡପଡ଼ା ଓ ନୂଆଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏହି ଯୋଜନାରେ ସାମିଲ କରାଯାଇଥିବା ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ଅଭିଷାର ପଣ୍ଡା ସୂଚନା ଦେଇଛନ୍ତି।

### ୨ ଦିନରେ ୨୫୫ କେଜି ଗଞ୍ଜେଇ ଜବତ
### ୨ କାର୍ ସହ ୫ ଗିରଫ

ବ୍ରହ୍ମପୁର ଅଫିସ,୧୬ା୧: ବ୍ରହ୍ମପୁର ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ରବିବାର ଓ ସୋମବାର ୨ ପୃଥକ୍ ସ୍ଥାନରେ ଚଢ଼ାଉକରି ମୋଟ ୨୫୫କେଜି ଗଞ୍ଜେଇ ଜବତ କରିଛି। ଏଥିରେ ଦୁଇଟି ମାମଲାରେ ୫ ଜଣଙ୍କୁ ଗିରଫ କରାଯାଇଛି। ଏହାସହ ଦୁଇଟି କାର ମଧ ଜବତ ହୋଇଛି ବୋଲି ଅବକାରୀ ଗୋଇନ୍ଦା ଡେପୁଟି କମିଶନର ଅଶୋକ ଶତପଥୀ ସୂଚନା ଦେଇଛନ୍ତି। ରବିବାର ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ନୟାଗଡ଼ର କୃଷ୍ଣ ପାତ୍ର, ଗଜପତି ଜିଲା ମୋହନାର ପିଣ୍ଟୁ ନାୟକ, ପୁରୀର ବାବୁଲା ବେହେରା ଓ ତପନ ନାୟକ। ସେହିପରି ଏହି ଘଟଣାରେ ପଶ୍ଚିମବଙ୍ଗ ମୁର୍ଶିଦାବାଦର ସବିୟୁଲ ଇସ୍‌ଲାମ୍ (୧୯)ଙ୍କୁ ସୋମବାର ଗିରଫ କରାଯାଇଛି। ଅବକାରୀ ଟିମ୍ ଆସିକା ଥାନା କାଳଷଣ୍ଡପୁର ନିକଟରେ ଚଢ଼ାଉକରି ଏକ କାର୍ ଓ ସ୍କୁଟିରେ ଚାଲାଣ ହେଉଥିବା ୧୫୫କେଜି ଗଞ୍ଜେଇ ଜବତ ହୋଇଥିଲା। ଅବକାରୀ ବିଭାଗ ଏ ସଂକ୍ରାନ୍ତରେ ୪ଜଣଙ୍କୁ ଗିରଫ କରିଥିଲା। ଏହି ଗଞ୍ଜେଇ କନ୍ଧମାଳ ଜିଲାରୁ ଆଣି ବ୍ରହ୍ମପୁର ଦେଇ ପୁରୀ ଓ କୋଲକାତାକୁ ଚାଲାଣ ହୋଇଥାନ୍ତା ବୋଲି ତଦନ୍ତରୁ ଜଣାପଡ଼ିଥିଲା। ସେହିପରି ସୋମବାର ସକାଳେ ଅନ୍ୟ ଏକ ଟିମ୍ ଦିଗପହଣ୍ଡି ଥାନା ଅନ୍ତର୍ଗତ ପୁଞ୍ଜିକର୍ଯ୍ୟା ଛକରେ ଚଢ଼ାଉ କରିଥିଲା। ଯାଞ୍ଚ ପରେ କାର୍‌ରେ ବାହାର ରାଜ୍ୟକୁ ଚାଲାଣ ହେଉଥିବା ୧୦୦ କେଜି ଗଞ୍ଜେଇ ଜବତ କରାଯାଇଛି। ଅବକାରୀ ଟିମ୍ ଜଣେ ଯୁବକଙ୍କୁ ଗିରଫ କରିଛି।

### ଟ୍ରେନ୍ ଶୌଚାଳୟରେ ଯାତ୍ରୀଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୧୬ା୧-ରେଳବାଇ ପୋଲିସ ରବିବାର ରାତିରେ ଜଣେ ମହିଳା ଯାତ୍ରୀଙ୍କ ମୃତଦେହ କୋଣାର୍କ ଏକ୍ସପ୍ରେସ୍ ଟ୍ରେନ ଶୌଚାଳୟରୁ ଉଦ୍ଧାର କରିଛି। ମୃତ ମହିଳା ଜଣଙ୍କ ଗଞ୍ଜାମ ଜିଲା ଆସିକା ଥାନା ଅନ୍ତର୍ଗତ ଗଣ୍ଡାପଲି ଗ୍ରାମର ସୁନ୍ଦରୀ ଦାସ(୩୬)। ପୋଲିସ ନଂ.ରେ ୭/୨୨ ରେ ଏକ ମାମଲା ରୁଜୁ କରିଛି। ଶୌଚାଳୟରେ ଖସିପଡ଼ି ମୃତ୍ୟୁ ଘଟିଥିବା ପୋଲିସ ପ୍ରାଥମିକ ଅନୁସନ୍ଧାନରୁ ସନ୍ଦେହ କରୁଛି। ସ୍ୱାମୀ ଗନ୍ତେଇ ପୁଣେରେ କାମ କରନ୍ତି। ସେଠାରେ ତାଙ୍କ ସ୍ତ୍ରୀ' ସୁନ୍ଦରୀଙ୍କ ସହ ରୁହନ୍ତି। ସେମାନେ ଗତ ୨ଦିନ ତଳେ ପୁଣେରୁ କୋଣାର୍କ ଏକ୍ସପ୍ରେସ୍‌ରେ ବ୍ରହ୍ମପୁର ଅଭିମୁଖେ ବାହାରିଥିଲେ। ରବିବାର ରାତି ପ୍ରାୟ ୧୦ ଟାରେ ସୁନ୍ଦରୀ ଟ୍ରେନ୍‌ରେ ଥିବା ଶୌଚାଳୟକୁ ଯାଇଥିଲେ। ବହୁ ସମୟ ପର୍ଯ୍ୟନ୍ତ ସେ ଶୌଚାଳୟରୁ ବାହାରକୁ ନ ଆସିବାରୁ ଗନ୍ତେଇଙ୍କର ସନ୍ଦେହ ହୋଇଥିଲା। ଟ୍ରେନ୍‌ଟି ବ୍ରହ୍ମପୁର ଷ୍ଟେଶନରେ ପହଞ୍ଚିବା ପରେ ଶୌଚାଳୟ କବାଟ ଖୋଲିବା ବେଳେ ସେଠାରେ ସୁନ୍ଦରୀ ଅଚେତ ଥିବା ଦେଖିବାକୁ ପାଇଥିଲେ। ସୁନ୍ଦରୀଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କ ମୃତ ଘୋଷଣା କରିଥିଲେ।

# ୨ ଶ୍ରମିକଙ୍କ ମୃତ୍ୟୁ ପରେ ସନ୍ଦେହରେ ଧାନ ମିଲ୍

**ନୟାଗଡ଼ ଅଫିସ,୧୬ା୧:**

ନୟାଗଡ଼ ଜିଲା ଓଡଗାଁ ଆଦର୍ଶ ଥାନା ରୋହିବାଙ୍କସ୍ଥିତ ମା' ମଙ୍ଗଳା ଧାନ ମିଲରେ ସୋମବାର ୨ ଶ୍ରମିକଙ୍କର ମୃତ୍ୟୁ ପରେ ସନ୍ଦେହ ଘେରକୁ ଜିଲାର ଧାନମିଲ୍‌ଗୁଡିକ ଆସିଛନ୍ତି। ସୋମବାର ଶ୍ରମିକଙ୍କ ମୃତ୍ୟୁକୁ ଅନୁଧ୍ୟାନ କଲେ ଜିଲାର ବିଭିନ୍ନ ମିଲରେ କାର୍ଯ୍ୟରତ ଶ୍ରମିକ ଅସୁରକ୍ଷିତ ଭାବେ କାମ କରୁଥିବା ପ୍ରମାଣିତ ହୋଇଛି। ମା' ମଙ୍ଗଳା ମିଲ ଜିଲାର ବିଭିନ୍ନ ମଣ୍ଡିର ଧାନ ସଂଗ୍ରହ କରି ସରକାରଙ୍କୁ ଚାଉଳ ଯୋଗାଇଥାଏ। ଏହି କଷ୍ଟମ ମିଲରରୁ ଶ୍ରମିକମାନେ ଠିକ୍ ଭାବେ ଦରମା ପାଉ ନ ଥିବା ଅଭିଯୋଗ ହେଉଛି। ମିଲ ମାଲିକ ଶ୍ରମ ବିଭାଗକୁ ଶ୍ରମିକଙ୍କ ଉପସ୍ଥାନ ଓ ଦରମା ପ୍ରାପ୍ତି ରେଜିଷ୍ଟର ସହ ଅନ୍ୟ କାଗଜାତ ଦେଖାଇ ପାରି ନ ଥିବା ପ୍ରଶାସନର କାର୍ଯ୍ୟକୁ ସନ୍ଦେହ ଘେରକୁ ଆଣିଛି। ଅନ୍ୟପକ୍ଷେ ମୃତକ ଶ୍ରମିକ ଦ୍ୱୟଙ୍କର ଇପିଏଫ୍ (ଭବିଷ୍ୟନିଧି ପାଣ୍ଠି) ଓ ଇଏସ୍‌ଆଇ (କର୍ମଚାରୀ ରାଜ୍ୟ ବୀମା) ପାଇଁ ନାଁ ପଞ୍ଜୀକୃତ କରାଯାଇନି। ଇପିଏଫ୍ ଓ ଇଏସ୍‌ଆଇ କର୍ତ୍ତୃପକ୍ଷ ମଧ୍ୟ ମିଲର ମାଲିକଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ସେହିପରି ଶ୍ରମ, ଡିଆଇସି ଓ ଯୋଗାଣ ବିଭାଗ ଜିଲାର ମିଲଗୁଡିକ ପ୍ରତି ଅନୁକମ୍ପା ଦେଖାଉଥିବା ଅଭିଯୋଗ ହୋଇଆସୁଛି। ସରକାରଙ୍କର ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ ୧୯୫୬ ଓ ସହରାଞ୍ଚଳ ମିଲର ପଞ୍ଜୀକୃତ ଆଇନ କୋମାରେ ରହିଥିବା ଅନୁରୂପ ଅଭିଯୋଗ ହେଉଛି।

ଜିଲାରେ ୧୭ଟି କଷ୍ଟମ ମିଲ୍ ଓ ୫୦ରୁ ଊର୍ଦ୍ଧ୍ୱ ମିଲ୍ ରହିଛି। ଯେଉଁଥିରେ ଧାନରୁ ଚାଉଳ ହେଉଛି। ୧୭ଟି କଷ୍ଟମ ମିଲ କେବଳ ମଣ୍ଡିରୁ ଧାନ ନେଇ ସରକାରଙ୍କୁ ଚାଉଳ ଯୋଗାଉଛନ୍ତି। ହେଲେ ଶ୍ରମିକଙ୍କ ପାଇଁ ମିଲ ପରିବେଶ ଉପଯୁକ୍ତ କି ନୁହଁ ତା'ର ତଦନ୍ତ କରାଯାଉନି। କିଛି ଅଘଟଣ ଘଟିଲେ ସରକାର ଓ ପ୍ରଶାସନର ଚେତା ପଶେ। ତେବେ ନୟାଗଡ଼ ଜିଲାରେ ଗୋଟିଏ ଦିନରେ ୨ଜଣ ଶ୍ରମିକ ମିଲରେ ପ୍ରାଣ ହରାଇବା ପରେ ପ୍ରଶାସନ ଓ ସରକାର ଏହାର ପରିବର୍ତ୍ତନ କରିବାକୁ ଆଗ୍ରହୀ ଥିବା ପରି ମନେ ହେଉନି। ଜିଲାର ବିଭିନ୍ନ ଧାନ ମିଲରେ ଶ୍ରମିକମାନେ ଉପେକ୍ଷିତ ହୋଇ ଅସୁରକ୍ଷିତ ଭାବେ କାମ କରୁଥିବା ଅଭିଯୋଗ ହୋଇଆସୁଛି। ରୋହିବାଙ୍କ ମିଲ ଦୁର୍ଘଟଣା ଏହାର ନଜୀର। ଯାହାକି ବିଭିନ୍ନ ମିଲ ପାଇଁ ସତର୍କ ଘଣ୍ଟି ବଜାଇଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।



ମିଲ୍‌ରେ ୨ଶ୍ରମିକଙ୍କ ମୃତ୍ୟୁ ଘଟଣାର ଶ୍ରମ ଅଧିକାରୀ ଓ କର୍ମଚାରୀମାନେ ତଦନ୍ତ କରୁଛନ୍ତି ।

- ଶ୍ରମିକ ସୁରକ୍ଷାକୁ ଅଣଦେଖା କରୁଛନ୍ତି ମିଲ୍ କର୍ତ୍ତୃପକ୍ଷ
- ଉପସ୍ଥାନ, ଦରମା ରେଜିଷ୍ଟର ମେଣ୍ଟେନ ହେଉନି
- ଇପିଏଫ୍, ଇଏସ୍‌ଆଇରେ ପଞ୍ଜୀକୃତ କରାଯାଉନି
- ଶ୍ରମ, ଡିଆଇସି, ଯୋଗାଣ ବିଭାଗର ଅନୁକମ୍ପା

#### ମିଲ ମାଲିକଙ୍କୁ କ୍ଲିନ ଚିଟ୍

ରୋହିବାଙ୍କ ଧାନ ମିଲରେ ଦୁଇ ଶ୍ରମିକଙ୍କ ମୃତ୍ୟୁ ପରେ ଜିଲା ପ୍ରଶାସନ ପକ୍ଷରୁ ମିଲ ମାଲିକଙ୍କୁ କ୍ଲିନ ଚିଟ୍ ଦିଆଯିବା ପରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁଙ୍କ ଗଣମାଧ୍ୟମକୁ ଦେଇଥିବା ରିପୋର୍ଟକୁ ଅନୁଧ୍ୟାନ କଲେ ଚାପରେ ଚେପା ହୋଇ ପ୍ରଶାସନ କ୍ଲନ୍ ଚିଟ୍ ଦେବାକୁ ବାଧ ହୋଇଥିବା ସ୍ପଷ୍ଟ ବାରି ହୋଇପଡୁଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ସୂଚନା ଅନୁସାରେ, ନୟାଗଡ଼ ଜିଲା ଶିଳ୍ପକେନ୍ଦ୍ରର ଜେନେରାଲ ମ୍ୟାନେଜର ପ୍ରାଥମିକ ଅନୁସନ୍ଧାନ କରି ରାଇସ ମିଲର ଲାଇସେନ୍ସ ଓ ବଏଲର ଲାଇସେନ୍ସ ଠିକ୍ ଥିବା କହିଛନ୍ତି। ଶ୍ରମିକମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଶ୍ରମ ନିୟମ ଠିକ୍ ଭାବେ କାର୍ଯ୍ୟକାରୀ ହୋଇଛି। ଏ ନେଇ ଜିଲା ଶ୍ରମ ଅଧିକାରୀ ସନ୍ତୋଷ ବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷେ ମୃତ ଶ୍ରମିକମାନଙ୍କ ପରିବାରକୁ ଜିଲା ଶ୍ରମ କାର୍ଯ୍ୟାଳୟ ଆକଳନ ଅନୁଯାୟୀ ଅନୁକମ୍ପା ରାଶି ମିଲ ମାଲିକ ସିଧାସଳଖ ଜିଲା ଶ୍ରମ ନିଯୋଜନ କାର୍ଯ୍ୟାଳୟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ଅର୍ଥକୁ ଶ୍ରମ କାର୍ଯ୍ୟାଳୟ ମୃତ ଶ୍ରମିକମାନଙ୍କ ପରିବାରକୁ ପ୍ରଦାନ କରାଯିବ। ସେହିଭଳି ଓଡ଼ିଶା ସରକାରଙ୍କ ପକ୍ଷରୁ ଫ୍ୟାକ୍ଟ୍ରି ଓ ବଏଲର ଉପନିର୍ଦ୍ଦେଶକ ଘଟଣାସ୍ଥଳରେ ପହଞ୍ଚି ମିଲରର ସମସ୍ତ କାଗଜପତ୍ର ତଦାରଖ କରିଛନ୍ତି। ଏ ନେଇ ୨୮୭/୩୦୪(ଏ) ଆଇପିସି ଧାରା ଅନୁଯାୟୀ ଓଡ଼ଗାଁ ଆଦର୍ଶ ଥାନାରେ ନଂ. ୬/୨୦୨୩ରେ ମାମଲା ରୁଜୁ ହୋଇଛି ।

#### ଶ୍ରମ ବିଭାଗର ସହଯୋଗ ନାହିଁ

ଜିଲାରେ ୨ ଜଣ ଶ୍ରମିକଙ୍କ ମୃତ୍ୟୁ ହେଲା। ପ୍ରଭାଗୀୟ ଶ୍ରମ ଆୟୁକ୍ତ ଘଟଣା ସ୍ଥଳକୁ ଗଲେ ନାହିଁ। ଜିଲା ଶ୍ରମ ଅଧିକାରୀଙ୍କୁ ଘଟଣାସ୍ଥଳକୁ ପଠାଇ ଦେଇ କ୍ଷେତ୍ର ପରିଦର୍ଶନ ନାଁରେ ଅନୁପସ୍ଥିତ ରହିଲେ। ପ୍ରଭାଗୀୟ ଶ୍ରମ ଆୟୁକ୍ତ ମାସକୁ ୨୫ ଦିନ ନୟାଗଡ଼ କାର୍ଯ୍ୟାଳୟକୁ ଆସୁ ନ ଥିଲେ ମଧ୍ୟ ସେଥିପ୍ରତି ଜିଲାପାଳ ଓ ଶ୍ରମ କମିଶନରଙ୍କ ଅନୁକମ୍ପା ରହିଥିବା ଆଲୋଚନା ହେଉଛି। ଶ୍ରମିକଙ୍କ ମୃତ୍ୟୁ ସମ୍ପର୍କରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ପି.କେ. ମହାନ୍ତିଙ୍କ ଫୋନ ନମ୍ବରକୁ ଯୋଗାଯୋଗ କରିବାରୁ ସେ ଉଠାଇ ନ ଥିଲେ। ତଦନ୍ତକାରୀ ଅଧିକାରୀ ଅବଦୁଲ ଖାରନଙ୍କୁ ପଚାରିବାରୁ ସେ ମଧ୍ୟ କିଛି ନ କହି ପ୍ରସଙ୍ଗକୁ ଏଡାଇ ଯାଇଥିଲେ।

### ଜକରାପଲିରେ ଗୋଷ୍ଠୀ ସଂଘର୍ଷ, ୬ ଗୁରୁତର

ୱାର୍ଡସଭ୍ୟ ଏମ୍‌କେସିଜିରେ ଭର୍ତ୍ତି, ଜଣେ ଗିରଫ

**ଦିଗପହଣ୍ଡି,୧୬ା୧(ଡି.ଏନ.ଏ.):**
ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ କୋଟିନଡା ପଞ୍ଚାୟତ ଅନ୍ତର୍ଗତ ଜକରାପଲି ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ରବିବାର ବିଳମ୍ବିତ ରାତିରେ ଗୋଷ୍ଠୀ ସଂଘର୍ଷ ହୋଇଛି। ଏଥିରେ ଜଣେ ୱାର୍ଡ ସଭ୍ୟଙ୍କ ସମେତ ୬ ଜଣ ଗୁରୁତର ଆହତ ହୋଇଥିବା ବେଳେ ୧୦ରୁ ଊର୍ଦ୍ଧ୍ୱ ସାମାନ୍ୟ ଆହତ ହୋଇଛନ୍ତି। ଗୁରୁତର ୱାର୍ଡ ସଭ୍ୟ ଧ୍ୱଜ ସାହୁଙ୍କ ସମେତ ବୁଦ୍ଧିରାମ ସାହୁ, ପିଣ୍ଟୁ ସାହୁ, ଅର୍ଜୁନ ବିଷୋୟୀ, ରଞ୍ଜନ ବିଷୋୟୀ ଏବଂ ଶ୍ୱେତ ବିଷୋୟୀଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ୱାର୍ଡସଭ୍ୟ ଧ୍ୱଜଙ୍କୁ ପଞ୍ଚାୟତ ଚପରାଶି ଥିବା କୋରାମଣି ପ୍ରଧାନ ଫୋନ ଯୋଗେ ଡକାଇବା ପରେ ହଠାତ୍ ତାଙ୍କ ଉପରେ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ତାଙ୍କ ପାଟି ଶୁଣି ସମ୍ପର୍କୀୟମାନେ ଘଟଣାସ୍ଥଳରେ ପହଞ୍ଚିବା ପରେ ସରପଞ୍ଚଙ୍କ ସମର୍ଥିତ ଗୋଷ୍ଠୀ ସେମାନଙ୍କୁ ଆକ୍ରମଣ କରିଥିଲେ। ୱାର୍ଡସଭ୍ୟଙ୍କ ଗୋଷ୍ଠୀ ପ୍ରତି ଆକ୍ରମଣ କରିବାରୁ ଘଟଣାସ୍ଥଳ କିଛି ସମୟ ପାଇଁ ରଣକ୍ଷେତ୍ର ପାଲଟିଥିଲା। ଖଣ୍ଡା, କାତି, ଠେଙ୍ଗା ମାଡରେ ପୁରୁଷ, ମହିଳା, ନାବାଳକଙ୍କୁ ମିଶାଇ ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ପରେ ଗ୍ରାମବାସୀ ଉଭୟ ପକ୍ଷଙ୍କୁ ବୁଝାଶୁଝା କରିଥିଲେ। ସୋମବାର ଉଭୟ ଗୋଷ୍ଠୀ ପକ୍ଷରୁ ଦିଗପହଣ୍ଡି ଥାନାରେ ଏତଲା ଦିଆଯାଇଥିଲା। ଆଇଆଇସି ଏତଲାକୁ ଗ୍ରହଣ କରି ପୃଥକ ଦୁଇ ମାମଲା ରୁଜୁ କରିବା ସହ ୱାର୍ଡସଭ୍ୟଙ୍କୁ ଆକ୍ରମଣ ଘଟଣାରେ ଭୀମସେନ ବିଷୋୟୀଙ୍କୁ ଗିରଫ କରିଥିଲେ।

# ବାଳିକା ଆତ୍ମସୁରକ୍ଷା କୌଶଳ କାର୍ଯ୍ୟକ୍ରମ



ପ୍ରଶିକ୍ଷିକା ସ୍ୱାଗତିକା ସାହୁ କଲେଜର ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ତାଲିମ ଦେଉଛନ୍ତି ।

**ଖଣ୍ଡପଡ଼ା,୧୬ା୧(ସ୍ୱ.ପ୍ର.)**

କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ପରିସରରେ ଛାତ୍ରୀମାନଙ୍କ ଆତ୍ମସୁରକ୍ଷା କୌଶଳ ୮ ଦିନିଆ ତାଲିମ ଶିବିର ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ କଲେଜର ଅଧ୍ୟକ୍ଷ ରଣଜିତ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଭୁବନେଶ୍ୱର ନିର୍ଦ୍ଦେଶିତ ତଥା ଇଟାମାଟି ଶିକ୍ଷା ଓ ବୈଷୟିକ କନିଷ୍ଠ ମହାବିଦ୍ୟାଳୟ (ନୋଡାଲ କଲେଜ) ତତ୍ତ୍ୱାବଧାନରେ ଏହି ୮ ଦିନିଆ ତାଲିମ ଶିବିରରେ ଯୁକ୍ତ ୨ ପ୍ରଥମ ବର୍ଷର ୧୦୬ ଜଣ କଳା ଓ ବିଜ୍ଞାନ ଛାତ୍ରୀମାନେ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରାୟୋଜିତ ଏହି କାର୍ଯ୍ୟକ୍ରମରେ ତାଲିମ ପ୍ରଶିକ୍ଷିକା ଭାବେ ସ୍ୱାଗତିକା ସାହୁ ଯୋଗଦେଇ ବିଭିନ୍ନ ଡେମୋ ପ୍ରଦର୍ଶନ କରି ସାମ୍ପ୍ରତିକ ପରିସ୍ଥିତିରେ କିପରି ସରଳା, ନିରିହା ଛାତ୍ରୀମାନେ ଅମଣିଷଙ୍କ ଦ୍ୱାରା ଶିକାର ହେଉଛନ୍ତି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ନିଜକୁ କିପରି ସେମାନଙ୍କ କବଳରୁ ମୁକ୍ତ କରିପାରିବେ ବିଶେଷତଃ ବାଳିକାମାନେ ପ୍ରତ୍ୟେକ କ୍ଷେତ୍ରରେ ତାଙ୍କ ଶକ୍ତିର ଉପଯୋଗ କରିବାକୁ ସେମାନେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ଅଧିକାରିଣୀ ଅଧ୍ୟାପିକା କଲ୍ୟାଣୀ ପଣ୍ଡା ଶିବିର ପରିଚାଳନା କରିଥିଲେ। ମହାବିଦ୍ୟାଳୟ ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ।

### ମହିଳାଙ୍କୁ ଅସଦାଚରଣ ସହ ହତ୍ୟା ଉଦ୍ୟମ: ଅଭିଯୁକ୍ତ କୋର୍ଟ ଚାଲାଣ

**ବ୍ରହ୍ମପୁର ଅଫିସ,୧୬ା୧**

ମହିଳାଙ୍କୁ ଗାଁଦାଣ୍ଡରେ ଅସଦାଚରଣ କରିବା ସହ ତାଙ୍କ ତଣ୍ଟି ଚିପି ହତ୍ୟା ଉଦ୍ୟମ ମାମଲାରେ ନିମଖଣ୍ଡି ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଉଛନ୍ତି ଉକ୍ତ ଥାନା ଅଞ୍ଚଳର ମୁରଲୀ ଦାସ(୪୦)। ମାମଲା ନମ୍ବର ୧୧/୨୩ ରେ ସୋମବାର ଅଭିଯୁକ୍ତଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ପରେ ଅଭିଯୁକ୍ତଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି। ଅନ୍ୟପଟେ ପୀଡ଼ିତା ମହିଳାଙ୍କର ଥାନାରେ ବୟାନ ରେକର୍ଡ କରାଯାଇଛି। ମଙ୍ଗଳବାର କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯିବ ବୋଲି ଥାନାଧିକାରୀ ଭାବାନନ୍ଦ ପ୍ରଧାନ କହିଛନ୍ତି। ପ୍ରକାଶ ଯେ, ମୁରଲୀ ଅଟୋ ଡ୍ରାଇଭର । ଜଣେ ମହିଳା ତାଙ୍କ ଅଟୋରେ ଯିବା ଆସିବା ବେଳେ ତାଙ୍କ ସହ ମୁରଲୀଙ୍କର ସମ୍ପର୍କ ହୋଇଥିଲା। ପରେ ମହିଳା ଜଣଙ୍କ ମୁରଲୀଙ୍କଠାରୁ କିଛି ଟଙ୍କା ଧାର ନେଇଥିଲେ। କିଛିମାସ ପରେ ଟଙ୍କା ଫେରସ୍ତ କରିବାକୁ ମୁରଲୀ ଉକ୍ତ ମହିଳାଙ୍କୁ କହିଥିଲେ। ମହିଳା ଜଣଙ୍କ ଟଙ୍କା ଫେରସ୍ତ ନ କରିବାରୁ ରବିବାର ଅପରାହ୍ନରେ ମୁରଲୀ ତାଙ୍କ ଘର ପାଖକୁ ଯାଇଥିଲେ। ସେଠାରେ ସେ ମହିଳାଙ୍କୁ ଟଙ୍କା ମାଗିବା ସହ ତାଙ୍କୁ ଟଣାଓଟରା କରିଥିଲେ। ମହିଳା ଜଣଙ୍କ ଏହାର ପ୍ରତିବାଦ କରିଥିଲେ।

# ସମ୍ବଲପୁରର ୧୧ ମିଲର ଡିପୋଜିଟ କଲେ ବ୍ୟାଙ୍କ ଗ୍ୟାରେଣ୍ଟି

**ନୟାଗଡ଼ ଅଫିସ,୧୬ା୧:**

ନୟାଗଡ଼ ଜିଲାରେ ଧାନକିଣା ମାନ୍ଦା ହେବା ପରେ ସରକାର ସମ୍ବଲପୁର ଜିଲାର ମିଲରଙ୍କୁ ଧାନ କିଣାରେ ନିୟୋଜିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳିସ୍ଥଳେ ସୋମବାର ୭ ଜଣ ଓ ଶନିବାର ୪ ଜଣ ଏପରି ୧୧ ସମ୍ବଲପୁର ମିଲର ନୟାଗଡ଼ ଆସି ବ୍ୟାଙ୍କ ଗ୍ୟାରେଣ୍ଟି କାଗଜାତ ଜିଲା ଯୋଗାଣ ବିଭାଗରେ ଦାଖଲ କରିଛନ୍ତି। ମଙ୍ଗଳବାର ପୁଣି ୯ ମିଲର ଧାନକିଣାରେ ସାମିଲ ହେବା ପାଇଁ କାଗଜାତ ଦାଖଲ କରିବାର ଅଛି। ସମ୍ବଲପୁର ମିଲର ନୟାଗଡ଼ରେ ପହଞ୍ଚିବା ପରେ ନୟାଗଡ଼ ଚାଷୀ ଆଶ୍ୱସ୍ତି ହୋଇଛନ୍ତି। ତେବେ ସମ୍ବଲପୁର ମିଲର କିପରି ଧାନ କିଣିବ ସେନେଇ ଲକ୍ଷ୍ୟ ରଖିଛନ୍ତି ।

ପ୍ରକାଶ ଯେ, ରବିବାର ନୟାଗଡ଼ର ୮ ଜଣିଆ ମିଲର ଦଳ ସମ୍ବଲପୁର ଯାଇ ନୟାଗଡ ଧାନ କିଣାରେ ସାମିଲ ହେବାକୁ ଯାଉଥିବା ୨୦ ମିଲରଙ୍କୁ ବୁଝାଶୁଝା, ଧମକଚମକ କରି ଯେନତେନ ପ୍ରକାରେଣ ନ ଆସିବାକୁ ଉଦ୍ୟମ ଆରମ୍ଭ କରିଥିଲେ। ତେବେ ସେମାନଙ୍କୁ ଚେଷ୍ଟା ବିଫଳ ହୋଇଛି। ତେବେ ସେମାନେ ଯେଉଁ ପରି ଧାନ କିଣୁଛନ୍ତି ସେହିପରି ଧାନ କିଣିବାକୁ ସମ୍ବଲପୁର ମିଲରଙ୍କୁ ବୁଝାଇଛନ୍ତି। କଟନି ଛଟନି ୭ କିଲୋ ଓ ଅଖା ପାଇଁ ଦେଢ଼ କିଲୋ ଏପରି ୮. ୫୦୦ରୁ ୧୦ କିଲୋ ଧାନ କାଟିବାକୁ ପରାମର୍ଶ ଦେଇଛନ୍ତି। ହେଲେ ନୟାଗଡ଼ ମିଲରଙ୍କ କୌଣସି କଥାକୁ ସମ୍ବଲପୁର ମିଲର ଗ୍ରହଣ କରିନାହାନ୍ତି। ସେମାନେ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ, ଧାନ କିଣିବେ ବୋଲି କହି ନୟାଗଡ଼ ମିଲରଙ୍କ କଥାକୁ ଏଡାଇ ଯାଇଥିବା ସମ୍ବଲପୁରର ଜଣେ ମିଲର ନାଁ ଗୋପନ ରଖି ପ୍ରକାଶ କରିଛନ୍ତି। ଏ ନେଇ ଜିଲା ଯୋଗାଣ ଅଧିକାରୀ ତିଳୋତମା ପ୍ରଧାନ କୁହନ୍ତି, ଜିଲାରେ ୭,୯୨୬ ଚାଷୀ ୨ ଲକ୍ଷ ୬୬,୩୦୩ କୁଇଣ୍ଟାଲ ଧାନ ମଣ୍ଡିରେ ବିକ୍ରି କରିଛନ୍ତି। ଜିଲାରେ ୧୪ ଲକ୍ଷ ୨୯,୬୩୨ କୁଇଣ୍ଟାଲ ଧାନ କିଣା ହେବାର ଟାର୍ଗେଟ ରହିଛି। ଅନ୍ୟପକ୍ଷେ ୨,୫୫୬ ଚାଷୀଙ୍କର ଆକାଉଣ୍ଟକୁ ୧୭ କୋଟି ୯୩ ଲକ୍ଷ ୭୯,୫୦୫ ଟଙ୍କା ପଠାଯାଇଛି। ସେହିପରି ସମ୍ବଲପୁରର ୧୧ ମିଲରଙ୍କଠାରୁ ୯ କୋଟି ୫୭ ଲକ୍ଷ ବ୍ୟାଙ୍କ ଗ୍ୟାରେଣ୍ଟି କାଗଜାତ ଗ୍ରହଣ କରାଯାଇଛି। ଏହାକୁ ଯାଞ୍ଚ କରି ବ୍ୟାଙ୍କକୁ ପରୀକ୍ଷଣ ପାଇଁ ପଠାଯାଇଛି ବୋଲି କହିଛନ୍ତି। ଅନ୍ୟ ମିଲରମାନେ ମଙ୍ଗଳବାର ଆସିବାର ରହିଛି ବୋଲି ସେ କହିଛନ୍ତି।

### ହେଲ୍‌ମେଟ ପିନ୍ଧିଥିବା ଆରୋହୀଙ୍କୁ ଗୋଲାପ ଫୁଲ




**ନୟାଗଡ଼ ଅଫିସ,୧୬ା୧:**

**ବାଇକ୍ ରାଲିରେ ସଡ଼କ ସୁରକ୍ଷା ସଚେତନତା**

ସଡ଼କ ସୁରକ୍ଷା ସପ୍ତାହ ଅବସରରେ ହେଲମେଣ୍ଟ ପିନ୍ଧିଥିବା ବାଇକ୍ ଆରୋହୀଙ୍କୁ ଗୋଲପ ଫୁଲ ସହ ଚକୋଲେଟ ପ୍ରଦାନ କରାଯାଇଛି। ଯେଉଁମାନେ ହେଲମେଟ ପିନ୍ଧିନାହାନ୍ତି ସେମାନଙ୍କୁ ସଡ଼କ ଦୁର୍ଘଟଣାର ଭୟାବହତା ଉପରେ ସଚେତନତା କରାଯାଇ ହେଲମେଟ ପିନ୍ଧିବାକୁ ଅନୁରୋଧ କରାଯାଇଛି। ଏହି ଅବସରରେ ସୋମବାର ମା' ଦକ୍ଷିଣକାଳୀ ମନ୍ଦିର ସମ୍ମୁଖରେ ଏକ ବାଇକ୍ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଏହାକୁ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଉଦ୍‌ଘାଟନ କରିଥିଲେ। ବାଇକ୍ ଶୋଭାଯାତ୍ରା ଜଗନ୍ନାଥ ମନ୍ଦିର, ଏସ୍‌ପି ଅଫିସ, ପିଟିଏସ୍ ରୋଡ ଦେଇ ନୟାଗଡ଼ ବଜାର ପରିକ୍ରମା କରି ଦୁର୍ଗାପ୍ରସାଦରେ ପହଞ୍ଚି ଥିଲା। ସେଠାରେ ୫୭ ନଂ. ଜାତୀୟ ରାଜପଥରେ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସଡ଼କ ସଚେତନତା କରାଯାଇଥିଲା। ଆରଟିଓ ପ୍ରଶାନ୍ତ କୁମାର ପରିଡ଼ା, ଏମ୍‌ଭିଆଇ ପଞ୍ଚାନନ ବେହେରା, ଆସିଷ୍ଟାଣ୍ଡ ଏମ୍‌ଭିଆଇ ସନ୍ଦିପ ପାଇକେରା, ଟ୍ରାଫିକ ଇନ୍ସପେକ୍ଟର ସ୍ୱୟଂପ୍ରଭା ରଥ ପ୍ରମୁଖ ସଡ଼କ ସୁରକ୍ଷା ସଚେତନତାରେ ସହଯୋଗ କରିଥିଲେ।

# ୨୮୪ରୁ ୫୪ ଅଭିଯୋଗର ତତ୍କାଳ ସମାଧାନ

**ନୂଆଗାଁ, ୧୬ା୧ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ରାଜୀବ ଗାନ୍ଧୀ ସଭାଗୃହ ମଧ୍ୟରେ ସୋମବାର ଜିଲାପାଳଙ୍କ ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୨୮୪ ଗୋଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ସେଥିରୁ ୨୭୬ଟି ବ୍ୟକ୍ତିଗତ, ୨ଟି ଗ୍ରାମ ସମୂହ ଓ ୪ଟି ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡ ଓ ୨ଟି ରେଡକ୍ରସ ସମ୍ବନ୍ଧୀୟ ଥିଲା। ଏଥିରୁ ୫୪ଟି ଅଭିଯୋଗ ତତ୍କାଳ ସମାଧାନ ହୋଇଥିଲା। ଏହି ଅଭିଯୋଗ ଶୁଣାଣି ଶିବିରରେ ସର୍ବାଧିକ ୨୧୪ଟି ଆବାସ ଯୋଜନା ସମ୍ବନ୍ଧୀୟ ଅଭିଯୋଗ ଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀଙ୍କ ନାମ ପ୍ରକାଶ ପାଇବା ପରେ ଅଭିଯୋଗର ମାତ୍ରା ବଢ଼ିଛି। ଯେଉଁ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବାଦ୍ ପଡିଛନ୍ତି, ସେମାନେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ତେବେ ନୟାଗଡ଼ ଜିଲା ପାଇଁ ୨୯ ହଜାର ଆବାସ ଗୃହର ଆବଶ୍ୟକତା ଥିବା ବେଳେ ପ୍ରଥମ କିସ୍ତିରେ ୧୬ ହଜାର ଆସିଛି। ଆମେ ତାକୁ ନେଇ ଏକ ତାଲିକା ପ୍ରକାଶ କରିଛୁ। ଯଦି କେହି ଅଯୋଗ୍ୟ ହିତାଧିକାରୀଙ୍କ ନାମ ତାଲିକାରେ ପ୍ରକାଶ ପାଇଛି ତେବେ ୨୪ ତାରିଖ ସୁଦ୍ଧା ଅଭିଯୋଗ କଲେ ଆମେ ତଦନ୍ତ କରିବୁ। ପୁଣି ଗ୍ରାମସଭାରେ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ଜିଲାପାଳ ରବୀନ୍ଦ୍ର କୁମାର ସାହୁ କହିଛନ୍ତି।

**ଜିଲାପାଳଙ୍କ ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର**

ନୂଆଗାଁ ସରକାରୀ ହାଇସ୍କୁଲ ସରକାରଙ୍କ ୫–ଟି ଯୋଜନାରେ ଅର୍ନ୍ତଭୁକ୍ତ ହୋଇ ରୁପାନ୍ତରିତ ହୋଇଛି। ହେଲେ ଏଠାରେ ଶିକ୍ଷକ, ଶ୍ରେଣୀ ଗୃହ ଅଭାବ ଆଦି ଅନେକ ସମସ୍ୟା ଦେଇ ଗତି କରୁଥିବା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ସେହିପରି ଜାକେଡା ପଞ୍ଚାୟତର ତାକୁଡା ଗାଁରେ ପାନୀୟ ଜଳ ସମସ୍ୟା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ସାହୁ, ଉପଜିଲାପାଳ ଶକ୍ତିକାନ୍ତ ରାୟ, ଏସ୍‌ପି ଅଲେଖ କୁମାର ପହି, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ନୂଆଗାଁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ବିଡ଼ିଓ ପ୍ରମୋଦ କୁମାର ନାୟକଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।




ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

## ସଂକ୍ଷେପରେ

### ଆନ୍ତଃଜିଲ୍ଲା ସିନିୟର୍ କ୍ରିକେଟ୍ ଟୁର୍ନାମେଣ୍ଟ: ବିସିସି ଟିମ୍ ବିଜୟୀ

**ଯାଜପୁର ଟାଉନ,୧୬।୧(ଡି.ଏନ.ଏ.):** ଓଡ଼ିଶା କ୍ରିକେଟ୍ ଆସୋସିଏଶନ ଓ ଯାଜପୁର ଜିଲା କ୍ରିକେଟ୍ ଆସୋସିଏଶନ୍‌ର ମିଳିତ ଉଦ୍ୟମରେ ଆନ୍ତଃଜିଲା ସିନିୟର୍ କ୍ରିକେଟ୍ ଟୁର୍ନାମେଣ୍ଟ ନାଥସାହି ପଞ୍ଚାୟତର ନୁଆପଡ଼ା ଖେଳପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ସୋମବାର ମ୍ୟାଚ୍ ବିସିସି ପାଣିକୋଇଲି ଓ ରେଷ୍ଟ ଅଫ୍ ଯାଜପୁର-ଏ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବିସିସି ଟିମ୍ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ବିସିସି ୪୨ଓଭର ଖେଳି ୮ ଉଇକେଟ୍ ହରାଇ ୨୧୫ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସତ୍ୟଜିତ୍ ସିଂ ୫୦ରନ୍ ଓ ପୁନିତ କୁମାର ସାହୁ ୫୦ରନ୍ ସଂଗ୍ରହ କରିଥିଲେ। ରେଷ୍ଟ ଅଫ୍ ଯାଜପୁର-ଏର ବୋଲ୍‌ର ଚନ୍ଦନ ରାୟ ୮ ଓଭର ବୋଲିଂ ୩୩ରନ୍ ଦେଇ ୨ଉଇକେଟ୍ ନେଇଥିଲେ। ଏହାର ଜବାବ୍‌ରେ ରେଷ୍ଟ ଅଫ୍ ଯାଜପୁର-ଏ ୩୦ଓଭର ଖେଳି ସମସ୍ତ ଉଇକେଟ୍ ହରାଇ ୧୨୧ରନ୍ ସଂଗ୍ରହ ପରାସ୍ତ ହୋଇଥିଲା। ବିସିସି ପାଣିକୋଇଲିର ବୋଲର ମଦନ ପଣ୍ଡା ୯ ଓଭର ବୋଲିଂ କରି ୧୪ରନ୍ ଦେଇ ୫ ଉଇକେଟ୍, ଅନିସ୍ ଇକ୍‌ବାଲ୍ ଖାଁ ୯ ଓଭର ବୋଲିଂ କରି ୩ ଉଇକେଟ୍ ଅକ୍ତିୟାର କରିଥିଲେ। ଆଜିର ଏହି ମ୍ୟାଚ୍‌କୁ ଇନ୍ଦ୍ରନିଲ୍ ବଶୁ, ରଞ୍ଜନ ସ୍ୱାଇଁ ଅମ୍ପାୟାର୍ ଭାବେ ପରିଚାଳନା କରିଥିଲେ।

# ଆଜି ଓଳାଶୁଣୀରେ କେଶ ଯାତ୍ରା

**ପ୍ରଦୀପ୍ତ କୁମାର ପୃଷ୍ଟି**
**ଚଣ୍ଡିଖୋଲ,୧୬।୧**

ଓଡ଼ିଶା ପ୍ରସିଦ୍ଧ ଓଳାଶୁଣୀ ଗୁମ୍ଫା ମେଳା ମାଘ ମାସ କୃଷ୍ଣ ପକ୍ଷ ଏକାଦଶୀ ତିଥି ତଥା ଆସନ୍ତା ୧୮ରେ ଆରମ୍ଭ ହେବ। ମେଳା ଆରମ୍ଭ ପୂର୍ବରୁ ଏହାର ନିଆରା ପରମ୍ପରା ରବିବାର ଦେଖିବାକୁ ମିଳିବ। ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ୧୮୬ ତମ ମହାପ୍ରୟାଣ ଦିବସ ଅବସରରେ ଏହି ମେଳା ଆରମ୍ଭ ହୋଇଥାଏ। ତେବେ ଏହାର ପୂର୍ବଦିନ ଅର୍ଥାତ୍ ଦଶମୀ ତିଥିରେ ଏଠାରେ କେଶ ଯାତ୍ରା ଅନୁଷ୍ଠିତ ହେବ। କେଶ ଯାତ୍ରା ପରେ ଓଳାଶୁଣୀ ମେଳା ଆରମ୍ଭ ହୁଏ।

କିମ୍ବଦନ୍ତୀ ଅନୁଯାୟୀ ମହାପୁରୁଷ ସନ୍ଥ ଅରକ୍ଷିତ ଦାସ ଜୀବିତ ଥିବା ଅବସ୍ଥାରେ ସେ ଓଳାଶୁଣୀ ପାହାଡ଼ ନିକଟସ୍ଥ ଶୁଖୁଆପଡ଼ା ଗ୍ରାମକୁ ଯାଇଥିଲେ। ସେ ସମୟରେ ସେହି ଗ୍ରାମର କମ୍ଭୁ ମହାରଣାଙ୍କ ସ୍ତ୍ରୀ ଜହ୍ନି ମହାରଣା ତାଙ୍କ କେଶ କୁଣ୍ଡାଇ ଦେଇଥିଲେ। ଏହି ସମୟରେ ମହାପୁରୁଷଙ୍କ ଗୋଟିଏ କେଶ ଝଡ଼ି ପଡ଼ିଥିଲା। ସେ କେଶଟିକୁ ଜହ୍ନି ଲୁଚାଇ ଦେଇଥିଲେ। ଏହାକୁ ଦେଖି ମହାପୁରୁଷ ସନ୍ଥ ଅରକ୍ଷିତ ଦାସ ତୁ ଯାହାକୁ ଲୁଚାଇ ରଖିଲୁ ତାକୁ ସମ୍ଭାଳିପାରିବୁ ତ, ବୋଲି ପ୍ରଶ୍ନ କରିଥିଲେ। ସେଥିରେ ସେ ମହାପୁରୁଷଙ୍କ ଅନୁମତି ମାଗିଥିଲେ। ସେହି କେଶଟିକୁ ରଖିବାକୁ ସନ୍ଥ ଅନୁମତି ଦେଇଥିଲେ। ଏହାପରେ କେଶଟିକୁ ଜହ୍ନି ଏକ ଫରୁଆ ଭିତରେ ସାଇତି ରଖିବା ସହ ପୂଜା କରୁଥିଲେ। ଧୀରେ ଧୀରେ ଝଡ଼ିପଡ଼ିଥିବା ଗୋଟିଏ କେଶ ଏବେ ଜଟାରେ ପରିଣତ ହେଲାଣି। ସେଦିନଠାରୁ ଫରୁଆ ମଧ୍ୟରେ ରହିଥିବା କେଶକୁ ପୂଜା କରାଯାଏ। ଧୀରେ ଧୀରେ ସେହି କେଶର ବୃଦ୍ଧି ଘଟୁଥିବା ନେଇ ସମସ୍ତେ ଆଶ୍ଚର୍ଯ୍ୟ ପ୍ରକଟ କରନ୍ତି। ତେବେ ପରମ୍ପରା ଅନୁଯାୟୀ ଫରୁଆ ମଧ୍ୟରେ ରହିଥିବା କେଶ ଦଶମୀ ତିଥିରେ ଓଳାଶୁଣୀ ପାହାଡ଼ର ଶୀର୍ଷ ଦେଶରେ ଥିବା ମହାପୁରଷ ସନ୍ଥ ଅରକ୍ଷିତ ଦାସଙ୍କ ସମାଧି ପୀଠକୁ ଯିବା ପରେ ପ୍ରସିଦ୍ଧ ଓଳାଶୁଣୀ ଗୁମ୍ଫା ମେଳାର ପ୍ରକ୍ରିୟା ଆରମ୍ଭ ହୋଇଥାଏ, ଯାହାକୁ କେଶ ଯାତ୍ରା ବୋଲି କୁହାଯାଏ।

କେଶ ଯାତ୍ରା ମହାପୁରୁଷଙ୍କ ସମାଧି ପୀଠରେ ପହଞ୍ଚିଲା ପରେ ପୀଠାଧୀଶ ମହନ୍ତ ଡ. ନାମାନନ୍ଦ ଦାସ ସ୍ୱାଗତ କରିବା ସହ ପୂଜାର୍ଚ୍ଚନା କରିବେ। ତା'ପରେ ମହାପୁରୁଷଙ୍କ ସମାଧି ପୀଠ ଦେଉଳରେ ଶୁଖୁଆପଡ଼ାର ଗ୍ରାମବାସୀ ବାନା ବାନ୍ଧିବେ। ଏହାପରେ ଓଳାଶୁଣୀ ମେଳାର ପ୍ରକ୍ରିୟା ଆରମ୍ଭ ହେବ। ସୂଚନାଯୋଗ୍ୟ, ସେତେବେଳେ ଶୁଖୁଆପଡ଼ା ଗ୍ରାମରେ ରହୁଥିବା ଜହ୍ନିଙ୍କ ପରିବାର ଏବେ ନିକଟସ୍ଥ ଲଳିତଗିରି ଗ୍ରାମକୁ ଉଠିଯାଇଛନ୍ତି। ଜହ୍ନିଙ୍କ ଉତ୍ତର ପୁରୁଷ ଭାବେ କଳ୍ପତରୁ ମହାରଣାଙ୍କ ଘରେ ଏବେ କେଶ ରହି ପୂଜା ପାଉଛି। ମଙ୍ଗଳବାର ସନ୍ଧ୍ୟାରେ ଲଳିତଗିରିରୁ ଏହି କେଶ ଯାତ୍ରା ଆରମ୍ଭ ହୋଇ ଓଳାଶୁଣୀ ପାହାଡ଼ର ଶୀର୍ଷଦେଶ ମହାପୁରୁଷଙ୍କ ସମାଧିପୀଠକୁ ଯାଇ ୩ଦିନ ରହିବ। ସେହି କେଶକୁ ବହୁ ସାଧୁସନ୍ଥ ଦର୍ଶନ କରିବେ। ଏହାପରେ ତ୍ରୟୋଦଶୀ ତିଥିରେ କେଶ ଯାତ୍ରା ବିମାନଟି ଫେରିଆସିବ। ପାରମ୍ପରିକ ରୀତିନୀତି ଅନୁଯାୟୀ ମହାପୁରୁଷଙ୍କ ପଡ଼ୋଶୀ ଭାବେ ଶୁଖୁଆପଡ଼ା ଗ୍ରାମବାସୀ ରହିଥିବାରୁ ପ୍ରଥମେ ଶୁଖୁଆପଡ଼ାରୁ ଯାଇଥିବା ପୋଡ଼ପିଠା ଭୋଗ ହେବା ପରେ ଅନ୍ୟମାନଙ୍କ ଭୋଗ ମହାପୁରୁଷଙ୍କ ନିକଟରେ ଲାଗି ହୋଇଥାଏ। ସେହିଭଳି ଶୁଖୁଆପଡ଼ା ଗ୍ରାମବାସୀ ପ୍ରଥମେ ଭୋଜନ କଲେ ଅନ୍ୟମାନଙ୍କୁ ପ୍ରସାଦ ପରଷା ଯାଇଥାଏ ବୋଲି ମଠର ମଠାଧୀଶ ସୂଚନା ଦେଇଛନ୍ତି।

ମେଳା ଆଉ ୨ ଦିନ ବାକି ଥିଲାବେଳେ ପ୍ରସ୍ତୁତି ପର୍ବ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପାହାଡ଼ର ପାଦଦେଶରୁ ଶୀର୍ଷଦେଶ ପର୍ଯ୍ୟନ୍ତ ବ୍ୟବସାୟୀମାନେ ସେମାନଙ୍କ ପସରା ମେଲାଇ ସାରିଲେଣି। ଏହି କେଶ ଯାତ୍ରା ପରେ ବୁଧବାର ଓଡ଼ିଶାର ପ୍ରସିଦ୍ଧ ଓଳାଶୁଣୀ ଗୁମ୍ଫା ମେଳା ଆରମ୍ଭ ହେବ। କେଶଯାତ୍ରା ପାଇଁ ବ୍ୟାପକ ପ୍ରସ୍ତୁତି ସରିଛି। ଚଳିତ ବର୍ଷ ବାଜା ରୋଶଣି ଓ ବାଣ ସହ ଘଣ୍ଟବାଦ୍ୟ ଏବଂ କୀର୍ତ୍ତନ ମଣ୍ଡଳୀମାନେ ଏଥିରେ ସାମିଲ ହେବେ। ଏହା ସହ ଭକ୍ତମାନେ ମାନସିକ ଭାବେ ବାଣ ଫୁଟାଇବେ ବୋଲି ମଠର ମଠାଧୀଶ ଡ. ଦାସ ସୂଚନା ଦେଇଛନ୍ତି।

### ଗୁମ୍ଫା ଯାତ୍ରା ପୂର୍ବରୁ ନିଆରା ପରମ୍ପରା



ବିମାନରେ ରହିଥିବା ମହାପୁରୁଷଙ୍କ କେଶ।

# ଗାଡ଼ି ଚାଳନାରେ ତ୍ରୁଟି ଯୋଗୁ ବହୁ ଲୋକଙ୍କ ମୃତ୍ୟୁ ଘଟୁଛି

### ସଡ଼କ ସୁରକ୍ଷା ସଚେତନତା ସପ୍ତାହ ପାଳିତ




ସଚେତନତା ସଭାରେ ମଞ୍ଚାସୀନ ଅତିଥି।

**ଚଣ୍ଡିଖୋଲ,୧୬।୧(ଡି.ଏନ.ଏ.)**

ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଚଣ୍ଡିଖୋଲ ପକ୍ଷରୁ ସୋମବାର ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଆଞ୍ଚଳିକ ପରିବହନ ଅଧିକାରୀ ସମ୍ବିତ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା ସଭାରେ ଯାଜପୁର ଜିଲା ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଡ଼କ ସୁରକ୍ଷାର ଆବଶ୍ୟକତା ସମ୍ପର୍କରେ କହିଥିଲେ। ଆଜିର ଦିନରେ ଗାଡ଼ି ଚାଳନାରେ ତ୍ରୁଟି ଯୋଗୁ ବହୁ ଅମୂଲ୍ୟ ଜୀବନ ଅକାଳରେ ଚାଲିଯାଉଛି। ସମସ୍ତେ ପ୍ରଥମେ ଜୀବନ ବଞ୍ଚାଇବାକୁ ଚେଷ୍ଟା କରନ୍ତୁ, ପରେ ଗାଡ଼ି ଚାଳନା କରନ୍ତୁ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ମୋଟରଯାନ ପରିଚାଳନା ମହାପ୍ରବନ୍ଧକ ହରିକୁମାର ଯୋଗଦେଇ ଟ୍ରାଫିକ ନିୟମ ମାନିବାକୁ ସମସ୍ତଙ୍କୁ ନିବେଦନ କରିଥିଲେ। ଅନ୍ୟତମ ଅତିଥି ଭାବେ ବାଲିଚନ୍ଦ୍ରପୁର ଥାନା ଅଧିକାରୀ ରମାକାନ୍ତ ମୁଦୁଲି, ବୈରୀ ଥାନା ଅଧିକାରୀ ପ୍ରଦୀପ୍ତ କୁମାର କାନୁନ୍‌ଗୋ, ମହାବିନାୟକ ଲଘୁଖଣିଜ ଟ୍ରକ୍ ମାଲିକ ସଂଘର ସଭାପତି ଅଜାମ୍ବର ସାହୁ, ଚଣ୍ଡିଖୋଲ ଟ୍ରକ୍ ଆସୋସିଏଶନର କାର୍ଯ୍ୟକାରୀ ସଭାପତି ଚନ୍ଦନ କୁମାର ନାୟକ ପ୍ରମୁଖ ଯୋଗଦେଇ ସଡ଼କ ଦୁର୍ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଚଣ୍ଡିଖୋଲ ଟ୍ରକ୍ ଆସୋସିଏଶନଠାରୁ ଏକ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରି ଆର୍‌ଟିଓ କାର୍ଯ୍ୟାଳୟକୁ ଯାଇଥିଲେ। ଏଥିରେ ଚଣ୍ଡିଖୋଲ କଲେଜ ଏନ୍‌ସିସି ଓ ବିଭିନ୍ନ ସାମାଜିକ ଅନୁଷ୍ଠାନ ଏହି ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିବହନ କାର୍ଯ୍ୟାଳୟର ଟ୍ରାଫିକ ଇନ୍ସପେକ୍ଟର ପ୍ରଦୀପ କୁମାର ପଟ୍ଟନାୟକ, ଅଭିମନ୍ୟୁ ମହାରଣା, ଏମ୍‌ଭିଆଇ ବସନ୍ତ କୁମାର ସେନାପତି, ସହକାରୀ ଏମ୍‌ଭିଆଇ କାଜଲ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବରୁଣେଶ୍ୱର ମହୋତ୍ସବ ଉଦ୍‌ଯାପିତ



ଉଦ୍‌ଯାପନୀ ଉତ୍ସବରେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ସହ ଅନ୍ୟମାନେ।

**ପ୍ରୀତିପୁର,୧୬।୧(ଡି.ଏନ୍.ଏ.)**

ଯାଜପୁର ଜିଲାର ଗଣପର୍ବ ବରୁଣେଶ୍ୱର ମେଳା ଅବସରରେ ବରୁଣେଶ୍ୱର କଲ୍ୟାଣମଣ୍ଡପଠାରେ ଚାଲିଥିବା ବରୁଣେଶ୍ୱର ମହୋତ୍ସବ-୨୦୨୩ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ବିଞ୍ଝାରପୁର ବ୍ଲକର ପ୍ରାକ୍ତନ ଅଧ୍ୟକ୍ଷ ତଥା ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଯାଜପୁର ବିଧାୟକ ତଥା ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଯୋଗଦେଇ ଓଡ଼ିଶାର କଳା,ସଂସ୍କୃତି ଓ ପରମ୍ପରା ସାରା ବିଶ୍ୱରେ କିପରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛି ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ମନ୍ତ୍ରୀ ପ୍ରମିଳା ମଲ୍ଲିକ, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ,କୋରେଇ ବିଧାୟକ ଅଶୋକ ବଳ,ବିଞ୍ଝାରପୁର ବ୍ଲକ ଅଧ୍ୟକ୍ଷା ରଞ୍ଜିତା ଦାସ,ଉପାଧ୍ୟକ୍ଷ ସେକ୍ ଏର୍ସାଦ, ପ୍ରାକ୍ତନ ଜିଲା ପରିଷଦ ଅଧ୍ୟକ୍ଷ ସୁଶାନ୍ତ ମିଶ୍ର,ବରୁଣେଶ୍ୱର ମହାବିଦ୍ୟାଳୟର ଅଧ୍ୟକ୍ଷ ବଟକୃଷ୍ଣ ମହାପାତ୍ର,ଅରେଇ ସରପଞ୍ଚ ସ୍ମୃତିସମୀକ୍ଷା ମଲ୍ଲିକ,ସମିତିସଭ୍ୟା ଲଭ୍‌ଲିରାଣୀ ନାୟକ,ବରୁଣେଶ୍ୱର ଉନ୍ନୟନ ପରିଷଦର ସଭାପତି ହେମେନ୍ଦ୍ର ସାମଲ,ସମ୍ପାଦକ ବଟକୃଷ୍ଣ ନାୟକ,ରାଜସ୍ୱ ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଦୀପ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବରୁଣେଶ୍ୱର ଉନ୍ନୟନ କମିଟିର ଆବାହକ ରବିନ୍ଦ୍ର ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଓଲିଉଡ୍ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ହିନ୍ଦୀରେ ଏମ୍‌ଏ ପାସ୍ କରିଥିବା ଶିକ୍ଷୟିତ୍ରୀ,ଶିକ୍ଷକ ଟିଜି ସ୍କେଲରୁ ବଞ୍ଚିତ

**ବରୀ,୧୬।୧(ଡି.ଏନ.ଏ.)**

ରାଜ୍ୟ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକୁ ଅବମାନନା କରୁଛନ୍ତି ଯାଜପୁର ଜିଲା ଶିକ୍ଷା ଅଧିକାରୀ। ସରକାରୀ ନିର୍ଦ୍ଦେଶ ମୁତାବକ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ହିନ୍ଦୀ ଶିକ୍ଷୟିତ୍ରୀ,ଶିକ୍ଷକ ଯଦି ହିନ୍ଦୀରେ ଏମ୍‌ଏ ପାସ୍ କରି ଥିବେ ସେମାନେ ଟିଜି ସ୍କେଲରେ ଦରମା ପାଇବାକୁ ହକ୍‌ଦାର ବୋଲି ସରକାର ଘୋଷଣା କରିଛନ୍ତି। ରାଜ୍ୟର ପ୍ରାୟ ଅନ୍ୟ ସମସ୍ତ ଜିଲାରେ ହିନ୍ଦୀ ଶିକ୍ଷୟିତ୍ରୀ,ଶିକ୍ଷକମାନଙ୍କୁ ସେହି ସ୍କେଲରେ ଦରମା ପ୍ରଦାନ କରାଯାଉଛି। ମାତ୍ର ଏହାର ବ୍ୟତିକ୍ରମ ଯାଜପୁର ଜିଲାରେ ଦେଖାଦେଇଛି ବୋଲି ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଯାଜପୁର ଜିଲାରେ ସରକାରୀ ସ୍କୁଲରେ ହିନ୍ଦୀରେ ଏମ୍‌ଏ ପାସ୍ କରିଥିବା ଶିକ୍ଷୟିତ୍ରୀ,ଶିକ୍ଷକମାନଙ୍କୁ ଟିଜି ହାରରେ ଦରମା ଦିଆଯାଉଛି। ହେଲେ ଅନୁଦାନପ୍ରାପ୍ତ ବ୍ଲକ୍ ଗ୍ରାଣ୍ଟ ସ୍କୁଲରେ ଥିବା ହିନ୍ଦୀ ଶିକ୍ଷୟିତ୍ରୀ,ଶିକ୍ଷକମାନେ ସେଥିରୁ ବଞ୍ଚିତ ହୋଇଛନ୍ତି। ଏ ସଂକ୍ରାନ୍ତରେ ସମ୍ପୃକ୍ତ ଶିକ୍ଷୟିତ୍ରୀ,ଶିକ୍ଷକମାନେ ରାଜ୍ୟ ସରକାରଙ୍କଠାରୁ ଆରମ୍ଭକରି ଜିଲାପାଳ ଓ ଜିଲା ଶିକ୍ଷାଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଅନ୍ୟ ଜିଲାର ହିନ୍ଦୀ ଶିକ୍ଷୟିତ୍ରୀ,ଶିକ୍ଷକମାନେ ଟିଜି ହାରରେ ଦରମା ପାଉଥିଲା ବେଳେ ଯାଜପୁର ଜିଲାରେ ଶିକ୍ଷାଧିକାରୀ ସରକାରଙ୍କ ନିର୍ଦ୍ଦେଶକୁ ଅବମାନନା କରି ଯେଉଁ ଶିକ୍ଷୟିତ୍ରୀ,ଶିକ୍ଷକ ବିଏରେ ହିନ୍ଦୀ ରଖି ଏମ୍‌ଏ ପାସ୍ କରିଥିବେ ସେମାନେ କେବଳ ଟିଜି ହାରରେ ଦରମା ପାଇବାକୁ ଯୋଗ୍ୟ ବୋଲି ବିବେଚନା କରି ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ସେଥିରୁ ବଞ୍ଚିତ କରିଥିବା ଅଭିଯୋଗ ହେଉଛି। ଏଥିରେ ସୁଧାର ନ ଆସିଲେ ସେମାନେ ଆଇନର ଆଶ୍ରୟ ନେବା ସହିତ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରିଙ୍କୁ ଯୋଗାଯୋଗ କରାଯାଇଥିଲା। ତାଙ୍କ ମୋବାଇଲ ବନ୍ଦ ଥିବାରୁ ତାହା ସମ୍ଭବ ହୋଇ ପାରିନାହିଁ।

# ଜିଲା ଯୁବ ବିଜେଡି ସମ୍ପାଦକ ହେଲେ ସୁଶାନ୍ତ ସାହୁ

**ଯାଜପୁର ଟାଉନ,୧୬।୧ (ଡି.ଏନ୍.ଏନ୍.)**

ଜିଲା ବିଜୁ ଯୁବ ଜନତା ଦଳର ସମ୍ପାଦକ ଭାବେ ସୁଶାନ୍ତ କୁମାର ସାହୁଙ୍କୁ ଜିଲା ସଭାପତି ପ୍ରତାପ ମହାନ୍ତି ମନୋନୀତ କରିଛନ୍ତି। ସୁଶାନ୍ତ ଯାଜପୁର ପୌରାଞ୍ଚଳର ଜଣେ ଯୁବ ସଙ୍ଗଠକ ଭାବେ ବେଶ୍ ଜଣାଶୁଣା। ସମସ୍ତ ଦଳୀୟ କାର୍ଯ୍ୟକ୍ରମରେ ସୁଶାନ୍ତଙ୍କ କାର୍ଯ୍ୟଦକ୍ଷତାକୁ ଦେଖି ଦଳ ତାଙ୍କୁ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି। ଏହି ନିଯୁକ୍ତି ପରେ ସୁଶାନ୍ତ ବିଧାୟକ ପ୍ରଣବ ପ୍ରକାଶ ଦାସ , ପୂର୍ବତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସ , ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ ଓ ଜିଲା ବିଜୁ ଯୁବ ଜନତା ଦଳ ସଭାପତି ମହାନ୍ତିଙ୍କୁ କୃତଜ୍ଞତା ଜଣାଇଛନ୍ତି।


**GOVERNMENT OF ODISHA**
**OFFICE OF THE ADDITIONAL CHIEF ENGINEER RENGALI HEAD WORKS CIRCLE, SAMAL**
Email ID:seicsamal19@gmail.com

**INVITATION FOR BIDS (IFB)**

**(e-Procurement Notice No.ACE-RHWC-04/2022-23)**
**Bid Identification No.ACE-RHWC-RLBCD-01 of 2022-23**

**No.A-1027:**The Additional Chief Engineer, Rengali Head Works Circle, Samal on behalf of Governor of Odisha invites Percentage Rate bids in Double Cover System to be received in ONLINE MODE from eligible contractors for construction of irrigation work as detailed below:

| | | | |
|---|---|---|---|
| 1 | Name of the Work | : | Renovation of Nuapal (Naupal) Distributary and Lodhani Minor Canal of Left Main Canal of Rengali Irrigation Project. |
| 2 | Estimated Cost put to tender | : | Rs.509.87 Lakhs |
| 3 | Cost of tender paper | : | Rs.10,000.00 + 18% GST |
| 4 | Earnest Money Deposit (EMD) / Bid Security (Online) | : | Rs.5,09,900.00 |
| 5 | Class of Contractor | : | 'A' Class |
| 6 | Period of Completion of work | : | 12 (Twelve) Calendar Months including monsoon season. |
| 7 | Date and time of availability of bid document in the website | : | Dt.18.01.2023 from 10.00 A.M. to Dt.04.02.2023 upto 5.00 P.M. |
| 8 | Date of Opening of Technical Bid | : | Dt.06.02.2023 at 11.30 hours |
| 9 | Place of Opening of Technical Bid | : | In the office of the Additional Chief Engineer, Rengali Head Works Circle, Samal |

The bidders have to participate in ONLINE bidding only. Further details can be seen from the e-Procurement Portal: www.tendersodisha.gov.in. Any addendum/ corrigendum/ cancellation of tender can also be seen in the said website.

**Sd./- Additional Chief Engineer**
**Rengali Head Works Circle, Samal**
**OIPR-32410/11/0003/2223**



**GOVT. OF ODISHA, DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER, CENTRAL IRRIGATION CIRCLE, BHUBANESWAR**
**No.A-1024:** **'e' Procurement Notice No. ACECIC - 05 / 2022-23**

| Procurement Officer | Bid Identification No. | Name of Work | Cost of Work (Rs.in Lakhs) | Bid Security (Rs.) E.M.D. | Cost of Bid documents (Rs) | Class of Contractors | Bid documents available online for bidding From | To | Date of opening of Technical Bid | Period of completion of work |
|---|---|---|---|---|---|---|---|---|---|---|
| ACE,CIC, Bhubaneswar | PID-07/ 2022-23 | Improvement to Daya left Embankment from RD-13.00 0 Km to 24.000 Km from Village Bharatipur to Neempur | 710.14 | 710200/- (On Line) | 10000/- (On Line) | "A" & Special | 18.01.2023 At 10.00 Hours | 01.02.2023 At 17.00 Hours | 2.2.2023 At.11.00 Hours | 12 (Twelve Calendar Months) |
| | PID-08/ 2022-23 | Renovation of Sukal Distributary from RD.0.00 Km to 5.00 Km of Sakhigopal Branch Canal System | 791.73 | 791800/- (On Line) | 10000/- (On Line) | "A" & Special | 18.01.2023 At 10.00 Hours | 01.02.2023 At 17.00 Hours | 2.2.2023 At.11.00 Hours | 12 (Twelve Calendar Months) |
| | PID-09/ 2022-23 | Renovation of Sukal Distributary from RD.15.80 Km to 24.00 Km of Sakhigopal Branch Canal System | 796.25 | 796300/- (On Line) | 10000/- (On Line) | "A" & Special | 18.01.2023 At 10.00 Hours | 01.02.2023 At 17.00 Hours | 2.2.2023 At.11.00 Hours | 12 (Twelve Calendar Months) |
| | PID-10/ 2022-23 | Renovation of Budhanga Distributary from RD.0.00 Km to 7.00 Km of Sakhigopal Branch Canal System | 798.32 | 798400/- (On Line) | 10000/- (On Line) | "A" & Special | 18.01.2023 At 10.00 Hours | 01.02.2023 At 17.00 Hours | 2.2.2023 At.11.00 Hours | 12 (Twelve Calendar Months) |
| | PID-11/ 2022-23 | Improvement to Daya left Embankment from RD.6.000 Km to 13.000 Km from Village Kousalyapur to Bharatipur | 507.28 | 507300/- (On Line) | 10000/- (On Line) | "A" | 18.01.2023 At 10.00 Hours | 01.02.2023 At 17.00 Hours | 2.2.2023 At.11.00 Hours | 12 (Twelve Calendar Months) |

e-mail ID:-secic_dowr@yahoo.com
Further details conditions can be seen from Govt. website www.tenderorissa.gov.in
OIPR-32160/11/0008/2223 **Sd./- Additional Chief Engineer, Central Irrigation Circle**



# Special ITI for PwDs, Jatni
**At-Khudupur, Po-Jatni, Dist-Khurda**
**Pin-752050, Email ID:pwditi123@gmail.com**

**Tender Notice** **Date:**
**No.KK-315:**Sealed tender papers are invited from the Outsourcing Agency for engagement of the Cook, Assistant Cook, Lady Sweeper, Security Guard, Driver, Hostel Caretaker, Sweeper at Special ITI for PwDs, Jatni.
More details can be downloaded from our official website: www.splitipwd.in.

**Sd./- Principal**
**OIPR-44015/11/0001/2223**



E-mail:eemisundargarh@yahoo.co.in
**GOVERNMENT OF ODISHA**
**OFFICE OF THE SUPERINTENDING ENGINEER MINOR IRRIGATION DIVISION, SUNDARGARH**
**'e' Procurement Notice**
**Bid Reference No.SE MID SNG05/2022-23**
**eemisundargarh@yahoo.co.in**
**No.69//MID//date.10.01.2023**

**No.A-1023:**Bid documents consisting names of work, Estimated Cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.Further details can be seen from the e-Procurement market place.

| | | |
|---|---|---|
| 1 | Name of the Works | Civil Construction Works |
| 2 | No. of Works | 20 (Twenty) Nos. |
| 3 | Estimated Cost | Varies from Rs.8.48 lakh to Rs.49.40 lakh (Approximately) |
| 4 | Period of Completion | 02 (Two) to 06 (Six) Calendar Months |
| 5 | Date and Time of availability of bid documents in the portal | From dt.19.01.2023 at 10.00 A.M. to dt.31.01.2023 upto 5.30 PM |
| 6 | Last date/time of receipt of bids in the portal | Dt.31.01.2023 upto 5.30 P.M. |
| 7 | Date of Opening of Bid | Dt.01.02.2023 at 11.00 AM onwards |
| 8 | Name and address of the OIT | Superintending Engineer, Minor Irrigation Division, Sundargarh |

**http://tendersodisha.gov.in.**
**Sd./- Superintending Engineer**
**M.I. Division, Sundargarh**
**OIPR-32124/11/0008/2223**



**BOUDH KENDU LEAVES DIVISION, BOUDH**
**TENDER NOTICE**
**TENDER NOTICE NO. 1 of 2023**
**Dated:16.01.2023**

**No.MM-420:**Tender for Construction of Permanent Phadi at (1) Brahmanipali of Boudh (KL) Range and (2) Boriguva of Kantamal (KL) Range for the year, 2022-23".
**Value of Tender for each Phadi Rs.8,00,000/- (Rupee Eight Lakhs) Only**

| Particulars | Date | Time |
|---|---|---|
| Date of availability of tender documents at Division Office, Boudh | **20.01.2023 to 30.01.2023** | **Office hours 12 Noon** |
| Last Date of Submission of Tender Papers | **30.01.2023** | **5 PM** |
| Date of Opening of Technical Bid at Division Office, Boudh | **31.01.2023** | **11 AM** |
| Date of Opening of Financial Bid at Division Office, Boudh | **02.02.2023** | **11 AM** |
| Address for sending Physical Documents | Office of the Divisional Forest Officer, Boudh (KL) Division, Boudh, At-Boudh, Near FCI Godown, Dist-Boudh, PIN-762014 | |
| Place of Opening of Bids | Technical Conference Hall of Divisional Forest Officer, Boudh (KL) Division, Financial-O/o.C.C.F.(KL), Cuttack | |

**Sd./- Divisional Forest Officer**
**Boudh (KL) Division**
OIPR-08032/11/0001/2223



No. MM-417
**GOVERNMENT OF ODISHA**
**"e" PROCUREMENT NOTICE**
e-mail: dfo.keonjhar@odisha.gov.in
**Bid Identification No. FE&CC-DFO(T) KJR-04/2022-23**
No. 24 Dt.13.01.2023

1. No. of the work : Development of Community Centre at Kanjipani, P.O.: Kanjipani, P.S.: Kanjipani, Dist.: Keonjhar under Bhuyan Juanga Pidha Range, Keonjhar Forest Division - Cottage with Tensile Fabric, Retaining Wall, Paver Block & Gabion Structure, Kerb Wall, Saucer Drain, RCC Drain, Boundary Wall on Turnkey basis.
2. Date and time of availability of Bid document in the portal : From 16.00 hours of 24.01.2023 to 17.00 hours of 14.02.2023
3. Last date, time for receipt of bids in the portal : 17.00 hours of 14.02.2023
4. Date & time of opening of Technical Bid from portal : 11.30 hours on 15.02.2023
5. Date & time of opening of Financial Bid from portal : To be announced after evaluation of Technical Bid
6. Place of Opening of Bids : Office of the D.F.O., Keonjhar Division, Keonjhar
7. Name and address of the Officer Inviting Bid : Divisional Forest Officer, Keonjhar Division, Keonjhar
8. Period of Completion : 4 (Four) Months

Further details can be seen from the e-procurement portal **"http://tendersodisha.gov.in"**.

**Sd./- Divisional Forest Officer**
**Keonjhar Division**
OIPR-08042/11/0014/2223



# School for Autism
**A Unit of Margdarsi,**
**Institute of Health Sciences, Chandaka,**
**Bhubaneswar- 751024. www.ihsindia.org**

**ADVERTISEMENT FOR RECRUITMENT**

**No.n-90:**Applications are invited from Eligible Candidates for recruitment of teaching staff in the special school run under the management of Margdarsi under Grant-in Aid fold of SSEPD Department, Govt. of Odisha. The school vacancy position, required qualification and consolidated salary details are given in the table below. Selection process shall be carried out as per norms and guidelines of SSEPP Department, Govt, of Odisha. Desirous candidates may apply along with complete Bio-data with Qualification documents, Passport size photo etc. so as to reach the undersigned, before 25th January 2023 by 5.00pm Sharp.

| Sl. No. | Type of Post as per Govt. yardstick | No. of Vacancies | Requisite Qualifications | Scale of Pay (Consolidated) |
|---|---|---|---|---|
| 01 | Asst. Teacher Trained Intermediate (TI) | 01 | +2/ its equivalent and diploma in concerned stream, i.e. M.R, Autism &CP | 5200-20200 Grade pay-2800 |
| 02 | Occupational Therapist (Asst. Teacher) | 01 | Bachelor of occupational Therapy | 5200-20200 Grade pay-2200 |

Send your Bio-data with Qualification documents in the following Address by Speed post only N2/41, IRC Village, Nayapalli, Bhubaneswar-751015.p
Contact person No-9439803135, Principal, School for Autism.
**OIPR-27082/11/0004/2223**

# ଜଗତ୍‌ସିଂହପୁର କଳା, ସାହିତ୍ୟ, ସଂସ୍କୃତିରେ ସମୃଦ୍ଧ



କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**ଜଗତ୍‌ସିଂହପୁର ଅଫିସ, ୧୬।୧**

ଜଗତ୍‌ସିଂହପୁର କଳା, ସାହିତ୍ୟ ଓ ସଂସ୍କୃତିରେ ସମୃଦ୍ଧ। ସ୍ୱାଧୀନତା ଆନ୍ଦୋଳନରେ ମଧ୍ୟ ଜିଲାର ସଂଗ୍ରାମୀମାନଙ୍କ ଅବଦାନ ଅତୁଳନୀୟ ଥିଲା। ସ୍ୱାଧୀନତା ସଂଗ୍ରମୀଙ୍କ ଅନ୍ତୁଡିଶାଳ କୁହାଯାଉଥିବା ଅଳକାଶ୍ରମ ଜଗତ୍‌ସିଂହପୁରରେ ଗଢି ଉଠିଥିଲା। ସାରଳା ଦାସ, ବୀରକିଶୋରଙ୍କ ଭଳି ଅନେକ ମହାପୁରୁଷଙ୍କୁ ଏହି ମାଟି ଜନ୍ମ ଦେଇଛି। ଏଠି ପ୍ରତ୍ୟେକେ ଜନ୍ମରୁ ଜଣେ ଜଣେ କଳାକାର। ତେଣୁ ଏ ଜିଲା ବିଷୟରେ ଯେତେ କହିଲେ ମଧ୍ୟ କମ ହେବ । ସୋମବାର ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ଅନୁଷ୍ଠିତ ଜିଲା ମହୋତ୍ସବ କଲ୍ଲୋଳ, ପୁସ୍ତକ, ଆଧୁନିକ କୃଷି ଯନ୍ତ୍ରପାତି ଓ ପଲ୍ଲିଶ୍ରୀ ମେଳାର ଦ୍ୱିତୀୟ ସନ୍ଧ୍ୟାରେ ଅତିଥିମାନେ ଏହା କହିଛନ୍ତି। ଉତ୍ସବରେ ପାରାଦୀପ ଫସ୍‌ଫେଟ ଲିମିଟେଡ୍ (ପିପିଏଲ୍)ର ମାନବ ସମ୍ବଳ ଅଧିକାରୀ ଜଗନ୍ନାଥ ଖୁଣ୍ଟିଆ ମୁଖ୍ୟଅତିଥି ଓ ଜଗତ୍‌ସିଂହପୁର ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଜିଲା ସଂସ୍କୃତି ଅଧିକାରୀ ଦିଲୀପ ଜେନା ଧନ୍ୟବାଦ ଦେଇଥିଲେ ।

## ପାର୍କିଂ ନେଇ ଲାଗୁ କଟକଣା ହଟିଲା

କଲ୍ଲୋଳ ଉଦ୍‌ଘାଟନୀ ଉତ୍ସବରେ ପାର୍କିଂ ସ୍ଥାନକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ସ୍ଥାନୀୟ ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଲୋକେ ଗାଡି ରଖି ପାଖାପାଖି ୧ କିଲୋମିଟର ଚାଲିକରି ଷ୍ଟାଡିୟମ ପର୍ଯ୍ୟନ୍ତ ଯିବାରେ ଅସୁବିଧା ହୋଇଥିଲା । ଏନେଇ ପ୍ରତିବାଦ ହେବାରୁ ସୋମବାର କଟକଣା ଉଠାଇ ଦିଆଯାଇଛି । ଷ୍ଟାଡିୟମ ନିକଟରେ ପାର୍କିଂ ସ୍ଥାନ କରାଯିବାରୁ ଲୋକେ ଆରାମରେ ପହଞ୍ଚିବା ସମ୍ଭବ ହୋଇଥିଲା । ଏଥିଯୋଗୁ ଲୋକଙ୍କ ଆଗମନ ବଢିଥିଲା ।

## ମୁଖ୍ୟଅତିଥି, ଜିଲାପାଳଙ୍କ ଅନୁପସ୍ଥିତିକୁ ନେଇ ଚର୍ଚ୍ଚା

ମହୋତ୍ସବ କାର୍ଯ୍ୟସୂଚୀ ଅନୁଯାୟୀ ସୋମବାର ସନ୍ଧ୍ୟାରେ ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢୀ ମୁଖ୍ୟଅତିଥି, ଜିଲାପାଳ ପାରୁଲ ପଟୱାରି ସଭାପତି, ଜଗତ୍‌ସିଂହପୁର ଏଡିଏମ୍ ସଚ୍ଚିଦାନନ୍ଦ ସାହୁ ଓ ପିପିଏଲ୍ ମୁଖ୍ୟ ଉତ୍ପାଦନ ଅଧିକାରୀ ପ୍ରଣବ ଭଟ୍ଟାଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ପ୍ରମୁଖ ଶାସନ ସଚିବ, ଜିଲାପାଳ ଓ ପିପିଏଲ୍ ମୁଖ୍ୟ ଉତ୍ପାଦନ ଅଧିକାରୀ ମଞ୍ଚରେ ଅନୁପସ୍ଥିତ ଥିଲେ। ସଭା କାର୍ଯ୍ୟ ସରିଲା ପରେ ଜିଲାପାଳ ଯୋଗ ଦେଇଥିଲେ ସୁଦ୍ଧା ମଞ୍ଚରେ ଅତିଥିମାନଙ୍କ ଅନୁପସ୍ଥିତି ଆଲୋଚନାର ବିଷୟ ହୋଇଛି।

## ମନୋରଞ୍ଜନ ଦେଲା ସାଂସ୍କୃତିକ କାର୍ଯ୍ୟକ୍ରମ

କାର୍ଯ୍ୟସୂଚୀ ଅନୁଯାୟୀ ଗଞ୍ଜାମର ଶ୍ରୀଚୈତନ୍ୟ ଘଣ୍ଟ ମୃଦଙ୍ଗ ସଂଘ ଓ ଲୋକନୃତ୍ୟ ପକ୍ଷରୁ ପଶୁ ମୁଖା ନୃତ୍ୟ, ଗଜପତିର ତୁମୁଳା ଲଞ୍ଜିଆ ସୌରା ନୃତ୍ୟ ଦଳ ପକ୍ଷରୁ ଲଞ୍ଜିଆ ସୌରା, ପଶ୍ଚିମବଙ୍ଗର ନନ୍ଦନିକ୍ ମୁମେଣ୍ଟ ଆର୍ଟସ୍ ପକ୍ଷରୁ ମଣିପୁରୀ, କଟକର ସିଂଘମ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ମଡର୍ନ ଡ୍ୟାନ୍ସ, ସମ୍ବଲପୁରର ରଙ୍ଗବତୀ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସମ୍ବଲପୁରୀ ଡ୍ୟାନ୍ସ ଦେଖିବାକୁ ମିଳିଥିଲା । ସବୁଠାରୁ ଅଧିକ ଆକର୍ଷଣ ସୃଷ୍ଟି କରିଥିଲା ଇଣ୍ଡିଆନ ଆଇଡଲ ଫ୍ରେମ୍ ଏମ୍‌ଡି ଦାନିଶ ଓ ତାଙ୍କ ବ୍ୟାଣ୍ଡ ଦ୍ୱାରା ଅନୁଷ୍ଠିତ ମ୍ୟୁଜିକାଲ ନାଇଟ୍ । ଏହା ଲୋକଙ୍କୁ ଭରପୂର ମନୋରଞ୍ଜନ ଦେଇଥିଲା।

# ପୁରାତନ ଛାତ୍ର ସଂସଦର ବିଦ୍ୟାଳୟ ସମ୍ମୁଖରେ ଧାରଣା



ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ପୁରାତନ ଛାତ୍ରମାନେ।

## ସ୍କୁଲର ଆଲୁମ୍‌ନି କମିଟିକୁ ବିରୋଧ

**ଏରସମା, ୧୬।୧ (ସ୍ୱ.ପ୍ର.)**

ଏରସମା ବ୍ଲକ ଅନ୍ତର୍ଗତ ଜପା ପଞ୍ଚାୟତସ୍ଥିତ କାଳିଆବୁଦା ଗାଦିବ୍ରହ୍ମ ହାଇସ୍କୁଲର ଆଲୁମନି କମିଟିକୁ ସୋମବାର ପୁରାତନ ଛାତ୍ର ସଂସଦର ଛାତ୍ରମାନେ ବିରୋଧ କରିଛନ୍ତି। ଏନେଇ ସେମାନେ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ହାଇସ୍କୁଲ ପକ୍ଷରୁ ଗଠିତ ଆଲୁମନି କମିଟିକୁ ଅବୈଧ ଭାବେ ଗଠନ କରାଯାଇଛି । ସ୍କୁଲ କର୍ମଚାରୀମାନେ ଉଦ୍ଦେଶ୍ୟମୂଳକ ଭାବେ ତାଙ୍କ ସମ୍ପର୍କୀୟମାନଙ୍କୁ କମିଟିରେ ରଖିଛନ୍ତି। ଏହାଛଡ଼ା ୫-ଟି ପକ୍ଷରୁ ସ୍କୁଲର ଉନ୍ନୟନ କାର୍ଯ୍ୟ କରିବା ପାଇଁ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା କରାଯାଇଛି।

ଏହି କାର୍ଯ୍ୟ କରିବା ପାଇଁ ବ୍ୟକ୍ତିଙ୍କ ନାମ ଚୟନ କରିବା ଉପରେ ନିରପେକ୍ଷତା ଅବଲମ୍ବନ କରାଯାଉ ନାହିଁ । ଏହାର ଉପଯୁକ୍ତ ସମାଧାନ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ ଜାରି ରହିବ ବୋଲି ତପନ ଗଚ୍ଛାୟତ, ନୃସିଂହ ସାହୁ, ବିଭୁତି ଲେଙ୍କା, ରବୀନ୍ଦ୍ର ଲେଙ୍କା, ରମେଶ ଚନ୍ଦ୍ର ପଣ୍ଡା, ସିଦ୍ଧେଶ୍ୱର ଦାସ, ପ୍ରଦୀପ୍ତ ସାହୁ, ପ୍ରକାଶ ଖଟୁଆ ପ୍ରମୁଖ ଚେତାବନୀ ଦେଇଛନ୍ତି । ଏ ସମ୍ପର୍କରେ ସମ୍ପୃକ୍ତ ସ୍କୁଲର ପ୍ରଧାନ ଶିକ୍ଷକ ଜପହରି ଦାସଙ୍କୁ ପଚାରିବାରେ ପ୍ରଶାସନ ନିୟମ ଅନୁସାରେ କାର୍ଯ୍ୟ ହେଉଛି । ଅଭିଯୋଗ ହେବା ପରେ ବିଡିଓଙ୍କ ଅଧ୍ୟକ୍ଷତାରେ ଓ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ଉପସ୍ଥିତିରେ ୨ଥର ଆଲୁମନି କମିଟି ବୈଠକ ବସିଥିଲା । ଏଥିରେ ଅଧିକ ୩୫ ଜଣ ସଭ୍ୟଙ୍କୁ କମିଟିରେ ସାମିଲ କରାଯାଇଥିଲା । ଅନ୍ୟ କୌଣସି ବ୍ୟକ୍ତି ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟ କରିବାକୁ ଇଚ୍ଛା ପ୍ରକାଶ ନ କରିବାରୁ ପୂର୍ବ ଏଜେନ୍ସିକୁ କାର୍ଯ୍ୟ କରିବା ପାଇଁ ଅନୁମତି ଦିଆଯାଇଥିବା ଦାସ କହିଛନ୍ତି।

## ‘ଅଳକାଶ୍ରମ ସ୍ୱାଧୀନତା ସଂଗ୍ରାମୀଙ୍କ ଅନ୍ୟତମ ଅନ୍ତୁଡ଼ିଶାଳ’

**ରଘୁନାଥପୁର, ୧୬।୧ (ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ଇତିହାସ ସମ୍ମାନ ବିଭାଗ ପକ୍ଷରୁ ସ୍ୱାଧୀନତା ସଂଗ୍ରାମରେ ଅଳକାଶ୍ରମ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସରୋଜ କୁମାର ପଣ୍ଡାଙ୍କ ପୌରୋହିତରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଏସ୍‌ଭିଏମ ସ୍ୱୟଂଶାସିତ କଲେଜର ଅଧ୍ୟକ୍ଷ ପ୍ରଫେସର ବିଜୟ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁକ୍ତି ସଂଗ୍ରାମର ଇତିହାସ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ସେ ସମୟରେ ସଂଗ୍ରାମୀମାନଙ୍କ ଦ୍ୱାରା ଗଢିଉଠିଥିବା ଅଳକାଶ୍ରମକୁ ପୁନରୁଦ୍ଧାର କରିବା ଉଚିତ ବୋଲି ପ୍ରଫେସର ପାତ୍ର ମତ ରଖିଥିଲେ। କ୍ୟାପଟେନ ଡ.ଧରଣୀଧର ଖୁଣ୍ଟିଆ ମୁଖ୍ୟବକ୍ତା ଭାବେ ଯୋଗଦେଇ ପରାଧୀନ ସମୟର ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ୱାଧୀନତା ସଂଗ୍ରାମରେ ଜୀବନକୁ ବାଜି ଲଗେଇଥିବା ସଂଗ୍ରାମୀଙ୍କ ଅନ୍ତୁଡ଼ିଶାଳ ଭାବେ ଜଗତ୍‌ସିଂହପୁର ଜିଲାର ଅଳକାଶ୍ରମ ଅନ୍ୟତମ ବୋଲି ଡ. ଖୁଣ୍ଟିଆ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ଡ.ବିଜୟ ବିଶ୍ୱାଳ ଯୋଗଦେଇଥିଲେ। ଛାତ୍ରୀ ଅଂଶୀତା ମହାନ୍ତି, ସନ୍ଧ୍ୟା ନାୟକ ଓ ଛାତ୍ର ଜୟପ୍ରକାଶ ସେନ ସେମାନଙ୍କ ସ୍ୱଲିଖିତ ସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପକ ପ୍ରଶାନ୍ତ ନାୟକ ସଭା ସଞ୍ଚାଳନ ଓ କେଦାର ମୁଦୁଲି ଧନ୍ୟବାଦ ଦେଇଥିଲେ। ଗଦାଧର ପାଣି, ପ୍ରତାପ ଲେଙ୍କା, ବଳରାମ ପାଳ, ହିମାଂଶୁ ଜେନା, ସ୍ମିତାରାଣୀ ପ୍ରଧାନ, ସ୍ୱାଗତିକା ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀ ଅରବିନ୍ଦଙ୍କ ଅତିମାନସ ଜାଗରଣ ଯାତ୍ରା

**ବିରିଡି, ୧୬।୧ (ଡି.ଏନ.ଏ.)**

ଶ୍ରୀ ଅରବିନ୍ଦଙ୍କ ୧୫୦ତମ ଜନ୍ମ ବାର୍ଷିକ ଉପଲକ୍ଷେ ସୋମବାର ବିରିଡି ବ୍ଲକର ଶ୍ରୀ ଅରବିନ୍ଦଙ୍କ ଅନୁଗାମୀମାନେ ଅତିମାନସ ଜାଗରଣ ଯାତ୍ରା କରିଛନ୍ତି। ଜଗତସିଂହପୁରରୁ ଏକ ସୁସଜ୍ଜିତ ରଥରେ ଅରବିନ୍ଦଙ୍କ ଫଟୋ ଚିତ୍ର ସହ ଏକ ବିରାଟ ଶୋଭାଯାତ୍ରା ବାହାରି ବସନ୍ତପୁର ଛକରେ ପହଞ୍ଚି ଥିଲା । ସେଠାରେ ଏହି ରଥକୁ ପଦ୍ମଲାଭ ଭୋଇ , ସଞ୍ଜୟ ଦାସ, ମାନସ ରଞ୍ଜନ ସିଂହ, ରାଖାଲ ମୋହନ ଦାସ, ବାଉରି ବନ୍ଧୁ ପରିଡା, କୁଳମଣି ସାହୁ, ରଞ୍ଜନ ମଳିକ, ସଚିଦା ନନ୍ଦ ସାହୁ, ଲିଙ୍ଗରାଜ ମଲ୍ଲ, ଅଶୋକ ଜେନା ଓ ଅକ୍ଷୟ ଦାସ ପ୍ରମୁଖ ସ୍ୱାଗତ କରିଥିଲେ। ବ୍ଲକର ଜାତୀୟ ରାଜପଥ ନଂ.୫୫ କଡରେ ଥିବା ସମସ୍ତ ସ୍କୁଲ, କଲେଜ ଛାତ୍ରୀଛାତ୍ରମାମାନେ ପୁଷ୍ପାଞ୍ଜଳି ଦେଇ ଶ୍ରୀ ଅରବିନ୍ଦଙ୍କ ଆଶିଷ ଗ୍ରହଣ କରିଥିଲେ । ବିରିଡି ତହସିଲଦାର ସହଦେବ ସାହୁ ଓ ଥାନା ଆଇଆଇସି ନିରଞ୍ଜନ ମଳିକ ରଥକୁ ସ୍ୱାଗତ କରି କଟକ ପାରାଦୀପ ରାସ୍ତାର ସୋମପୁର ଛକରେ ରଘୁନାଥପୁର ବ୍ଲକ ଅଭିମୁଖେ ଯିବା ପାଇଁ ରଘୁନାଥପୁରର ଶ୍ରୀ ଅରବିନ୍ଦଙ୍କ ଅନୁଗାମୀମାନଙ୍କୁ ହସ୍ତାନ୍ତର କରିଥିଲେ।

# ସାହିତ୍ୟ ସମାଜର ହିତ ସାଧନ କରେ

**ତିର୍ତ୍ତୋଲ, ୧୬।୧ (ଡି.ଏନ.ଏ.)**




ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ବାଲିଘର ସାହିତ୍ୟ ସଂସ୍କୃତି ପ୍ରତିଷ୍ଠାନ ଓ ଶିଶୁ କିଶୋର ସାହିତ୍ୟ ପତ୍ରିକା ‘ବାଲିଘର’ ର ୩୩ତମ ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ତିର୍ତ୍ତୋଲ ଥାନା ଅନ୍ତର୍ଗତ ପଣ୍ଡୁଆ ପଞ୍ଚାୟତ ମୁଣ୍ଡିଦା ଗ୍ରାମସ୍ଥିତ ଏହି ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଗାୟକ ଶେଖର ଜଗନ୍ନାଥ ବେହେରା ଯୋଗଦେଇ ସାରସ୍ୱତ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ରାଜ୍ୟସ୍ତରୀୟ କବିତା ପାଠ, ମାଗଣା ଚକ୍ଷୁ ଚିକିତ୍ସା ଶିବିର, ଆଲୋଚନାଚକ୍ର, ସମ୍ବର୍ଦ୍ଧନା ସଭା ଓ ବାଲିଘରର ବାର୍ଷିକ ସଂଖ୍ୟା ଉନ୍ମୋଚିତ ହୋଇଥିଲା । ଅନୁଷ୍ଠାନର ସଭାପତି ଅଜୟ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ‘ସାହିତ୍ୟ ସମ୍ପର୍କର ସେତୁ’ ଶୀର୍ଷକ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଶିଶୁ ସାହିତ୍ୟିକ ଦାଶ ବେନହୁର ଯୋଗଦେଇ ସାହିତ୍ୟ ସବୁବେଳେ ସମାଜର ହିତ ସାଧନ କରିଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଓଡିଆ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ପୀତାମ୍ବର ତରାଇ ଯୋଗଦେଇ ସାହିତ୍ୟ ସତ୍ୟ ଉପରେ ଆଧାରିତ ହେଲେ ଜଗତର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇପାରିବ ବୋଲି କହିଥିଲେ । ବିଶିଷ୍ଟ ଅତିଥି ସୁଲେଖିକା ଛନ୍ଦା ମିଶ୍ର, ଶିଶୁ ସାହିତ୍ୟକ ବଙ୍କିମ ଚନ୍ଦ୍ର ନାୟକ, ସାହିତ୍ୟକ ବିଜୟ ମଲ୍ଲ, ଶିକ୍ଷାବିତ ଚନ୍ଦ୍ରକାନ୍ତ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ବାଲିଘରର ସମ୍ପାଦକ କୈଳାସ ଚନ୍ଦ୍ର ସ୍ୱାଇଁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ କଥାକାର ଡ. ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କୁ ‘ବାଲିଘର ସାହିତ୍ୟ ସମ୍ମାନ’, ଅଙ୍କୁରବାଳା ପରିଡାଙ୍କୁ ‘କବିତା ସମ୍ମାନ’, ଔପନାସିକ ଭାଗୀରଥି ଦାସଙ୍କୁ ‘ଉପନ୍ୟାସ ସମ୍ମାନ’, ଅଧ୍ୟାପକ ଜଗନ ମୋହନ ସାହୁଙ୍କୁ ‘ପ୍ରବନ୍ଧ ସମ୍ମାନ’, ତପନ ସାମନ୍ତରାୟଙ୍କୁ ‘ଯୁବ ସମାଜସେବା ସମ୍ମାନ, କବି ନୃସିଂହ ତରାଇଙ୍କୁ ‘ଯୁବପ୍ରତିଭା ସମ୍ମାନ’, ଗୀତିକାର ବାବାଜୀ ଚରଣ ଜେନାଙ୍କୁ ‘ଗୀତିକବି ସମ୍ମାନ’ ପ୍ରଦାନ କରାଯାଇଥିଲା। ଶେଷରେ କବି ବିଜୟ ଖଟେଇ ଧନ୍ୟବାଦ ଦେଇଥିଲେ।



## Special ITI for PwDs, Jatni

**At-Khudupur, Po-Jatni, Dist-Khurda**
**Pin-752050, Email ID:pwditi123@gmail.com**

**Tender Notice** **Date:**

**No.KK-315:**Sealed tender papers are invited from the Outsourcing Agency for engagement of the Cook, Assistant Cook, Lady Sweeper, Security Guard, Driver, Hostel Caretaker, Sweeper at Special ITI for PwDs, Jatni.
More details can be downloaded from our official website: www.splitipwd.in.

**Sd./- Principal**
**OIPR-44015/11/0001/2223**

GOVERNMENT OF ODISHA
## OFFICE OF THE ADDITIONAL CHIEF ENGINEER RENGALI HEAD WORKS CIRCLE, SAMAL
Email ID:seicsamal19@gmail.com

## INVITATION FOR BIDS (IFB)

**(e-Procurement Notice No.ACE-RHWC-04/2022-23)**
**Bid Identification No.ACE-RHWC-RLBCD-01 of 2022-23**

**No.A-1027:**The Additional Chief Engineer, Rengali Head Works Circle, Samal on behalf of Governor of Odisha invites Percentage Rate bids in Double Cover System to be received in ONLINE MODE from eligible contractors for construction of irrigation work as detailed below:

| | | | |
|---|---|---|---|
| 1 | Name of the Work | : | Renovation of Nuapal (Naupal) Distributary and Lodhani Minor Canal of Left Main Canal of Rengali Irrigation Project. |
| 2 | Estimated Cost put to tender | : | Rs.509.87 Lakhs |
| 3 | Cost of tender paper | : | Rs.10,000.00 + 18% GST |
| 4 | Earnest Money Deposit (EMD) / Bid Security (Online) | : | Rs.5,09,900.00 |
| 5 | Class of Contractor | : | 'A' Class |
| 6 | Period of Completion of work | : | 12 (Twelve) Calendar Months including monsoon season. |
| 7 | Date and time of availability of bid document in the website | : | Dt.18.01.2023 from 10.00 A.M. to Dt.04.02.2023 upto 5.00 P.M. |
| 8 | Date of Opening of Technical Bid | : | Dt.06.02.2023 at 11.30 hours |
| 9 | Place of Opening of Technical Bid | : | In the office of the Additional Chief Engineer, Rengali Head Works Circle, Samal |

The bidders have to participate in ONLINE bidding only. Further details can be seen from the e-Procurement Portal: www.tendersodisha.gov.in. Any addendum/ corrigendum/ cancellation of tender can also be seen in the said website.

**Sd./- Additional Chief Engineer**
**Rengali Head Works Circle, Samal**
**OIPR-32410/11/0003/2223**

GOVT. OF ODISHA, DEPARTMENT OF WATER RESOURCES
## OFFICE OF THE ADDITIONAL CHIEF ENGINEER, CENTRAL IRRIGATION CIRCLE, BHUBANESWAR

**No.A-1024:** **'e' Procurement Notice No. ACECIC - 05 / 2022-23**

| Procurement Officer | Bid Identification No. | Name of Work | Cost of Work (Rs.in Lakhs) | Bid Security (Rs.) E.M.D. | Cost of Bid documents (Rs) | Class of Contractors | Bid documents available online for bidding From | To | Date of opening of Technical Bid | Period of completion of work |
|---|---|---|---|---|---|---|---|---|---|---|
| ACE,CIC, Bhubaneswar | PID-07/ 2022-23 | Improvement to Daya left Embankment from RD-13.00 0 Km to 24.000 Km from Village Bharatipur to Neempur | 710.14 | 710200/- (On Line) | 10000/- (On Line) | "A" & Special | 18.01.2023 At 10.00 Hours | 01.02.2023 At 17.00 Hours | 2.2.2023 At.11.00 Hours | 12 (Twelve Calendar Months) |
| | PID-08/ 2022-23 | Renovation of Sukal Distributary from RD.0.00 Km to 5.00 Km of Sakhigopal Branch Canal System | 791.73 | 791800/- (On Line) | 10000/- (On Line) | "A" & Special | 18.01.2023 At 10.00 Hours | 01.02.2023 At 17.00 Hours | 2.2.2023 At.11.00 Hours | 12 (Twelve Calendar Months) |
| | PID-09/ 2022-23 | Renovation of Sukal Distributary from RD.15.80 Km to 24.00 Km of Sakhigopal Branch Canal System | 796.25 | 796300/- (On Line) | 10000/- (On Line) | "A" & Special | 18.01.2023 At 10.00 Hours | 01.02.2023 At 17.00 Hours | 2.2.2023 At.11.00 Hours | 12 (Twelve Calendar Months) |
| | PID-10/ 2022-23 | Renovation of Budhanga Distributary from RD.0.00 Km to 7.00 Km of Sakhigopal Branch Canal System | 798.32 | 798400/- (On Line) | 10000/- (On Line) | "A" & Special | 18.01.2023 At 10.00 Hours | 01.02.2023 At 17.00 Hours | 2.2.2023 At.11.00 Hours | 12 (Twelve Calendar Months) |
| | PID-11/ 2022-23 | Improvement to Daya left Embankment from RD.6.000 Km to 13.000 Km from Village Kousalyapur to Bharatipur | 507.28 | 507300/- (On Line) | 10000/- (On Line) | "A" | 18.01.2023 At 10.00 Hours | 01.02.2023 At 17.00 Hours | 2.2.2023 At.11.00 Hours | 12 (Twelve Calendar Months) |

e-mail ID:-secic_dowr@yahoo.com
Further details conditions can be seen from Govt. website www.tenderorissa.gov.in
OIPR-32160/11/0008/2223 **Sd./- Additional Chief Engineer, Central Irrigation Circle**

E-mail:eemisundargarh@yahoo.co.in
GOVERNMENT OF ODISHA
## OFFICE OF THE SUPERINTENDING ENGINEER MINOR IRRIGATION DIVISION, SUNDARGARH
## 'e' Procurement Notice
**Bid Reference No.SE MID SNG05/2022-23**
**eemisundargarh@yahoo.co.in**
**No.69//MID//date.10.01.2023**

**No.A-1023:**Bid documents consisting names of work, Estimated Cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.Further details can be seen from the e-Procurement market place.

| | | |
|---|---|---|
| 1 | Name of the Works | Civil Construction Works |
| 2 | No. of Works | 20 (Twenty) Nos. |
| 3 | Estimated Cost | Varies from Rs.8.48 lakh to Rs.49.40 lakh (Approximately) |
| 4 | Period of Completion | 02 (Two) to 06 (Six) Calendar Months |
| 5 | Date and Time of availability of bid documents in the portal | From dt.19.01.2023 at 10.00 A.M. to dt.31.01.2023 upto 5.30 PM |
| 6 | Last date/time of receipt of bids in the portal | Dt.31.01.2023 upto 5.30 P.M. |
| 7 | Date of Opening of Bid | Dt.01.02.2023 at 11.00 AM onwards |
| 8 | Name and address of the OIT | Superintending Engineer, Minor Irrigation Division, Sundargarh |

**http://tendersodisha.gov.in.**

**Sd./- Superintending Engineer**
**M.I. Division, Sundargarh**
**OIPR-32124/11/0008/2223**

## BOUDH KENDU LEAVES DIVISION, BOUDH
## TENDER NOTICE
**TENDER NOTICE NO. 1 of 2023**
**Dated:16.01.2023**

**No.MM-420:**Tender for Construction of Permanent Phadi at (1) Brahmanipali of Boudh (KL) Range and (2) Boriguva of Kantamal (KL) Range for the year, 2022-23".
**Value of Tender for each Phadi Rs.8,00,000/- (Rupee Eight Lakhs) Only**

| Particulars | Date | Time |
|---|---|---|
| Date of availability of tender documents at Division Office, Boudh | **20.01.2023 to 30.01.2023** | **Office hours 12 Noon** |
| Last Date of Submission of Tender Papers | **30.01.2023** | **5 PM** |
| Date of Opening of Technical Bid at Division Office, Boudh | **31.01.2023** | **11 AM** |
| Date of Opening of Financial Bid at Division Office, Boudh | **02.02.2023** | **11 AM** |
| Address for sending Physical Documents | Office of the Divisional Forest Officer, Boudh (KL) Division, Boudh, At-Boudh, Near FCI Godown, Dist-Boudh, PIN-762014 | |
| Place of Opening of Bids | Technical Conference Hall of Divisional Forest Officer, Boudh (KL) Division, Financial-O/o.C.C.F.(KL), Cuttack | |

**Sd./- Divisional Forest Officer**
**Boudh (KL) Division**
OIPR-08032/11/0001/2223

No. MM-417

GOVERNMENT OF ODISHA
## "e" PROCUREMENT NOTICE
e-mail: dfo.keonjhar@odisha.gov.in
**Bid Identification No. FE&CC-DFO(T) KJR-04/2022-23**

**No. 24** **Dt.13.01.2023**

1. No. of the work : Development of Community Centre at Kanjipani, P.O.: Kanjipani, P.S.: Kanjipani, Dist.: Keonjhar under Bhuyan Juanga Pidha Range, Keonjhar Forest Division - Cottage with Tensile Fabric, Retaining Wall, Paver Block & Gabion Structure, Kerb Wall, Saucer Drain, RCC Drain, Boundary Wall on Turnkey basis.
2. Date and time of availability of Bid document in the portal : From 16.00 hours of 24.01.2023 to 17.00 hours of 14.02.2023
3. Last date, time for receipt of bids in the portal : 17.00 hours of 14.02.2023
4. Date & time of opening of Technical Bid from portal : 11.30 hours on 15.02.2023
5. Date & time of opening of Financial Bid from portal : To be announced after evaluation of Technical Bid
6. Place of Opening of Bids : Office of the D.F.O., Keonjhar Division, Keonjhar
7. Name and address of the Officer Inviting Bid : Divisional Forest Officer, Keonjhar Division, Keonjhar
8. Period of Completion : 4 (Four) Months

Further details can be seen from the e-procurement portal **"http://tendersodisha.gov.in"**.

**Sd./- Divisional Forest Officer**
**Keonjhar Division**
**OIPR-08042/11/0014/2223**

## School for Autism
**A Unit of Margdarsi,**
**Institute of Health Sciences, Chandaka,**
**Bhubaneswar- 751024. www.ihsindia.org**

## ADVERTISEMENT FOR RECRUITMENT

**No.n-90:**Applications are invited from Eligible Candidates for recruitment of teaching staff in the special school run under the management of Margdarsi under Grant-in Aid fold of SSEPD Department, Govt. of Odisha. The school vacancy position, required qualification and consolidated salary details are given in the table below. Selection process shall be carried out as per norms and guidelines of SSEPP Department, Govt, of Odisha. Desirous candidates may apply along with complete Bio-data with Qualification documents, Passport size photo etc. so as to reach the undersigned, before 25th January 2023 by 5.00pm Sharp.

| Sl. No. | Type of Post as per Govt. yardstick | No. of Vacancies | Requisite Qualifications | Scale of Pay (Consolidated) |
|---|---|---|---|---|
| 01 | Asst. Teacher Trained Intermediate (TI) | 01 | +2/ its equivalent and diploma in concerned stream, i.e. M.R, Autism &CP | 5200-20200 Grade pay-2800 |
| 02 | Occupational Therapist (Asst. Teacher) | 01 | Bachelor of occupational Therapy | 5200-20200 Grade pay-2200 |

Send your Bio-data with Qualification documents in the following Address by Speed post only N2/41, IRC Village, Nayapalli, Bhubaneswar-751015.p
Contact person No-9439803135, Principal, School for Autism.
**OIPR-27082/11/0004/2223**

# ୭୧ ପ୍ରଜାତିର ୭,୮୩୪ ପକ୍ଷୀଙ୍କ ସମାଗମ

**ନୟାଗଡ଼ ଅଫିସ/ ଗଣିଆ,୧୬।୧(ଡି.ଏନ୍.ଏ.):**

## ନୟାଗଡ଼ ଜିଲାରେ ପକ୍ଷୀଗଣନା

- ଇଣ୍ଡିଆନ ସ୍କିମର ମାତ୍ର ୧୪
- ତାଲିକାରେ ନାଁ ନାହିଁ କୋଚିଲାଖାଇ
- କୁଆଁରିଆଁ ଜଳାଶ୍ରୟରେ ୩୦ ବିଦେଶାଗତ ପକ୍ଷୀ

ନୟାଗଡ଼ ଜିଲାରେ ହୋଇଥିବା ପକ୍ଷୀଗଣନା ଅନୁସାରେ ଜିଲାର ମହାନଦୀ ସମେତ ବିଭିନ୍ନ ଜଳାଶ୍ରୟରେ ୭୧ ପ୍ରଜାତିର ୭,୮୩୪ ପକ୍ଷୀଙ୍କ ସମାଗମ ହୋଇଛି। ଏଥିରୁ ୧୫ ପ୍ରଜାତିର ବିଦେଶାଗତ ପକ୍ଷୀ ଅଛନ୍ତି। ତେବେ କୁଆଁରିଆରେ ୩୦ଟି ବିଭିନ୍ନ ପ୍ରଜାତିର ବିଦେଶାଗତ ପକ୍ଷୀଙ୍କୁ ଦେଖିବାକୁ ମିଳୁଛି। ଗତ ୧୦ ତାରିଖରୁ ୩ ଦିନ ଧରି ପକ୍ଷୀ ଗଣନା ଚାଲିଥିଲା। ଚଳିତବର୍ଷ ଗଣିଆ ବ୍ଲକର ଛାମୁଣ୍ଡିଆଠାରୁ ଅନୁଗୋଳ ଜିଲାର ଅଇଡା ପର୍ଯ୍ୟନ୍ତ ୬ଟି ୟୁନିଟ୍ ଗଠନ କରାଯାଇ ପକ୍ଷୀଗଣନା ହୋଇଥିଲା। ନୟାଗଡ଼, ବୌଦ୍ଧ, କଟକ ଓ ଅନୁଗୋଳ ଜିଲାର ଅଂଶ ବିଶେଷକୁ ନେଇ ଗଠିତ ସାତକୋଶିଆ ଅଭୟାରଣ୍ୟର ସାତକୋଶିଆ ଗଣ୍ଡରେ ୪୫ ପ୍ରଜାତିର ୧୯୦୬ ଦେଶୀବିଦେଶୀ ପକ୍ଷୀଙ୍କ ସମାଗମ ହୋଇଛି। ଏଥିରୁ ୮ ପ୍ରଜାତିର ବିଦେଶାଗତ ପକ୍ଷୀ ଅଛନ୍ତି। ବିଦେଶାଗତ ପକ୍ଷୀଙ୍କ ମଧ୍ୟରେ ରୁଡି ସେଲଡକ ୧୦, ବ୍ଲକ ବିଲିଡ ଟର୍ଣ୍ଣ ୨, ପାସଫିକ ଗୋଲଡନ ପ୍ଲୋଭର ୧୦, ଲାର୍ଜ କର୍ମୋନାଟ ୭୭୪ ଅଛନ୍ତି। ଅନ୍ୟପକ୍ଷେ ୱେଗନ, ପ୍ରଷ୍ଟିକୋଲ ମଧ୍ୟ ଦେଖାଯାଉଛନ୍ତି। ତେବେ ଇଣ୍ଡିଆନ ସ୍କିମର ୧୦୦ରୁ ୨୦୦ ମଧ୍ୟରେ ଦେଖା ଯାଉଥିବାବେଳେ ମାତ୍ର ୧୪ ଆସିଛନ୍ତି। ବିଦେଶୀପକ୍ଷୀଙ୍କ ମଧ୍ୟରେ ଇଣ୍ଡିଆନ ସ୍କିମର ପର୍ଯ୍ୟଟକଙ୍କ ପ୍ରଥମ ପସନ୍ଦ ପାଲଟି ଥିଲେ ମଧ୍ୟ ଏମାନଙ୍କ ସଂଖ୍ୟା ହ୍ରାସ ପର୍ଯ୍ୟଟକଙ୍କୁ ନିରାଶ କରିଛି। ଇଣ୍ଡିଆନ ସ୍କିମର ଦଳ ଦଳ ହୋଇ ରୁହନ୍ତି। ମହାନଦୀର ସୁନାଖଣିଆ ଓ ବଡମୂଳରେ ଚଳିତବର୍ଷ ଇଣ୍ଡିଆନ ସ୍କିମରଙ୍କ ସମେତ ବିଦେଶାଗତ ପକ୍ଷୀଙ୍କ ଦେଖିବାକୁ ମିଳିନାହିଁ। ଇଣ୍ଡିଆନ ସ୍କିମର ବୌଦ୍ଧ ଜିଲା କୁସଙ୍ଗ ରେଞ୍ଜର ଟିକରପଡା ଓ ମାରଡା ମହାନଦୀର ବାଲିପଠାରେ ଦେଖିବାକୁ ମିଳୁଛନ୍ତି। ଯାହାକି ନୟାଗଡ଼ ଜିଲାର ସୀମାନ୍ତ ଅଞ୍ଚଳ ଅଟେ। ନୟାଗଡ଼ ଜିଲାର ସୁନାଖଣିଆ ଓ ବଡମୂଳ ଅଞ୍ଚଳରେ ମହାନଦୀର ବାଲିପଠା ଚଳିତବର୍ଷ ସୃଷ୍ଟି ହୋଇନି। ଏଠାରେ ପାଣିର ଧାର ଚାଲିଛି। ଏଣୁ ସୁନାଖଣିଆ ଓ ବଡମୂଳ ପକ୍ଷୀଙ୍କ ପସନ୍ଦ ଆସି ନ ଥାଇ ପାରେ ବୋଲି କୁହାଯାଉଛି। ଅନ୍ୟପକ୍ଷେ ଦେଶୀ ପକ୍ଷୀ କୋଚିଲା ଖାଇ ମହାନଦୀ ଅବବାହିକାର କୁତୁରୀ ଅଞ୍ଚଳରେ ଦେଖିବାକୁ ମିଳୁଥିବାବେଳେ ସେମାନଙ୍କର ନାଁ ପକ୍ଷୀ ଗଣନା ରିପୋର୍ଟରେ ନାହିଁ। ସେହିପରି ଜିଲାର ଅନ୍ୟ ଜଳାଶ୍ରୟରେ ୬ ପ୍ରଜାତିର ବିଦେଶାଗତ ପକ୍ଷୀ ଦେଖାଯାଇଛନ୍ତି ।



ଗଣନା ସମୟରେ ପାଣିରେ ପକ୍ଷୀମାନେ।

## କୁମ୍ଭୀର ଗଣନା



କୁମ୍ଭୀର ଗଣନା ମହାନଦୀରେ ଗତ ୬ରୁ ୮ ତାରିଖ ମଧ୍ୟରେ ଶେଷ ହୋଇଛି। କୁସଙ୍ଗ ଅଞ୍ଚଳରେ ୫ ମଗର ଓ ୪ ଘଡିଆଳ କୁମ୍ଭୀର ଦେଖା ଯାଇଛନ୍ତି। ସେହିପରି ଛାମୁଣ୍ଡିଆ ଅଞ୍ଚଳରେ କେବଳ ୮ଟି ମଗର କୁମ୍ଭୀର ଦେଖା ଯାଉଛନ୍ତି। ମୋଟରେ ୧୩ ମଗର ଓ ୪ ଘଡିଆଳ କୁମ୍ଭୀରଙ୍କୁ ଦେଖିବାକୁ ମିଳୁଛି। ଏ ନେଇ ମହାନଦୀ ବନ୍ୟ ପ୍ରାଣୀ ବନଖଣ୍ଡର ଡିଏଫ୍‌ଓ କ୍ଷମା ଷଡଙ୍ଗୀ କୁହନ୍ତି, କୁମ୍ଭୀର ଅଧିକ ସଂଖ୍ୟାରେ ଅଛନ୍ତି। ତେବେ ଗଣନା ସମୟରେ ଯାହା ଦେଖାଯାଉଥିଲେ ସେମାନଙ୍କୁ ସାମିଲ କରାଯାଇଛି। ଅନ୍ୟପକ୍ଷେ ଦେଶୀ ବିଦେଶୀ ପକ୍ଷୀଙ୍କ କଳରବରେ ନୟାଗଡ଼ ଜିଲାର ବିଭିନ୍ନ ଜଳାଶ୍ରୟ ମୁଖରିତ ହୋଇଉଠୁଛି।

# ମହାକବି କାଳିଦାସ ଭାରତର ଗର୍ବ, ଗୌରବ

## ନୀଳମାଧବ ମହାବିଦ୍ୟାଳୟରେ ସଂସ୍କୃତ ବିଭାଗର ଜାତୀୟ କର୍ମଶାଳା

**ଖଣ୍ଡପଡ଼ା,୧୬।୧(ସ୍ୱ.ପ୍ର.)**

କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ସଂସ୍କୃତ ବିଭାଗ ଆନୁକୂଲ୍ୟରେ ସଂସ୍କୃତ ସାହିତ୍ୟରେ ମହାକବି କାଳିଦାସଙ୍କ ଭୂମିକା ଶୀର୍ଷକ ଏକ ଜାତୀୟ ଆଲୋଚନାଚକ୍ର ସୋମବାର କଲେଜ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କର୍ମଶାଳାକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରଞ୍ଜିତ କୁମାର ତ୍ରିପାଠୀ ଓ ଉପସ୍ଥିତ ଅନ୍ୟ ଅତିଥିମାନେ ଶ୍ରୀନୀଳମାଧବ ଓ ଶ୍ରୀଗଣେଶଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ସଂସ୍କୃତ ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଜୟଶ୍ରୀ ସାହୁ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ପରିଚୟ ପ୍ରଦାନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଅଧ୍ୟକ୍ଷ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସାହିତ୍ୟ ବିଭଗ ପ୍ରଫେସର ସତ୍ୟ ନାରାୟଣ ଆଚାର୍ଯ୍ୟ ଯୋଗଦେଇ ସଂସ୍କୃତ ଭାଷା ଆଜି ବିଶ୍ୱରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ତନ୍ମଧ୍ୟରୁ ମହାକବି କାଳିଦାସଙ୍କ ସାହିତ୍ୟ ସ୍ୱତନ୍ତ୍ର। ମହାକବି କାଳିଦାସ ରଘୁବଂଶ ଏବଂ କୁମାର ସମ୍ଭବ ଇତ୍ୟାଦି କାବ୍ୟରେ ଯେମିତି ଭାରତର ସଂସ୍କୃତିକୁ ବର୍ଣ୍ଣନା କରିଛନ୍ତି। ଅଭିଜ୍ଞାନଶାକୁନ୍ତଳା ନାଟକରେ ସେମିତି ଆମ ଦେଶର ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖିଛନ୍ତି ବୋଲି ମତ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଖଣ୍ଡପଡ଼ା ଜ୍ୟୋତିଷ ବିଶାରଦ ପଣ୍ଡିତ ମନୋଜ କୁମାର ଦାଶ, ସମ୍ମାନିତ ଅତଥି ଦଶପଲ୍ଲା ବୃନ୍ଦାବନ ସୁବୁଦ୍ଧି ମହାବିଦ୍ୟାଳୟ ସଂସ୍କୃତ ବିଭାଗ ଅଧ୍ୟକ୍ଷ ଡ. ରମେଶ କୁମାର ଦାଶ ଓ ଦଶପଲ୍ଲା କୃଷ୍ଣପ୍ରିୟା ଦେବୀ ମହିଳା ବିଦ୍ୟାଳୟ ଅଧ୍ୟକ୍ଷା ପୂର୍ଣ୍ଣମାସୀ ଦେବୀ ଯୋଗଦେଇ ସଂସ୍କୃତ ସାହିତ୍ୟ ଓ କାଳିଦାସଙ୍କ ମେଘଦୂତ ଓ କୁମାର ସମ୍ଭବ ଆଦି ଗ୍ରନ୍ଥ ଉପରେ ଆଲୋକପାତ କରି ସଂସ୍କୃତ ସାହିତ୍ୟ କ୍ଷେତ୍ରରେ ଏକ ନୂତନ ଦିଗନ୍ତ ସୃଷ୍ଟି ହୋଇଛି ବୋଲି ମତବ୍ୟକ୍ତ କରିଥିଲେ। ଏ ଅବସରରେ ଶତାଧିକ ଛାତ୍ରୀଛାତ୍ର କର୍ମଶାଳାରେ ଯୋଗଦେଇ ସଂସ୍କୃତ ଭାଷାରେ ଉଚ୍ଚଶିକ୍ଷା ଲାଭ କରି ସଂସ୍କୃତ ସାହିତ୍ୟ ଉପରେ ଗବେଷଣାତ୍ମକ ଭୂମିକା ଗ୍ରହଣ କରିବାକୁ ମତ ରଖିଥିଲେ। ଅଧ୍ୟାପିକା ସରଳା ବେହେରା ଓ ମାନସ ରଞ୍ଜନ ଆଚାର୍ଯ୍ୟ କାର୍ଯ୍ୟକ୍ରମରେ ସଂଯୋଜନ କରିଥିଲେ। ଅପରପକ୍ଷରେ ଆଲୋଚନାଚକ୍ରର ୨ୟ ପର୍ଯ୍ୟାୟରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଲେଖାଯାଇଥିବା ସନ୍ଦର୍ଭ ପାଠ କରାଯାଇ ସମୀକ୍ଷା କରାଯାଇଥିଲା।



# ରଡ୍ ବଦଳରେ ବାଉଁଶ ଦେଇ ଚେକ୍ ଡ୍ୟାମ ନିର୍ମାଣ




ଚେକ ଡ୍ୟାମ ପିଲର ଭିତରେ ବାଉଁଶ ଓ ବାଲିବସ୍ତା ।

**ନୂଆଗାଁ, ୧୬।୧ (ଡି.ଏନ.ଏ.)**

- ମହିପୁର ପଞ୍ଚାୟତ ମରାଙ୍ଗ ନାଳ ଚେକ୍ ଡ୍ୟାମ
- ଅଭିଯୋଗ ହେଲେ ଜିଲାସ୍ତରରେ କମିଟି ଗଠନ କରି ତଦନ୍ତ କରାଯିବ

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ପ୍ରଶାସନ ଦ୍ୱାରା ଏକ ନୂତନ ପଦ୍ଧତିରେ ଚେକ୍ ଡ୍ୟାମ ନିର୍ମାଣ କରାଯାଇଥିବା ଦେଖିବାକୁ ମିଳିଛି। ପ୍ରତ୍ୟେକ ଚେକ୍ ଡ୍ୟାମରେ ରଡ ବ୍ୟବହାର କରାଯାଉଥିବା ବେଳେ ମହିପୁର ପଞ୍ଚାୟତ ମରାଙ୍ଗନାଳ ଚେକ୍ ଡ୍ୟାମରେ କିଛି ରଡ ସହ ବାଉଁଶ ଦେଇ ଚେକ୍ ଡ୍ୟାମ ନିର୍ମାଣ କରାଯାଇଥିବା ଅଭିଯୋଗ ହୋଇଛି। ଜଳ ସଂରକ୍ଷଣ କରି କୃଷି କାର୍ଯ୍ୟରେ ବ୍ୟବହାର କରିବା, ଜଳ ସଂରକ୍ଷଣ ହେଲେ ଖରାଦିନେ ଗୋରୁ ପିଇବା ଆଦି କାର୍ଯ୍ୟ ପାଇଁ ସରକାର ଚେକ୍ ଡ୍ୟାମ ନିର୍ମାଣ କରିବାର ନିଷ୍ପତ୍ତି ନେଇଛନ୍ତି। ସେଥିପାଇଁ ମହିପୁର ମରାଙ୍ଗ ନାଳରେ ଚେକ୍ ଡ୍ୟାମ ନିର୍ମାଣ କରିବା ନିମନ୍ତେ ୨୦୧୭/୧୮ ମସିହାରେ ସରକାରଙ୍କ ପକ୍ଷରୁ ୫ ଲକ୍ଷ ଟଙ୍କା ଅନୁଦାନ ମିଳିଥିଲା। କିନ୍ତୁ ଠିକାଦାର ଓ ବିଭାଗୀୟ ଅଧିକାରୀ ମିଳିମିଶି ସେହି ଅନୁଦାନକୁ ଲୁଟିବାର ଯୋଜନା କରିଥିଲେ। ଉକ୍ତ କାର୍ଯ୍ୟରେ କିଛି ରଡ ବ୍ୟବହାର କରିବା ସହ ଚେକ୍ ଡ୍ୟାମର ପିଲର ଭିତରେ ବାଉଁଶ ଓ ବାଲି ବସ୍ତା ଦେଇ ୪ଲକ୍ଷ ୧୫,୮୯୯ ଟଙ୍କା ବିଲ୍ ହୋଇଥିବା ଜଣାପଡିଛି। ଏପରି କାର୍ଯ୍ୟ ବାବଦରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟଙ୍କୁ ପଚାରିବାରେ ଅଭିଯୋଗ ହେଲେ ଜିଲାସ୍ତରୀୟ କମିଟି ଗଠନ କରାଯାଇ ତଦନ୍ତ କରାଯିବ। ଯଦି ଅନିୟମିତତା ହୋଇଥାଏ, ତେବେ ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

## ପୂର୍ଣ୍ଣଚନ୍ଦ୍ରପୁର ଗାଁରେ ଉତ୍ତେଜନା, ରାସ୍ତାରୋକୋ

**ନୟାଗଡ଼ ଅଫିସ/ଗଣିଆ,୧୬।୧(ଡି.ଏନ୍.ଏ.):**

ନୟାଗଡ଼ ଜିଲା ଗଣିଆ ଥାନା ପୂର୍ଣ୍ଣଚନ୍ଦ୍ରପୁର ଗାଁରେ ସୋମବାର ରାତିରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ସର୍ବେଶ୍ୱର ଖଟୁଆ ଓରଫ ମଣ୍ଟୁ(୪୫) । ସର୍ବେଶ୍ୱର ରାସ୍ତା ପାର ହୋଇ ଚାଲି ଚାଲି ଘରକୁ ଯାଉଥିଲେ। ଏକ ବାଇକ୍ ସର୍ବେଶ୍ୱରଙ୍କୁ ଧକ୍କା ଦେଇଥିଲା । ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ଗଣିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଖବର ପ୍ରଚାର ହେବା ପରେ ପୂର୍ଣ୍ଣଚନ୍ଦ୍ରପୁରରେ ଉତ୍ତେଜନା ପ୍ରକାଶ ପାଇଥିଲା । ପୋଲିସ ଦୁର୍ଘଟଣା ଘଟାଇଥିବା ୨ ବାଇକ୍ ଆରୋହୀଙ୍କୁ ଥାନା ନେଉଥିବାବେଳେ ସ୍ଥାନୀୟ ଲୋକ ଅଟକାଇଥିଲେ । ଅନ୍ୟପକ୍ଷେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ଦୁର୍ଘଟଣା ଘଟାଇଥିବା ଉଭୟ ଯୁବକଙ୍କୁ ଗିରଫ ଦାବିରେ ରାସ୍ତାରୋକୋ ଚାଲୁ ରହିଥିଲା । ପୋଲିସ ଉଭୟଙ୍କୁ ଗିରଫ କରିବା ପରେ ରାତି ୧୦ଟାରେ ରାସ୍ତାରୋକୋ ହଟିଥିଲା।

# ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ

**ଗଞ୍ଜାମ,୧୬।୧(ଡି.ଏନ୍.ଏ.):** ଗଞ୍ଜାମ ଜିଲା ରମ୍ଭା ଥାନା ହୁମା ଫାଣ୍ଡି ଅଧୀନ ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଛି। ଖବର ପାଇ ଜାତୀୟ ରାଜପଥ ପାଟ୍ରୋଲିଂ ଏସ୍ଆଇ ନୀଳାଞ୍ଚଳ ସେଠୀ ଓ ହୁମା ଫାଣ୍ଡି ଏଏସ୍ଆଇ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କ ପରିଚୟ ମିଳିପାରିନାହିଁ। ମୃତ ବ୍ୟକ୍ତିଙ୍କ ପାଟି ଆଉ ନାକରୁ ପ୍ରଚୁର ରକ୍ତସ୍ରାବ ହୋଇଛି। ଫଳରେ ତାଙ୍କୁ କେହି ପିଟି ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ସେଠୀ ସୂଚନା ଦେଇଛନ୍ତି।


GOVERNMENT OF ODISHA
OFFICE OF THE ADDITIONAL CHIEF ENGINEER
RENGALI HEAD WORKS CIRCLE, SAMAL
Email ID:seicsamal19@gmail.com

INVITATION FOR BIDS (IFB)

(e-Procurement Notice No.ACE-RHWC-04/2022-23)
Bid Identification No.ACE-RHWC-RLBCD-01 of 2022-23

No.A-1027:The Additional Chief Engineer, Rengali Head Works Circle, Samal on behalf of Governor of Odisha invites Percentage Rate bids in Double Cover System to be received in ONLINE MODE from eligible contractors for construction of irrigation work as detailed below:

| | | | |
|---|---|---|---|
| 1 | Name of the Work | : | Renovation of Nuapal (Naupal) Distributary and Lodhani Minor Canal of Left Main Canal of Rengali Irrigation Project. |
| 2 | Estimated Cost put to tender | : | Rs.509.87 Lakhs |
| 3 | Cost of tender paper | : | Rs.10,000.00 + 18% GST |
| 4 | Earnest Money Deposit (EMD) / Bid Security (Online) | : | Rs.5,09,900.00 |
| 5 | Class of Contractor | : | 'A' Class |
| 6 | Period of Completion of work | : | 12 (Twelve) Calendar Months including monsoon season. |
| 7 | Date and time of availability of bid document in the website | : | Dt.18.01.2023 from 10.00 A.M. to Dt.04.02.2023 upto 5.00 P.M. |
| 8 | Date of Opening of Technical Bid | : | Dt.06.02.2023 at 11.30 hours |
| 9 | Place of Opening of Technical Bid | : | In the office of the Additional Chief Engineer, Rengali Head Works Circle, Samal |

The bidders have to participate in ONLINE bidding only. Further details can be seen from the e-Procurement Portal: www.tendersodisha.gov.in. Any addendum/ corrigendum/ cancellation of tender can also be seen in the said website.

Sd./- Additional Chief Engineer
Rengali Head Works Circle, Samal
OIPR-32410/11/0003/2223

GOVT. OF ODISHA, DEPARTMENT OF WATER RESOURCES
OFFICE OF THE ADDITIONAL CHIEF ENGINEER, CENTRAL IRRIGATION CIRCLE, BHUBANESWAR
No.A-1024: 'e' Procurement Notice No. ACECIC - 05 / 2022-23

| Procurement Officer | Bid Identification No. | Name of Work | Cost of Work (Rs.in Lakhs) | Bid Security (Rs.) E.M.D. | Cost of Bid documents (Rs) | Class of Contractors | Bid documents available online for bidding From | To | Date of opening of Technical Bid | Period of completion of work |
|---|---|---|---|---|---|---|---|---|---|---|
| ACE,CIC, Bhubaneswar | PID-07/ 2022-23 | Improvement to Daya left Embankment from RD-13.00 0 Km to 24.000 Km from Village Bharatipur to Neempur | 710.14 | 710200/- (On Line) | 10000/- (On Line) | "A" & Special | 18.01.2023 At 10.00 Hours | 01.02.2023 At 17.00 Hours | 2.2.2023 At.11.00 Hours | 12 (Twelve Calendar Months) |
| | PID-08/ 2022-23 | Renovation of Sukal Distributary from RD.0.00 Km to 5.00 Km of Sakhigopal Branch Canal System | 791.73 | 791800/- (On Line) | 10000/- (On Line) | "A" & Special | 18.01.2023 At 10.00 Hours | 01.02.2023 At 17.00 Hours | 2.2.2023 At.11.00 Hours | 12 (Twelve Calendar Months) |
| | PID-09/ 2022-23 | Renovation of Sukal Distributary from RD.15.80 Km to 24.00 Km of Sakhigopal Branch Canal System | 796.25 | 796300/- (On Line) | 10000/- (On Line) | "A" & Special | 18.01.2023 At 10.00 Hours | 01.02.2023 At 17.00 Hours | 2.2.2023 At.11.00 Hours | 12 (Twelve Calendar Months) |
| | PID-10/ 2022-23 | Renovation of Budhanga Distributary from RD.0.00 Km to 7.00 Km of Sakhigopal Branch Canal System | 798.32 | 798400/- (On Line) | 10000/- (On Line) | "A" & Special | 18.01.2023 At 10.00 Hours | 01.02.2023 At 17.00 Hours | 2.2.2023 At.11.00 Hours | 12 (Twelve Calendar Months) |
| | PID-11/ 2022-23 | Improvement to Daya left Embankment from RD.6.000 Km to 13.000 Km from Village Kousalyapur to Bharatipur | 507.28 | 507300/- (On Line) | 10000/- (On Line) | "A" | 18.01.2023 At 10.00 Hours | 01.02.2023 At 17.00 Hours | 2.2.2023 At.11.00 Hours | 12 (Twelve Calendar Months) |

e-mail ID:-secic_dowr@yahoo.com
Further details conditions can be seen from Govt. website www.tenderorissa.gov.in
OIPR-32160/11/0008/2223
Sd./- Additional Chief Engineer, Central Irrigation Circle

Special ITI for PwDs, Jatni
At-Khudupur, Po-Jatni, Dist-Khurda
Pin-752050, Email ID:pwditi123@gmail.com

Tender Notice Date:

No.KK-315:Sealed tender papers are invited from the Outsourcing Agency for engagement of the Cook, Assistant Cook, Lady Sweeper, Security Guard, Driver, Hostel Caretaker, Sweeper at Special ITI for PwDs, Jatni.
More details can be downloaded from our official website: www.splitipwd.in.

Sd./- Principal
OIPR-44015/11/0001/2223

E-mail:eemisundargarh@yahoo.co.in
GOVERNMENT OF ODISHA
OFFICE OF THE SUPERINTENDING ENGINEER
MINOR IRRIGATION DIVISION, SUNDARGARH
'e' Procurement Notice
Bid Reference No.SE MID SNG05/2022-23
eemisundargarh@yahoo.co.in
No.69//MID//date.10.01.2023

No.A-1023:Bid documents consisting names of work, Estimated Cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.Further details can be seen from the e-Procurement market place.

| | | |
|---|---|---|
| 1 | Name of the Works | Civil Construction Works |
| 2 | No. of Works | 20 (Twenty) Nos. |
| 3 | Estimated Cost | Varies from Rs.8.48 lakh to Rs.49.40 lakh (Approximately) |
| 4 | Period of Completion | 02 (Two) to 06 (Six) Calendar Months |
| 5 | Date and Time of availability of bid documents in the portal | From dt.19.01.2023 at 10.00 A.M. to dt.31.01.2023 upto 5.30 PM |
| 6 | Last date/time of receipt of bids in the portal | Dt.31.01.2023 upto 5.30 P.M. |
| 7 | Date of Opening of Bid | Dt.01.02.2023 at 11.00 AM onwards |
| 8 | Name and address of the OIT | Superintending Engineer, Minor Irrigation Division, Sundargarh |

http://tendersodisha.gov.in.
Sd./- Superintending Engineer
M.I. Division, Sundargarh
OIPR-32124/11/0008/2223

BOUDH KENDU LEAVES DIVISION, BOUDH
TENDER NOTICE
TENDER NOTICE NO. 1 of 2023
Dated:16.01.2023

No.MM-420:Tender for Construction of Permanent Phadi at (1) Brahmanipali of Boudh (KL) Range and (2) Boriguva of Kantamal (KL) Range for the year, 2022-23".
Value of Tender for each Phadi Rs.8,00,000/- (Rupee Eight Lakhs) Only

| Particulars | Date | Time |
|---|---|---|
| Date of availability of tender documents at Division Office, Boudh | 20.01.2023 to 30.01.2023 | Office hours 12 Noon |
| Last Date of Submission of Tender Papers | 30.01.2023 | 5 PM |
| Date of Opening of Technical Bid at Division Office, Boudh | 31.01.2023 | 11 AM |
| Date of Opening of Financial Bid at Division Office, Boudh | 02.02.2023 | 11 AM |
| Address for sending Physical Documents | Office of the Divisional Forest Officer, Boudh (KL) Division, Boudh, At-Boudh, Near FCI Godown, Dist-Boudh, PIN-762014 | |
| Place of Opening of Bids | Technical Conference Hall of Divisional Forest Officer, Boudh (KL) Division, Financial-O/o.C.C.F.(KL), Cuttack | |

OIPR-08032/11/0001/2223
Sd./- Divisional Forest Officer
Boudh (KL) Division

No. MM-417
GOVERNMENT OF ODISHA
"e" PROCUREMENT NOTICE
e-mail: dfo.keonjhar@odisha.gov.in
Bid Identification No. FE&CC-DFO(T) KJR-04/2022-23
No. 24 Dt.13.01.2023

1. No. of the work : Development of Community Centre at Kanjipani, P.O.: Kanjipani, P.S.: Kanjipani, Dist.: Keonjhar under Bhuyan Juanga Pidha Range, Keonjhar Forest Division - Cottage with Tensile Fabric, Retaining Wall, Paver Block & Gabion Structure, Kerb Wall, Saucer Drain, RCC Drain, Boundary Wall on Turnkey basis.
2. Date and time of availability of Bid document in the portal : From 16.00 hours of 24.01.2023 to 17.00 hours of 14.02.2023
3. Last date, time for receipt of bids in the portal : 17.00 hours of 14.02.2023
4. Date & time of opening of Technical Bid from portal : 11.30 hours on 15.02.2023
5. Date & time of opening of Financial Bid from portal : To be announced after evaluation of Technical Bid
6. Place of Opening of Bids : Office of the D.F.O., Keonjhar Division, Keonjhar
7. Name and address of the Officer Inviting Bid : Divisional Forest Officer, Keonjhar Division, Keonjhar
8. Period of Completion : 4 (Four) Months

Further details can be seen from the e-procurement portal "http://tendersodisha.gov.in".

Sd./- Divisional Forest Officer
Keonjhar Division
OIPR-08042/11/0014/2223

School for Autism
A Unit of Margdarsi,
Institute of Health Sciences, Chandaka,
Bhubaneswar- 751024. www.ihsindia.org
ADVERTISEMENT FOR RECRUITMENT

No.n-90:Applications are invited from Eligible Candidates for recruitment of teaching staff in the special school run under the management of Margdarsi under Grant-in Aid fold of SSEPD Department, Govt. of Odisha. The school vacancy position, required qualification and consolidated salary details are given in the table below. Selection process shall be carried out as per norms and guidelines of SSEPP Department, Govt, of Odisha. Desirous candidates may apply along with complete Bio-data with Qualification documents, Passport size photo etc. so as to reach the undersigned, before 25th January 2023 by 5.00pm Sharp.

| Sl. No. | Type of Post as per Govt. yardstick | No. of Vacancies | Requisite Qualifications | Scale of Pay (Consolidated) |
|---|---|---|---|---|
| 01 | Asst. Teacher Trained Intermediate (TI) | 01 | +2/ its equivalent and diploma in concerned stream, i.e. M.R, Autism &CP | 5200-20200 Grade pay-2800 |
| 02 | Occupational Therapist (Asst. Teacher) | 01 | Bachelor of occupational Therapy | 5200-20200 Grade pay-2200 |

Send your Bio-data with Qualification documents in the following Address by Speed post only N2/41, IRC Village, Nayapalli, Bhubaneswar-751015.p
Contact person No-9439803135, Principal, School for Autism.
OIPR-27082/11/0004/2223

## ଆଲାର୍ମ ଧରାଇ ଦେଲା ଚୋର

ଏଟିଏମ୍ ଭାଙ୍ଗି ଟଙ୍କା ନେଇ ଫେରାର୍ ମାରୁଥିବା ଏକ ଚୋର ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇଛି ତେଲଙ୍ଗାନା ପୋଲିସ। ଜଗତିଆଳ ଟାଉନ୍‌ର ଏସ୍‌ବିଆଇ ଏଟିଏମ୍‌ରେ ଲାଗିଥିବା ଆଲାର୍ମକୁ ନିକଟସ୍ଥ ଥାନା ସହ ସଂଯୋଗ କରାଯାଇଥିବାରୁ ଚୋରିର ଆଭାସ ପୋଲିସ ପାଇଥିଲା। ଚୋରମାନେ ଯେତେବେଳେ ମେଶିନ୍ ଭାଙ୍ଗି ଟଙ୍କା ନେବାକୁ ଉଦ୍ୟମ କରିଥିଲେ ପୋଲିସ ପାଟ୍ରୋଲିଂ ଗାଡ଼ି ସେଠାରେ ପହଞ୍ଚି ସେମାନଙ୍କୁ ଧରିଥିଲା।

## ସଂକ୍ଷେପରେ

### ତୀର୍ଥଯାତ୍ରୀ ଗାଡ଼ିକୁ ଧକ୍କା ଦେଲା ଟ୍ରକ୍ : ୩ ମୃତ

**ମୋରିଗାଁଓ, ୧୬।୧:** ଆସାମର ମୋରିଗାଁଓରେ ସୋମବାର ଏକ ସଡ଼କ ଦୁର୍ଘଟଣାରେ ୩ ଜଣ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୧୪ ଜଣ ଆହତ ହୋଇଛନ୍ତି। ଧରମତୁଲ ନିକଟ ଜାତୀୟ ରାଜପଥ-୩୭ରେ ତୀର୍ଥଯାତ୍ରୀଙ୍କ ଗାଡ଼ିକୁ ଏକ ଟ୍ରକ୍ ମୁହାଁମୁହିଁ ଧକ୍କା ଦେଇଥିଲା। ଆହତମାନଙ୍କୁ ମୋରିଗାଁଓ ସିଭିଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନେ ଗୁରୁତର ଥିବା ଜଣାପଡ଼ିଛି। ୧୭ ଜଣ ତୀର୍ଥଯାତ୍ରୀ ଅରୁଣାଚଳପ୍ରଦେଶର ପରଶୁରାମ କୁଣ୍ଡରେ ଦର୍ଶନ ସାରି ଗୁଆହାଟୀ ଫେରୁଥିବାବେଳେ ଦୁର୍ଘଟଣା ଘଟିଥିଲା।

### ନାବାଳିକାଙ୍କୁ ବଳାତ୍କାର: ୩ ଗିରଫ

**ଜବଲପୁର, ୧୬।୧:** ମଧ୍ୟପ୍ରଦେଶ ଜବଲପୁରରେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ୩ ଯୁବକଙ୍କୁ ସ୍ଥାନୀୟ ପୋଲିସ ଗିରଫ କରିଛି। ଅଭିଯୁକ୍ତ ପଞ୍ଚମ ଠାକୁର ରବିବାର ସନ୍ଧ୍ୟାରେ ନାବାଳିକାଙ୍କୁ ମାମୁ ଘରେ ଛାଡ଼ିଦେବ କହି ବାଇକ୍‌ରେ ବସେଇ ନେଇଯାଇଥିଲେ। ଅନ୍ୟ ଦୁଇ ଅଭିଯୁକ୍ତ ବ୍ରିଜେଶ ଓ ବାଲି ମଧ୍ୟ ସେମାନଙ୍କ ସହ ଥିଲେ। କିଛି ଦୂର ଗଲାପରେ ପଞ୍ଚମ ଗାଡ଼ି ଅଟକାଇ ନାବାଳିକାଙ୍କୁ ଏକ ନିଛାଟିଆ ଜଙ୍ଗଲକୁ ନେଇ ସେଠାରେ ତାଙ୍କୁ ବଳାତ୍କାର କରିଥିବା ପୋଲିସ କହିଛି। ସୋମବାର ନାବାଳିକା ଚାରାଗାଓ୍ୱାନ ଥାନାରେ ଏ ନେଇ ଅଭିଯୋଗ କରିଛନ୍ତି। ପୋକ୍ସୋ ଆକ୍ଟ ଅନ୍ତର୍ଗତ ପୋଲିସ ତିନି ଅଭିଯୁକ୍ତଙ୍କୁ ଗିରଫ କରି ଆଗାମୀ ତଦନ୍ତ ଚଳାଇଛି।

### କୋର୍ଟରେ ବରିଷ୍ଠ ଓକିଲଙ୍କୁ ହତ୍ୟା


ଅବଦୁଲ ଲତିଫ ଆଫ୍ରିଦି

**ପେଶାୱର, ୧୬।୧:** ପାକିସ୍ତାନର ବରିଷ୍ଠ ଓକିଲ ଅବଦୁଲ ଲତିଫ ଆଫ୍ରିଦିଙ୍କୁ ସୋମବାର ପେଶାୱର ବାର୍ ରୁମ୍‌ରେ ଗୁଳି କରି ହତ୍ୟା କରାଯାଇଛି। ଅବଦୁଲ ବାର୍ ରୁମ୍‌ରେ ବସିଥିବାବେଳେ ଆଦନାନ ନାମକ ଜଣେ ଟ୍ରେନି ଓକିଲ ତାଙ୍କ ଉପରକୁ ଗୁଳି ଫୁଟାଇଥିଲେ। କ୍ଷତାକ୍ତ ଅବସ୍ଥାରେ ଅବଦୁଲଙ୍କୁ ନିକଟସ୍ଥ ଲେଡି ରିଡିଙ୍ଗ୍ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ମୁଖ୍ୟ ଅଭିଯୁକ୍ତ ଆଦନାନଙ୍କୁ ପୋଲିସ ଗିରଫ କରି ତଦନ୍ତ ଚଳାଇଛି।

### କୁକୁରଙ୍କୁ ଖୁଆଉଥିବା ମହିଳାଙ୍କ ଉପରେ ମାଡ଼ିଗଲା କାର୍

**ଚଣ୍ଡିଗଡ଼, ୧୬।୧:** ପଞ୍ଜାବ ରାଜଧାନୀ ଚଣ୍ଡିଗଡ଼ରେ ଜଣେ ମହିଳା ତାଙ୍କ ଘର ପାଖରେ କେତେକ ବୁଲା କୁକୁରଙ୍କୁ ଖାଇବାକୁ ଦେଉଥିବାବେଳେ ତାଙ୍କ ଉପରେ ଏକ କାର୍ ମାଡ଼ିଯାଇଛି। ଦୁର୍ଘଟଣା ସମୟର ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଗୁରୁତର ଆହତ ତେଜସ୍ୱିତା (୨୫)ଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପରିବାରର ସୂଚନା ଅନୁଯାୟୀ ଶନିବାର ରାତିରେ ତେଜସ୍ୱିତା ଓ ତାଙ୍କ ମାଆ ମଞ୍ଜିଦର କୌର ଘର ପାଖ ଫୁଟ୍‌ପାଥରେ କୁକୁରଙ୍କୁ ଖାଦ୍ୟ ଦେଉଥିବାବେଳେ ମହିନ୍ଦ୍ରା ଥର୍ ଏସ୍‌ୟୁଭି ସେହି ବାଟ ଦେଇ ଯାଉଥିଲା। ଏହା ୟୁ-ଟର୍ନ କରି ମହିଳାଙ୍କୁ ଧକ୍କା ଦେଇ ପଳାଇଯାଉଥିବା ସିସିଟିଭି ଫୁଟେଜ୍‌ରୁ ଦେଖିବାକୁ ମିଳିଛି।


ପୋଙ୍ଗଲ ଅବସରରେ ମଦୁରାଇରେ ଜଲ୍ଲିକାଟ୍ଟୁ ପ୍ରତିଯୋଗିତାରେ ଭାଗ ନେଇଥିବା ଯୁବକମାନେ ଷଣ୍ଢକୁ କାବୁ କରିବା ଲାଗି ଉଦ୍ୟମ କରୁଛନ୍ତି।

# ଜଲ୍ଲିକାଟ୍ଟୁ ବେଳେ ଯୁବକଙ୍କ ମୃତ୍ୟୁ

ମଦୁରାଇ, ୧୬।୧

ତାମିଲନାଡୁର ପାଲାମେଡୁ ସହରରେ ସୋମବାର ଜଲ୍ଲିକାଟ୍ଟୁ ପ୍ରତିଯୋଗିତାରେ ସାମିଲ ହୋଇଥିବା ଜଣେ ୨୬ ବର୍ଷୀୟ ଯୁବକ ଏକ ଷଣ୍ଢକୁ କାବୁ କରିବା ପାଇଁ ଉଦ୍ୟମ କରୁଥିବାବେଳେ ପ୍ରାଣ ହରାଇଛନ୍ତି। ଅରବିନ୍ଦରାଜଙ୍କୁ ଷଣ୍ଢ ଭୁସିଦେବାରୁ ତାଙ୍କୁ ଗୁରୁତର ଅବସ୍ଥାରେ ମଦୁରାଇ ଜିଆର୍‌ଏଚ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଷଣ୍ଢ ଆକ୍ରମଣରେ ଜଣେ ଖବରଦାତାଙ୍କ ସମେତ ୯ ଜଣ ଆହତ ହୋଇଥିଲେ। ଜଲ୍ଲିକାଟ୍ଟୁ ପ୍ରତିଯୋଗିତା ମଧ୍ୟକୁ ପ୍ରାୟ ୪୦୦ ଷଣ୍ଢଙ୍କୁ ଛଡ଼ାଯାଇଥିଲା। ସେମାନଙ୍କୁ କାବୁ କରିବା ଲାଗି ୨୫ରୁ ୩୦ ଜଣ ଯୁବକଙ୍କୁ ପ୍ରତିଯୋଗିତା ସ୍ଥଳକୁ ଅନୁମତି ମିଳିଥିଲା। ଅରବିନ୍ଦରାଜ ଚତୁର୍ଥ ରାଉଣ୍ଡ ଶେଷ ସୁଦ୍ଧା ୯ଟି ଷଣ୍ଢକୁ କାବୁ କରି ତୃତୀୟ ସ୍ଥାନରେ ଥିଲେ। ପଞ୍ଚମ ରାଉଣ୍ଡରେ ଅରବିନ୍ଦରାଜ ଏକ କ୍ରୋଧିତ ଷଣ୍ଢକୁ କାବୁ କରିବା ପାଇଁ ତା ପିଠି ଉପରକୁ ଡେଇଁଥିବାବେଳେ ଏହା ତାଙ୍କ ପେଟରେ ଶିଙ୍ଗ ଭୁସିଦେବା ସହ ତଳେ କଚାଡ଼ି ଦେଇଥିଲା।

# କଲେଜିୟମରେ ପ୍ରତିନିଧିତ୍ୱ ଚାହେଁ କେନ୍ଦ୍ର

ନୂଆଦିଲ୍ଲୀ, ୧୬।୧

ବିଚାରପତି ଚୟନ ବ୍ୟବସ୍ଥାକୁ ନେଇ ଗତ କିଛିଦିନ ହେଲା କେନ୍ଦ୍ର ସରକାର ଏବଂ ନ୍ୟାୟପାଳିକା ମଧ୍ୟରେ ଟଣାଓଟରା ଲାଗି ରହିଛି। ବିଚାରପତି ନିଯୁକ୍ତି ଲାଗି ସୁପ୍ରିମକୋର୍ଟ କଲେଜିୟମଙ୍କ ସୁପାରିସ୍‌କୁ ସରକାର ଅନେକ ସମୟରେ କାର୍ଯ୍ୟକାରୀ ନ କରି ଫେରାଇ ଦେଉଛନ୍ତି। ବର୍ତ୍ତମାନର କଲେଜିୟମ ବ୍ୟବସ୍ଥା ସ୍ୱଚ୍ଛ ନୁହେଁ ବୋଲି କେନ୍ଦ୍ର ପକ୍ଷରୁ ଭାରତର ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କୁ ପତ୍ର ଲେଖାଯାଇ ଏଥିରେ ସରକାରଙ୍କ ପ୍ରତିନିଧିତ୍ୱ ଲାଗି ପ୍ରସ୍ତାବ ଦିଆଯାଇଛି। ସୁପ୍ରିମକୋର୍ଟ ଓ ହାଇକୋର୍ଟ ବିଚାରପତି ଚୟନରେ ସ୍ୱଚ୍ଛତା ଓ ଉତ୍ତରଦାୟୀ ଲାଗି ପ୍ରକ୍ରିୟା ନିମନ୍ତେ ସର୍ବୋଚ୍ଚ ଅଦାଲତ ୨୫ ବର୍ଷ ପୂର୍ବରୁ ଦୁଇଥାକିଆ କଲେଜିୟମ ବ୍ୟବସ୍ଥା ସୃଷ୍ଟି କରିଥିଲେ। କିଛିଦିନ ହେଲା କଲେଜିୟମର ସ୍ୱଚ୍ଛତାକୁ ନେଇ ସରକାରୀ ସ୍ତରରେ ପ୍ରଶ୍ନ ଉଠାଯାଇଛି। ଏପରିକି ସାମ୍ବିଧାନିକ ପଦବୀରେ ଥିବା ଉପରାଷ୍ଟ୍ରପତି ଜଗଦୀପ୍ ଧନକର ଏବଂ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ମଧ୍ୟ ବିଚାରପତି ଚୟନ ବ୍ୟବସ୍ଥାକୁ ସମାଲୋଚନା କରିଛନ୍ତି। ବ୍ୟବସ୍ଥାପିକା ପରିସର ମଧ୍ୟରେ ସୁପ୍ରିମକୋର୍ଟ ବେଳେବେଳେ ହସ୍ତକ୍ଷେପ କରୁଥିବା ସେମାନେ ଅଭିଯୋଗ କରିଥିଲେ।

### ସିଜେଆଇଙ୍କୁ ପତ୍ର ଲେଖିଲେ ରିଜିଜୁ


କିରେନ ରିଜିଜୁ

କଲେଜିୟମ ବ୍ୟବସ୍ଥାରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ଅଭାବ ରହିଥିବା କେନ୍ଦ୍ର ଆଇନମନ୍ତ୍ରୀ କିରେନ ରିଜିଜୁ ଦେଢ଼ ମାସ ହେଲା କହି ଆସୁଥିଲେ। ଏବେ ସିଜେଆଇଙ୍କୁ ପତ୍ର ଲେଖି ବିଚାରପତି ଚୟନ ଲାଗି ଥିବା କଲେଜିୟମରେ ସରକାରଙ୍କ ପ୍ରତିନିଧିଙ୍କୁ ସାମିଲ କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ଜାତୀୟ ନ୍ୟାୟିକ ନିଯୁକ୍ତି ଆୟୋଗ (ଏନ୍‌ଜେଏସି) ଆଇନକୁ ୨୦୧୫ରେ ସୁପ୍ରିମକୋର୍ଟ ଅସାମ୍ବିଧାନିକ କହି ରଦ୍ଦ କରିବା ସମୟରେ ଦେଇଥିବା ଟିପ୍ପଣୀ ଓ ନିର୍ଦ୍ଦେଶ ଅନୁଯାୟୀ ସରକାର କଲେଜିୟମ ବ୍ୟବସ୍ଥାରେ ସଂସ୍କାର ଚାହୁଁଥିବା ରିଜିଜୁ କହିଛନ୍ତି। ସେହିପରି ହାଇକୋର୍ଟ କଲେଜିୟମଗୁଡ଼ିକରେ ସମ୍ପୃକ୍ତ ରାଜ୍ୟର ପ୍ରତିନିଧିଙ୍କୁ ନେବା ଲାଗି ସିଜେଆଇଙ୍କୁ ଦିଆଯାଇଥିବା ପତ୍ରରେ ପ୍ରସ୍ତାବ ରହିଛି। ଏହା ଦ୍ୱାରା ସାମ୍ବିଧାନିକ କୋର୍ଟର ବିଚାରପତି ଚୟନ ପ୍ରକ୍ରିୟାରେ ରହିଥିବା ଅସ୍ୱଚ୍ଛତାକୁ ଦୂର କରାଯାଇପାରିବ ବୋଲି ପତ୍ରରେ ଉଲ୍ଲେଖ କରାଯାଇଛି।

### ନ୍ୟାୟପାଳିକା ଅକ୍ତିଆର ଲାଗି ଉଦ୍ୟମ: କଂଗ୍ରେସ


ଜୟରାମ ରମେଶ

କେନ୍ଦ୍ର ସରକାର ନ୍ୟାୟପାଳିକାକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିବା ଲାଗି ଚାହୁଁଛନ୍ତି। ସେଥିପାଇଁ ଯୋଜନାବଦ୍ଧ ଢଙ୍ଗରେ ବିବାଦ ସୃଷ୍ଟି କରାଯାଉଛି ବୋଲି ସୋମବାର କଂଗ୍ରେସ ଅଭିଯୋଗ କରିଛି। କଲେଜିୟମ ବ୍ୟବସ୍ଥାର ପୁନର୍ଗଠନ ଲାଗି କେନ୍ଦ୍ର ଆଇନ ମନ୍ତ୍ରୀ କିରେନ ରିଜିଜୁ ଦେଇଥିବା ପ୍ରସ୍ତାବ ନ୍ୟାୟପାଳିକା ଲାଗି ବିଷ ଔଷଧ ବୋଲି କଂଗ୍ରେସ କହିଛି। ବିଚାରପତି ଚୟନ ଲାଗି ଥିବା କଲେଜିୟମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରତିନିଧିଙ୍କୁ ସାମିଲ କରିବା ଲାଗି ରିଜିଜୁ ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କୁ ପତ୍ର ଲେଖିବା ପରେ କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ସୋମବାର ଏହାର ସମାଲୋଚନା କରିଛନ୍ତି।

ବ୍ୟବସ୍ଥାପିକା କାର୍ଯ୍ୟରେ ନ୍ୟାୟପାଳିକା ହସ୍ତକ୍ଷେପ କରୁଥିବା ପୂର୍ବରୁ ଉପରାଷ୍ଟ୍ରପତି ଅଭିଯୋଗ କରିଥିଲେ। ଆଇନମନ୍ତ୍ରୀ ଅନେକ ସମୟରେ ନ୍ୟାୟପାଳିକାକୁ ସମାଲୋଚନା କରୁଛନ୍ତି। ନ୍ୟାୟପାଳିକା ସହ ବିବାଦ ଲାଗି ଯୋଜନାବଦ୍ଧ ଭାବେ ଏଭଳି କରାଯାଉଛି, ଯେପରି ଏଥିରେ ହସ୍ତକ୍ଷେପ କରାଯାଇ ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ନିଆଯାଇପାରିବ। କଲେଜିୟମରେ ସଂସ୍କାର ଆବଶ୍ୟକ। କିନ୍ତୁ ସରକାର ଯାହା ଚାହୁଁଛନ୍ତି, ତାହା ସମ୍ପୂର୍ଣ୍ଣ ବଶ୍ୟତା। ଏହା ନ୍ୟାୟପାଳିକା ଲାଗି ବିଷ ବଟିକା ସଦୃଶ ବୋଲି ଜୟରାମ ଟୁଇଟ୍ କରିଛନ୍ତି।

କେଶବାନନ୍ଦ ଭାରତୀ ରାୟକୁ ଉପରାଷ୍ଟ୍ରପତି ଜଗଦୀପ୍ ଧନକରଙ୍କ ସମାଲୋଚନା ନ୍ୟାୟପାଳିକା ଉପରେ ଅଦ୍ଭୁତ ଆକ୍ରମଣ ବୋଲି ପୂର୍ବରୁ କଂଗ୍ରେସ ନେତା କହିଥିଲେ। ୧୯୭୩ରେ ସୁପ୍ରିମକୋର୍ଟଙ୍କ କେଶବାନନ୍ଦ ଭାରତୀ ରାୟକୁ କେହି ସମାଲୋଚନା କରିଥିବା ୧୮ ବର୍ଷର ଏମ୍‌ପି କାର୍ଯ୍ୟକାଳ ମଧ୍ୟରେ ସେ କେବେ ଶୁଣି ନ ଥିବା ଜୟରାମ କହିଥିଲେ। ଏପରିକି ଭାଜପା ନେତା ତଥା ବିଶିଷ୍ଟ ଆଇନଜୀବୀ ଅରୁଣ ଜେଟ୍‌ଲି ମଧ୍ୟ ଉକ୍ତ ରାୟକୁ ଉଚ୍ଚ ପ୍ରଶଂସା କରିଥିଲେ। ଅଥଚ ବର୍ତ୍ତମାନର ରାଜ୍ୟ ସଭା ଅଧ୍ୟକ୍ଷ ଏହାକୁ ଭୁଲ୍ କହିବା ଆଶ୍ଚର୍ଯ୍ୟଜନକ ବୋଲି ଜୟରାମ ପୂର୍ବରୁ ଟୁଇଟ୍ କରିଥିଲେ।

### ସିଜେଆଇଙ୍କ ନିଯୁକ୍ତିକୁ ଚ୍ୟାଲେଞ୍ଜି ପିଟିଶନ ଖାରଜ

ନୂଆଦିଲ୍ଲୀ, ୧୬।୧ (ପି.ଟି.)

ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ନିଯୁକ୍ତିକୁ ଚ୍ୟାଲେଞ୍ଜି କରି ଦାଏର ହୋଇଥିବା ରିଭ୍ୟୁ ପିଟିଶନକୁ ଦିଲ୍ଲୀ ହାଇକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ପୂର୍ବରୁ ହାଇକୋର୍ଟ ପିଟିଶନ ଖାରଜ କରିଦେଇଥିବାବେଳେ ଏହାର ପୁନର୍ବିଚାର ଲାଗି ରିଭ୍ୟୁ ପିଟିଶନ ଦାଏର ହୋଇଥିଲା। ପିଟିଶନର ପୁନଃ ଶୁଣାଣି ଲାଗି ଅନୁମତି ଦିଆଯାଇପାରିବ ନାହିଁ ବୋଲି ଜଷ୍ଟିସ୍ ସଞ୍ଜୀବ ସଚଦେବା ଏବଂ ବିକାଶ ମହାଜନଙ୍କ ଖଣ୍ଡପୀଠ କହିଛନ୍ତି। ଗତବର୍ଷ ନଭେମ୍ବର ୧୧ରେ ହାଇକୋର୍ଟର ଅନ୍ୟ ଖଣ୍ଡପୀଠ ଦେଇଥିବା ରାୟକୁ ସମୀକ୍ଷା କରିବାର କୌଣସି କାରଣ ନାହିଁ ବୋଲି ବିଚାରପତି କହିବା ସହ ଆବେଦନକାରୀଙ୍କ ଉପରେ ଲକ୍ଷେ ଟଙ୍କା ଜରିମାନା ଲଗାଇଛନ୍ତି।

### କେରଳରେ ମାସ୍କ ବାଧ୍ୟତାମୂଳକ

ଥିରୁଭାନନ୍ତପୁରମ, ୧୬।୧

କେରଳରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବା ଯୋଗୁ ରାଜ୍ୟ ସରକାର ମାସ୍କ ପରିଧାନ ବାଧ୍ୟତାମୂଳକ କରିଛନ୍ତି। ଜନଗହଳି ସ୍ଥାନକୁ ଯାଉଥିବା ବ୍ୟକ୍ତି ମାସ୍କ ପିନ୍ଧିବା ଆବଶ୍ୟକ ବୋଲି ସୋମବାର ଜାରି ଗାଇଡ୍‌ଲାଇନ୍‌ରେ କୁହାଯାଇଛି। ଆସନ୍ତା ୩୦ ଦିନ ପାଇଁ ରାଜ୍ୟରେ ଏହି କଟକଣା ଲାଗୁ କରାଯାଇଛି।



ଦିଲ୍ଲୀ ସରକାରଙ୍କ କାର୍ଯ୍ୟରେ ଉପରାଜ୍ୟପାଳ ଭିକେ ସକ୍ସେନାଙ୍କ ହସ୍ତକ୍ଷେପ ପ୍ରତିବାଦରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ, ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ଏବଂ ଏଏପି ବିଧାୟକମାନେ ସୋମବାର ବିକ୍ଷୋଭ ଶୋଭାଯାତ୍ରାରେ ଯାଉଛନ୍ତି।

# ଦୁର୍ଘଟଣାଗ୍ରସ୍ତ ବିମାନର ବ୍ଲାକ୍‌ବକ୍ସ ଠାବ

**କାଠମାଣ୍ଡୁ, ୧୬।୧:** ନେପାଳରେ ରବିବାର ଦୁର୍ଘଟଣାଗ୍ରସ୍ତ ହୋଇଥିବା ବିମାନର କକ୍‌ପିଟ୍ ଭଏସ୍ ରେକର୍ଡର ଏବଂ ଫ୍ଲାଇଟ୍ ଡାଟା ରେକର୍ଡର ମିଳିଛି। ନେପାଳ ରାଜଧାନୀ କାଠମାଣ୍ଡୁରୁ ପୋଖରା ଯାଉଥିବା ବିମାନଟି ଅବତରଣ କରିବାର ମାତ୍ର ୧୦ ସେକେଣ୍ଡ ପୂର୍ବରୁ ଦୁର୍ଘଟଣାଗ୍ରସ୍ତ ହୋଇ ଜଳିଯିବାରୁ ୬୮ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଏବେ ବି ୪ ଜଣ ନିଖୋଜ ଅଛନ୍ତି। ନେପାଳରେ ଗତ ୩୦ ବର୍ଷ ମଧ୍ୟରେ ଏହା ସବୁଠୁ ମର୍ମନ୍ତୁଦ ବିମାନ ଦୁର୍ଘଟଣା। ସୋମବାର ଉଦ୍ଧାରକାରୀମାନେ ଦୁର୍ଘଟଣାସ୍ଥଳରୁ ବିମାନର ତଥାକଥିତ ବ୍ଲାକ୍ ବକ୍ସ ଠାବ କରିଛନ୍ତି। ଏହା ଭଲ ସ୍ଥିତିରେ ଥିବା କାଠମାଣ୍ଡୁ ବିମାନବନ୍ଦରର ଜଣେ ଅଧିକାରୀ କହିଛନ୍ତି।

### ପୂର୍ବରୁ କିଙ୍ଗଫିଶର ମାଲିକାନାରେ ଥିଲା ବିମାନ



ନେପାଳରେ ରବିବାର ଦୁର୍ଘଟଣାଗ୍ରସ୍ତ ହୋଇଥିବା ୟେତି ଏୟାରଲାଇନ୍ସର ୯ଏନ୍-ଏଏନ୍‌ସି ଏଟିଆର୍-୭୨ ବିମାନ ପୂର୍ବରୁ ବିଜୟ ମାଲ୍ୟାଙ୍କ କିଙ୍ଗଫିଶର ଏୟାରଲାଇନ୍ସ ମାଲିକାନାରେ ରହିଥିଲା। ସିରିଅମ୍ ଫ୍ଲିଟ୍‌ସ ଡେଟାରୁ ଏହା ଜଣାପଡ଼ିଛି। ବର୍ତ୍ତମାନ ଅଚଳ ଥିବା କିଙ୍ଗଫିଶର ଏୟାରଲାଇନ୍ସକୁ ଏହି ବିମାନ ୨୦୦୭ରେ ଡେଲିଭରି ହୋଇଥିଲା। ୬ ବର୍ଷ ପରେ ଥାଇଲାଣ୍ଡର ନୋକ୍ ଏୟାର ଉକ୍ତ ବିମାନକୁ କିଣିଥିଲା ଏବଂ ୨୦୧୯ରେ ନେପାଳର ୟେତି ଏୟାରଲାଇନ୍ସକୁ ବିକ୍ରି କରିଦେଇଥିଲା।

# ୮୪୯ ବିଲ୍ଡିଂରେ ଫାଟ, ୧୬୫ ବିପଦ ଜୋନ୍‌ରେ

### ଜୋଷୀମଠରୁ ୮୦୦ ଲୋକ ରିଲିଫ୍ ଶିବିରକୁ ସ୍ଥାନାନ୍ତର

ଜୋଷୀମଠ, ୧୬।୧



ଉତ୍ତରାଖଣ୍ଡ ଚମୋଲି ଜିଲାର ଜୋଷୀମଠ ସହର ଦିନକୁ ଦିନ ଦବିବାରେ ଲାଗିଛି। ସହରର ୮୪୯ ବିଲ୍ଡିଂରେ ଫାଟ ଦେଖାଯାଇଥିବାବେଳେ ୧୬୫ଟି ବିଲ୍ଡିଂ ବିପଦସଙ୍କୁଳ ଜୋନ୍‌ରେ ରହିଥିବା ସୋମବାର ସ୍ଥାନୀୟ ପ୍ରଶାସନ ପକ୍ଷରୁ କୁହାଯାଇଛି। ଜୋଷୀମଠରେ ୨୩୭ ପରିବାରର ପାଖାପାଖି ୮୦୦ ଜଣଙ୍କୁ ଅସ୍ଥାୟୀ ରିଲିଫ୍ ଶିବିରକୁ ସ୍ଥାନାନ୍ତର କରାଯାଇଥିବା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ କୁହାଯାଇଛି।

୮୫ଟି ସ୍ଥାନରେ ରିଲିଫ୍ ସେଣ୍ଟର ତିଆରି କରାଯାଇଛି, ଯେଉଁଥିରେ ୨,୧୯୦ ଲୋକ ରହିପାରିବେ। ୩୧୬ ପ୍ରଭାବିତ ପରିବାରକୁ ଜିଲା ପ୍ରଶାସନ ୩୦୧.୭୭ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିଛି। ଜୋଷୀମଠର ସୁରକ୍ଷା ପାଇଁ ସୋମବାରଠାରୁ ସ୍ୱାମୀ ଅଭିମୁକ୍ତେଶ୍ୱରାନନ୍ଦ ନୃସିଂହ ମନ୍ଦିରରେ ମହାଯଜ୍ଞର ଆରମ୍ଭ କରିଛନ୍ତି, ଯାହା ଆଗାମୀ ୧୦୦ ଦିନ ପର୍ଯ୍ୟନ୍ତ ଜାରି ରହିବ।

# ରିମୋଟ ଭୋଟିଂକୁ ନେଇ ପ୍ରଶ୍ନ ଉଠାଇଲେ ବିରୋଧୀ

ନୂଆଦିଲ୍ଲୀ, ୧୬।୧ (ପି.ଟି.)

ପ୍ରବାସୀ ଶ୍ରମିକଙ୍କ ମତଦାନ ନିମନ୍ତେ ରିମୋଟ ଭୋଟିଂ ମେଶିନ୍ (ଆର୍‌ଭିଏମ୍) ନିୟୋଜିତ କରିବାର ଆବଶ୍ୟକତା ଉପରେ ସୋମବାର ବିରୋଧୀ ଦଳଗୁଡ଼ିକ ପ୍ରଶ୍ନ ଉଠାଇଛନ୍ତି। ସହରାଞ୍ଚଳରେ ମତଦାନ ପ୍ରତି ରହିଥିବା ବିମୁଖତା ଦୂର କରିବା ଦିଗରେ ନିର୍ବାଚନ କମିଶନ ପଦକ୍ଷେପ ନିଅନ୍ତୁ ବୋଲି ବିରୋଧୀ ଦଳଗୁଡ଼ିକ ଅନୁରୋଧ କରିଛନ୍ତି। ଆର୍‌ଭିଏମ୍ ପ୍ରଦର୍ଶନ ପାଇଁ ନିର୍ବାଚନ କମିଶନ ବିରୋଧୀ ଦଳଗୁଡ଼ିକୁ ଡାକିଥିଲେ। ତେବେ କୌଣସି ବିରୋଧୀ ଦଳ ଉକ୍ତ ମେଶିନ୍‌ର ପ୍ରଦର୍ଶନ ଦେଖିବାକୁ ଚାହାନ୍ତି ନାହିଁ ବୋଲି ବରିଷ୍ଠ କଂଗ୍ରେସ ନେତା ଦିଗ୍‌ବିଜୟ ସିଂ କହିଛନ୍ତି।




ମେଶିନର ପ୍ରଦର୍ଶନ ପୂର୍ବରୁ ପ୍ରଥମେ ଏହା ଉପରେ ସହମତିର ଆବଶ୍ୟକତା ଥିବା ସେ ମତ ଦେଇଛନ୍ତି। ଇଲେକ୍ଟ୍ରୋନିକ ଭୋଟିଂ ମେଶିନ (ଇଭିଏମ୍)କୁ ନେଇ ବିଶିଷ୍ଟ ନାଗରିକମାନେ ଚିନ୍ତା ପ୍ରକଟ କରିଆସୁଥିବାବେଳେ ଏହାର ସମାଧାନ ଦିଗରେ ଏପର୍ଯ୍ୟନ୍ତ କିଛି କରାଯାଇ ନାହିଁ। ନିର୍ବାଚନ ପ୍ରତି ସହରାଞ୍ଚଳରେ ଦେଖାଦେଇଥିବା ଅନାଗ୍ରହର ସମାଧାନ ଦିଗରେ ପଦକ୍ଷେପ ନିଆଯିବା ଆବଶ୍ୟକ ବୋଲି କଂଗ୍ରେସ ନେତା କହିଛନ୍ତି। ମତଦାନ ବଢ଼ାଇବା ଲାଗି ଆର୍‌ଭିଏମ୍ ବ୍ୟତୀତ ଅନ୍ୟ ଉପାୟ ଆପଣାଯାଇ ପାରିବ ବୋଲି ଆମ୍ ଆଦ୍‌ମୀ ପାର୍ଟି ନେତା ସଞ୍ଜୟ ସିଂ କହିଛନ୍ତି। ଗୋଟିଏ ଆସନରେ ଉପନିର୍ବାଚନ ବେଳେ ଅନ୍ୟତ୍ର ରହିଥିବା ପ୍ରବାସୀ ଭୋଟରମାନଙ୍କ ନିମନ୍ତେ କିପରି ପ୍ରଚାର କରାଯିବ ବୋଲି ବିରୋଧୀ ନେତା ପ୍ରଶ୍ନ କରିଥିଲେ। ଆର୍‌ଭିଏମ୍ ପ୍ରଦର୍ଶନ ଲାଗି ନିର୍ବାଚନ କମିଶନ ୮ଟି ଜାତୀୟ ଦଳ ଏବଂ ୫୭ଟି ରାଜ୍ୟ ସ୍ୱୀକୃତିପ୍ରାପ୍ତ ଦଳର ପ୍ରତିନିଧିଙ୍କୁ ଆମନ୍ତ୍ରଣ କରିଥିଲେ।

## ମୂଲ୍ୟ ବୃଦ୍ଧି କଲା ମାରୁତି ସୁଜୁକି

ନୂଆଦିଲ୍ଲୀ: ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ମାରୁତି ସୁଜିକ୍ ଇଣ୍ଡିଆ ଲିମିଟେଡ୍ ସୋମବାର ତାର ପ୍ରତ୍ୟେକ ମଡ଼େଲ ଗାଡ଼ି ଗୁଡ଼ିକର ମୂଲ୍ୟ ୧.୧% ବୃଦ୍ଧି ସମ୍ପର୍କରେ ଘୋଷଣା କରିଛି। ଏହି ନୂତନ ବର୍ଦ୍ଧିତ ଦର ୨୦୨୩ ଜାନୁୟାରୀ ୧୬ ଠାରୁ ଲାଗୁ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏପରିକି ୨୦୨୨ ଏପ୍ରିଲରେ କମ୍ପାନୀ ଚଳିତ ଆର୍ଥିକ ବର୍ଷରେ ପ୍ରଥମ ଥର ପାଇଁ ଗାଡ଼ି ମୂଲ୍ୟ ବୃଦ୍ଧି କରିଥିଲା। ସେହିଭଳି ଗାଡ଼ି ନିର୍ମାଣରେ ଖର୍ଚ୍ଚ ହେଉଥିବା ସାମଗ୍ରୀ ଗୁଡ଼ିକର ଖର୍ଚ୍ଚ ପ୍ରଭାବକୁ ଦୂର କରିବା ପାଇଁ ଯାନ ମୂଲ୍ୟରେ ବୃଦ୍ଧି କରାଯାଇଛି ବୋଲି ମାରୁତି ସୁଜିକ୍ ପକ୍ଷରୁ ଉଲ୍ଲେଖ କରାଯାଇଛି।

# ଡିସେମ୍ବରରେ ପାଇକାରୀ ମୁଦ୍ରାସ୍ଫୀତି ୪.୯୫%

ନୂଆଦିଲ୍ଲୀ,୧୬।୧



ଗତ କିଛି ମାସ ହେବ ପାଇକାରୀ ମୁଦ୍ରାସ୍ଫୀତି ମୂଲ୍ୟ ହାରରେ ପରିବର୍ତ୍ତନ ହୋଇଚାଲିଛି। ଏପରିକି ୨୦୨୨ ଡିସେମ୍ବର ମାସ ପାଇଁ ହୋଲ୍‌ସେଲ ପ୍ରାଇସ ଇଣ୍ଡେକ୍ସ (ଡବ୍ଲ୍ୟୁପିଆଇ) ଆଧାରିତ ମୁଦ୍ରାସ୍ଫୀତି ହାର ବିଗତ ୨୨ ମାସର ସର୍ବନିମ୍ନ ସ୍ତର ୪.୯୫%କୁ ଖସିଆସିଛି। ବିଶେଷକରି ୨୦୨୨ ନଭେମ୍ବରରେ ପାଇକାରୀ ମୂଲ୍ୟ ୫.୮୫%ରେ ରହିଥିବା ବେଳେ ୨୦୨୧ ଡିସେମ୍ବରରେ ଏହାର ହାର ୧୪.୨୭% ରହିଥିଲା। ଅପରପକ୍ଷରେ ଖାଦ୍ୟସାମଗ୍ରୀ ଏବଂ ଅଶୋଧିତ ପେଟ୍ରୋଲିୟମ ସାମଗ୍ରୀର ମୂଲ୍ୟ ହ୍ରାସ ଯୋଗୁ ଏଭଳି ହୋଇଥିବା ଆକଳନ କରାଯାଉଛି। ସେହିଭଳି ହୋଲ୍‌ସେଲ ପ୍ରାଇସ ଇଣ୍ଡେକ୍ସ (ଡବ୍ଲ୍ୟୁପିଆଇ) ଆଧାରିତ ମୁଦ୍ରାସ୍ଫୀତି ହାର ୨୦୨୨ ଡିସେମ୍ବର ମାସ ପାଇଁ ପାଇକାରୀ ମୂଲ୍ୟରେ ମାସ ତୁଳନାରେ ୧.୧୨% କମ୍ ରହିଥିଲା। ଏପରିକି ଖାଦ୍ୟ ପ୍ରବନ୍ଧରେ ମୁଦ୍ରାସ୍ଫୀତି ୧.୨୫% କମିଥିବାବେଳେ ୨୦୨୨ ଡିସେମ୍ବରରେ ଇନ୍ଧନ ଏବଂ ଶକ୍ତି କ୍ଷେତ୍ରରେ ଏହା ୧୮.୦୯% ସହ ଉତ୍ପାଦିତ ଦ୍ରବ୍ୟର ମୁଦ୍ରାସ୍ଫୀତି ମାସରେ ୩.୩୭% ରହିଛି ବୋଲି ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ୨୦୨୨ ଡିସେମ୍ବରରେ ମୁଦ୍ରାସ୍ଫୀତି ହାରରେ ହ୍ରାସ ମୁଖ୍ୟତଃ ଖାଦ୍ୟ ପଦାର୍ଥ, ଖଣିଜ ତୈଳ, ଅଶୋଧିତ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ, ବସ୍ତ୍ର, ରାସାୟନିକ ପଦାର୍ଥ ଏବଂ ରାସାୟନିକ ଦ୍ରବ୍ୟର ମୂଲ୍ୟରେ ହ୍ରାସ ପାଇଥାଏ ବୋଲି ଆକଳନ କରାଯାଇଛି। ଅପରପକ୍ଷରେ ମୂଲ୍ୟର ବୃଦ୍ଧି ମୁଖ୍ୟତଃ ଅନ୍ୟାନ୍ୟ ଉତ୍ପାଦନ ଦ୍ୱାରା ଯୋଗଦାନ କରାଯାଇଥାଏ। ବିଶେଷକରି ରେକର୍ଡ ହୋଇଥିବା ମିଡିଆର ମୁଦ୍ରଣ ଏବଂ ପୁନଃପ୍ରକାଶନ,ବୈଦ୍ୟୁତିକ ଉପକରଣ, ଅନ୍ୟାନ୍ୟ ଧାତବ ନ ଥିବା ଖଣିଜ ପଦାର୍ଥ, ଆସବାବପତ୍ର ଏବଂ ପାନୀୟ ଇତ୍ୟାଦି ମୂଲ୍ୟ ହ୍ରାସ ହେବାର ସମ୍ଭାବନା ରହିଛି। ଏପରିକି ୨୦୨୨ ନଭେମ୍ବର ପାଇକାରୀ ମୂଲ୍ୟ ଉପରେ ଆଧାରିତ ମୁଦ୍ରାସ୍ଫୀତି ହାର ହ୍ରାସ ପାଇଛି। ୨୦୨୨ ଡିସେମ୍ବରରେ ଖାଦ୍ୟ ସୂଚକାଙ୍କ ୨୦୨୨ ନଭେମ୍ବର ତୁଳନାରେ ୨.୧୭%ରୁ ୦.୬୫%କୁ ହ୍ରାସ ପାଇଛି। ୨୦୨୨ ଡିସେମ୍ବରରେ ଅଣ-ଖାଦ୍ୟ ପଦାର୍ଥ ଏବଂ ଖଣିଜ ପଦାର୍ଥର ମୂଲ୍ୟ ବୃଦ୍ଧି ପାଇଥିଲା ବେଳେ ଖାଦ୍ୟ ସାମଗ୍ରୀ ଏବଂ ଅଶୋଧିତ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସର ମୂଲ୍ୟ ହ୍ରାସ ପାଇଥିବା ଆକଳନ କରାଯାଉଛି।

## ଖସିଲା ଶେୟାର ବଜାର କାରବାର

ନୂଆଦିଲ୍ଲୀ,୧୬।୧

ଅନ୍ତଃରାଷ୍ଟ୍ରୀୟ ସମସ୍ୟା ସାଙ୍ଗକୁ ଡିସେମ୍ବର ମାସର ପାଇକାରୀ ମୂଲ୍ୟ ଘୋଷଣାର ପ୍ରଭାବ ଶେୟାର ବଜାର କାରବାର ଉପରେ ପଡିଥିବା ଆକଳନ କରାଯାଉଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ସୋମବାର ଶେୟାର ବଜାର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୬୮ (୧୬୮.୨୧) ପଏଣ୍ଟ ଖସି ୬୦,୦୯୩ (୬୦,୦୯୨.୯୭) ଅଙ୍କରେ ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୬୨ (୬୧.୭୫) ପଏଣ୍ଟ ହ୍ରାସ ଘଟି ୧୭,୮୯୫(୧୭,୮୯୪.୮୫) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

## ବରୁଣେଶ୍ୱର ମେଳାରେ ଫ୍ରିଡମ୍ ଷ୍ଟଲ୍




ଭୁବନେଶ୍ୱର,୧୬।୧

ଦେଶର ପ୍ରମୁଖ ଖାଇବା ତେଲ କମ୍ପାନୀ ଫ୍ରିଡମ୍ ଅଏଲର ଓଡ଼ିଶା ୟୁନିଟ୍ ପକ୍ଷରୁ ଏକ ଆକର୍ଷଣୀୟ ଷ୍ଟଲ୍ ଯାଜପୁରର ପ୍ରସିଦ୍ଧ ବରୁଣେଶ୍ୱର ମେଳା ପରିସରରେ ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଞ୍ଝାରପୁର ବିଡିଓ ମିନତୀ ଜଗଦେବ, ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ଜିଲା ପରିଷଦ ସଭ୍ୟା ସୁନୀତା ନାୟକ, ସରପଞ୍ଚ ସ୍ମୃତି ସମୀକ୍ଷା ମଲ୍ଲିକ, ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ଧଳଙ୍କ ସମେତ ବରୁଣେଶ୍ୱର ଉନ୍ନୟନ କମିଟିର ସମ୍ପାଦକ ବଟକୃଷ୍ଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ କମ୍ପାନୀର ଓଡ଼ିଶା ମୁଖ୍ୟ ଅମୀୟ କୁମାର ଧଳ କହିଛନ୍ତି, ଗ୍ରାମାଞ୍ଚଳର ଗ୍ରାହକଙ୍କୁ କମ୍ପାନୀର ଉତ୍ପାଦ ପ୍ରତି ଆକୃଷ୍ଟ କରାଇବା ପାଇଁ ବିଭିନ୍ନ ପ୍ରକାରର ଉପହାର ମଧ୍ୟ ପ୍ରତି କ୍ରୟ ଉପରେ ଦିଆଯାଉଛି ବୋଲି ଧଳ ମତପ୍ରକାଶ କରିଛନ୍ତି।

## ଡ୍ୟୁଲକ୍ସ ୱେଦର୍‌ସିଲ୍ଡ ପାୱାରଫ୍ଲେକ୍ସର ଶୁଭାରମ୍ଭ

ନୂଆଦିଲ୍ଲୀ,୧୬।୧

ଦେଶର ପ୍ରମୁଖ ଡ୍ୟୁଲକ୍ସ ପେଣ୍ଟର ନିର୍ମାତା ଆକ୍‌ଜୋନୋବେଲ୍ ପକ୍ଷରୁ ନିକଟରେ ତା'ର ନୂତନ ଉତ୍ପାଦ ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଥିଲା। ଏପରିକି ସୋମବାର ଭୁବନେଶ୍ୱରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କମ୍ପାନୀର ଏକ୍ସଟେରିୟର ପେଣ୍ଟର ଲୋକପ୍ରିୟ ୱେଦର୍‌ସିଲ୍ଡ ରେଞ୍ଜ୍‌ରେ ନୂଆ ଅପଗ୍ରେଡେଡ ଡ୍ୟୁଲକ୍ସ ୱେଦର୍‌ସିଲ୍ଡ ପାୱାରଫ୍ଲେକ୍ସର ଶୁଭାରମ୍ଭ କରାଯାଇଛି। ବିଶେଷକରି କମ୍ପାନୀର ନୂଆ ୱେଦର୍‌ସିଲ୍ଡ ପାୱାର ଫ୍ଲେକ୍ସର ଅଭିନବ ଟ୍ରିପଲ୍ ଡିଫେନ୍ସ ଟେକ୍ନୋଲୋଜି ସହ ଆସୁଛି, ଯାହା ଆଡ୍‌ଭାନ୍ସଡ୍ ପିୟୁ ମୋଡିଫାଏଡ୍ ଆକ୍ରିଲିକ୍ ଟେକ୍ନୋଲୋଜି ସହିତ ପରିଚାଳିତ ହେଉଛି। ଏହା ସମସ୍ତ ପାଣିପାଗସ୍ଥିତିରେ ହୋମ୍ ଏକ୍ସଟେରିୟରଗୁଡ଼ିକର ୧୨ବର୍ଷର ନିଶ୍ଚିତ ସୁରକ୍ଷା ପ୍ରଦାନ କରୁଛି। ଏ ସମ୍ପର୍କରେ ଆକ୍‌ଜୋନୋବେଲ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ରାଜୀବ ରାଜଗୋପଳ କହିଛନ୍ତି, ଘର ଉପରେ ଜଳବାୟୁ ଓ ପାଣିପାଗର କୁପ୍ରଭାବକୁ ଦୃଷ୍ଟିରେ ରଖି ଓଡ଼ିଶାର ଉପଭୋକ୍ତାମାନେ ଆଜି ବର୍ଦ୍ଧିତ ରୂପେ ଉଚ୍ଚମାନର ଏକ୍ସଟେରିୟର ପେଣ୍ଟର ଦାବି କରୁଛନ୍ତି, ଯାହା ସେମାନଙ୍କ ଘରକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ସୁରକ୍ଷିତ ଓ ସୁନ୍ଦର ରଖିପାରିବ। ଅତ୍ୟାଧୁନିକ ଟ୍ରିପଲ ଡିଫେନ୍ସ ଟେକ୍ନୋଲୋଜି ସହ ଉନ୍ନତ ହୋଇଥିବା ଡ୍ୟୁଲକ୍ସ ୱେଦର୍‌ସିଲ୍ଡ ପାୱାରଫ୍ଲେକ୍ସ ଏବେ ଏକ ବର୍ଦ୍ଧିତ ୧୨ ବର୍ଷର ସୁରକ୍ଷା ପ୍ରତିଶ୍ରୁତି ସହିତ ଘରଗୁଡ଼ିକ ପାଇଁ ଦୀର୍ଘସ୍ଥାୟୀ ସୁରକ୍ଷା ଓ ଘରମାଲିକଙ୍କ ପାଇଁ ଉନ୍ନତ ମାନସିକ ଶାନ୍ତିପ୍ରଦାନ କରୁଛି, ଯାହା ଏହାକୁ ଅଲ୍‌ଟିମେଟ୍ ଘର୍ କା ଚାମ୍ପିୟନ୍‌ରେ ପରିଣତ କରୁଛି। ଏକ୍ସଟେରିୟର ପେଣ୍ଟ ବର୍ଗ ମଧ୍ୟରେ ଡ୍ୟୁଲକ୍ସ ୱେଦର୍‌ସିଲ୍ଡ ପାୱାରଫ୍ଲେକ୍ସ ଘରମାଲିକଙ୍କୁ ଉପଯୁକ୍ତ ଲାଭ ପ୍ରଦାନ କରିବା ପାଇଁ ବିଜ୍ଞାନ, ଉଦ୍ଭାବନ ଓ ଡ୍ୟୁଲକ୍ସର ମ୍ୟାଜିକ୍‌କୁ ସମ୍ମିଶ୍ରଣ କରୁଛି। ଏହାର ଟ୍ରିପଲ୍ ଡିଫେନ୍ସ ଟେକ୍ନୋଲୋଜି ହୋମ୍ ଏକ୍ସଟେରିୟରକୁ ସୁପରିୟର କ୍ରାକ୍ ବ୍ରିଜିଙ୍ଗ, ସୁପରିୟର ୱେଦର୍ ରେଜିଷ୍ଟାନ୍ସ ଓ ସୁପରିୟର୍ ୱାଟର ରେଜିଷ୍ଟାନ୍ସ ଗୁଣ ପ୍ରଦାନ କରୁଛି।

## ମଜଭୁତ ଷ୍ଟାର୍ଟଅପ ଇକୋସିଷ୍ଟମକୁ ଗୁରୁତ୍ୱାରୋପ

ଭୁବନେଶ୍ୱର,୧୬।୧



ବେଦାନ୍ତ ଆଲୁମିନିୟମର ଓଡ଼ିଶା ୟୁନିଟ୍ ପକ୍ଷରୁ ଜାତୀୟ ଷ୍ଟାର୍ଟଅପ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କମ୍ପାନୀ ଦେଶର ସମୃଦ୍ଧ ଷ୍ଟାର୍ଟଅପ ଇକୋସିଷ୍ଟମ ଓ ପରବର୍ତ୍ତୀ ପର୍ଯ୍ୟାୟରେ ଶକ୍ତି ଯୋଗାଇବା ଲାଗି କାର୍ଯ୍ୟ କରୁଛି। ଏପରିକି ପ୍ରାୟ ୪୦ଟି ଅଗ୍ରଣୀ ଟେକ୍ନୋଲୋଜି ଷ୍ଟାର୍ଟଅପ ୟୁନିଟ୍ ସହ ମଧ୍ୟ କାର୍ଯ୍ୟ କରୁଛି। ବିଶେଷକରି ବିଶ୍ୱର ଶ୍ରେଷ୍ଠ ତଥା ସ୍ଥାୟୀ ଆଲୁମିନିୟମ ଉତ୍ପାଦକ ହେବାକୁ କମ୍ପାନୀ ଲକ୍ଷ୍ୟ ରଖି ଥିବାବେଳେ ଶିଳ୍ପ ବିପ୍ଳବ ୪.୦ ଏବଂ ୱେବ ୩.୦ର ଉତ୍କର୍ଷ ଆଣିବା ପାଇଁ ବେଦାନ୍ତ ଷ୍ଟାର୍ଟଅପ ମୂଲ୍ୟ ସୃଷ୍ଟି, ମୂଲ୍ୟ ଦକ୍ଷତା କ୍ଷେତ୍ରରେ କାର୍ଯ୍ୟ କରିବା ସହ ବ୍ୟବସାୟର ଉତ୍କର୍ଷ ଓ ବ୍ୟବସାୟ ପାଇଁ ଇସିଜିରେ ଉନ୍ନତି ଆସିବା ଲାଗି କାର୍ଯ୍ୟ କରିବ ବୋଲି ଜଣାପଡିଛି। ଅପରପକ୍ଷରେ ବେଦାନ୍ତ ସ୍ପାର୍କ ପ୍ରୋଗ୍ରାମର ଏକ ଅଂଶ ଓ ଏକ ବିଶ୍ୱସ୍ତରୀୟ କର୍ପୋରେଟ ଇନୋଭେସନ ଆଣ୍ଡ ଭେଞ୍ଚର୍ସ ପ୍ରୋଗ୍ରାମ ଭାବେ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଥିବା ବେଳେ ଭେଞ୍ଚର ନିବେଶ, ଷ୍ଟାର୍ଟଅପ ଇନକ୍ୟୁବେଶନ ସହ ବିଭିନ୍ନ ବ୍ୟବସାୟ କ୍ଷେତ୍ରରେ ଷ୍ଟାର୍ଟଅପ ସହିତ ପାଇଲଟ ପ୍ରୋଗ୍ରାମ ଏବଂ ବିଭିନ୍ନ ବିଶ୍ୱବିଦ୍ୟାଳୟ ସହ ଭେଞ୍ଚର ନିର୍ମାଣ କାର୍ଯ୍ୟକ୍ରମ ମଧ୍ୟ ପ୍ରଦାନ କରିଥାଏ।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ରାହୁଲ ଶର୍ମା କହିଛନ୍ତି, ବେଦାନ୍ତ ଆଲୁମିନିୟମରେ ଆମେ ଉଦ୍ଭାବନର ଏକ ଅନୁକ୍ରମଣିକା ଭାବେ ଉତ୍ପାଦନ ଶିଳ୍ପରେ ଉଦ୍ୟୋଗର ଭୂମିକାକୁ ପୁନଃଚିତ୍ରଣ କରିବାକୁ ଲକ୍ଷ୍ୟ ରଖିଛୁ। ଏହି ଯାତ୍ରାର ମୂଳରେ ଆମ ପ୍ଲାଣ୍ଟଗୁଡ଼ିକର ଡିଜିଟାଲ ରୂପାନ୍ତର ସହ ଆମେ ତ୍ୱରିତ ଅଭିବୃଦ୍ଧି ଲକ୍ଷ୍ୟ ରଖିଛୁ। ଏଥିପାଇଁ ଆମେ ପ୍ରାୟ ୪୦ଟି ଅଗ୍ରଣୀ ଟେକ ଷ୍ଟାର୍ଟଅପ ସହିତ କାର୍ଯ୍ୟ କରୁଛୁ ବୋଲି ଶର୍ମା ବିସ୍ତୃତ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ରିପିକ ଏଆଇର ପ୍ରତିଷ୍ଠାତା ତଥା ସିଇଓ ପିନାକ ଦତରାୟ ଏବଂ ସତସଫେଡି (ମଣ୍ଡଲ ଭେଞ୍ଚର୍ସ ଏଲଏଲପି)ର ସିଇଓ ସ୍ନେହେନ୍ଦୁ ମଣ୍ଡଳ ନିଜ ନିଜର ମତ ବିସ୍ତୃତ ଭାବେ ଉପସ୍ଥାପନ କରିଥିଲେ।

## ସୋନିର ନୂତନ ଟେଲିଭିଜନ ମଡେଲ ଉନ୍ମୋଚିତ

ନୂଆଦିଲ୍ଲୀ,୧୬।୧

ଦେଶର ପ୍ରମୁଖ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉତ୍ପାଦକ କମ୍ପାନୀ ସୋନିର ନୂତନ ଟେଲିଭିଜନ ମଡେଲ 'ସୋନି ବ୍ରାଭିଆ ଏକ୍ସ ୭୫କେ'ର ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ବିଶେଷକରି ଏହା ଏକ ପ୍ରିମିୟମ୍ ସେଗମେଣ୍ଟର ଟେଲିଭିଜନ୍, ଯାହାର ଲୁକ୍ ସବୁଠାରୁ ଅଲଗା ଏବଂ ଏକ ବ୍ୟକ୍ତିଗତ ଜୀବନ ସହ ବାସ୍ତବିକ ଅଡିଓ-ଭିଜୁଆଲ୍ ଅନୁଭୂତି ପ୍ରଦାନ କରିଥାଏ। ଏପରିକି ଏକ୍ସ ୭୫କେ ଲାଇନ ଅପ୍ ଏକ୍ସ୧ ଚିତ୍ର ପ୍ରୋସେସର୍ ସହିତ ସଜ୍ଜିତ ହୋଇଛି, ଯାହା ଶବ୍ଦ କାମ କରିବା ଏବଂ ବିବରଣୀ ବଢ଼ାଇବା ପାଇଁ ଉନ୍ନତ ଆଲଗୋରିଦମକୁ ବ୍ୟବହାର କରିଥାଏ। ସେହିଭଳି ଟେଲିଭିଜନ୍ ଲାଇଭ୍ କଲର୍ ଟେକ୍ନୋଲୋଜି ଦ୍ୱାରା ଚାଳିତ ଜୀବନ୍ତ ରଙ୍ଗ ପ୍ରଦାନ କରିଥାଏ। ଏପରିକି ୪କେ ଦେଖିବାର ଅଭିଜ୍ଞତାକୁ ଆହୁରି ଉଜ୍ଜ୍ୱଳ ଓ ସୁଗମ କରିବା ପାଇଁ ଏହା ମେନସନ୍‌ଫ୍ଲୋ ଏକ୍ସଆର୍ ସହିତ ଏକ୍ସ-ରିଆଲିଟି ପ୍ରୋ ଆସିଥାଏ। ସେହିପରି ବ୍ରାଭିଆ ଏକ୍ସ ୭୫କେ ଖୋଲା ବାଫଲ୍ ଡାଉନ୍ ଫାୟାରିଙ୍ଗ୍ ଟ୍ୱିନ୍ ସ୍ପିକର ସହିତ ଆସିଥାଏ, ଯାହାକି ଡଲବି ଅଡିଓ ସହିତ ୨୦ ୱାଟ୍‌ର ଶକ୍ତିଶାଳୀ ଧ୍ୱନି ପ୍ରଦାନ କରିଥାଏ। ଖୋଲା ବାଫଲ୍ ସ୍ପିକରଗୁଡିକ ପ୍ରଭାବଶାଳୀ, ଯାହା କମ୍ ଧ୍ୱନି ପ୍ରଦାନ କରେ ଏବଂ ଏହା ଚଳଚ୍ଚିତ୍ର, ଖେଳ ଏବଂ ସଙ୍ଗୀତ ପାଇଁ ଆଦର୍ଶ ଅଟେ। ଅପରପକ୍ଷରେ ୨କେ ଏବଂ ପୂର୍ଣ୍ଣ ଏଚ୍‌ଡିରେ ଚିତ୍ରିତ ଚିତ୍ରଗୁଡ଼ିକ ଏକ ସ୍ୱତନ୍ତ୍ର ୪କେ ଡାଟାବେସ୍ ବ୍ୟବହାର କରି ୪କେ ଏକ୍ସ-ରିଆଲିଟି ପ୍ରୋ ଦ୍ୱାରା ୪କେ ରିଜୋଲ୍ୟୁଶନ୍ ପାଖାପାଖି ଅପଗ୍ରେଡ଼ କରାଯାଇଥାଏ। ଏକ୍ସ ୭୫କେ ରିମୋଟ୍‌କୁ ବହୁତ ଭଲ ଭାବରେ ତିଆରି କରାଯାଇଛି। ସେଥିରେ ଗୁଗୁଲ୍ ଆସିସ୍‌ଟା ବ୍ୟବହାର କରିଥାଏ ଏବଂ ଇନ୍‌ପୁଟ୍ ଉତ୍ସ ବାଛିବା ପାଇଁ ସମର୍ପିତ ବଟନ୍ ଅଛି। ଏଥିରେ ନେଟଫ୍ଲିକ୍ସ, ୟୁଟ୍ୟୁବ୍, ପ୍ରାଇମ୍ ଭିଡିଓ ଓ ୟୁଟ୍ୟୁବ୍ ମ୍ୟୁଜିକ୍ ପାଇଁ ଏକ ନମ୍ବର ପ୍ୟାଡ୍, ଡାଇରେକ୍ସନ୍ ପ୍ୟାଡ୍, ହୋମ୍ ବଟନ୍ ଏବଂ ହଟ୍ କୀ ଆଦି ସାମିଲ ରହିଛି।

ଫୁର୍‌ସତ୍



# ବିଶ୍ୱର ୪ର୍ଥ ଧନୀ ଅଭିନେତା ଶାହରୁଖ

ୱାଶିଂଟନ୍

ବଲିଉଡ୍‌ର ଲୋକପ୍ରିୟ କଳାକାର ଶାହରୁଖ ଖାନ୍‌ଙ୍କର ୪ବର୍ଷ ହେବ କୌଣସି ଫିଲ୍ମ ରିଲିଜ୍ ହୋଇ ନ ଥିବାବେଳେ କିନ୍ତୁ ତାଙ୍କ ଷ୍ଟାର୍‌ଡମ୍ ଉପରେ ଏହାର କୌଣସି ପ୍ରଭାବ ପଡ଼ିନାହିଁ। ହଲିଉଡ୍ ଷ୍ଟାର ଟମ୍ କ୍ରୁସ୍, ଜର୍ଜ କ୍ଲୁନି, ଜ୍ୟାକି ଚାନ ରବର୍ଟ ଡେ ନିରୋଙ୍କୁ ପଛରେ ପକାଇ ଶାହାରୁଖ ବିଶ୍ୱର ସବୁଠୁ ଧନୀ ସେଲିବ୍ରିଟି ତାଲିକାର ଚତୁର୍ଥ ନମ୍ବର ସ୍ଥାନ ଅଧିକାର କରିଛନ୍ତି। ଶାହରୁଖ ବର୍ତ୍ତମାନ ୭୭୦ ନିୟୁତ ଡଲାରର ମାଲିକ। ୱାର୍ଲ୍ଡ ଅଫ୍ ଷ୍ଟାଟିଷ୍ଟିକ୍ ପକ୍ଷରୁ ଏହି ସୂଚୀ ଜାରି କରାଯାଇଛି।

### କମିନି କିଙ୍ଗ୍ ଖାନ୍‌ଙ୍କ ଷ୍ଟାରଡମ୍

ପ୍ରକାଶ ପାଇଥିବା ଲିଷ୍ଟର ପ୍ରଥମରେ ଅଛନ୍ତି ୧ ବିଲିୟନ୍ ଡଲାର ସମ୍ପତ୍ତିର ମାଲିକ ଜେରୀ ସେନଫିଲ୍ଡ। ଟାଇଲନ୍ ପେରି ଦ୍ୱିତୀୟ ସ୍ଥାନରେ ଥିବାବେଳେ ଡ୍ୱାୟନି ଜୋନସନ୍ ତୃତୀୟ ସ୍ଥାନରେ ରହିଛନ୍ତି। ଜାନୁୟାରୀ ୨୫ ରେ ରିଲିଜ୍ ହେବ ଶାହରୁଖ ଖାନ୍‌ଙ୍କ ଅପ୍‌କମିଂ ଫିଲ୍ମ ପଠାନ୍। ତେବେ ରିଲିଜ୍ ପୂର୍ବରୁ ଫିଲ୍ମକୁ ନେଇ ଅନେକ ବିବାଦ ମୁଣ୍ଡ ଟେକିଛି। ଏଥିରେ ଶାହରୁଖଙ୍କ ସହ ଦୀପିକା ପାଦୁକୋନ୍ ସ୍କ୍ରିନ୍ ଶେୟାର କରିଛନ୍ତି। ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ସିଦ୍ଧାର୍ଥ ଆନନ୍ଦ।

# ମେରାଇନ୍ ପ୍ଲାଷ୍ଟିକ୍ ପଲ୍ୟୁଶନ୍ ଉପକୂଳବାସୀଙ୍କ ପାଇଁ ସମସ୍ୟା

ୱାଶିଂଟନ୍



ନାଳ, ନର୍ଦ୍ଦମା ଜରିଆରେ ବହୁ ପ୍ଲାଷ୍ଟିକ୍ ପଦାର୍ଥ ଯାଇ ସମୁଦ୍ରରେ ମିଶି ଏହାର ଜଳକୁ ପ୍ରଦୂଷିତ କରୁଛି। ବର୍ଷ ବିତିବା ସହ ସମୁଦ୍ରରେ ପ୍ଲାଷ୍ଟିକର ପରିମାଣ କ୍ରମାଗତ ବୃଦ୍ଧି ପାଇବାରେ ଲାଗିଛି। ଏହାଦ୍ୱାରା କେବଳ ଯେ ସମୁଦ୍ରରେ ବାସ କରୁଥିବା ପ୍ରାଣୀ ପ୍ରଭାବିତ ହେଉଛନ୍ତି ତା' ନୁହେଁ, ମଣିଷଙ୍କୁ ମଧ୍ୟ ଏହାର ନକାରାତ୍ମକ ପ୍ରଭାବ ଭୋଗିବାକୁ ପଡୁଥିବା ବିଶେଷଜ୍ଞମାନେ କହିଛନ୍ତି। ୧୯୯୦ରେ ସାମୁଦ୍ରିକ ଜୀବ ପ୍ଲାଷ୍ଟିକ୍‌ରେ ଫସିଥିବାର ଏକ ଛବି ଦେଖିବାକୁ ମିଳିଥିଲା।

ଜନସଂଖ୍ୟା ସହିତ ବିଭିନ୍ନ ପ୍ରାନ୍ତରେ ବାସ କରୁଥିବା ଲୋକ ମେରାଇନ୍ ପ୍ଲାଷ୍ଟିକ୍ ପଲ୍ୟୁଶନ୍ ଦ୍ୱାରା ପ୍ରଭାବିତ ହେଉଥିବା ୱାଶିଂଟନ୍ ୟୁନିଭର୍ସିଟିର ପ୍ରଫେସର ୟୋଗାଟିକା ଓଟା କହିଛନ୍ତି। କିଛି ଦେଶରେ ସବୁଜ ଗୃହ ଗ୍ୟାସ ଅଧିକମାତ୍ରାରେ ନିର୍ଗମନ ହେବା ଯୋଗୁ ଅନ୍ୟ ଦେଶର ଏହା କ୍ଷତି ଘଟାଉଥିବା ଭଳି ପ୍ଲାଷ୍ଟିକ୍ ପଲ୍ୟୁଶନ୍ ମଧ୍ୟ ଉପକୂଳବାସୀଙ୍କ ପାଇଁ ସମସ୍ୟାର କାରଣ ପାଲଟିଛି। ଗତ ନଭେମ୍ବରରେ ଏ ନେଇ ଏକ ଗବେଷଣା ରିପୋର୍ଟ ପ୍ରକାଶ ପାଇଥିଲା, ଯେଉଁଥିରେ ୯ ଦେଶର ୩୧ ଜଣ ଗବେଷକ ବିଶ୍ୱରେ ପ୍ଲାଷ୍ଟିକ ପ୍ରଦୂଷଣର ମାତ୍ରା ଏବଂ ପ୍ରଭାବ ବିଷୟରେ ଅଧ୍ୟୟନ କରିଥିଲେ। ପ୍ରଦତ୍ତ ଅଧ୍ୟୟନ ରିପୋର୍ଟ ମୁତାବକ ମେରାଇନ୍ ପ୍ଲାଷ୍ଟିକ୍ ପଲ୍ୟୁଶନ୍ ଦ୍ୱାରା ଉପକୂଳରେ ବାସ କରୁଥିବା ଲୋକେ ଅଧିକମାତ୍ରାରେ ପ୍ରଭାବିତ ହୋଇଛନ୍ତି।

### ବିଶେଷଜ୍ଞଙ୍କ ମତ

## ବିଦେଶ ଚାକିରି ଛାଡ଼ି ଚା' ବିକୁଛନ୍ତି ଶର୍ମିଷ୍ଠା



ନୂଆଦିଲ୍ଲୀ: ପରିଶ୍ରମ ଅନୁସାରେ ପାରିଶ୍ରମିକ ନ ମିଳିବାରୁ ଯୁବପିଢ଼ି ଅନ୍ୟ ପାଖରେ ଚାକିରି କରିବା ଅପେକ୍ଷା ନିଜର ଏକ ଛୋଟ କାଟିବା ବ୍ୟବସାୟ ଆରମ୍ଭ କରିବା ଉଚିତ୍ ବୋଲି ଭାବୁଛନ୍ତି। ସମାନ ଘଟଣା ଦିଲ୍ଲୀ ଝିଅ ଶର୍ମିଷ୍ଠା ଘୋଷଙ୍କ କ୍ଷେତ୍ରରେ ଘଟିଛି। ବ୍ରିଟେନ୍ କାଉନ୍ସିଲରେ ଚାକିରି କରିଥିବା ଶର୍ମିଷ୍ଠା ଏବେ ଜବ୍ ଛାଡ଼ି ଦିଲ୍ଲୀ କାଣ୍ଟର ଗୋପୀନାଥ ବଜାରରେ ଚା' ଷ୍ଟଲ୍ ଖୋଲିଛନ୍ତି। ଶର୍ମିଷ୍ଠାଙ୍କ ବିଷୟରେ ଭାରତୀୟ ସେନାର ଅବସରପ୍ରାପ୍ତ ବ୍ରିଗେଡିୟର୍ ସଞ୍ଜୀ ଖାନ୍ନା ସୋସିଆଲ ମିଡିଆରେ ଏକ ପୋଷ୍ଟ ଶେୟାର କରିବା ପରେ ତାଙ୍କୁ ନେଇ ଏବେ ଚାରିଆଡ଼େ ଚର୍ଚ୍ଚା ଜୋର୍ ଧରିଛି। ଇଂଲିଶରେ ଏମ୍‌ଏ କରିଥିବା ଶର୍ମିଷ୍ଠାଙ୍କୁ ଚାକିରି କରି ସେତେ ସନ୍ତୋଷ ପ୍ରାପ୍ତି ହେଉ ନ ଥିଲା, ଯାହା ଏବେ ଚା' ଷ୍ଟଲରୁ ମିଳୁଛି। ଶର୍ମିଷ୍ଠାଙ୍କ ସହ ତାଙ୍କର ଆଉ ଜଣେ ବାନ୍ଧବୀ ଭାବନା ରାୟ ଏଥିରେ ତାଙ୍କୁ ସହଯୋଗ କରୁଛନ୍ତି। ଭାବନା ଲଫଥାନ୍ସା ଏୟାରଲାଇନ୍ସରେ କାମ କରନ୍ତି। ସନ୍ଧ୍ୟାବେଳେ ଦୁଇଜଣ ଏକାଠଇ ଆସି ଦୋକାନ ଖୋଲନ୍ତି। କେବଳ ଭଲ ଚାକିରି କରିବା ଲାଗି ଉଚ୍ଚଶିକ୍ଷା ଲାଭ କରିବା କଥା ଚିନ୍ତା କରିବା ଉଚିତ୍ ନୁହେଁ। ଏକ ଛୋଟ ଆରମ୍ଭରୁ ଅନେକ ବଡ଼ ଆକାଂକ୍ଷାକୁ ପୂରଣ କରାଯାଇପାରିବ ବୋଲି ଭାବନା କହିଛନ୍ତି।

## ୪ ବର୍ଷ ପରେ ମିଳିଲା ହଜିଥିବା ଲଗେଜ୍



ୱାଶିଂଟନ୍: ବିମାନ ବନ୍ଦରରେ ଲଗେଜ୍ ହଜିବା କୌଣସି ନୂଆ କଥା ନୁହେଁ। ଲଗେଜ୍ ହଜିବା ପରେ ଅନେକ ଯାତ୍ରୀ ଏ ନେଇ ଅଭିଯୋଗ କରିବା ପରେ ବିମାନବନ୍ଦର କର୍ତ୍ତୃପକ୍ଷ ଲଗେଜ୍ ଖୋଜି ସେମାନଙ୍କୁ ଫେରାଇ ଦେଇଥାନ୍ତି। କିନ୍ତୁ ଏୟାରପୋର୍ଟରେ ହଜିଥିବା ଆମେରିକାର ଏପ୍ରିଲ ଗାଭିନଙ୍କ ଲଗେଜ୍ ତାଙ୍କୁ ୪ ବର୍ଷ ପରେ ମିଳିଛି। ଏ କଥା ଏକ ଟିକ୍‌ଟକ୍ ଭିଡିଓ ଶେୟାର କରି ଗାଭିନ୍ କହିଛନ୍ତି। ୨୦୧୮ରେ ସେ ଏକ ବିଜ୍‌ନେସ୍ ମିଟିଙ୍ଗ ପାଇଁ ୟୁନାଇଟେଡ୍ ଏୟାରଲାଇନ୍ସରେ ଯାଇଥିଲେ। ଫେରିଲାବେଳେ ତାଙ୍କର ଲଗେଜ୍ ହଜିଯାଇଥିଲା। ଏ ନେଇ ସେ ବିମାନ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ମଧ୍ୟ କରିଥିଲେ। କିନ୍ତୁ ବର୍ଷ ପରେ ବର୍ଷ ବିତି ଏମିତି ୪ ବର୍ଷ ଗଲା ପରେ ତାଙ୍କ ପାଖକୁ ଅଜଣା ନମ୍ବରରୁ ଏକ କଲ୍ ଆସିଥିଲା। ଟେକ୍ସାସ୍‌ର ହୋଷ୍ଟନ୍‌ରୁ ଗାଭିନ୍‌ଙ୍କ ପାଖକୁ ଏହି ଫୋନ୍ କଲ୍ ଆସିଥିଲା, ଯେ ତାଙ୍କ ହଜିଥିବା ଲଗେଜ୍ ମିଳିଥିବା ଖବର ଦେଇଥିଲେ। ଏହାପରେ ଆଉ ବିଳମ୍ବ ନ କରି ଗାଭିନ୍ ଲଗେଜ୍ ଆଣିବା ପାଇଁ ସେଠାରେ ପହଞ୍ଚିଥିଲେ। ଲଗେଜ୍‌ରେ ଥିବା ଜିନିଷପତ୍ର ସୁରକ୍ଷିତ ଥିବା ବେଳେ ବ୍ୟାଗ୍‌ଟି ସାମାନ୍ୟ ଭାଙ୍ଗିଯାଇଥିବା ଗାଭିନ କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଟିତୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ପରିବାରର ମହିଳା ମୁଖ୍ୟଙ୍କୁ ମାସିକ ୨ ହଜାର ମିଳିବ

## କର୍ଣ୍ଣାଟକରେ କଂଗ୍ରେସର ନିର୍ବାଚନୀ ପ୍ରତିଶ୍ରୁତି

**ବେଙ୍ଗାଲୁରୁ,୧୬।୧**

ଆଗକୁ କର୍ଣ୍ଣାଟକ ବିଧାନସଭା ନିର୍ବାଚନ ଥିବାବେଳେ କଂଗ୍ରେସ କ୍ଷମତାକୁ ଆସିଲେ ପ୍ରତି ପରିବାରର ମହିଳା ମୁଖ୍ୟଙ୍କୁ ମାସିକ ୨ ହଜାର ଟଙ୍କା ଲେଖାଏ ସହାୟତା ଯୋଗାଇଦେବ ବୋଲି ସୋମବାର ପ୍ରତିଶ୍ରୁତି ଦେଇଛି। ଦଳର ଏକ ସମ୍ମିଳନୀରେ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଏହା ଘୋଷଣା କରିଛନ୍ତି। ଏକ ନିଃସର୍ତ୍ତ ସାର୍ବଜନୀନ ମୂଳ ଆୟ ଭାବେ ଗୃହଲକ୍ଷ୍ମୀ ଯୋଜନାରେ ଘରର ମହିଳା ମୁଖ୍ୟଙ୍କ ବ୍ୟାଙ୍କ ଖାତାକୁ ବର୍ଷକୁ ୨୪ ହଜାର ଟଙ୍କା ପଠାଯିବ ବୋଲି ସେ କହିଛନ୍ତି। କର୍ଣ୍ଣାଟକରେ ଆସନ୍ତା ମେ' ମାସରେ ବିଧାନସଭା ନିର୍ବାଚନ ହୋଇପାରେ। ରାଜ୍ୟର ପ୍ରତି ପରିବାରକୁ ୨୦୦ ୟୁନିଟ ବିଜୁଳି ମାଗଣାରେ ଯୋଗାଇ ଦିଆଯିବା ବୋଲି କଂଗ୍ରେସ ପୂର୍ବରୁ ଘୋଷଣା କରିଥିଲା। ମହଙ୍ଗା ଏଲ୍‌ପିଜି ସାଙ୍ଗକୁ ଦୈନନ୍ଦିନ ଖର୍ଚ୍ଚ ବଢ଼ୁଥିବାରୁ ଗୃହିଣୀଙ୍କ ବୋଝ ଲାଘବ କରିବା ଗୃହଲକ୍ଷ୍ମୀ ଯୋଜନାର ଉଦ୍ଦେଶ୍ୟ ବୋଲି କଂଗ୍ରେସ କହିଛି। ରାଜ୍ୟର ସମସ୍ତ ମହିଳା ସଶକ୍ତ ହୁଅନ୍ତୁ ଓ ନିଜ ଗୋଡ଼ରେ ଛିଡ଼ା ହେବାକୁ ସମର୍ଥ ହୁଅନ୍ତୁ। ସେମାନେ ନିଜ ପିଲାଙ୍କ ଯତ୍ନ ନିଅନ୍ତୁ। ଏଥିପାଇଁ କର୍ଣ୍ଣାଟକର ପ୍ରତ୍ୟେକ ମହିଳାଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବାକୁ କଂଗ୍ରେସ ଚାହେଁ ବୋଲି କହିଛି। ଏହି ଯୋଜନା କାର୍ଯ୍ୟକାରୀ ହେଲେ ରାଜ୍ୟର ୧.୫ କୋଟିରୁ ଊର୍ଦ୍ଧ୍ୱ ମହିଳା ଉପକୃତ ହେବେ। କର୍ଣ୍ଣାଟକରେ ଭାଜପା ସରକାର ଦୁର୍ନୀତିରେ ଲିପ୍ତ ରହିଛନ୍ତି। ନିଯୁକ୍ତିରେ ମନ୍ତ୍ରୀମାନେ ୪୦ ପ୍ରତିଶତ କମିଶନି ନେଉଛନ୍ତି। ଦରଦାମ୍ ବୃଦ୍ଧିକୁ ନେଇ ମହିଳାମାନେ ଅତିଷ୍ଠ ହୋଇପଡ଼ିଲେଣି। ରାଜ୍ୟର ମହିଳାମାନଙ୍କ ଲାଗି କଂଗ୍ରେସ ସ୍ୱତନ୍ତ୍ର ଇସ୍ତାହାର ଆଣିବ ବୋଲି ପ୍ରିୟଙ୍କା କହିଛନ୍ତି।



ବେଙ୍ଗାଲୁରୁଠାରେ ଏକ ସଭାରେ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓ ଅନ୍ୟ ନେତୃବୃନ୍ଦ।

# ତେଲଙ୍ଗାନା ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗି

## ବିଆର୍‌ଏସ୍‌ରୁ ପ୍ରାର୍ଥୀ ହେବା ନେଇ ଚର୍ଚ୍ଚା

**କୋରାପୁଟ,୧୬।୧(ସ୍ୱ.ପ୍ର.)**

କୋରାପୁଟର ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗି ସୋମବାର ହାଇଦ୍ରାବାଦଠାରେ ତେଲଙ୍ଗାନାର ମୁଖ୍ୟମନ୍ତ୍ରୀ ତଥା ବିଆର୍‌ଏସ୍‌ର ମୁଖ୍ୟ କେ. ଚନ୍ଦ୍ରଶେଖର ରାଓଙ୍କୁ ସାକ୍ଷାତ କରିଛନ୍ତି। ଏନେଇ ଜୟରାମ ତାଙ୍କ ଫେସବୁକ୍ ଆକାଉଣ୍ଟରେ ପୋଷ୍ଟ କରିବା ପରେ ଜିଲାର ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। କୋରାପୁଟ ଜିଲାରେ ଜୟରାମ ବିଆର୍‌ଏସ୍‌ର ମଙ୍ଗ ଧରିବେ ବୋଲି ଆଲୋଚନା ହେଉଛି। ଅନ୍ୟପକ୍ଷରେ ଜୟରାମଙ୍କୁ ଏ ବିଷୟରେ ପଚାରିବା ଲାଗି ବାରମ୍ବାର ଫୋନ କରାଯିବା ସତ୍ତ୍ୱେ ସେ ଫୋନ ଉଠାଉ ନ ଥିବାରୁ ରାଓଙ୍କୁ ସାକ୍ଷାତ ନେଇ ପ୍ରକୃତ ତଥ୍ୟ ଜଣାପଡିନାହିଁ। ଏନେଇ କୋରାପୁଟ ବିଧାୟକ ରଘୁରାମ ପଡାଲଙ୍କୁ ପଚାରିବାରୁ ସେ କହିଲେ, ଯେ କୌଣସି ରାଜନୈତିକ ଦଳ କୋରାପୁଟ ଆସିଲେ ମଧ ଲୋକଙ୍କ ସମର୍ଥନ ପାଇବନାହିଁ। ବିଜେଡି ଲୋକମାନଙ୍କୁ ସମସ୍ତ ସୁବିଧା ଦେଇ ଅଞ୍ଚଳର ସାମଗ୍ରିକ ବିକାଶ ନେଇ କାର୍ଯ୍ୟ କରିଆସୁଛି ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ଗତ କିଛି ଦିନ ତଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ ଓ ତାଙ୍କ ପୁଅ ଶିଶିର ବିଆରଏସ୍ ମୁଖ୍ୟ ରାଓଙ୍କୁ ସାକ୍ଷାତ କରିଥିଲେ।

# ୨୪ରେ ଦିଲ୍ଲୀ ମେୟର ନିର୍ବାଚନ

**ନୂଆଦିଲ୍ଲୀ,୧୬।୧**



ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ(ଏମ୍‌ସିଡି) ମେୟର ନିର୍ବାଚନ ନେଇ ସୋମବାର ପୁଣି ତାରିଖ ଘୋଷଣା ହୋଇଛି। ଜାନୁୟାରୀ ୨୪ରେ ମେୟର ନିର୍ବାଚନ ହେବ ବୋଲି ସୂଚନା ଦିଆଯାଇଛି। ଦିଲ୍ଲୀ ଉପରାଜ୍ୟପାଳ ଭିକେ ସାକ୍ସେନାଙ୍କ ଅନୁମତି କ୍ରମେ ଚଳିତ ମାସ ୨୪ରେ ନବ ନିର୍ବାଚିତ କାଉନସିଲଙ୍କ ବୈଠକ ବସିବ ଏବଂ ଏମାନେ ଶପଥ ଗ୍ରହଣ କରିବେ। ଏହାପରେ ମେୟର, ଡେପୁଟି ମେୟର ଓ ୬ ଜଣିଆ ଷ୍ଟାଣ୍ଡିଂ କମିଟି ସଦସ୍ୟ ପାଇଁ ମତଦାନ ହେବ। ତେବେ ନବ ନିର୍ବାଚିତ ୨୫୦ କାଉନସିଲର, ଦିଲ୍ଲୀର ୭ ଏମ୍‌ପି, ୩ ରାଜ୍ୟ ସଭା ସଦସ୍ୟଙ୍କ ସମେତ ଦିଲ୍ଲୀ ବିଧାନସଭା ବାଚସ୍ପତିଙ୍କ ଦ୍ୱାରା ମନୋନୀତ ୧୪ ବିଧାୟକ ଉକ୍ତ ନିର୍ବାଚନରେ ଭାଗନେବେ। ସୂଚନା ଯୋଗ୍ୟ, ଗତ ୬ ତାରିଖରେ ଭାଜପା-ଏଏପି କାଉନସିଲର ମୁହାଁମୁହିଁ ପରିସ୍ଥିତ ପରେ ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ(ଏମ୍‌ସିଡି) ମେୟର ନର୍ବାଚନକୁ ସ୍ଥଗିତ ରଖାଯାଇଥିଲା। ତେବେ ମେୟର ନିର୍ବାଚନ ତଥା କାଉନସିଲର ଶପଥ ଗ୍ରହଣ ପୂର୍ବରୁ ଗୃହକୁ ମୁଲତବୀ ରଖାଯିବା ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ ଇତିହାସରେ ପ୍ରଥମ ଘଟଣା ବୋଲି କୁହାଯାଉଛି।

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
TARIFF

| For Single Day 6x4 | For Single Day 12x4 | For 7 Days 6x4 | For 7 Days 12x4 | For 15 Days 6x4 | For 15 Days 12x4 | For 30 days 6x4 | For 30 days 12x4 |
|---|---|---|---|---|---|---|---|
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
for Booking Contact: 0674-2580385, 8637280816, 7894447167, 9338226625

ନବବର୍ଷ ଧମାକା
ଭାରତର ନଂ.1 କମ୍ପାନୀ Govt. Regd କୁବେର ଫାଇନାନ୍ସ
ସମସ୍ତ ସରକାରୀ ଯୋଜନା ଅଧୀନରେ ଆଧାରକାର୍ଡ ସବୁ ଋଣ
2% ସୁଧ 40% ଛାଡ଼
(ମହିଳାଙ୍କ ପାଇଁ ବିଶେଷ ଛାଡ଼)
ଏଜେଣ୍ଟ ଆମନ୍ତ୍ରିତ -
9485529274

SSI 10th +2 (Sci. | Arts. | Comm.)
ITI | Diploma in ENGG | B.Tech All Stream | BBA | MBA | BCA | MCA | BA | B.Sc. | B.Com. | MA | M.Sc. | M.Com. | MAJMC | MSW
All Courses are Recognised by UGC-AICTE-AIU-DEC & Undertaking by HRD, Govt. of India
105 (2nd Floor), Saheed Nagar, BBSR-751007
PH: 9040050515

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Happy Marriage Anniversary



HAPPY and KITTY
Every love story is special, unique and beautiful but ours is my favourite.
D-2501

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଏଥର ତାଲିକା ଭୁଲ୍ ହେଲେ ନବୀନ ନିବାସ ଘେରାଉ: ଭାଜପା

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା

**ଭୁବନେଶ୍ୱର,୧୬।୧(ବ୍ୟୁରୋ)**

ରାଜ୍ୟରେ ଥିବା ବାସହୀନଙ୍କୁ ଘରଟିଏ ଦେବାକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସଫଳ ରୂପାୟନ ପାଇଁ ଭାଜପା ରାଜ୍ୟ ସରକାରଙ୍କୁ ବାରମ୍ବାର ଚେତାବନୀ ଦେବା ସହ ଆନ୍ଦୋଳନ କରୁଛି। ଓଡ଼ିଶାର ଯୋଗ୍ୟ ହିତାଧିକାରୀ ଯେପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଲାଭ ଉଠାଇପାରିବେ ସେନେଇ ଭାଜପା ବଦ୍ଧପରିକର। ୨୦୧୯ ମେ'ରେ ହୋଇଥିବା ଫନୀ ବାତ୍ୟା କାରଣରୁ ଯେଉଁ ଲୋକଙ୍କ ଘର ଭାଙ୍ଗିଥିଲା ତାହାର ତାଲିକା ମଧ ଯୋଡ଼ା ଯାଇଥିଲା। ହେଲେ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତଙ୍କ ନାମ ଯୋଡ଼ା ଯାଇ ନ ଥିଲା। ୨୦୧୯ ଅକ୍ଟୋବରରେ ଏନେଇ ଭାଜପା ଅଭିଯୋଗ କରିବା ପରେ ରାଜ୍ୟ ସରକାର ନିଜ ଭୁଲ୍‌କୁ ସ୍ୱୀକାର କରିଥିଲେ। ୨୦୨୦ରେ ଯୋଗ୍ୟ ଅଯୋଗ୍ୟ ପାଇଁ ସବୁ ବ୍ଲକରେ ବାକ୍ସ ବସାଯାଇଥିଲେ ମଧ ଆହୁରି ଅନେକ ସ୍ଥାନରେ ବସିପାରିନାହିଁ। ଏଥର ଆବାସ ତାଲିକାରେ ଭୁଲ୍ କରାଗଲେ ନବୀନ ନିବାସ ଘେରାଉ କରାଯିବ ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଅଭିଯୋଗ କରିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୃଥ୍ୱୀରାଜ କହିଛନ୍ତି ଯେ, ଫନୀ ବାତ୍ୟାରେ ଘର ଭାଙ୍ଗିଥିବା ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ଯୋଗ୍ୟ ହିତାଧିକାରୀଙ୍କୁ ସମ୍ଭାବ୍ୟ ତାଲିକାରୁ ବାଦ୍ ଦିଆଯାଇଛି। ସେମାନଙ୍କ ନାମକୁ ତୁରନ୍ତ ତାଲିକାରେ ସାମିଲ କରିବାକୁ ରାଜ୍ୟ ସରକାର ବ୍ୟବସ୍ଥା କରନ୍ତୁ। ଯଦି ଯୋଗ୍ୟ ହିତାଧିକାରୀଙ୍କୁ ଘର ନ ମିଳିବ ତେବେ ଭାଜପା ଆନ୍ଦୋଳନ କରିବା ସହ ନବୀନ ନିବାସ ଘେରାଉ କରିବ ବୋଲି ପୃଥ୍ୱୀରାଜ ଚେତାବନୀ ଦେଇଛନ୍ତି। ରାଜ୍ୟ ସରକାର ବାସଗୃହ ଆବଣ୍ଟନରେ ଚଞ୍ଚକତାପୂର୍ଣ୍ଣ ବାତାବରଣ ସୃଷ୍ଟି କରିଛନ୍ତି। ଭାଜପାର ବାରମ୍ବାର ଅଭିଯୋଗ ଓ ଚେତାବନୀ ସତ୍ତ୍ୱେ ରାଜ୍ୟ ସରକାର ବର୍ତ୍ତମାନ ପର୍ଯ୍ୟନ୍ତ ଦଳୀୟ ଆଧାରରେ ଘର ବାଣ୍ଟୁଛନ୍ତି। ଏହାଦ୍ୱାରା ଲକ୍ଷ ଲକ୍ଷ ଲୋକ ବାସହୀନ ହୋଇ ରହିଯାଇଛନ୍ତି। ଓଡ଼ିଶାରେ ୨୦୧୮-୧୯ରେ ଯେଉଁ ତାଲିକା ପ୍ରସ୍ତୁତ ହୋଇଥିଲା ସେଥିରୁ ରାଜନୈତିକ ଗନ୍ଧ ଆସୁଥିଲା। ଚଞ୍ଚକତା କରାଯାଇ କେବଳ ଶାସକ ବିଜେଡି ସହ ସମ୍ପୃକ୍ତ ଥିବା ଲୋକଙ୍କୁ ପକ୍କାଘର ବଣ୍ଟନ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ହଡପ ଏବଂ ଚଞ୍ଚକତା କରାଯିବାର ଅନେକ ଦୃଷ୍ଟାନ୍ତ ରହିଛି। ମୂଳ ଲକ୍ଷ୍ୟରୁ ଓହରିଯାଇ ରାଜ୍ୟ ସରକାର ଅନ୍ଧ ଭାବେ ବାଡ଼ି ବୁଲାଇ ଦଳୀୟ ଆଧାରରେ ବାସଗୃହ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକା ପ୍ରସ୍ତୁତ କରନ୍ତୁନାହିଁ ବୋଲି ସେ କହିଛନ୍ତି।

## Classified Everyday 0674-2580101, 2549949


REAL ESTATE
**SALE**

ଭୁବନେଶ୍ୱର ବାଲିଅନ୍ତା ପୋଲିସ ଷ୍ଟେସନ ପାଖରେ ଘରବାରି ପ୍ଲଟ୍ 30'Road, Electricity ଥାଇ ମିଳୁଛି। (Boundary, registration free). 9337922588. D-74190

ଭୁବନେଶ୍ୱର ରସୁଲଗଡ଼ 3BHK flat, ନଖରା ଛକ, ହଂସପାଳ ଛକ, 3BHK Duplex, ଘରବାରି ପ୍ଲଟ୍ ସାଇ ମନ୍ଦିର, ରଙ୍ଗବଜାର, ବାଲକାଟୀ ନିକଟରେ ମିଳୁଛି। 8327785834, 9658122456. D-74188

ଗଙ୍ଗପଡ଼ା NHରୁ 700mtr. distance (per sqft-500/-), 200mtr. ଦୂରତାରେ (per sqft-1000/-) ଘର କଲାଭଳି boundary ସହ ପ୍ଲଟ୍ ମିଳୁଅଛି। 6372555493. D-2502

ଭୁବନେଶ୍ୱର ଖଣ୍ଡଗିରି AMRI Hospital ପାଖରେ ପ୍ଲଟ୍ କିଣି ଘର କରନ୍ତୁ ଓ Madanpur, Gita/Gandhi College ପାଖରେ Sqft. 650/-ରେ ମିଳୁଛି - 9348767829. D-74173

ଭୁବନେଶ୍ୱର ନଖରା ଘରବାରି SC plot Sqft - 150/-, General - 350/-. 9439660381. D-74178

ଭୁବନେଶ୍ୱର ଟଙ୍କପାଣି (NH) ସାଇ ମନ୍ଦିରଠାରୁ 4K.M. ଯଶୁଆପୁର ପାଖରେ ଘରବାରି ପ୍ଲଟ୍ @ 9,97,900/- ରାସ୍ତା, ଇଲେକ୍ଟ୍ରି ସହ କିଣନ୍ତୁ। 8984911275. D-2596

ଭୁବନେଶ୍ୱର ହଂସପାଳଛକରୁ 5 K.M. ମଧ୍ୟରେ ବେଣୁପୁରରେ 30' ରାସ୍ତାକୁ ଲାଗି ଘରବାରି, ପାଚେରି, ଇଲେକ୍ଟ୍ରିସିଟି, ନାମ ଫଳକ ସହ ପ୍ଲଟ୍ ବିକ୍ରିହେବ। 6371364640, 9776366322. D-74184

Gharabari plot with boundarywall & electrification at Tankapani road, Ratnakarbag, Bhubaneswar. Contact-9437932367. D-73364

କଟକ-ଭୁବନେଶ୍ୱର ରୋଡ୍‌ରୁ 2.5.K.M., ନଖରା ଓ ପାହାଳରୁ 2.5.K.M. ଘରବାରି 25' ରୋଡ୍, ବାଉଣ୍ଡରୀ, ଇଲେକ୍ଟ୍ରିସିଟି ସୁବିଧା ଥାଇ ପ୍ଲଟ୍ ମିଳୁଛି। 9348152874, 9337317665. D-74179

**Ready to move 2BHK, 3BHK flat for sale near AIIMS Hospital, Bhubaneswar. Price- 65 lakhs, 80 lakhs. Contact: 7606021364.** D-2595


CONSTRUCTION

**Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469.** D-74186




Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74627

**Full body massage by experience therapist @ 999 only. 9078484455 (Bhubaneswar).** D-2453

Revitalize your-self with our ayurvedic massage and refreshment. Contact: 8984068198. D-74509

## AFFIDAVIT

An affidavit before the Notary Public, Balangir I, Damrudhar Agrawal, S/o. Raj Kumar Agrawal, R/o. Radharani Para, PO/ Dist. Balangir declare that my actual name is Damrudhar Agrawal mentioned in Aadhaar and PAN Card. But in Educational Certificates mentioned as Damarudhar Agrawal, S/o. Rajkumar Agrawal. That both the names Damarudhar Agrawal and Damrudhar Agrawal belongs to same and one person. D-2503

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ବିନମ୍ର ଶ୍ରଦ୍ଧାଞ୍ଜଳି**



**୰ଶାନ୍ତିଲତା ଦ୍ୱିବେଦୀ**
ଆବିର୍ଭାବ-୧୭।୦୩।୧୯୩୯
ତିରୋଧାନ- ୨୭।୦୧।୨୦୨୨
ବିଧିର ବିଧାନରେ ତୋ ଅବର୍ତ୍ତମାନର ଆଜି ଏକବର୍ଷ ପୂର୍ତ୍ତି ହୋଇଥିଲେ ମଧ ବୋଉ, ଆମ ଚେତନ, ଅଚେତନ ଓ ସଚେତନ ସମସ୍ତ ସ୍ତରରେ ତୋର ସ୍ମୃତି ଅକ୍ଷତ ଓ ଚିର ଜାଜ୍ୱଲିତ।
ତୋର ହତଭାଗା ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତି, ନାତୁଣୀ ଓ ପରିବାରବର୍ଗ।
ଧ-୨୫୦୫

**ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
୧୭.୦୧.୨୦୨୩



**୰ବିଦ୍ୟୁତ ଲତା ଦାଶ**
ଆବିର୍ଭାବ: ତା.୧୦.୦୪.୧୯୫୧
ତିରୋଧାନ: ତା.୦୮.୦୧.୨୦୨୩
ଢୋଲ ବିରଞ୍ଚିବାସ ପୁର, ଗବକୁଣ୍ଡ, ପୁରୀ
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ : ପୁତ୍ର : ମିଲୁ, ଦିଲୁ, ପରିବାରବର୍ଗ, ବନ୍ଧୁ, ଆତ୍ମୀୟ ସ୍ୱଜନ ଓ ଗ୍ରାମବାସୀ
ଧ-୨୫୯୪

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଡକ୍ଟର ବାମଦେବ ମହାନ୍ତି**
BDA Duplex, Baramunda, Bhubaneswar
ଆବିର୍ଭାବ: ୧୬।୦୧।୧୯୪୭
ତିରୋଧାନ: ୨୭।୦୧।୨୦୨୨
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
-:ଶୋକସନ୍ତପ୍ତ:-
ସିଦ୍ଧି, ମାଉଁ, ଆଶୁ, ଚିକୁ ଏବଂ ମିଟୁ
ଧ-୨୫୦୪

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ମନୋରମା ଶତପଥି**
ସେବକ ସାହି, ସାକ୍ଷୀଗୋପାଳ
ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ତୁମ ଅମରାତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀସାକ୍ଷୀଗୋପାଳଙ୍କ ଚରଣରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ସ୍ୱାମୀ: ଶ୍ରୀ ସତ୍ୟନାରାୟଣ ଶତପଥି, ପୁତ୍ର: ଚିତ୍ତରଞ୍ଜନ, ପୁତ୍ରବଧୂ: ଇତିଶ୍ରୀ, କନ୍ୟା: ସ୍ମିତାଲିନ, ନାତୁଣୀ: ଆଦ୍ୟାଶା, ଶତପଥି ପରିବାର ଓ ବନ୍ଧୁବର୍ଗ।
ଧ-୬୭୬୫୩

# ଜଗଦ୍ଦେବଙ୍କ ପାଇଁ ଚିଲିକାର ମର୍ଯ୍ୟାଦା ହାନି ଘଟିଛି: ରଘୁନାଥ

**ଖୋର୍ଦ୍ଧା ଅଫିସ,୧୬।୧**

ଚିଲିକା ନିର୍ବାଚନମଣ୍ଡଳୀରେ ବିଜେଡିର ଦୁଇ ନେତାଙ୍କ ମଧ୍ୟରେ ଆରୋପ ପ୍ରତ୍ୟାରୋପ ନେଇ ରାଜନୀତି ଜୋର ଧରିଛି। ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ମକର ସଂକ୍ରାନ୍ତିରେ ଅଟ୍ରି ହଟ୍ଟକେଶ୍ୱରଙ୍କ ଦର୍ଶନ କରିବାକୁ ଆସିଥିବା ଅବସରରେ ପୂର୍ବତନ ବିଧାୟକ ରଘୁନାଥ ସାହୁଙ୍କ ବିରୋଧରେ ବିଭିନ୍ନ ଅଭିଯୋଗ ଆଣିବା ସହ ସମାଲୋଚନା କରିଥିଲେ। ଏପରିକି ତାଙ୍କୁ ମଦ ଓ କାଠ ମାଫିଆ ବୋଲି କହିଥିଲେ ଜଗଦ୍ଦେବ। ଏହି ଅଭିଯୋଗ ଓ ସମାଲୋଚନା ଉପରେ ପ୍ରତିକ୍ରିୟା ରଖିଛନ୍ତି ପୂର୍ବତନ ବିଧାୟକ ରଘୁନାଥ। ସେ କହିଛନ୍ତି ଯେ, ଜଗଦ୍ଦେବ ମୋ ବିରୋଧରେ ଆଣିଥିବା ଅଭିଯୋଗ ଭିତ୍ତିହୀନ। ସେ ଜଣେ ପେସାଦାର ଅପରାଧୀ। ବାଣପୁରରେ ଲୋକଙ୍କ ଉପରକୁ ଗାଡି ମଡ଼ାଇ ଦେବା ଘଟଣାରେ ସୁପ୍ରିମକୋର୍ଟ ତାଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଜଣେ ପେସାଦାର ଅପରାଧୀ, ସେ କେବେ ନିଜ ଭୁଲ ସ୍ୱୀକାର କରେ ନାହିଁ। ଏଭଳି ଜଣେ ରାଜନେତା ସମାଜରେ ବିରଳ। ମୁଖ୍ୟମନ୍ତ୍ରୀ ଦୁର୍ନୀତି, ଅପରାଧୀଙ୍କୁ ପ୍ରଶ୍ରୟ ଦିଅନ୍ତି ନାହିଁ। ତେଣୁ ଦଳରୁ ତାଙ୍କୁ ନିଲମ୍ବିତ କରିଛନ୍ତି।

ପୂର୍ବତନ ବିଧାୟକ ରଘୁନାଥ ଆହୁରି କହିଛନ୍ତି ଯେ, ଖୋର୍ଦ୍ଧା ଜିଲାରେ ଚିଲିକା ନିର୍ବାଚନମଣ୍ଡଳୀର ମର୍ଯ୍ୟାଦା ରହିଛି। ଅତୀତରେ ଯେଉଁମାନେ ଏଠାରୁ ନିର୍ବାଚିତ ହୋଇଛନ୍ତି, ସେମାନେ ନିଜ ପଦ ମର୍ଯ୍ୟାଦା ବଜାୟ ରଖିଛନ୍ତି। କିନ୍ତୁ ଜଗଦ୍ଦେବ ଚିଲିକା ମର୍ଯ୍ୟାଦା ହାନି କରିଛନ୍ତି। ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ମୁଁ ରାମ ଓ ସେ ହନୁମାନ ଥିଲେ। ଜିତିବା ପରେ ରାମ ବନବାସ ଚାଲିଗଲେ। ହେଲେ ହନୁମାନ ଅପରାଧୀ ପାଲଟିଗଲେ। ୩ବର୍ଷ ଭିତରେ ଚିଲିକାର ବିକାଶ ଠପ୍ ହୋଇଯାଇଛି। ସମୟ କହିବ, କିଏ ଠିକ୍। ଯାହାକୁ ଦଳ, ସ୍ଥାନୀୟ ନିର୍ବାଚନମଣ୍ଡଳୀ ଲୋକେ ପ୍ରତ୍ୟାଖ୍ୟାନ କରିଛନ୍ତି, ସେ ପୁଣି ଅନ୍ୟ ଉପରକୁ ଅଙ୍ଗୁଳି ଉଠାଉଛି। ଜିଲା ସଭାପତି କାହାକୁ ଦଳର ଦୁର୍ଯ୍ୟୋଧନ ଓ କାହା ପାଇଁ ଯନ୍ତା ପକାଇଛନ୍ତି ସେ ଜାଣିଥିବେ। ଏ ସମ୍ପର୍କରେ କୌଣସି ମନ୍ତବ୍ୟ ଦେବାକୁ ଚାହୁଁନି ବୋଲି ସାହୁ କହିଥିଲେ। ଅନ୍ୟପକ୍ଷରେ କିଛି ଦିନ ଗଲେ ଦଳରୁ ନିଲମ୍ବନ ଆଦେଶ ଉଠିଯିବ। ମୁଖ୍ୟମନ୍ତ୍ରୀ ଯାହା ନିଷ୍ପତ୍ତି ନେବେ, ତାକୁ ଗ୍ରହଣ କରିବେ ବୋଲି କହିଛନ୍ତି ପ୍ରଶାନ୍ତ। ପ୍ରକାଶ ଯେ, ୨୦୦୯ରେ ଚିଲିକା ନିର୍ବାଚନମଣ୍ଡଳୀରେ ରଘୁନାଥ ସାହୁ ବିଧାୟକ ରହିଥିଲେ। ୨୦୧୪ ନିର୍ବାଚନରେ ହାରିଥିଲେ। ୨୦୧୪ରେ ଜଗଦ୍ଦେବ ବେଗୁନିଆ ନିର୍ବାଚନମଣ୍ଡଳୀରୁ ବିଧାୟକ ରହିଥିବା ବେଳେ ୨୦୧୯ରେ ଚିଲିକାରୁ ବିଜୟୀ ହୋଇଥିଲେ। ଏହା ପରେ ଉଭୟଙ୍କ ମଧ୍ୟରେ ବିବାଦ ବଢ଼ିଥିଲା।


ଚିଲିକା ପୂର୍ବତନ ବିଧାୟକ ରଘୁନାଥ ସାହୁ।

# ଷ୍ଟାଇଲିଶ୍ ଲୁକ୍ ଦିଏ ଶାଲ୍





**ଥଣ୍ଡା ପ୍ରକୋପରୁ ରକ୍ଷା ପାଇଁ ଶୀତଦିନେ ଅଧିକାଂଶ ମହିଳା ଶାଲ୍ ବ୍ୟବହାର କରିଥାନ୍ତି। ତେବେ କେବଳ ଶୀତବସ୍ତ୍ର ଭାବେ ନୁହେଁ ବରଂ କୌଣସି ଟ୍ରିପ୍, ହ୍ୟାଙ୍ଗ୍ ଆଉଟ୍ ହେଉ କି ଓ୍ୱିଣ୍ଟର ଫଟୋଶୁଟ୍ ପାଇଁ ମଧ୍ୟ ଭଳିକି ଭଳି ଶାଲ୍‌ର ବଢୁଛି ଡିମାଣ୍ଡ...**

❖ହ୍ୟାଙ୍ଗଆଉଟ୍‌ରେ ଯାଉଥିଲେ ଫ୍ଲୋରାଲ୍ ଶାଲ୍ କ୍ୟାରି କରନ୍ତୁ। ବ୍ରାଇଟ୍ କଲର ଏବଂ ଫ୍ଲୋରାଲ୍ ପ୍ରିଣ୍ଟ ଥିବା ଏହି ଶାଲ୍‌କୁ ଜିନ୍ସ କିମ୍ବା କୁର୍ତ୍ତି ସହ ଟିମ୍‌ଅପ୍ କରି ପିନ୍ଧିପାରିବେ। ଏ ହ । ଦେଖିବାକୁ କଲର୍‌ଫୁଲ୍ ହୋଇଥିବାରୁ ଏଥିରେ ଫଟୋଶୁଟ୍ କଲେ ସୁନ୍ଦର ଲାଗିବେ।

❖ପଶ୍ମିନା ଶାଲ୍ ଦେଖିବାକୁ ବହୁତ ସୁନ୍ଦର। ଏଥିରେ ହୋଇଥିବା ଫ୍ଲୋରାଲ୍ ଆର୍ଟ ଯୋଗୁ ଶାଲ୍‌ଟି ଆକର୍ଷଣୀୟ ଦେଖାଯାଏ। ଏହି ଶାଲ୍‌ର ବିଭିନ୍ନ ଭେରାଇଟି ଓ ଡିଜାଇନ୍ ମାର୍କେଟ୍‌ରେ ଉପଲବ୍ଧ। ଶାଲଓ୍ୱାର୍ ସୁଟ୍‌ରେ ଏହି ଶାଲ୍‌କୁ କ୍ୟାରି କରିପାରିବେ।

❖କଶ୍ମିରୀ ଶାଲ୍‌ର ବର୍ଡର ହିଁ ତାକୁ ଆଟ୍ରାକ୍ଟିଭ୍ କରିଥାଏ। ଏହାକୁ ଯେକୌଣସି ଏଥ୍‌ନିକ୍ ଡ୍ରେସ୍ ସହ ଟିମ୍‌ଅପ୍ କରିପାରିବେ। ଖାସ୍ କରି ଶାଢ଼ି ସହ କ୍ୟାରି କରନ୍ତୁ କ୍ଲାସି ଲୁକ୍ ପାଇବେ।

❖ସମସ୍ତେ ଲାଟେଷ୍ଟ ଫ୍ୟାଶନ୍‌ର ସବୁ କ୍ୟାରି କରିବାକୁ ପସନ୍ଦ କରନ୍ତି। ଷ୍ଟ୍ରିପ୍ ଡିଜାଇନ୍ ସବୁବେଳେ ଆପଣଙ୍କ ଫ୍ୟାଶନ୍ ଲିଷ୍ଟରେ ରହୁଥିବ। ତେବେ ଷ୍ଟ୍ରିପ୍‌ର ଶାଲ୍ ଥରେ ଟ୍ରାଏ କରନ୍ତୁ। ମାର୍କେଟ୍‌ରେ ଏହାର ଅନେକ ଭେରାଇଟି ଆପଣଙ୍କୁ ମିଳିଯିବ। ଏହି ଶାଲ୍‌କୁ ଜିନ୍ସ ସହ କ୍ୟାରି କରନ୍ତୁ ଷ୍ଟାଇଲିଶ୍ ଦେଖାଯିବେ।

❖ବେଲ୍ଟ ସବୁ ଆଉଟ୍‌ଫିଟ୍‌ରେ ୟୁନିକ୍ ଲୁକ୍ ଦେଇଥାଏ। ତେବେ ଶାଲ୍‌ରେ ବେଲ୍ଟ ବ୍ୟବହାର କରି ଡିଫରେଣ୍ଟ ଲୁକ୍ ପାଇପାରିବେ। ଯେକୌଣସି ଓ୍ୱେଷ୍ଟର୍ନ କିମ୍ବା ଟ୍ରାଡିସନାଲ୍ ଡ୍ରେସ୍‌ରେ ଶାଲ୍ କ୍ୟାରି କରୁଥିବାବେଳେ ବେଲ୍ଟ ମଧ୍ୟ ଟିମ୍‌ଅପ୍ କରନ୍ତୁ। ଶାଲ୍‌କୁ କହୁଣି ଯାଏଁ ରଖି ନିଜ ଫେଭରେଟ୍ ବେଲ୍ଟ ବାନ୍ଧି ନିଅନ୍ତୁ, ଦେଖିବେ ଟ୍ରେଣ୍ଡି ଲାଗିବେ।

❖ବର୍ତ୍ତମାନ ପୋଞ୍ଚ ଷ୍ଟାଇଲ୍ ଟ୍ରେଣ୍ଡରେ ଅଛି। ଶାଲ୍‌ରେ ମଧ୍ୟ ପୋଞ୍ଚ ଷ୍ଟାଇଲ୍ କରି ଷ୍ଟାଇଲିଶ୍ ଲୁକ୍ ପାଇପାରିବେ। ଏହି ଷ୍ଟାଇଲରେ ଶାଲ୍‌କୁ ଘୋଡ଼େଇ ଆଗ ପଟରୁ ସେଫ୍ଟିପିନ୍ ଲଗାନ୍ତୁ। ଶାର୍ଟ ଭଳି ଶାଲ୍‌ର ଦୁଇ ପଟକୁ ଯୋଡିବା ପାଇଁ ବହୁ ପିନ୍ ବ୍ୟବହାର କରନ୍ତୁ। ଏହି ଷ୍ଟାଇଲ୍‌କୁ ଆପଣ ଓ୍ୱେଷ୍ଟର୍ନ ଆଉଟ୍‌ଫିଟ୍ ସହ କ୍ୟାରି କରନ୍ତୁ ଷ୍ଟାଇଲିଶ୍ ଲାଗିବେ।

❖ଶାଲ୍‌କୁ ଆପଣ ସ୍ରଗ୍ ଭାବରେ ମଧ୍ୟ ବ୍ୟବହାର କରିପାରିବେ। ସ୍ରଗ୍ ପିନ୍ଧିବା ଷ୍ଟାଇଲ୍ ଯାହା କେବେ ବି ଆଉଟ୍ ଅଫ୍ ଫ୍ୟାଶନ ହୁଏ ନାହିଁ। ତେଣୁ ଏହାକୁ ଟ୍ରାଏ କରି ଆପଣ ଷ୍ଟାଇଲିଶ୍ ଦେଖାଯିବେ।

## ଖାଦ୍ୟରୁଚି

# ଓଟ୍ସ ଦୋସା

**ଆବଶ୍ୟକ ସାମଗ୍ରୀ:** ଓଟ୍ସ ଅଧା କପ୍, ଚାଉଳ ଗୁଣ୍ଡ ୧/୪ କପ୍, ରାଓ୍ୱା କିମ୍ବା ସୁଜି ୧/୪ କପ୍, ଦହି ଅଧା କପ୍, ଛୋଟ କଟାହୋଇଥିବା ପିଆଜ ୧/୪ କପ୍, ୧ଚାମଚ ଲେଖାଏଁ ଛୋଟ କଟା ହୋଇଥିବା ଅଦା, କଞ୍ଚାଲଙ୍କା, ଧନିଆପତ୍ର, ଭୁର୍ସୁଙ୍ଗପତ୍ର, ଜିରା ଅଧା ଚାମଚ, ୧/୪ ଚାମଚ ଗୋଲମରିଚ ଗୁଣ୍ଡ, ତେଲ, ପାଣି ୧.୨୫ କପ୍, ଆବଶ୍ୟକ ଅନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଓଟ୍ସକୁ ଭଲ ଭାବେ ଗ୍ରାଇଣ୍ଡକରି ପାଉଡର ପ୍ରସ୍ତୁତ କରନ୍ତୁ। ଏକ ପାତ୍ରରେ ଏହି ଓଟ୍ସ ସହିତ ଚାଉଳ ଗୁଣ୍ଡ, ରାଓ୍ୱା କିମ୍ବା ସୁଜି, ଦହି ଏବଂ ପାଣି ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଧ୍ୟାନରେ ରଖନ୍ତୁ ଯେପରି ତାହା ଗୁଳା ନ ରୁହେ। ଏଥିରେ କଟା ହୋଇଥିବା ପିଆଜ, ଅଦା, ଲଙ୍କା, ଧନିଆ ପତ୍ର, ଭୁର୍ସୁଙ୍ଗ ପତ୍ର ପକାନ୍ତୁ। ଏହାକୁ ମିଶାଇବା ପରେ ସେଥିରେ ଜିରା, ଗୋଲମରିଚ ଗୁଣ୍ଡ, ଆବଶ୍ୟକ ଅନୁସାରେ ଲୁଣ ପକାଇ ଭଲ ଭାବେ ଗୋଳାଇ ୧୦ମିନିଟ୍ ରଖିଦିଅନ୍ତୁ। ଚୁଲାରେ ଏକ ତାଓ୍ୱା ବସାଇ ଗରମ କରନ୍ତୁ। ଚାମଚରେ ଅଳ୍ପ ତେଲ ନେଇ ତାଓ୍ୱା ଉପରେ ଲଗାନ୍ତୁ। ଏହା ଉପରେ ପୂର୍ବରୁ ପ୍ରସ୍ତୁତ କରି ରଖିଥିବା ଓଟ୍ସ ମିଶ୍ରଣକୁ ବଡ଼ ଚାମଚ ସାହାଯ୍ୟରେ ନେଇ ପତଳା ଦୋସା ପ୍ରସ୍ତୁତ କରନ୍ତୁ। ଏହାକୁ ଓଲଟାଇ ଅନ୍ୟ ପଟ ମଧ୍ୟ ସେକି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଆପଣଙ୍କ ଓଟ୍ସ ଦୋସା। ଏହାକୁ ନଡ଼ିଆ ଚଟଣି କିମ୍ବା ସସ୍ ସହ ଖାଇବାର ମଜା ନିଅନ୍ତୁ।



# ସ୍ମାର୍ଟ କର୍ମଜୀବୀ







**ଜଣେ କର୍ମଜୀବୀ ମହିଳାଙ୍କ ଉପରେ ଥାଏ ଉଭୟ ପରିବାର ଏବଂ ଅଫିସ୍ କାର୍ଯ୍ୟର ଭାର। ହେଲେ କେବେ କେବେ କାର୍ଯ୍ୟବ୍ୟସ୍ତତା ଭିତରେ ଗୋଟିଏ କାର୍ଯ୍ୟକୁ ଗୁରୁତ୍ୱ ଦେଉ ଦେଉ ଅନ୍ୟ ପ୍ରତି ହୋଇଯାଏ ଅବହେଳା। ହେଲେ ଏମିତିରେ ଉଭୟ ଦାୟିତ୍ୱକୁ ସମାନ୍ତରାଳ ଭାବେ ତୁଲାଇବା ଲାଗି ଟାଇମ୍ ମ୍ୟାନେଜମେଣ୍ଟ ପ୍ରତି ଧ୍ୟାନ ଦିଅନ୍ତୁ...**

କର୍ମଜୀବୀଙ୍କ ଦୈନନ୍ଦିନ ଜୀବନଚର୍ଯ୍ୟା ଏତେ ସହଜ ନୁହେଁ। କାରଣ ସେମାନଙ୍କୁ ଘର ସହ ଅଫିସ୍ କାର୍ଯ୍ୟ ମଧ୍ୟ ଠିକ୍ ଭାବେ ତୁଲାଇବାକୁ ହୋଇଥାଏ। କେବେ ଘର କାମ ଚାପରେ ଅଫିସ୍‌କୁ ହେଉ ଅବା ଅଫିସ୍ କାମ ଚାପରେ ଘର ପ୍ରତି ଅବହେଳା ହୋଇଯାଏ। ଏହାଦ୍ୱାରା ବ୍ୟକ୍ତିତ୍ୱ ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ। ତା'ଛଡ଼ା ଉଭୟ କାମ ଚାପରେ କେବେ କେବେ ନିଜ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଅନେକେ ଅଣଦେଖା କରି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ତେଣୁ ଏମିତିରେ ଠିକ୍ ଟାଇମ୍ ମ୍ୟାନେଜ୍‌ମେଣ୍ଟ କରି ନିଜକୁ ଫିଟ୍ ରଖିବା ସହ ଉଭୟ କାର୍ଯ୍ୟକୁ ସୁଚାରୁରୂପେ ତୁଲାଇ ପାରୁଥିବା ମହିଳା ହିଁ ପାଲଟିଥାନ୍ତି ସ୍ମାର୍ଟ କର୍ମଜୀବୀ...

**ଟାଇମ୍ ଟେବୁଲ ପ୍ରସ୍ତୁତ କରନ୍ତୁ:** ଯେହେତୁ ଜଣେ କର୍ମଜୀବୀଙ୍କ ଉପରେ ପରିବାର ସହ ପେସା ଉଭୟ କାମର ଚାପ ରହିଥାଏ, ତେଣୁ ସେମାନଙ୍କୁ ନିଜ ଦୈନନ୍ଦିନର ପ୍ରତ୍ୟେକ କାର୍ଯ୍ୟ ପାଇଁ ଏକ ଟାଇମ୍ ଟେବୁଲ ପ୍ରସ୍ତୁତ କରିନେବା ବୁଦ୍ଧିମତ୍ତାର କାର୍ଯ୍ୟ। ଏହାଦ୍ୱାରା କାହା ପରେ କେଉଁ କାମ କରିବା ଚିନ୍ତା କରିବାକୁ ପଡ଼ି ନ ଥାଏ କିମ୍ବା ଭୁଲ୍ ବଶତଃ କେଉଁ ଜରୁରୀ କାମ ବାକି ମଧ୍ୟ ରହିଯାଇ ନ ଥାଏ।

**ହୁଅନ୍ତୁ ମଲ୍ଟି ଟାସ୍କିଂ:** ଗୋଟିଏ କାମ ସରିଲେ ଅନ୍ୟ କାମ କରିବା ଅପେକ୍ଷା ନିର୍ଦ୍ଧାରିତ ସମୟରେ ଏକାଧିକ କାମ କରିବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ଆପଣ ଅନ୍ୟ କାମ ପାଇଁ କିଛି ସମୟ ବଞ୍ଚାଇପାରିବେ ଏବଂ ଯଥା ସମୟରେ ଅଫିସ୍‌ରେ ମଧ୍ୟ ପହଞ୍ଚି ପାରିବେ। ବିଶେଷକରି ଘରେ ଛୋଟ ପିଲା ଥିଲେ ସେମାନଙ୍କ କାମରେ ଅଧିକ ସମୟ ଲାଗିଥାଏ। ତେଣୁ ଏପରି ସ୍ଥିତିରେ ମଲ୍ଟି ଟାସ୍କିଂ ହେବା ହିଁ ଏକମାତ୍ର ବିକଳ୍ପ।

**କରନ୍ତୁ ପ୍ରି ପ୍ଲାନିଂ:** ଯଦି ଆପଣ ପରଦିନ କ'ଣ ସବୁ କାର୍ଯ୍ୟ କରିବେ ସେ ନେଇ ପୂର୍ବରୁ ପ୍ଲାନିଂ କରିଥିବେ ତେବେ କାମ ସହଜ ଏବଂ ଶୀଘ୍ର ହୋଇପାରିବ। ଯେମିତିକି ସକାଳୁ କ'ଣ ରାନ୍ଧିବି, କ'ଣ ପିନ୍ଧି ଅଫିସ୍ ଯିବେ ତାହା ପୂର୍ବ ରାତିରୁ ସଜାଡ଼ି ରଖନ୍ତୁ। ବିଶେଷକରି ଘରେ ଛୋଟ ପିଲା ଥିଲେ ତା'ର ସକାଳେ ଆବଶ୍ୟକ ଡ୍ରେସ୍, ଖାଦ୍ୟ ଆଦି ପ୍ରସ୍ତୁତ କରିବାରେ ସବୁଠୁ ଅଧିକ ସମୟ ଯାଇଥାଏ, ଯଦି ଏସବୁ ରାତିରୁ ସଜାଡ଼ି ରଖିବେ ତେବେ ସକାଳେ ଏଥିପାଇଁ ଅଯଥା ସମୟ ନଷ୍ଟ ହେବ ନାହିଁ। ଏପରି କରିବା ଦ୍ୱାରା ରୋଷେଇ ସହ ପିଲା ଓ ଘର କାମ ସରିବା ମାତ୍ରେ ସଙ୍ଗେ ସଙ୍ଗେ ଅଫିସ୍ ପାଇଁ ପ୍ରସ୍ତୁତ ହୋଇ ବାହାରି ପାରିବେ।

**ଖୁବ୍ ଜରୁରୀ ଟାଇମ୍ ମ୍ୟାନେଜମେଣ୍ଟ:** କେଉଁ କାମ କେତେବେଳେ ଏବଂ କେତେ ସମୟ ମଧ୍ୟରେ କରିବା ଦ୍ୱାରା ଦୈନନ୍ଦିନର ପ୍ରତ୍ୟେକ କାର୍ଯ୍ୟ ଠିକ୍ ଭାବେ ହୋଇପାରିବ, ସେଥିପାଇଁ ପ୍ରତ୍ୟେକ କର୍ମଜୀବୀଙ୍କୁ ଟାଇମ୍ ମ୍ୟାନେଜ୍‌ମେଣ୍ଟ କରି ଜାଣିବା ଖୁବ୍ ଜରୁରୀ। କାରଣ ଏହାର ଅଭାବ ପ୍ରତ୍ୟେକ କାର୍ଯ୍ୟରେ ବାଧା ଉପୁଜାଇଥାଏ। ଆଉ ଏହାହିଁ କାର୍ଯ୍ୟସ୍ଥଳରେ ପହଞ୍ଚିବାରେ ବିଳମ୍ବ ହେବାର ମୁଖ୍ୟ କାରଣ।

**ହାତରେ ସମୟ ରଖନ୍ତୁ:** ଘରୁ ବାହାରିବା ପୂର୍ବରୁ ସବୁବେଳେ ହାତରେ କିଛି ସମୟ ରଖିଥାନ୍ତୁ। ଫଳରେ ବାଟରେ ଟ୍ରାଫିକ ଜାମ୍ ହେଉ କିମ୍ବା ଅନ୍ୟ କୌଣସି କାରଣ ଯୋଗୁ କାର୍ଯ୍ୟସ୍ଥଳୀରେ ପହଞ୍ଚିବା ଯେପରି ଡେରି ନ ହୁଏ। ତା'ଛଡ଼ା ବିଳମ୍ବରେ ତରତର ହୋଇ ଯିବା ଦ୍ୱାରା ଦୁର୍ଘଟଣାର ଆଶଙ୍କା ବି ରହିଥାଏ।

**ହୁଅନ୍ତୁ ସଚ୍ଚୋଟ:** ବ୍ୟକ୍ତିଗତ ତଥା ପାରିବାରିକ ଜୀବନ ଭଳି କର୍ମମୟ ଜୀବନକୁ ବି ସମାନ ଗୁରୁତ୍ୱ ଦିଅନ୍ତୁ ଏବଂ ଉଭୟ କ୍ଷେତ୍ରରେ ତତ୍ପରତାର ସହ କାର୍ଯ୍ୟ କରନ୍ତୁ। ଘର ଭଳି କାର୍ଯ୍ୟକ୍ଷେତ୍ରରେ ଛୋଟ ହେଉ କି ବଡ ସମସ୍ତ କାର୍ଯ୍ୟକୁ ଯଥା ସମୟରେ ଶେଷ କରିବାକୁ ଚେଷ୍ଟା କରନ୍ତୁ। ଏହା ଆପଣଙ୍କୁ ଏକ ଦକ୍ଷ ତଥା ସମୟାନୁବର୍ତ୍ତୀ କର୍ମଚାରୀର ପରିଚୟ ଦେବ।

**ସ୍ୱାସ୍ଥ୍ୟ ପ୍ରତି ସଜାଗ ରୁହନ୍ତୁ:** ସବୁ କାର୍ଯ୍ୟ ଭିତରେ ନିଜର ଖାଇବା ଏବଂ ଶୋଇବା ପାଇଁ ସମୟ ବାହାର କରନ୍ତୁ। ପରିବାର ସମସ୍ତ ସଦସ୍ୟଙ୍କ ସହ ଘର କାମ ସାରିବା ପରେ ଅଧିକ ରାତି ଯାଏ ଟିଭି, ଲାପ୍‌ଟପ୍, ମୋବାଇଲରେ ବ୍ୟସ୍ତ ନ ରହି ଶୀଘ୍ର ଶୁଅନ୍ତୁ। ଏହାଦ୍ୱାରା ଆପଣ ଶୀଘ୍ର ଉଠି ଯଥା ସମୟରେ ସମସ୍ତ କାର୍ଯ୍ୟ ସମାପ୍ତ କରି ଅଫିସ୍ ଯିବାରେ କୌଣସି ଅସୁବିଧା ହେବ ନାହିଁ। ତା'ଛଡ଼ା ସନ୍ତୁଳିତ ଆହାର ଏବଂ ପର୍ଯ୍ୟାପ୍ତ ନିଦ୍ରା ଆପଣଙ୍କୁ ଦିନଯାକର କାର୍ଯ୍ୟ କରିବା ଲାଗି ସ୍ଫୁର୍ତ୍ତି ଯୋଗାଇବ।



## କ'ଣ କୁହନ୍ତି ଏମାନେ...

### ଟାଇମ୍ ମ୍ୟାନେଜ୍‌ମେଣ୍ଟକୁ ଦିଏ ଗୁରୁତ୍ୱ



**ପ୍ରବୀଣା ପଟ୍ଟନାୟକ**(ଅଧ୍ୟାପିକା, କ୍ଷେତ୍ରବାସୀ ମହାବିଦ୍ୟାଳୟ, ନିରାକାରପୁର)- ଜଣେ କର୍ମଜୀବୀ ମହିଳାଙ୍କ ପାଇଁ ଉଭୟ କାର୍ଯ୍ୟକୁ ଗୁରୁତ୍ୱ ଦେବା ଏବଂ ସୁଚାରୁ ରୂପେ ତୁଲାଇବା ଲାଗି ଲୋଡ଼ା ଠିକ୍ ଟାଇମ୍ ମ୍ୟାନେଜମେଣ୍ଟ। ସେଥିପାଇଁ ପ୍ରତିଦିନ ବ୍ରାହ୍ମ ମୁହୂର୍ତ୍ତରୁ ଉଠି ନିତ୍ୟକର୍ମ ସାରି ଠାକୁର ପୂଜା କରିଥାଏ। ଏହା ପରେ ଘରର ଅନ୍ୟାନ୍ୟ କାମ ଯଥା ରୋଷେଇ, ପୁଅକୁ ଟିଫିନ୍ ଦେବା ସ୍କୁଲ ପାଇଁ ପ୍ରସ୍ତୁତ କରିବା, ସ୍ୱାମୀଙ୍କ ପାଇଁ ଜଳଖିଆ ଏବଂ ଦ୍ୱିପ୍ରହର ଖାଦ୍ୟ ଆଦି ସଜାଡ଼ି ରଖି ୮.୩୦ ସୁଦ୍ଧା ବାହାରିଯାଏ କଲେଜ। ଘର ଭଳି ସେଠାରେ ମଧ୍ୟ ନିଷ୍ଠାର ସହ ପିଲାଙ୍କୁ ପଢ଼ାଇଥାଏ। ସନ୍ଧ୍ୟାରେ ଫେରିବା ପରେ ରୋଷେଇ ପରେ ପୁଅକୁ ପଢ଼ାଇବା, ପର ଦିନ କ୍ଲାସ ନେବା ପାଇଁ ନିଜେ ପଢ଼ିବା ଆଦି ସମସ୍ତ କାର୍ଯ୍ୟ ସାରି ୧୦.୩୦ରୁ ୧୧ଟା ସୁଦ୍ଧା ଶୋଇଥାଏ। ମୋ ମତରେ କୌଣସି ପରିସ୍ଥିତିରେ ଅଳସୁଆ ନ ହୋଇ ଏକ ଟାଇମ୍ ଟେବୁଲ୍ ପ୍ରସ୍ତୁତ କରି କର୍ତ୍ତବ୍ୟ ପରାୟଣ ହୋଇ ପ୍ରତ୍ୟେକ କାର୍ଯ୍ୟ କଲେ ଜଣେ କର୍ମଜୀବୀଙ୍କ ପାଇଁ ସବୁ କାର୍ଯ୍ୟ ସହଜ ଏବଂ ସରଳ ହୋଇପାରିବ ସେଥିରେ ସନ୍ଦେହ ନାହିଁ।

### କର୍ତ୍ତବ୍ୟବୋଧ ଥିଲେ କାମ ହୁଏ ସହଜ



**ନିରୋଦନଳିନୀ କର**(ଅଧ୍ୟାପିକା, ମଙ୍ଗଳା ମହାବିଦ୍ୟାଳୟ, କାକଟପୁର, ପୁରୀ)- ବିବାହିତ କିନ୍ତୁ ସ୍ୱାମୀ ରୁହନ୍ତି ସୁଦୂର ଭୁଟାନରେ। ଘରେ ମା' ବାପାଙ୍କ ବୃଦ୍ଧାବସ୍ଥାରେ ସେବା କରିବା ସହ ପୁତୁରା ଝିଆରୀଙ୍କ କଥା ବି ବୁଝିବାକୁ ପଡ଼ିଥାଏ। ଘରର ନିତ୍ୟ କାମ ସବୁ କରିବା ସହ ବେଳେବେଳେ କିଛି ଛାତ୍ରୀଛାତ୍ରଙ୍କ ଅସମାହିତ ପ୍ରଶ୍ନଗୁଡ଼ିକର ଉତ୍ତର ବି ଦେବାକୁ ପଡ଼ିଥାଏ। ତେଣୁ ପ୍ରାତଃମୁହୂର୍ତ୍ତରୁ କାମ ଆରମ୍ଭ ହୋଇଯାଏ। ନଅଟା ସୁଦ୍ଧା ପ୍ରସ୍ତୁତ ହୋଇ କଲେଜ ଯାଏ ଏବଂ ସନ୍ଧ୍ୟା ସମୟରେ ଫେରିଆସେ। ସନ୍ଧ୍ୟା ପରଠାରୁ ସବୁ କାମ ସାରୁ ସାରୁ ରାତି ଦଶ। କହିବାକୁ ଗଲେ ଏହିଥିରେ ହିଁ ମୋର ଆନନ୍ଦ। ଟିଭି ସିରିଏଲ ଆଦିଠାରୁ ଦୂରରେ। ଜୀବନପଥରେ ଅନେକ ଝଡ଼ଝଞ୍ଜା ଥାଇ ବି ଆଗେଇ ଚାଲିବାର ଲକ୍ଷ୍ୟ ମୋତେ ସବୁବେଳେ ଅନୁପ୍ରାଣିତ କରିଥାଏ। ମୁଁ ଭାବେ ଯେ ମଣିଷ ଜୀବନ କ୍ଷଣିକ ଅଥଚ ମୂଲ୍ୟବାନ। ତେଣୁ ପ୍ରତ୍ୟେକ ମୁହୂର୍ତ୍ତକୁ ନେଇ ବଞ୍ଚିବାର ଆନନ୍ଦ ସବୁବେଳେ ଖୋଜିବା ଦରକାର। ଘରକାମ କି ଅଫିସ୍, ନିଜ ପାଇଁ ପାଠପଢ଼ା କିମ୍ବା ପିଲାଙ୍କୁ ପାଠ ପଢ଼େଇବା, ସବୁଥିରେ କର୍ତ୍ତବ୍ୟ ବୋଧ ଥିଲେ କାମ ସବୁ ସହଜ ହୋଇଥାଏ। ସେଇ ଭିତରେ ଅନ୍ୟମାନଙ୍କ ପାଇଁ କିଛି ବି କରିପାରିଲେ ଆତ୍ମସନ୍ତୁଷ୍ଟି ଲାଭ ହୋଇଥାଏ।

# ଗୋଲାପି ଓଠ ପାଇଁ...



ସୌନ୍ଦର୍ଯ୍ୟ

**ଗୋଲାପି ଓଠ ବଢ଼ାଇଥାଏ ମୁହଁର ସୌନ୍ଦର୍ଯ୍ୟ। ହେଲେ ବିଭିନ୍ନ କାରଣରୁ ଅନେକଙ୍କ ଓଠ କଳା ପଡ଼ିଯାଏ। ଏହା ଦୂରକରିବା ଲାଗି ସେମାନେ ଭଳିକି ଭଳି ଲିପ୍ କେୟାର ପ୍ରଡକ୍ଟ ବ୍ୟବହାର କରିଥାନ୍ତି। ହେଲେ ଏପରି ନ କରି ଆପଣ ଚାହିଁଲେ କେତୋଟି ଘରୋଇ ଉପଚାର କରି ଓଠକୁ ସୁନ୍ଦର ଏବଂ ଗୋଲାପି କରିପାରିବେ...**

➤ଓଠ ଉପରେ ଥିବା ଡେଡ୍ ସେଲ୍ ଦୂରକରିବା ଲାଗି ପ୍ରଥମେ ଓଠକୁ ସ୍କ୍ରବିଂ କରିବା ଆବଶ୍ୟକ। ଏଥିପାଇଁ ଚିନି ସହ ମହୁ ଏବଂ ଆଲମଣ୍ଡ ତେଲ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ଓଠରେ ଲଗାଇ ଧୀରେ ଧୀରେ ସ୍କ୍ରବ୍ କରନ୍ତୁ। ଏହାଦ୍ୱାରା ଧୀରେ ଧୀରେ ଓଠ ଗୋଲାପି ହେବ।

➤ଓଠର କଳାପଣ ଦୂରକରିବା ଲାଗି ଏକ୍ସଫୋଲିଏଟ୍ କରିବା ଆବଶ୍ୟକ। ସ୍କ୍ରବିଂ କରିବା ପରେ ଓଦା ଟାଓ୍ୱେଲ କିମ୍ବା ନରମ ଟୁଥ୍‌ବ୍ରଶ୍ ସାହାଯ୍ୟରେ ଓଠକୁ ଧୀରେ ଧୀରେ ଘଷନ୍ତୁ। ଏହାଦ୍ୱାରା ଡେଡ୍ ସେଲ୍ ଦୂର ହେବା ସହ ରକ୍ତ ସଞ୍ଚାଳନ ଭଲ ଭାବେ ହୋଇଥାଏ।

➤ବିଟ୍‌ରୁଟ୍‌କୁ ବ୍ୟବହାର କରି ମଧ୍ୟ ଓଠକୁ ଗୋଲାପି କରିପାରିବେ। ପ୍ରଥମେ ଖଣ୍ଡେ ବିଟ୍‌ରୁଟ୍‌ରୁ ରସ ବାହାର କରନ୍ତୁ। ଏହାକୁ ଆଙ୍ଗୁଳି ଟିପ ସାହାଯ୍ୟରେ ଓଠରେ ଲଗାଇ ଧୀରେ ଧୀରେ ମସାଜ କରନ୍ତୁ। ୧୫ ମିନିଟ୍ ରଖିବା ପରେ ଧୋଇ ଦିଅନ୍ତୁ। ସପ୍ତାହରେ ୨ ଥର ଏପରି କଲେ ଆପଣଙ୍କ ଓଠ ଅଳ୍ପ ଦିନ ମଧ୍ୟରେ ନରମ ଏବଂ ଗୋଲାପି ହୋଇପାରିବ।

➤ଆଲୋଭେରା ରସରେ ମହୁ ମିଶାଇ ଓଠରେ ଧୀରେ ଧୀରେ ଘଷନ୍ତୁ। ୧୫ ମିନିଟ୍ ରଖିବା ପରେ ଧୋଇ ଦିଅନ୍ତୁ। ସପ୍ତାହରେ ୩-୪ ଥର ଏପରି କଲେ ଆପଣଙ୍କ ଓଠର ରଙ୍ଗ ଗୋଲାପି ଲାଗିବ।

➤ଭିଟାମିନ୍ ଇ କ୍ୟାପ୍‌ସୁଲ୍ କାଟି ଏହାର ଅଏଲ୍‌କୁ ପ୍ରତିଦିନ ଓଠରେ ମସାଜ କରନ୍ତୁ। ଏହା ଓଠକୁ ନରମ ରଖିବା ସହ ଗୋଲାପି କରିଥାଏ।

➤ପ୍ରତିଦିନ ଏସ୍‌ପିଏଫ୍- ୧୫ ଯୁକ୍ତ ଲିପ୍‌ବାମ୍ ଲଗାନ୍ତୁ। ଏହା ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସି ଓଠ କଳା ପଡ଼ିବାକୁ ଦେଇ ନ ଥାଏ।

➤ନଡ଼ିଆତେଲ ମଧ୍ୟ ଓଠର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ। ଏହା ଓଠ ପାଇଁ ପ୍ରାକୃତିକ ମଶ୍ଚରାଇଜରର କାମ କରିଥାଏ। ଏହାକୁ ଲଗାଇବା ଦ୍ୱାରା ଓଠ ନରମ ରୁହେ ଏବଂ ଧୀରେ ଧୀରେ ସ୍କିନ୍ ଟୋନ୍ ଲାଇଟ୍ ହୋଇ ଗୋଲାପି ଲାଗିଥାଏ।

➤ଏହା ବ୍ୟତୀତ ପ୍ରଚୁର ପରିମାଣରେ ପାଣି ପିଅନ୍ତୁ। କାରଣ କମ୍ ପାଣି ପିଇଲେ ଶରୀରରେ ଜଳୀୟାଂଶ କମିଯିବା ଦ୍ୱାରା ମଧ୍ୟ ଓଠ ଶୁଖିଥାଏ ଏବଂ କଳା ପଡ଼ିଥାଏ।



# ଭିକ୍ଟରଙ୍କ ଡବଲ ଗୋଲରେ ଫ୍ରାନ୍ସ ବିଜୟୀ

ଭୁବନେଶ୍ୱର, ୧୬।୧
(କ୍ରୀଡ଼ା ପ୍ରତିନିଧି)

ଅଧିନାୟକ ଭିକ୍ଟର ଚାର୍ଲେଟଙ୍କ ଡବଲ ଗୋଲ ବଳରେ ଫ୍ରାନ୍ସ ଚଳିତ ହକି ବିଶ୍ୱକପ୍‌ରେ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ସୋମବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ପୁଲ୍ ଏ'ର ଏକ ମ୍ୟାଚ୍‌ରେ ଏହି ଦଳ ୨-୧ ଗୋଲରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ୨ ମ୍ୟାଚରୁ ଏହା ଥିଲା ଫ୍ରାନ୍ସର ପ୍ରଥମ ବିଜୟ। ପ୍ରଥମ ମ୍ୟାଚ୍‌ରେ ଦଳ ୦-୮ ଗୋଲରେ ଟାଇଟଲ ଫେଭରାଇଟ ଅଷ୍ଟ୍ରେଲିଆ ନିକଟରୁ ହାରି ଯାଇଥିଲା। ଏଠାରେ ବିଜୟ ଫଳରେ ଫ୍ରାନ୍ସର କ୍ରସ୍ ଓଭର ଖେଳିବା ଆଶା ଉଜ୍ଜୀବିତ ରହିଛି। ଅନ୍ୟପକ୍ଷରେ ୨ ମ୍ୟାଚ୍‌ରୁ ଡବଲ ପରାଜୟ ଫଳରେ ଦକ୍ଷିଣ ଆଫ୍ରିକା ଗ୍ରୁପ୍ ପର୍ଯ୍ୟାୟରୁ ଏଲିମିନେଟ ହେବାର ଦ୍ୱାରରେ ପହଞ୍ଚିଯାଇଛି। ଫ୍ରାନ୍ସ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଭିକ୍ଟର ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଫ୍ରାନ୍ସ ଏହାର ଅନ୍ତିମ ମ୍ୟାଚ୍ ୨୦ ତାରିଖରେ ଆର୍ଜେଣ୍ଟିନା ସହିତ ଖେଳିବ। ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। ସେହିଦିନ ଅନ୍ୟ ଏକ ମ୍ୟାଚ୍ ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ହେବ।

ଆରମ୍ଭରୁ ଫ୍ରାନ୍ସ ଆକ୍ରମଣାତ୍ମକ ଏବଂ ଦକ୍ଷିଣ ଆଫ୍ରିକା ରକ୍ଷଣାତ୍ମକ ରଣନୀତିରେ ଖେଳିଥିଲେ। ଫଳରେ ୬ଷ୍ଠ ମିନିଟ୍‌ରେ ଫ୍ରାନ୍ସକୁ ଲଗାତର ୨ଟି ପେନାଲ୍ଟି କର୍ନର ମିଳିଥିଲା। ପ୍ରଥମଟି ବିଫଳ ହୋଇଥିଲେ ହେଁ ଦ୍ୱିତୀୟଟିକୁ ଗୋଲରେ ପରିଣତ କରି ଭିକ୍ଟର ଫ୍ରାନ୍ସକୁ ଅଗ୍ରଣୀ କରାଇଥିଲେ। ପ୍ରଥମାର୍ଦ୍ଧ ଶେଷହେବାର ଅନ୍ତିମ କ୍ଷଣରେ ଦକ୍ଷିଣ ଆଫ୍ରିକା ଏକ ପେନାଲ୍ଟି କର୍ନର ପାଇଥିଲା। ଦଳର ୩୫ ନମ୍ବର ଖେଳାଳି କନର ବିଉଚାମ୍ପ ଏହାକୁ ଗୋଲରେ ପରିଣତ କରିବାରୁ ମ୍ୟାଚ୍ ୧-୧ ସ୍ଥିତିକୁ ଚାଲିଆସିଥିଲା। ଫଳରେ ଦ୍ୱିତୀୟ କ୍ୱାର୍ଟର ରୋମାଞ୍ଚକ ହୋଇଥିଲା। ମାତ୍ର ଏହି ପର୍ଯ୍ୟାୟରେ କୌଣସି ଦଳ ଗୋଲ ସ୍କୋର କରିପାରି ନ ଥିଲେ। ତୃତୀୟ କ୍ୱାର୍ଟର ମଧ୍ୟ ଗୋଲଶୂନ୍ୟ ରହିଥିଲା। ମାତ୍ର ୪ର୍ଥ କ୍ୱାର୍ଟର ଅର୍ଥାତ୍ ମ୍ୟାଚ୍‌ର ୫୭ତମ ମିନିଟ୍‌ରେ ଫ୍ରାନ୍ସ ପାଇଥିବା ପେନାଲ୍ଟି କର୍ନରର ସଦୁପଯୋଗ କରିଥିଲେ ଭିକ୍ଟର। ତାଙ୍କ ଗୋଲ ବଳରେ ଫ୍ରାନ୍ସ ଅଗ୍ରଣୀ ହୋଇଯିବାରୁ ଦକ୍ଷିଣ ଆଫ୍ରିକାର ଆଶା ମଉଳି ଯାଇଥିଲା। ମ୍ୟାଚ୍‌ରେ ଫ୍ରାନ୍ସ ମୋଟ ୭ଟି ପେନାଲ୍ଟି କର୍ନର ପାଇଥିବାବେଳେ ଏଥିରୁ ୨ଟି ଗୋଲ ସ୍କୋର କରିଥିଲା। ଅନ୍ୟପକ୍ଷରେ ବିଳମ୍ବରେ ବିଶେଷକରି ଶେଷ କ୍ୱାର୍ଟରରେ ଆକ୍ରମଣକୁ ଜୋରଦାର କରିଥିବା ଦକ୍ଷିଣ ଆଫ୍ରିକା ୬ଟି ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲେ ହେଁ ମାତ୍ର ଗୋଟିଏ ଗୋଲ ଦେବାରେ ସକ୍ଷମ ହୋଇଥିଲା। ମ୍ୟାଚ୍‌ର ଶେଷ ମିନିଟ୍ ଅର୍ଥାତ୍ ୫୯ତମ ମିନିଟରେ ଦଳ ୩ଟି ପେନାଲ୍ଟି କର୍ନର ପାଇଥିଲା। ମାତ୍ର ତାହାର ସଦୁପଯୋଗ କରିପାରି ନ ଥିଲା।


ବିଜୟରେ ଉଲ୍ଲସିତ ଫ୍ରାନ୍ସ ଖେଳାଳି।

# ହାର୍ଦ୍ଦିକ୍ ସିଂ ଆହତ

ଭୁବନେଶ୍ୱର,୧୬।୧

ହକି ବିଶ୍ୱକପ୍‌ରେ ଭାରତକୁ ବଡ଼ ଝଟକା। ସୋମବାର ଭାରତର ଆଟାକିଂ ମିଡ୍‌ଫିଲ୍ଡର ହାର୍ଦ୍ଦିକ୍ ସିଂ ଆହତ ହୋଇଛନ୍ତି। ରବିବାର ଇଂଲଣ୍ଡ ବିପକ୍ଷ ଗୋଲଶୂନ୍ୟ ମ୍ୟାଚ୍‌ର ଚତୁର୍ଥ କ୍ୱାର୍ଟରରେ ହାର୍ଦ୍ଦିକଙ୍କ ମାଂସପେଶୀ ଟାଣି ହୋଇ ଯାଇଥିଲା। ସେ ୱେଲ୍ସ ବିପକ୍ଷ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ସ୍କାନିଂ ପରେ ସେ ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟରେ ଖେଳିବେ କି ନାହିଁ ତାହା ସ୍ପଷ୍ଟ ହେବ। ଉଭୟ ସ୍ପେନ୍ ଓ ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌ରେ ହାର୍ଦ୍ଦିକଙ୍କ ପ୍ରଦର୍ଶନ ବେଶ୍ ଉଚ୍ଚକୋଟୀର ରହିଥିଲା। ସ୍ପେନ୍ ବିପକ୍ଷରେ ଭାରତର ୨-୦ ବିଜୟରେ ହାର୍ଦ୍ଦିକ ବେଶ୍ ଚମତ୍କାର ପ୍ରଦର୍ଶନ ସହିତ ଗୋଟିଏ ଗୋଲ ମଧ୍ୟ ସ୍କୋର କରିଥିଲେ। ହାର୍ଦ୍ଦିକ ବାଦ୍ ପଡ଼ିଲେ ଅତିରିକ୍ତ ଖେଳାଳି ରାଜକୁମାର ପାଲ୍‌ଙ୍କୁ ବଦଳ ଖେଳାଳି ଭାବେ ସାମିଲ କରାଯିବ। ସୂଚନା ଯେ, ରାଜକୁମାର ପାଲ୍ ଓ ଯୁଗରାଜ ସିଂ ଭାରତୀୟ ଦଳରେ ବଦଳ ଖେଳାଳି ଭାବେ ସାମିଲ ଥିଲେ। ଏଫ୍ଆଇଏଚ୍ ନିୟମ ଅନୁସାରେ ଯଦି ଜଣେ ଖେଳାଳିଙ୍କ ସ୍ଥାନରେ ଅନ୍ୟ ଖେଳାଳିଙ୍କୁ ସାମିଲ କରାଯାଉଛି ତେବେ ପରେ ସେ ସୁସ୍ଥ ହେଲେ ମଧ୍ୟ ମ୍ୟାଚ୍ ଖେଳିବାକୁ ଦଳରେ ସାମିଲ ହୋଇପାରିବେନାହିଁ। ହାର୍ଦ୍ଦିକ ଭାରତୀୟ ମିଡ୍‌ଫିଲ୍ଡରେ ଜଣେ ଅଗ୍ରଣୀ ଖେଳାଳି ରହିଥିବା ବେଳେ ଫରୱାର୍ଡଙ୍କ ପରି ଆଟାକ୍ ଶୈଳୀ ତାଙ୍କୁ ଆଣିଦେଇଥିଲା ପ୍ରସିଦ୍ଧି। ସ୍ପେନ୍ ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ଚମତ୍କାର ଟ୍ୟାକେଲ୍ ଓ ଆକ୍ରମଣର ଉଦାହରଣ ଦେଖାଇ ସେ ଭାରତ ପାଇଁ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ପୁଲ୍ ଡି'ରେ ଭାରତ ଇଂଲଣ୍ଡ, ସ୍ପେନ୍ ଓ ୱେଲ୍ସ ସହ ସ୍ଥାନ ପାଇଥିବା ବେଳେ ଇଂଲଣ୍ଡ ପଛକୁ ଦଳ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ଉଭୟ ଦଳ ସମାନ (୪) ପଏଣ୍ଟ ହାସଲ କରିଥିବା ବେଳେ ଉନ୍ନତ ଗୋଲ ବ୍ୟବଧାନ କାରଣରୁ ଇଂଲଣ୍ଡ ପ୍ରଥମ ସ୍ଥାନ ପାଇଛି।




ଫ୍ରାନ୍ସ-ଦକ୍ଷିଣ ଆଫ୍ରିକା ମ୍ୟାଚ୍ ସମୟରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ସେଲ୍‌ଫି ନେଉଛନ୍ତି କୋଲ୍‌କାତା ସାଇର ଛାତ୍ରୀ।


ଦୁଇ ହକିପ୍ରେମୀ ଟିକେଟ ପ୍ରଦର୍ଶନ କରୁଛନ୍ତି।

## ହକି ପାଇଁ ସାଇକେଲରେ ପଞ୍ଜାବରୁ ଓଡ଼ିଶା

**ଭୁବନେଶ୍ୱର,୧୬।୧(ସ୍ପୋର୍ଟ୍ସ ବ୍ୟୁରୋ):** ଭୁବନେଶ୍ୱର ଓ ରାଉରକେଲାରେ ଅନୁଷ୍ଠିତ ହକି ବିଶ୍ୱକପ୍ ପାଇଁ ଲୋକଙ୍କ ମଧ୍ୟରେ ଅଫୁରନ୍ତ ଉତ୍ସାହ। ଭାରତ ତଥା ଓଡ଼ିଶା କ୍ରମାଗତ ଦ୍ୱିତୀୟଥର ପାଇଁ ହକି ବିଶ୍ୱକପ୍ ଆୟୋଜନ କରୁଥିବା ବେଳେ ହକିର ସମର୍ଥନରେ ଜଣେ ବ୍ୟକ୍ତି ୧୭୦୦ କିମି ସାଇକେଲ ଯାତ୍ରା କରିଛନ୍ତି। ପୂର୍ବତନ ଭାରତୀୟ ଦଳର ଖେଳାଳି ଧରମବୀର ସିଂଙ୍କ ଭାଇ କରମବୀର ସିଂ ପଞ୍ଜାବରୁ ସାଇକେଲ ଯୋଗେ ଆସି ଓଡ଼ିଶାରେ ପହଞ୍ଚିଛନ୍ତି। ହକି ପ୍ରତି ନିଜର ଭଲପାଇବା ଓ ଭାରତୀୟ ଦଳ ପ୍ରତି ସମର୍ଥନ ପାଇଁ କରମବୀର ୧୭୦୦ କିମି ଯାତ୍ରା କରିଛନ୍ତି। ପଞ୍ଜାବର ଖଇରାବାଦରୁ ଯାତ୍ରା ଆରମ୍ଭ କରିଥିବା କରମବୀର ୧୦ ଦିନରେ ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ପହଞ୍ଚିଥିଲେ। ପହଞ୍ଚିବା ପରେ କରମବୀର କହିଛନ୍ତି, ମୋ ଭାଇ ଧରମବୀର ଭାରତ ପାଇଁ ହକି ଖେଳିଛନ୍ତି। ଏହାସହିତ ଆମ ଗାଁର ଯୁବକ ଗଗନଦୀପ ସିଂ ମଧ୍ୟ ଜାତୀୟ ଦଳ ପାଇଁ ଖେଳିଛନ୍ତି। ଆରମ୍ଭରୁ ମୁଁ ମଧ୍ୟ ହକି ଖେଳିବାକୁ ସଉକ ରଖୁଥିବାରୁ ଭାରତୀୟ ଦଳର ସମର୍ଥନରେ ଏହି ଯାତ୍ରା ଆରମ୍ଭ କରିଥିଲି। ମୁଁ ଭାରତର ଏମିତି ଏକ ଅଞ୍ଚଳରୁ ଆସେ, ଯେଉଁଠି ପିଲାଠାରୁ ବୁଢ଼ା ଯାଏ ସମସ୍ତେ ହକିକୁ ନେଇ ପାଗଳ। ଭାରତୀୟ ଦଳ ପ୍ରତି ମୋର ସମର୍ଥନ ଜାହିର କରିବା ପାଇଁ ମୁଁ ଓଡ଼ିଶା ଆସିଛି ବୋଲି ସେ କହିଛନ୍ତି। ଆସିବା ପାଇଁ ପଇସା ଏବଂ ମ୍ୟାଚ୍ ଦେଖିବା ଲାଗି ଟିକେଟ ନ ଥିଲେ ମଧ୍ୟ ତାଙ୍କୁ ଅନେକ ଲୋକ ସାହାଯ୍ୟ କରିଛନ୍ତି। ରାସ୍ତାରେ ଅନେକ ଶିଖ୍ ଲୋକ ତାଙ୍କୁ ସାହାଯ୍ୟ କରିଥିବା ବେଳେ ଓଡ଼ିଶାରେ ଟିକେଟ ପାଇଁ ମଧ୍ୟ ଅନେକ ଶିଖ୍ ଲୋକ ସହାୟତା ଦେଇଥିଲେ। ସ୍ପେନ୍ ବିପକ୍ଷ ମ୍ୟାଚ୍ କରମବୀର ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଦେଖିଥିଲେ। ୨୦ ହଜାର ଦର୍ଶକଙ୍କ ଉପସ୍ଥିତି ତାଙ୍କୁ ଅଭୀଭୂତ କରିଦେଇଥିଲା ବୋଲି ସେ ପ୍ରକାଶ କରିଛନ୍ତି। ଅନେକ ଷ୍ଟାଡିୟମରେ ସେ ମ୍ୟାଚ୍ ଦେଖିଥିଲେ ମଧ୍ୟ ଓଡ଼ିଶା ପରି ଦର୍ଶକ ସେ କେଉଁଠି ଦେଖି ନ ଥିବା ପ୍ରକାଶ କରିଥିଲେ।

# ଆକର୍ଷଣର କେନ୍ଦ୍ର ଓଲି ରାଇଜ

ରାଉରକେଲା ଅଫିସ,୧୬।୧

ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ପ୍ରଥମଥର କରି ପୁରୁଷ ହକି ବିଶ୍ୱକପ୍ ଆୟୋଜିତ ହେଉଛି। ଏହି ବିଶ୍ୱକପ୍ ମ୍ୟାଚ୍ ଦେଖିବାକୁ ଆସୁଥିବା ଦର୍ଶକଙ୍କ ପାଇଁ ଷ୍ଟାଡିୟମର ଦକ୍ଷିଣ ଷ୍ଟାଣ୍ଡରେ ଏକ ଓଲିସ୍ ଲ୍ୟାଣ୍ଡ (ଓଲି ରାଇଜ) ନିର୍ମାଣ କରାଯାଇଛି। ସୁନ୍ଦର ଆଲୋକମାଳାରେ ସୁସଜ୍ଜିତ ଓଲିସ୍ ଲ୍ୟାଣ୍ଡର ପ୍ରବେଶ ପଥରେ ଆଲୋକର ଏକ ୫ ଫୁଟ୍‌ର ହକି ବିଶ୍ୱକପ୍ ନିର୍ମାଣ କରାଯାଇଛି। ଏହାସହ ଭାରତୀୟ ଦଳର ସମସ୍ତ ହକି ତାରକାଙ୍କ ଷ୍ଟାଚ୍ୟୁ ନିର୍ମାଣ କରାଯାଇଛି। ସେଲ୍‌ଫି ଜୋନ୍, ହକି ଖେଳର ବିଭିନ୍ନ ସାମଗ୍ରୀ ସାଙ୍ଗକୁ ହକି ଇଣ୍ଡିଆ ଟି-ଶାର୍ଟ ଭଳି ବିଭିନ୍ନ ଜିନିଷ ନିକଟରେ ଦର୍ଶକଙ୍କ ଭିଡ଼ ଜମୁଛି। ମ୍ୟାଚ୍‌ର ଦୁଇଘଣ୍ଟା ପୂର୍ବରୁ ଷ୍ଟାଡିୟମ ଫାଟକ ଖୋଲାଯାଉଛି। ଫଳରେ ଷ୍ଟାଡିୟମରେ ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ ଓ ପରେ ଦର୍ଶକମାନେ ଏହି ସ୍ଥାନରେ ଭିଡ଼ ଜମାଇବା ସହ ହକି ଖେଳର ତଥ୍ୟ ଓ ନିୟମ ଉପରେ ଅବଗତ ହେଉଛନ୍ତି। ବିଶ୍ୱକପ୍ ମାସ୍କଟ ଓଲି ବୁଲୁଥିବା ବେଳେ ଦର୍ଶକ ଓଲି ସହ ଫଟୋ ଉଠାଉଛନ୍ତି। ହକି ବିଶ୍ୱକପ୍‌କୁ ଆକର୍ଷଣୀୟ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏଭଳି ବିର୍ସା ମୁଣ୍ଡା ଷ୍ଟାଡିୟମ ପରିସରରେ ଏହାକୁ ନିର୍ମାଣ କରାଯାଇଛି। ଦର୍ଶକ ଭିଡ଼କୁ ନିୟନ୍ତ୍ରଣ ପାଇଁ ପୋଲିସ ଫୋର୍ସ ମୁତୟନ କରାଯାଇଛି। ପ୍ରତିଦିନ ଏଠାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ହକି ସମ୍ପର୍କିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଉଛି।



ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍‌ର ଓଲି ରାଇଜରେ ଦର୍ଶକଙ୍କ ଭିଡ଼।

## ୧୯୭୫ର ଫରୱାର୍ଡ ଖେଳାଳି ପି.ଇ. କଲାଇଆ

ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଭାରତୀୟ ଦଳକୁ ସମର୍ଥନ କରିବା ପାଇଁ ୧୯୭୫ ମସିହାର ସମସ୍ତ ହକି ଖେଳାଳି ରବିବାର ଷ୍ଟାଡିୟମକୁ ବୁଲି ଆସିଥିଲେ। ଏହି ଅବସରରେ ପି.ଇ. କଲାଇଆ ସୋମବାର ଓଲି ଲ୍ୟାଣ୍ଡ ବୁଲିଥିଲେ। କଲାଇଆ ୧୯୭୫ରେ ଭାରତ ପକ୍ଷରୁ ଫରୱାର୍ଡ ଭାବେ ଖେଳିଥିଲେ। ତାଙ୍କ ହକି ଖେଳ ଜୀବନରେ ସେ ୩୬ଟି ମ୍ୟାଚ୍ ଖେଳିଛନ୍ତି। ରାଉରକେଲା ବିର୍ସା ମୁଣ୍ଡା ଷ୍ଟାଡିୟମ ଦେଶ ତଥା ଓଡ଼ିଶାର ଗର୍ବ ଆଉ ଗୌରବ। ଷ୍ଟାଡିୟମର ଓଲି ଲ୍ୟାଣ୍ଡ ବେଶ୍ ଆକର୍ଷଣୀୟ ହୋଇଛି। ଜିଲାରେ ହକିର କ୍ରେଜ୍ ଥିବାରୁ ପ୍ରତିଦିନ ଉକ୍ତ ଷ୍ଟାଡିୟମରେ ଦର୍ଶକଙ୍କ ଭିଡ଼ ଦେଖିବାକୁ ମିଳୁଛି, ଯାହା ହକି ପାଇଁ ଏକ ସୁବର୍ଣ୍ଣ ସୁଯୋଗ ବୋଲି କଲାଇଆ କହିଥିଲେ।

# ହକି ବିଶ୍ୱକପର ନିଆରା ଦର୍ଶକ

ଭୁବନେଶ୍ୱର, ୧୬।୧
(କ୍ରୀଡ଼ା ପ୍ରତିନିଧି)

ଜଣକ ଘର ଫ୍ରାନ୍ସ, ଆଉ ଜଣକର ଜର୍ମାନୀ। ମାତ୍ର ସେମାନେ ଚଳିତ ହକି ବିଶ୍ୱକପରେ କ୍ରମାଗତଭାବେ ଦକ୍ଷିଣ ଆଫ୍ରିକା ଦଳକୁ ସମର୍ଥନ କରି ଆସୁଛନ୍ତି। ଏହା ଶୁଣିଲେ ନିଶ୍ଚିତ ଆଶ୍ଚର୍ଯ୍ୟ ଲାଗୁଥିବ, ମାତ୍ର ଏହା ସତ। ଭୁବନେଶ୍ୱର ଏବଂ ରାଉରକେଲାରେ ଏବେ ଚାଲିଛି ପୁରୁଷ ହକି ବିଶ୍ୱକପ। ଟୁର୍ନାମେଣ୍ଟ ଆରମ୍ଭରୁ ଦୁଇଜଣ ମହିଳା ଦର୍ଶକ କଳିଙ୍ଗ ଷ୍ଟାଡିୟମର ୱେଷ୍ଟ ଷ୍ଟାଣ୍ଡରେ ଉପସ୍ଥିତ ରହି ଦୃଷ୍ଟି ଆକର୍ଷଣ କରିଛନ୍ତି। ସେମାନେ ହେଲେ ଫ୍ରାନ୍ସର କାମିଲେ ଓ ଜର୍ମାନୀର ଜୋହାନା। ତେବେ ସେମାନଙ୍କ ମୁହଁରେ ଚିତ୍ରିତ ହୋଇଛି ଦକ୍ଷିଣ ଆଫ୍ରିକା ଜାତୀୟ ପତାକା। କାରଣ ସେମାନେ ଆରମ୍ଭରୁ ଷ୍ଟାଡିୟମ ଗ୍ୟାଲେରୀରେ ଉପସ୍ଥିତ ରହି ଦକ୍ଷିଣ ଆଫ୍ରିକା ଦଳକୁ ସମର୍ଥନ କରି ଆସିଛନ୍ତି। ସେମାନେ ଯେ କେବଳ ଦକ୍ଷିଣ ଆଫ୍ରିକା ମ୍ୟାଚକୁ ଦେଖିଛନ୍ତି ତା' ନୁହେଁ ୧୩ ତାରିଖରେ ଅଷ୍ଟ୍ରେଲିଆ-ଫ୍ରାନ୍ସ, ୧୪ରେ ବେଲ୍‌ଜିୟମ-ଦକ୍ଷିଣ କୋରିଆ, ଜର୍ମାନୀ-ଜାପାନ, ୧୬ରେ ଆର୍ଜେଣ୍ଟିନା-ଅଷ୍ଟ୍ରେଲିଆ ମ୍ୟାଚକୁ ମଧ୍ୟ ମନଭରି ଉପଭୋଗ କରିଛନ୍ତି। ମଝିରେ ମଝିରେ ସେମାନେ ଛିଡ଼ା ହୋଇ 'ହକି ହେ ଦିଲମେରା' ଗୀତର ତାଳେତାଳେ ନୃତ୍ୟ ମଧ୍ୟ କରିଥାନ୍ତି। ପ୍ରକୃତ କଥା ହେଲା ଉଭୟ ହେଉଛନ୍ତି ଜଣେ ଜଣେ କ୍ଲବ ସ୍ତରର ହକି ଖେଳାଳି। କାମିଲେ ଓ ଜୋହାନା ଫ୍ରାନ୍ସର ଏକ କ୍ଲବ ପ୍ୟାରିସ ଜନ ବୌଇନ୍ (ପିଜେବି) ପକ୍ଷରୁ ହକି ଖେଳିଥାନ୍ତି। ସେମାନଙ୍କ କ୍ଲବର କେତେଜଣ ପୁରୁଷ ସଦସ୍ୟ ଦକ୍ଷିଣ ଆଫ୍ରିକା ଜାତୀୟ ଦଳ ପକ୍ଷରୁ ଖେଳୁଛନ୍ତି। ତେଣୁ ସେମାନଙ୍କୁ ଉତ୍ସାହିତ କରିବା ପାଇଁ ସେମାନେ ଷ୍ଟାଡିୟମରେ ଆରମ୍ଭରୁ ଉପସ୍ଥିତ ରହିଛନ୍ତି ଏବଂ ଦକ୍ଷିଣ ଆଫ୍ରିକା ଦଳକୁ ସମର୍ଥନ ଦେଇ ଆସିଛନ୍ତି। ''ଆମର ସମର୍ଥନ ସ୍ୱାଭାବିକଭାବେ ଜାତୀୟ ଦଳ ଫ୍ରାନ୍ସ ଓ ଜର୍ମାନୀ ପ୍ରତି ରହିଛି। ଗତଥରର ଚାମ୍ପିୟନ ବେଲଜିୟମକୁ ମଧ୍ୟ ଆମେ ସମର୍ଥନ ଦେଉଛୁ। ତେବେ ଦକ୍ଷିଣ ଆଫ୍ରିକା ପାଇଁ ଆମ ହାର୍ଟ ବିଟ୍ ହେଉଛି। କାରଣ ଆମ କ୍ଲବର କେତେକ ଖେଳାଳି ଦକ୍ଷିଣ ଆଫ୍ରିକା ପକ୍ଷରୁ ଖେଳୁଛନ୍ତି। ସେମାନଙ୍କୁ ସମର୍ଥନ କରି ଆମେ ଖୁସି ଅଛୁ। ଦକ୍ଷିଣ ଆଫ୍ରିକା କ୍ରମାଗତ ୨ଟି ମ୍ୟାଚ ହାରି ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେବା ସ୍ଥିତିରେ ପହଞ୍ଚି ଯାଇଥିବା ସେମାନଙ୍କୁ ଦୁଃଖ ଦେଇଛି। ମାତ୍ର ଶେଷ ମ୍ୟାଚରେ ଏହି ଦଳ କିଛିଟା ଲଢୁଆ ପ୍ରଦର୍ଶନ କରିବ ବୋଲି ଉଭୟ ଆଶା ରଖିଛନ୍ତି। କଳିଙ୍ଗ ଷ୍ଟାଡିୟମର ପରିବେଶ ଓ ଦର୍ଶକଙ୍କ ଉପସ୍ଥିତି ଉଭୟ କାମିଲେ ଓ ଜୋହାନାଙ୍କୁ ବିମୋହିତ କରିଛି। ଏଠାରେ ସେ ବହୁତ ଖୁସି ଅନୁଭବ କରୁଛନ୍ତି ବୋଲି କହିଛନ୍ତି। ଘରୋଇ ପରିବେଶରେ ଖେଳୁଥିବାରୁ ଭାରତ ଟୁର୍ନାମେଣ୍ଟର ଅନ୍ୟତମ ଟାଇଟଲ ଫେଭରାଇଟ ବୋଲି ସେ ପ୍ରକାଶ କରିଛନ୍ତି।



# କ୍ୱାର୍ଟର ଫାଇନାଲରେ ନେଦରଲାଣ୍ଡ୍ସ



ନେଦରଲାଣ୍ଡ୍ସ ଓ ନ୍ୟୁଜିଲାଣ୍ଡ ମ୍ୟାଚ୍‌ର ଏକ ଉତ୍କଣ୍ଠାପୂର୍ଣ୍ଣ ମୁହୂର୍ତ୍ତ।

**ରାଉରକେଲା ଅଫିସ, ଭୁବନେଶ୍ୱର (କ୍ରୀଡ଼ା ପ୍ରତିନିଧି), ୧୬।୧**

ଗତ ସଂସ୍କରଣର ରନରଅପ୍ ନେଦରଲାଣ୍ଡ୍ସ ପ୍ରଥମ ଦଳ ଭାବେ ଚଳିତ ହକି ବିଶ୍ୱକପ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ପୁଲ୍ ସି' ମ୍ୟାଚ୍‌ରେ ଏହି ଦଳ ନ୍ୟୁଜିଲାଣ୍ଡକୁ ୪-୦ ଗୋଲରେ ହରାଇ କ୍ୱାର୍ଟର ଫାଇନାଲ ଯୋଗ୍ୟତା ପାଇଛି। ୨ ମ୍ୟାଚ୍‌ରୁ ଏହା ଥିଲା ନେଦରଲାଣ୍ଡ୍ସର ଦ୍ୱିତୀୟ ବିଜୟ। ଅନ୍ୟ ଏକ ମ୍ୟାଚ୍‌ରେ ଚିଲିକୁ ୩-୨ ଗୋଲରେ ହରାଇ ମାଲେସିଆ ପଏଣ୍ଟ ଖାତା ଖୋଲିଛି। ନେଦରଲାଣ୍ଡ ୨ ମ୍ୟାଚ୍‌ରୁ ୬ ପଏଣ୍ଟ ପାଇସାରିଥିବାବେଳେ ନ୍ୟୁଜିଲାଣ୍ଡ ଓ ମାଲେସିଆ ୩ ପଏଣ୍ଟ ଲେଖାଏ ହାସଲ କରି ଆପାତତଃ କ୍ରସ୍‌ଓଭର ଖେଳିବା ନିଶ୍ଚିତ କରିଛନ୍ତି। ଚିଲି ଏହାର ୨ଟି ଯାକ ମ୍ୟାଚ୍ ହାରିସାରିଥିବାରୁ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ପଥରେ ରହିଛି।

ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ନେଦରଲାଣ୍ଡ୍ସ ଆରମ୍ଭରୁ ଆକ୍ରମଣାତ୍ମକ ଖେଳି ଫାଇଦାରେ ରହିଥିଲା। ମ୍ୟାଚ୍‌ର ୩ ଓ ୧୩ତମ ମିନିଟ୍‌ରେ ୮ ନମ୍ବର ଖେଳାଳି ତଥା ଅଧିନାୟକ ଥିଏରୀ ବ୍ରିଙ୍କମାନ ୨ଟି ଗୋଲ ଦେଇ ନେଦରଲାଣ୍ଡକୁ ୨-୦ ଗୋଲରେ ଅଗ୍ରଣୀ କରାଇଥିଲେ। ଏହି କ୍ଷତିକୁ ନ୍ୟୁଜିଲାଣ୍ଡ ଶେଷପର୍ଯ୍ୟନ୍ତ ଭରଣା କରିପାରି ନ ଥିଲା। ଦ୍ୱିତୀୟ କ୍ୱାର୍ଟର ଅର୍ଥାତ୍ ୨୦ତମ ମିନିଟରେ କୋଏନ ବିଜେନ ଆଉ ଏକ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷବେଳକୁ ନେଦରଲାଣ୍ଡର ଅଗ୍ରଣୀ ବ୍ୟବଧାନକୁ ୩-୦ରେ ପହଞ୍ଚାଇଥିଲେ। ତୃତୀୟ କ୍ୱାର୍ଟରରେ ନ୍ୟୁଜିଲାଣ୍ଡ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ହେଁ ଗୋଲ ପରିଶୋଧ କରିପାରି ନ ଥିଲା। ୪ର୍ଥ ତଥା ଅନ୍ତିମ କ୍ୱାର୍ଟର ଅର୍ଥାତ୍ ୫୫ତମ ମିନିଟ୍‌ରେ ନେଦରଲାଣ୍ଡର ୧୯ ନମ୍ବର ଖେଳାଳି ଜେପ୍ ହୋଏଡମେକର୍ସ ଆଉ ଏକ ଫିଲ୍ଡ ଗୋଲ ଦେଇ ଦଳର ବିଜୟକୁ ନିଶ୍ଚିତ କରିଦେଇଥିଲେ। ପ୍ରକାଶଯୋଗ୍ୟ, ନେଦରଲାଣ୍ଡ ଗତ ସଂସ୍କରଣରେ ମଧ୍ୟ ଚମତ୍କାର ପ୍ରଦର୍ଶନ କରି ଫାଇନାଲ ଖେଳିଥିଲା। ମାତ୍ର ଟାଇଟଲ ମୁକାବିଲାରେ ବେଲଜିୟମ୍‌ଠାରୁ ହାରି ରନରଅପ୍ ହୋଇଥିଲା। ଏହି ଦଳ ବିଶ୍ୱକପ୍ ଇତିହାସରେ ଅନ୍ୟତମ ସଫଳ ଦଳ ଭାବେ ପରିଗଣିତ। ୧୯୭୩, ୧୯୦ ଓ ୧୯୯୮ରେ ୩ ଥର ଚାମ୍ପିୟନ ହୋଇଥିବାବେଳେ ୧୯୬୮, ୧୯୯୪, ୨୦୧୪ ଓ ୨୦୧୮ରେ ୪ଥର ରନରଅପ୍ ହୋଇଛି। ଏହା ବ୍ୟତୀତ ୨ ଥର ୨୦୦୨ ଓ ୨୦୧୦ରେ ବ୍ରୋଞ୍ଜ ପଦକ ମଧ୍ୟ ପାଇଛି।



ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚିୟରଗର୍ଲ।

## ନ୍ୟୁଜିଲାଣ୍ଡ ଦଳରେ ପରିବର୍ତ୍ତନ

**ଭୁବନେଶ୍ୱର (କ୍ରୀଡ଼ା ପ୍ରତିନିଧି), ୧୬।୧:** ଚଳିତ ହକି ବିଶ୍ୱକପ୍‌ରେ ଆହତ ସମସ୍ୟା ଯୋଗୁ ପ୍ରଥମଥର ଖେଳାଳି ପରିବର୍ତ୍ତନକୁ ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ଅନୁମୋଦନ କରିଛି। ନ୍ୟୁଜିଲାଣ୍ଡ ଦଳରେ ଏହା ଦେଖିବାକୁ ମିଳିଛି। ଆହତ ତଥା ଅସୁସ୍ଥ ଯୋଗୁ ନ୍ୟୁଜିଲାଣ୍ଡର ଜ୍ୟାକ୍ ସ୍ମିଥ୍ ଟୁର୍ନାମେଣ୍ଟରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ କନର ଗ୍ରୀନ୍‌ଟ୍ରି ଦଳରେ ସାମିଲ ହୋଇଛନ୍ତି। ଗ୍ରୀନ୍‌ଟ୍ରି ସୋମବାର ନେଦରଲାଣ୍ଡ୍ସ ବିପକ୍ଷ ମ୍ୟାଚ୍‌ରେ ଖେଳିଥିଲେ। ଏହି ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୦-୪ ଗୋଲରେ ପରାଜିତ ହୋଇଥିଲା।



ବିର୍ସା ମୁଣ୍ଡା ଷ୍ଟାଡିୟମ୍‌ରେ ମ୍ୟାଚ୍ ଉପଭୋଗ କରୁଛନ୍ତି ସ୍କୁଲ ଛାତ୍ରୀ।

## ମାଲେସିଆ ୩, ଚିଲି ୨

ବିର୍ସା ମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ଅନ୍ୟ ଏକ ପୁଲ୍ ସି' ମ୍ୟାଚ୍‌ରେ ଚିଲିକୁ ହରାଇ ମାଲେସିଆ ୩ ପଏଣ୍ଟ ପାଇଛି। ସଂଘର୍ଷପୂର୍ଣ୍ଣ ପ୍ରଥମାର୍ଦ୍ଧରେ କୌଣସି ଦଳ ଗୋଲ ଦେଇପାରି ନ ଥିଲେ। ଦ୍ୱିତୀୟ କ୍ୱାର୍ଟର ଖେଳରେ ରୋମାଞ୍ଚ ଆସିଥିଲା। ୨୦ତମ ମିନିଟ୍‌ରେ ଚିଲିକୁ ମିଳିଥିବା ପେନାଲ୍ଟି କର୍ନରକୁ ଜୁଆନ ଆମୋରୋସୋ ଗୋଲରେ ପରିଣତ କରି ଦଳକୁ ଅଗ୍ରଣୀ କରାଇଥିଲେ। ମାତ୍ର ଦଳର ଏହି ଖୁସି ବେଶି ସମୟ ଟିକି ନ ଥିଲା। ୬ଷ୍ଠ ମିନିଟ୍ ପରେ ଚିଲି ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ଯୋଗୁ ମାଲେସିଆକୁ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ମାଲେସିଆର ରାଜେ ରହିମ ଏହାକୁ ଗୋଲରେ ପରିଣତ କରିବାରେ କୌଣସି ଭୁଲ୍ କରି ନ ଥିଲେ। ଫଳରେ ମ୍ୟାଚ୍ ୧-୧ ସ୍ଥିତିକୁ ଚାଲିଆସିଥିଲା। ୨୯ତମ ମିନିଟରେ ଚିଲିର ମାର୍ଟିନ ରୋଡ୍ରିଗ୍ରେଜ ଏକ ଫିଲ୍ଡ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷବେଳକୁ ଦଳକୁ ୨-୧ରେ ଆଗୁଆ ରଖିଥିଲେ। ପରିବର୍ତ୍ତିତ ରଣନୀତି ସହ ପଡ଼ିଆକୁ ଓହ୍ଲାଇଥିବା ମାଲେସିଆ ସପକ୍ଷରେ ତୃତୀୟ କ୍ୱାର୍ଟର ରହିଥିଲା। ଏହି କ୍ୱାର୍ଟରରେ ଦଳ ପକ୍ଷରୁ ୨ଟି ଗୋଲ ହୋଇଥିଲା, ଯାହାକି ଶେଷରେ ନିର୍ଣ୍ଣାୟକ ସାଜିଥିଲା। ୪୧ତମ ମିନିଟରେ ଅଶ୍ରନ ହମ୍‌ସାନି ଏକ ଫିଲ୍ଡ ଗୋଲ ମାଧ୍ୟମରେ ମ୍ୟାଚକୁ ୨-୨ ସ୍ଥିତିକୁ ନେଇ ଆସିଥିବାବେଳେ ୪୨ତମ ମିନିଟରେ ଦଳକୁ ମିଳିଥିବା ପେନାଲ୍ଟି କର୍ନରକୁ ୨୨ ନମ୍ବର ଖେଳାଳି ନର୍ସାଫିକ୍ ସୁମନ୍ତ୍ରୀ ଗୋଲରେ ପରିଣତ କରି ଦଳ ମାଲେସିଆକୁ ଅଗ୍ରଣୀ କରାଇଥିଲେ। ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଆକ୍ରମଣ ପ୍ରତିଆକ୍ରମଣ ଜାରି ରହିଥିଲେ ହେଁ କୌଣସି ଦଳ ଗୋଲ କରିବାରେ ସକ୍ଷମ ହୋଇ ନ ଥିଲା। ଫଳରେ ମାଲେସିଆ ଚଳିତ ଟୁର୍ନାମେଣ୍ଟରେ ପ୍ରଥମ ବିଜୟ ସ୍ୱାଦ ଚାଖିଥିଲା। ନେଦରଲାଣ୍ଡ ଏହାର ଅନ୍ତିମ ଲିଗ୍ ମ୍ୟାଚ୍ ୧୯ ତାରିଖରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଚିଲି ବିପକ୍ଷରେ ଖେଳିବ। ଏହି ମ୍ୟାଚ୍‌ର ଫଳାଫଳ ଯାହା ହେଉନା କାହିଁକି ଦଳର ଅଗ୍ରଗତିରେ ବାଧା ପହଞ୍ଚାଇ ପାରିବ ନାହିଁ। ଏହି ଦିନ ଅନ୍ୟ ଏକ ମ୍ୟାଚ୍ ନ୍ୟୁଜିଲାଣ୍ଡ ଓ ମାଲେସିଆ ମଧ୍ୟରେ ଅନୁଷ୍ଠିତ ହେବ।

**ହକି ବିଶ୍ୱକପ୍**

(ଆଜିର ମ୍ୟାଚ୍)
**କୋରିଆ ବନାମ ଜାପାନ**
ସ୍ଥାନ: କଳିଙ୍ଗ ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟା
**ଜର୍ମାନୀ ବନାମ ବେଲଜିୟମ**
ସ୍ଥାନ: କଳିଙ୍ଗ ଷ୍ଟାଡିୟମ, ସମୟ: ରାତି ୭ଟା

## ଅନ୍ୟ ଖେଳ ଖବର

## ନାଡାଲଙ୍କ ସଂଘର୍ଷପୂର୍ଣ୍ଣ ବିଜୟ

**ମେଲବୋର୍ନ, ୧୬।୧(ଏପି)**

ସିଜନର ପ୍ରଥମ ଗ୍ରାଣ୍ଡସ୍ଲାମ ଟେନିସ୍ ପ୍ରତିଯୋଗିତା ଅଷ୍ଟ୍ରେଲିଆନ ଓପନ୍ ସୋମବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଗତଥରର ପୁରୁଷ ସିଙ୍ଗଲ୍ସ ଚାମ୍ପିୟନ ରାଫାଲ ନାଡାଲ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରିଛନ୍ତି। ପ୍ରଥମ ରାଉଣ୍ଡରେ ୨୧ ବର୍ଷୀୟ ବ୍ରିଟିଶ୍ ଟେନିସ୍ ଖେଳାଳି ଜ୍ୟାକ୍ ଡ୍ରାପରଙ୍କୁ ପରାସ୍ତ କରିବା ଲାଗି ତାଙ୍କୁ ୪ ସେଟ୍‌ବିଶିଷ୍ଟ ମ୍ୟାଚ୍ ଖେଳିବାକୁ ପଡ଼ିଥିଲା। ରଡ୍ ଲାଭର ଆରେନାରେ ଏହି ମ୍ୟାଚ୍ ସାଢ଼େ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିଲା। ଏଥିରେ ୨୩ ଗ୍ରାଣ୍ଡସ୍ଲାମ ବିଜେତା ନାଡାଲ ୭-୫, ୨-୬, ୬-୪, ୬-୧ରେ ବିଜୟଲାଭ କରିଥିଲେ। ଅନ୍ୟପକ୍ଷରେ ଆମେରିକାର ୩ ଖେଳାଳି ଜେସିକା ପେଗୁଲା, କୋକୋ ଗଫ୍ ଓ ଡାନିଲି କଲିନ୍ସ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ତୃତୀୟ ସିଡ୍ ପେଗୁଲା ରୋମାନିଆର ଜାକ୍ଲିନ କ୍ରିଷ୍ଟିଆନ୍‌ଙ୍କୁ ୬-୦, ୬-୧ରେ ପରାସ୍ତ କରିଥିବା ବେଳେ ୭ମ ସିଡ୍ ଗଫ୍ ୬-୧, ୬-୪ରେ କାଟରିନା ସିନିଆକୋଭାଙ୍କୁ ହରାଇ ଦେଇଛନ୍ତି। ଗତବର୍ଷ ଆଶ୍ଲେ ବାର୍ଟିଙ୍କଠାରୁ ହାରି ରନରଅପ୍ ହୋଇଥିବା କଲିନ୍ସ ତାଙ୍କ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ଆନା କାଲିନ୍ସକାୟାଙ୍କୁ ୭-୫, ୫-୭, ୬-୪ରେ ହରାଇ ଦେଇଛନ୍ତି। ଯଦି ଅନୁମାନ ଠିକ୍ ରୁହେ ତେବେ ପେଗୁଲା ଓ ଗଫ୍ ପରସ୍ପରକୁ ସେମିଫାଇନାଲରେ ଭେଟିପାରନ୍ତି। ସେହିପରି ଚତୁର୍ଥ ରାଉଣ୍ଡରେ ନମ୍ବର ୱାନ୍ ଇଗାସ୍ୱିଟେକ୍‌ଙ୍କୁ ଭେଟିପାରନ୍ତି କଲିନ୍ସ। ଗଫ୍ ଦ୍ୱିତୀୟ ରାଉଣ୍ଡରେ ପୂର୍ବତନ ୟୁଏସ୍ ଚାମ୍ପିୟନ ଏମା ରାଡୁକାନୁଙ୍କୁ ଭେଟିବେ। ରାଡୁକାନୁ ଜର୍ମାନୀର ଟାମରା କୋର୍ପାଚଙ୍କ ବିପକ୍ଷରେ ୬-୩, ୬-୨ ସେଟ୍‌ରେ ବିଜୟ ହାସଲ କରିଛନ୍ତି।



ରାଫାଲ ନାଡାଲ

## ପଞ୍ଜାବ କିଙ୍ଗ୍ସର ସ୍ପିନ୍ ବୋଲିଂ କୋଚ୍ ସୁନୀଲ ଯୋଶୀ

**ନୂଆଦିଲ୍ଲୀ, ୧୬।୧(ପି.ଟି.):** ପୂର୍ବତନ ଭାରତୀୟ ସ୍ପିନର ସୁନୀଲ ଯୋଶୀଙ୍କୁ ଆଇପିଏଲ୍ ଫ୍ରାଞ୍ଚାଇଜି ପଞ୍ଜାବ କିଙ୍ଗ୍ସରେ ନୂତନ ଦାୟିତ୍ୱ। ଆଇପିଏଲର ଆସନ୍ତା ସଂସ୍କରଣ ପାଇଁ ଯୋଶୀଙ୍କୁ ସ୍ପିନ୍ ବୋଲିଂ କୋଚ୍ ଭାବରେ ନିଯୁକ୍ତ କରାଯାଇଛି। ୫୨ ବର୍ଷୀୟ ଯୋଶୀ ଭାରତ ପାଇଁ ୧୫ ଟେଷ୍ଟ, ୬୯ ଦିନିକିଆ ମ୍ୟାଚ ଖେଳିଛନ୍ତି। ୧୯୯୬-୨୦୦୧ ଯାଏ ଭାରତ ପାଇଁ ସେ ଖେଳିଥିବା ବେଳେ ଚେତନ ଶର୍ମାଙ୍କ ପୂର୍ବରୁ ସେ ଚୟନ କମିଟି ମୁଖ୍ୟ ରହିଥିଲେ। ଦୁଇ ଦଶନ୍ଧି ଧରି କର୍ଣ୍ଣାଟକ ପାଇଁ ରଣଜୀ ଟ୍ରଫି ଖେଳିଥିବା ଯୋଶୀ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପାଇଁ ରଣଜୀ ଟ୍ରଫି ମ୍ୟାଚ ଖେଳିଛନ୍ତି। ଏହା ପୂର୍ବରୁ ପଞ୍ଜାବ କିଙ୍ଗ୍ସ ୱସିମ ଜାଫରଙ୍କୁ ବ୍ୟାଟିଂ କୋଚ୍, ଚାର୍ଲ ଲାଙ୍ଗଭେଲ୍ଡ଼ଙ୍କୁ ବୋଲିଂ କୋଚ୍ ଓ ବ୍ରାଡ ହାଡିନଙ୍କୁ ସହକାରୀ କୋଚ୍ ଘୋଷଣା କରାଯାଇଥିଲା।

## ୟୁଏଇକୁ ୧୨୨ ରନ୍‌ରେ ହରାଇଲା ଭାରତ

**ବେନୋନି (ଦକ୍ଷିଣ ଆଫ୍ରିକା), ୧୬।୧(ପି.ଟି.)**

ଭାରତ ଅଧିନାୟିକା ଶେଫାଳି ବର୍ମାଙ୍କ ଧୂଆଁଧାର ୭୮ (୩୪ ବଲ, ୧୨ ଚୌକା, ୪ ଛକା) ଏବଂ ଓପନର ଶ୍ୱେତା ଶେରାଓ୍ୱତଙ୍କ ଉଜ୍ଜ୍ୱଳ ଅପରାଜିତ ୭୪ (୪୯ ବଲ, ୧୦ ଚୌକା) ରନ୍ ସହାୟତାରେ ଭାରତ

**୧୯ ବର୍ଷରୁ କମ୍ ମହିଳା ଟି୨୦ ବିଶ୍ୱକପ୍**

ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ମହିଳା ଟି୨୦ ବିଶ୍ୱକପ୍‌ର ଏକ ମ୍ୟାଚ୍‌ରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)କୁ ୧୨୨ ରନ୍‌ରେ ପରାସ୍ତ କରିଛି। ୱିଲୋମୁର୍ ପାର୍କଠାରେ ସୋମବାର ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଶେଫାଳି ଓ ଶେରାଓ୍ୱତ୍ ପ୍ରଥମ ଉଇକେଟରେ ୧୧୧ ରନ୍ ଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରିଚା ଘୋଷ୍ ୨୯ ବଲରୁ ଦ୍ରୁତ ୪୯ ରନ୍ କରିଥିଲେ। ଭାରତ ନିର୍ଦ୍ଧାରିତ ଓଭରରେ ୩ ଉଇକେଟ ବିନିମୟରେ ୨୧୯ ରନ୍ କରିଥିଲା। ଜବାବରେ ୟୁଏଇ ଭାରତୀୟ ବୋଲରମାନଙ୍କୁ ମୁକାବିଲା କରି ନ ପାରି ମାତ୍ର ୯୭ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ମାହିକା ଗୌର ୨୬, ଓପନର ଲାବନ୍ୟ କେନି ୫୪ ବଲରୁ ୨୪ ରନ୍ କରିଥିଲେ। ସୋମବାର ବିଜୟ ଦ୍ୱାରା ଭାରତ ଗ୍ରୁପ ଡି'ରେ ପ୍ରଥମ ସ୍ଥାନ ବଜାୟ ରଖିଛି। ଏହାପୂର୍ବରୁ ଭାରତ ଦକ୍ଷିଣ ଆଫ୍ରିକାକୁ ହରାଇସାରିଛି। ଶେଫାଳି ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

**ଶେଫାଳି ବର୍ମା-୭୮, ଶ୍ୱେତା ଶେରାଓ୍ୱତ-୭୪***



ଶଟ୍ ଖେଳିବା ଅବସରରେ ଶେଫାଳି ବର୍ମା।

**ସଂକ୍ଷିପ୍ତ ସ୍କୋର**

ଭାରତ: ୨୦ ଓଭରରେ ୨୧୯/୩ (ଶେଫାଳି ବର୍ମା-୭୮, ଶ୍ୱେତା ଶେରାଓ୍ୱତ-୭୪*, ରିଚା ଘୋଷ୍-୪୯; ସାମାଇରା ଧାମିଧାରକା-୧/୩୩, ଇନ୍ଧୁଜା ନନ୍ଦକୁମାର-୧/୪୭)। ୟୁଏଇ: ୨୦ ଓଭରରେ ୯୭/୫ (ମାହିକା ଗୌର-୨୬, ଲାବନ୍ୟ କେନି-୨୪; ମନତ କାଶ୍ୟପ-୧/୧୪, ଟିଟାସ ସାଧୁ-୧/୧୪)।

**ସିକେ ନାଇଡୁ ଟ୍ରଫି**

## ମୁକୁଲଙ୍କ ତ୍ରିଶତକ, ହିମାଚଳର ୫୦୬

**ସମ୍ବଲପୁର, ୧୬।୧(ବ୍ୟୁରୋ)**

ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ବିପକ୍ଷ ସି.କେ. ନାଇଡୁ ଟ୍ରଫି କ୍ରିକେଟ ମ୍ୟାଚ୍‌ରେ ହିମାଚଳ ପ୍ରଦେଶ ମୁକୁଲ ନେଗୀଙ୍କ ତ୍ରିଶତକ ସହାୟତାରେ ୫୦୬ ରନ୍ ସଂଗ୍ରହ କରିଛି।

ଜବାବରେ ଓଡ଼ିଶା ଦଳ ଦ୍ୱିତୀୟ ଦିବସ ଖେଳ ଶେଷସୁଦ୍ଧା ୨ ଉଇକେଟ ବିନିମୟରେ ୧୦୮ ରନ୍ କରିଛି। ହିମାଚଳ ସୋମବାର ଏହାର ଅସମାପ୍ତ ପ୍ରଥମ ଇନିଂସ୍ ସ୍କୋର ୩୦୦/୮ରୁ ଖେଳ ଆରମ୍ଭ କରିଥିଲା। ୧୪୬ ରନ୍ କରି ଅପରାଜିତ ରହିଥିବା ମୁକୁଲ ଦ୍ରୁତହାରରେ ଆହୁରି ୧୬୪ ରନ୍ ସଂଗ୍ରହ କରି ତାଙ୍କ ବ୍ୟକ୍ତିଗତ ସ୍କୋରକୁ ୩୧୦ରେ ପହଞ୍ଚାଇଥିଲେ। ତାଙ୍କ ତ୍ରିଶତକୀୟ ଇନିଂସରେ ୩୩ ଚୌକା ଓ ୧୨ ଛକା ସାମିଲ ଥିଲା। ଭିଏସ୍‌ଏସ୍ ଷ୍ଟାଡିୟମରେ ତ୍ରିଶତକ ହାସଲ କରିବାରେ ମୁକୁଲ ହେଉଛନ୍ତି ଦ୍ୱିତୀୟ ଖେଳାଳି। ଓଡ଼ିଶାର ସଫଳ ବୋଲର ସମ୍ବଲପୁରର ଆଶୁତୋଷ ଛୁରିଆ ୧୨୨ ରନ୍ ବିନିମୟରେ ୪ ଉଇକେଟ ନେଇଥିଲେ। କ୍ରିଷ୍ଣା ପଲେଇ ୬୫ ରନ୍ ଦେଇ ୩ ଉଇକେଟ ଅକ୍ତିଆର କରିଥିଲେ।





ମୁକୁଲ ନେଗୀ ଓ ଆଶୁତୋଷ ଛୁରିଆ।

ଆଶିଷ ରାୟ ୨ ଓ ସୌଭାଗ୍ୟ ରାଉତ ଗୋଟିଏ ଉଇକେଟ ନେଇଥିଲେ। ଓଡ଼ିଶା ଦଳର ବ୍ୟାଟିଂ ଓପନ୍ କରିଥିଲେ ଓମ୍ ତୁକାର ମୁଣ୍ଡେ ଓ ଗୌରବ ଚୌଧୁରୀ। ଏହି ଯୋଡ଼ି ୧୦୧ ରନ୍ ଯୋଗ କରିଥିଲେ ହେଁ ଗୌରବ ବ୍ୟକ୍ତିଗତ ୫୫ ରନ୍ କରି ଆଉଟ ହୋଇଯାଇଥିଲେ। ୧୦୬ ରନ୍ ସ୍କୋର ବେଳେ ଦ୍ୱିତୀୟ ଉଇକେଟ ପଡ଼ିଥିଲା। କ୍ରିଷ୍ଣା ପଲେଇ ୧୨ ବଲ୍ ଖେଳି ମାତ୍ର ୧ ରନ୍ କରି ଆଉଟ ହୋଇଥିଲେ। ଦ୍ୱିତୀୟ ଦିନ ଷ୍ଟମ୍ପ ଅପସାରଣ ବେଳକୁ ଓଡ଼ିଶା ଦଳ ୩୭ ଓଭର ଖେଳି ୨ ଉଇକେଟ ବିନିମୟରେ ୧୦୮ ରନ୍ କରିଥିଲା। ସନ୍ଦୀପ ପଟ୍ଟନାୟକ ୨ ଏବଂ ଓମ୍ ତୁକାର ମୁଣ୍ଡେ ୪୯ ରନ୍ କରି ଅପରାଜିତ ରହିଛନ୍ତି।

ହିମାଚଳ ତରଫରୁ ମୁକୁଲ ନେଗୀ ଓ ଆୟୁଷ ଜାମ୍ବୁଆଲ ଗୋଟିଏ ଲେଖାଏଁ ଉଇକେଟ ଅକ୍ତିଆର କରିଛନ୍ତି। ଅର୍ଜୁନ ଯାଦବ ମ୍ୟାଚ୍ ରେଫରି ରହିଥିଲେ। ସଞ୍ଜୟ କୁମାର ସିଂ ଓ ଦୀପକ ଡିଏଲ ଅମ୍ପାୟର ଦାୟିତ୍ୱ ନିର୍ବାହ କରିଥିଲେ। ଜି. ସନ୍ଦୀପ ଓ ବୀରବର ନାୟକ ସ୍କୋରର ରହିଥିଲେ। ଜିଲା କ୍ରୀଡ଼ା ସଂଘ ଉପସଭାପତି ଦୁଲାଳଚନ୍ଦ୍ର ପ୍ରଧାନ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ ସୂଚନା ପ୍ରଦାନ କରିଥିବା ବେଳେ କ୍ରିକେଟ ସମ୍ପାଦକ ଅଭିନାଶ ନନ୍ଦ, ଜିଲା କ୍ରୀଡ଼ା ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ନ୍ୟୁଜିଲାଣ୍ଡ ସିରିଜ ପାଇଁ ଶିବବ୍ରତ ମ୍ୟାନେଜର

**ଭୁବନେଶ୍ୱର, ୧୬।୧ (ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା କ୍ରିକେଟ୍ ଆସୋସିଏଶନ୍ (ଓସିଏ) ସଦସ୍ୟ ରହିଥିବା ଶିବବ୍ରତ ମଲ୍ଲିକଙ୍କୁ ନ୍ୟୁଜିଲାଣ୍ଡ ସିରିଜ୍ ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ମ୍ୟାନେଜର ଘୋଷଣା କରାଯାଇଛି। ନ୍ୟୁଜିଲାଣ୍ଡ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍ ଆସନ୍ତା ୧୮ ତାରିଖରୁ ଆରମ୍ଭ ହେବ। ହାଇଦ୍ରାବାଦ, ରାୟପୁର ଓ ଇନ୍ଦୋରରେ ୩ଟି ଯାକ ମ୍ୟାଚ୍ ଖେଳାଯିବାକୁ ଥିବା ବେଳେ ଶିବବ୍ରତ ଭାରତୀୟ ଦଳର ମ୍ୟାନେଜର ରହିବେ। ନୂତନ ପଦରେ ନିଯୁକ୍ତିକୁ ନେଇ ଶିବବ୍ରତଙ୍କୁ ଓସିଏ ସଭାପତି ପ୍ରଣବ ପ୍ରକାଶ ଦାସ ଓ ସମ୍ପାଦକ ଆଶୀର୍ବାଦ ବେହେରା ଶୁଭେଚ୍ଛା ଜଣାଇଛନ୍ତି।



ଶିବବ୍ରତ ମଲ୍ଲିକ



1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ




72198 21111 | BAJAJ FINANCE LTD - AF | BAJAJ SECURE • AMC • ROAD SIDE ASSISTANCE

^ସର୍ତ୍ତ ଓ ନିୟମାବଳୀ ଲାଗିବ । ଏକ୍ସ-ଶୋରୁମ୍ ମୂଲ୍ୟ ଓଡ଼ିଶା । ପ୍ଲାଟିନା 110 ABS ପାଇଁ । ଡାଉନ୍ ପେମେଣ୍ଟ ରେ ଅଛି DCC ଚେଞ୍ଜେସ୍, ପ୍ରୋସେସିଙ୍ଗ ଫୀଜ୍ ଓ ଅନ୍ୟାନ୍ୟ ଚାର୍ଜେସ୍ । ଫାଇନାନ୍ସିଅର୍‌ଙ୍କ ନିଜସ୍ୱ ବିବେଚନା ଉପରେ ଫାଇନାନ୍ସ ନିର୍ଭର କରେ । AMC କିଛିଟା ଅଧିକା ମୂଲ୍ୟରେ ମିଳିଥାଏ । ବିଶଦ ବିବରଣୀ ନିଜ ଡୀଲର୍‌ଙ୍କୁ ପଚାରି ବୁଝନ୍ତୁ, ଏବଂ RSA ଥର୍ଡ ପାର୍ଟୀଜ୍ ଦେଇଥାଆନ୍ତି, ସେମାନଙ୍କ ସର୍ତ୍ତ ଓ ନିୟମାବଳୀ ଅନୁସାରେ । #ପ୍ଲାଟିନା 110 ABS ହେଉଛି 100-110 cc ବର୍ଗରେ ABS ବ୍ରେକିଙ୍ଗ ବାଲା ଏକମାତ୍ର ବାଇକ୍ । ABS ଯୋଗେ ମିଳେ କମ ବ୍ରେକିଙ୍ଗ ଡିଷ୍ଟାନ୍ସ, ଖସଡ଼ା ରାସ୍ତାରେ ଉନ୍ନତ କଣ୍ଟ୍ରୋଲ ଆଉ ସ୍ଥିରତା, ABS ନଥିବା ବାଇକ୍ ତୁଳନାରେ । *ABS ଟେକ୍‌ନୋଲୋଜୀ ଦରକାର କରେ ଚାଳକ ଦ୍ୱାରା ଯଥୋଚିତ ବ୍ରେକିଙ୍ଗ, ବିଶେଷ କରି ଅତି ଖରାପ ସ୍ଥିତିରେ ନିରାପଦ ବ୍ରେକିଙ୍ଗ ନିଶ୍ଚିତ କରିବା ସକାଶେ । ଚିତ୍ରରେ ହାତ ଉପଯୋଗ କରି ରଚନାତ୍ମକ ଭାବେ ଦର୍ଶାଯାଇଛି କିପରି ହଠାତ୍ ବ୍ରେକ୍ ଦେଲେ ABS ବାଇକ୍ କୁ ବାଲାନ୍ସ କରିବାରେ ସାହାଯ୍ୟ କରେ । ପ୍ରଦର୍ଶିତଉତ୍ପାଦଟି/ଗୁଡ଼ିକ କେବଳ ନିଦର୍ଶନ ଉଦ୍ଦେଶ୍ୟରେ ଦିଆଯାଇଛି । ବାସ୍ତବିକ କଲର୍, ଫୀଚର୍ସ ଓ ସ୍ପେସିଫିକେଶନ୍ ଅଲଗା ହୋଇପାରେ ।

**Authorised Dealers for BAJAJ Auto Ltd.: Bhubaneswar: Lewis Road** VINAYAK BAJAJ 7381088720 • **Nayapalli** BHARAT BAJAJ 7064406721 • **Patia** BHARAT BAJAJ 7381099444 • **Balugaon** BHARAT BAJAJ 7381099441 • **Cuttack: Badambadi SURAJ BAJAJ 8093066603** • **Rahama** MAITREE BAJAJ 9668801781, **Nayagarh MSB BAJAJ 7790048130** • **Rajsunakhala MSB BAJAJ 9668820967** • **Daspalla MSB BAJAJ 7873925390** • **Phulbani MSB BAJAJ 8917341979** • **Keonjhar JR BAJAJ 9937697094 / 9439008692**• **Angul** JAMUNA BAJAJ 7682899351 • **Jajpur Road** PARIDA BAJAJ 7381012602 • **Dhenkanal** SHIVAM BAJAJ 7873922722 • **Chandikhole** TARINI BAJAJ 9937310800. **Authorised Service Centre: Balianta 7978570067**, **Balipatna** 9861061389, **Khurda** 9937785586 **Jatni** 8339062656, **Ersama** 8018800801, **Jagamara 9777042612, Sundarpada 9777042612, Iginia** 7064422415, **Rasulgad** 9937284842, **Nimapada 9437030368, Charichak 9658078583, Kaktpur 9776125534,,** **Tangi** 8984562569, **Phulnakhara 9437410737, Niali 9437511829, Choudwar 7735864350, Salepur** 9040452661, **Jagatsinghpur** 9437273939, **Balikuda 9777683351, JajpurTown** 9937888777, **Bhuban 9438570111, Rasol 9938656276/9937513419, Kuakhia** 9937312014, **Chhatia** 9040084846, **Kamakhayanagar 9437079287,** **Barbil** 9437086335, **Jashipur 9437443161/8117041821.** **Dhenkikote** 9437598479 **Turmunga** 9937428333, **Karanjia** 7504810975, **Udala** 9337004355/56. **Pallahara** 9178494430, **Khamar 9437426261, Talcher 9861089073 Mahidharpur 7978559852/9937183086, Banarpal 7077746576 Bidanasi 94378776222**2, **Athgarh** 9937289417, **Bidharpur** 7008503281, **Banki** 8895278126, **Rambha** 7381099445. **Narsinghpur** 7978288573, **Badamba 9937643504 Adaspur** 9439735529, **Pattamundai** 7064987720, **Balikuda** 9861130954, **Kendrapara** 7008576945, **Nischintakoili** 8917622159